କଟକ
ସୋମବାର ୨୫ ମେ, ୨୦୨୬
ପ୍ରାତଃ ସଂସ୍କରଣ

May 25, 2026 Cuttack
Vol - XXIV, Issue - 53
Price: Rs.5/- (8 + 4 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

# ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ


ଗୁରିନ୍ଦରବୀର ସିଂ

# ଟ୍ରାକ୍‌ରେ ବଲ୍ଲେ ବଲ୍ଲେ: ଭାରତର ନୂଆ ଫ୍ଲାଇଂ ଶିଖ୍

## ୧୦୦ ମିଟରରେ ଗୁରିନ୍ଦରବୀରଙ୍କର ନୂଆ ଜାତୀୟ ରେକର୍ଡ

**ରାଞ୍ଚି,୨୪।୫(ଏଜେନ୍ସି):** ମିଲ୍‌ଖା ସିଂଙ୍କୁ କୁହାଯାଏ ଭାରତର ଫ୍ଲାଇଂ ଶିଖ୍। କିନ୍ତୁ ଏବେ ଭାରତର ନୂଆ ଫ୍ଲାଇଂ ଶିଖ୍ ଭାବେ ଉଭା ହୋଇଛନ୍ତି ଗୁରିନ୍ଦରବୀର ସିଂ। ଟ୍ରାକ୍‌ରେ ସେ ବଲ୍ଲେ ବଲ୍ଲେ କରିଛନ୍ତି। ରାଞ୍ଚିରେ ବିର୍ସା ମୁଣ୍ଡା ଷ୍ଟାଡ଼ିୟମରେ୧୦୦ ମିଟର ଦୌଡ଼ରେ ସ୍ଥାପନ କରିଛନ୍ତି ନୂଆ ଜାତୀୟ ରେକର୍ଡ। ଓଡ଼ିଶାର ଅନିମେଶ କୁଜୁର ମଧ୍ୟ କମାଲ କରିଛନ୍ତି। ୧୦୦ ମିଟର ଦୂରତା ସେ ୧୦.୨୦ ସେକେଣ୍ଡରେ ଅତିକ୍ରମ କରି ରୌପ୍ୟ ପଦକ ହାସଲ କରିବା ସହ ସମସ୍ତଙ୍କ ମନ ଜିଣିଛନ୍ତି।

ଫେଡ଼େରେସନ କପ୍ ଆଥଲେଟିକ୍ସ ଚାମ୍ପିୟନସିପ୍‌ରେ ନୂଆ ଜାତୀୟ ରେକର୍ଡ ସୃଷ୍ଟି କରିଛନ୍ତି ଗୁରିନ୍ଦରବୀର। ୧୦୦ ମିଟର ଦୌଡ଼ରେ ଜାତୀୟ ରେକର୍ଡ (୧୦.୧୫ ସେକେଣ୍ଡ) ମଧ୍ୟ ଗୁରିନ୍ଦରବୀରଙ୍କ ନାମରେ ରହିଥିଲା। ଗୁରିନ୍ଦରବୀର ନିଜ ରେକର୍ଡ ନିଜେ ଭାଙ୍ଗିଛନ୍ତି। ୧୦୦ ମିଟର ଦୌଡ଼ ହିଟ୍ସ ଶୁକ୍ରବାର ୧୦.୧୭ ସେକେଣ୍ଡରେ ଅତିକ୍ରମ କରି ଅନିମେଶ କୁଜୁର ଗୁରିନ୍ଦରବୀରଙ୍କ ନାମରେ ଥିବା ଜାତୀୟ ରେକର୍ଡ (୧୦.୧୮)କୁ ଭଙ୍ଗ କରିଥିଲେ। ଏହାର କିଛି ମିନିଟ୍ ପରେ ସେମିଫାଇନାଲରେ ଗୁରିନ୍ଦରବୀର ୧୦୦ ମିଟରକୁ ୧୦.୧୫ ସେକେଣ୍ଡରେ ଅତିକ୍ରମ କରି ଭଙ୍ଗ କରିଥିଲେ କୁଜୁରଙ୍କ ରେକର୍ଡ। ଏହାପରେ ଫାଇନାଲରେ ସେ ନିଜ ରେକର୍ଡ ନିଜେ ଭଙ୍ଗ କରିଛନ୍ତି। ୧୦୦ ମିଟର ଦୌଡ଼ ସେ ଅତିକ୍ରମ କରିଛନ୍ତି ୧୦.୦୯ ସେକେଣ୍ଡରେ।

ଆଗକୁ ଗ୍ଲାସ୍‌ଗୋରେ ଅନୁଷ୍ଠିତ ହେବାକୁ ଯାଉଛି ରାଜ୍ୟଗୋଷ୍ଠୀ କ୍ରୀଡ଼ା। ଏସୀୟ କ୍ରୀଡ଼ା ମଧ୍ୟ ଜାପାନରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଦୁଇ ପ୍ରତିଯୋଗିତାରେ ୧୦୦ ମିଟରରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯୋଗ୍ୟତା ହାସଲ କରିଛନ୍ତି ଗୁରିନ୍ଦରବୀର। ଏବେ ଭାରତର ଏହି ନୂଆ ଫ୍ଲାଇଂ ଶିଖ୍ ଏସିଆର ଦ୍ୱିତୀୟ ଦ୍ରୁତତମ ଧାବକ।

**୧୦.୨୦ ସେକେଣ୍ଡରେ ଦ୍ୱିତୀୟ ସ୍ଥାନରେ ଓଡ଼ିଶାର ଅନିମେଶ**



# ଆଶିଷ ମହାନ୍ତି ଆୟକର ବିଭାଗ ଗୋଇନ୍ଦା ନିର୍ଦ୍ଦେଶକ

**ଭୁବନେଶ୍ୱର,୨୪।୫(ନି.ପ୍ର):** ୨୦୦୫ ବ୍ୟାଚ୍‌ର ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀ ଆଶିଷ ଚନ୍ଦ୍ର ମହାନ୍ତି ଆୟକର ବିଭାଗର ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟର ଗୋଇନ୍ଦା ଓ ଅପରାଧିକ ଅନୁସନ୍ଧାନ ବିଭାଗର ନୂତନ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।



ଏହାପୂର୍ବରୁ ସେ କଟକରେ ଆୟକର କମିଶନର (ଅପିଲ, ୟୁନିଟ୍ ୧) ଭାବେ କାର୍ଯ୍ୟରତ ଥିଲେ। ଆୟକର ବିଭାଗରେ ତାଙ୍କର ଦୁଇ ଦଶନ୍ଧିରୁ ଅଧିକ ବର୍ଷର ଅଭିଜ୍ଞତା ରହିଛି। ପୂର୍ବରୁ ସେ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ (ସିବିଡିଟି)ର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଟିକସ ନୀତି ଡିଭିଜନ ଓ ନୂଆଦିଲ୍ଲୀର ଅନୁସନ୍ଧାନ ନିର୍ଦ୍ଦେଶାଳୟ ଭଳି ପ୍ରମୁଖ ବିଭାଗରେ ଉଚ୍ଚ ପଦବିରେ କାର୍ଯ୍ୟ କରି ଦକ୍ଷତା ପ୍ରତିପାଦିତ କରିସାରିଛନ୍ତି। ବର୍ତ୍ତମାନ ସମୟରେ ଟିକସ ଚୋରି ଓ କର ଫାଙ୍କି ରୋକିବା ପାଇଁ ସିବିଡିଟି ପକ୍ଷରୁ ସାରା ଦେଶରେ ବ୍ୟାପକ ଜନସମ୍ପର୍କ ଓ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିଥିବାବେଳେ ତାଙ୍କର ସୁଦୀର୍ଘ ଅଭିଜ୍ଞତା ଓଡ଼ିଶା ରାଜ୍ୟ ଟିକସ ପ୍ରଶାସନକୁ ଅଧିକ କ୍ରିୟଶୀଳ କରିବା ସହ ଅର୍ଥନୈତିକ ଅପରାଧ ରୋକିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଆଶା କରାଯାଉଛି।

# ହ୍ୱାଇଟ୍ ହାଉସ ବାହାରେ ଫୁଟିଲା ଗୁଳି

**ନୂଆଦିଲ୍ଲୀ,୨୪।୫(ଏଜେନ୍ସି):** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସ୍ ଭିତରେ ଥିବାବେଳେ ବାହାରେ ଫୁଟିଛି ଗୁଳି। ପୁଣି ହ୍ୱାଇଟ୍ ହାଉସ୍‌ରେ ପରିଲକ୍ଷିତ ହୋଇଛି ସୁରକ୍ଷା ବିଚ୍ୟୁତି। ଟ୍ରମ୍ପଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥାର ଉଲ୍ଲଂଘନ ହୋଇଛି। ନିକଟରେ ଟ୍ରମ୍ପ ପ୍ରଶସାନର ନ୍ୟାସନାଲ ଇଣ୍ଟେଲିଜେନ୍ସ ଡାଇରେକ୍ଟର ପଦରୁ ମଧ ତୁଳସୀ ଗବାର୍ଡ ଇସ୍ତଫା ଦେଇଥିଲେ। ଏହି ଗୁଳିକାଣ୍ଡ ପରେ ହ୍ୱାଇଟ୍ ହାଉସ୍ ସୁରକ୍ଷା କର୍ମୀଙ୍କ ପାଲଟା ଜବାବରେ ଅଭିଯୁକ୍ତର ମୃତ୍ୟୁ ହୋଇଛି। ଆମେରିକାର ସିକ୍ରେଟ ସର୍ଭିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ହ୍ୱାଇଟ୍ ହାଉସ ସୁରକ୍ଷା ଚେକ୍‌ପଏଣ୍ଟ ନିକଟକୁ ଯାଇ ଗୁଳି ଚଳାଇଥିଲା।

# ଫାଲ୍‌ଟାରେ ବିଜେପି ପ୍ରାର୍ଥୀଙ୍କ ବିପୁଳ ବିଜୟ

**କୋଲକାତା,୨୪।୫(ଏଜେନ୍ସି):** ପଶ୍ଚିମ ବଙ୍ଗର ଫାଲ୍‌ଟା ବିଧାନସଭା ଆସନରେ ବିଜେପି ପ୍ରାର୍ଥୀ ବିଜୟ ହାସଲ କରିଛନ୍ତି। ଏପ୍ରିଲ ୨୯ରେ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ଫାଲଟା ଆସନରେ ଗଣ୍ଡଗୋଳ କାରଣରୁ ନିର୍ବାଚନ କମିଶନର ଘୋଷଣା କରିଥିଲେ ଯେ, ଏହି ଆସନରେ ପୁଣିଥରେ ମେ' ୨୧ରେ ମତଦାନ ହେବ। ଏହି ଆସନରେ ତୃଣମୂଳ କଂଗ୍ରେସ ପ୍ରାର୍ଥୀ ଜାହାଙ୍ଗୀର ଖାନ୍ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ସେ ନିଜକୁ ଫିଲ୍ମ ଷ୍ଟାଇଲରେ 'ପୁଷ୍ପା' ବୋଲି କହୁଥିଲେ। ତେବେ ପଶ୍ଚିମ ବଙ୍ଗରେ ବିଜେପି ସରକାର ଗଠନ କରିବା ପରେ ଫାଲଟା ଆସନରୁ ସେ ଓହରି ଯାଇଥିବା ଘୋଷଣା କରିଥିଲେ। ମେ ୨୧ରେ ମତଦାନ ହେବାପରେ ଏହାର ଫଳାଫଳ ଆସିଛି। ନିର୍ବାଚନରେ ବିଜେପିର ଦେବାଂଶୁ ପଣ୍ଡା ବିପୁଳ ଭୋଟରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସିପିଏମ୍ ପ୍ରାର୍ଥୀ ଶମ୍ଭୁନାଥ କୁର୍ମୀଙ୍କୁ ପରାସ୍ତ କରିଛନ୍ତି। ନିର୍ବାଚନରୁ ଓହରି ଯାଇଥିବା ଘୋଷଣା କରିଥିବା ଟିଏମ୍‌ସି ପ୍ରାର୍ଥୀ ଜାହାଙ୍ଗୀର ଖାନ୍ ୪ର୍ଥ ସ୍ଥାନରେ ରହିଛନ୍ତି।

# ବିମାନବନ୍ଦରରୁ ୧୧.୨୫ କୋଟିର କୋକେନ ଜବତ

## ୪ ବିଦେଶୀ ନାଗରିକ ଗିରଫ

**ମୁମ୍ବାଇ,୨୪।୫(ଏଜେନ୍ସି):** ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରୁ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ) ଚାରି ଦିନରେ ୨.୨୫ କିଗ୍ରା କୋକେନ ଜବତ କରିଛି। ଅଧିକାରୀଙ୍କ ଅନୁଯାୟୀ, ଜବତ କୋକେନର ମୂଲ୍ୟ ପ୍ରାୟ ୧୧.୨୫ କୋଟି ହେବ। ଏଥିରେ ସମ୍ପୃକ୍ତ ଚାରି ଜଣ ବିଦେଶୀ ନାଗରିକଙ୍କୁ ଗିରଫ କରାଯାଇ ସେମାନଙ୍କ ବିରୁଦ୍ଧରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ନାର୍କୋଟିକ୍ ଡ୍ରଗ୍ସ ଆଣ୍ଡ୍ ସାଇକୋଟ୍ରୋପିକ୍ ସବ୍‌ଷ୍ଟାନ୍ସ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରାଯାଇଛି।

# ପ୍ରଚଣ୍ଡ, ପ୍ରବଳ, ଅସହ୍ୟ

- ଆଉ ୫ ଦିନ ହିଟ୍ ୱେଭ୍
- ମନ୍‌ସୁନ୍ ଆସିଲେ ସକ୍ରିୟ ହୋଇଥାଏ ଏଲ୍ ନିନୋ: ଆଇଏମ୍‌ଡି ଡିଜି

**ଭୁବନେଶ୍ୱର,୨୪।୫(ନି.ପ୍ର):** ପ୍ରଚଣ୍ଡ, ପ୍ରବଳ, ଅସହ୍ୟ ହେଉଛି ରାଜ୍ୟରେ ତାତି ଓ ଗୁଳୁଗୁଳି। ଏଲ୍ ନିନୋ ସକ୍ରିୟ ନହେଉଣୁ ଏହାର ଭୟ ମଧ୍ୟ ଘାଣ୍ଟିଲାଣି। ଲଗାତାର ଜାରି ରହିଛି ହିଟ୍ ୱେଭ୍। ଜନଜୀବନ ଅସ୍ତବ୍ୟସ୍ତ। ସକାଳ ୮ରୁ ଟାଣ ଖରା। ଅପରାହ୍ଣରେ ବି ଗରମରୁ ନିସ୍ତାର ନାହିଁ।

ହିଟ୍ ୱେଭ୍‌କୁ ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ରାଜ୍ୟରେ ଆଉ ୫ ଦିନ ପର୍ଯ୍ୟନ୍ତ ହିଟ ୱେଭ୍ ଜାରି ରହିବ। ତାପମାତ୍ରା ୪୦ ଥିଲେ ବି ୪୫ ଡିଗ୍ରୀ ପରି ଅନୁଭୂତ ହେବ। ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବି ଅନୁଭୂତ ହେବ ତାପମାତ୍ରା। ଗୁଳୁଗୁଳି ଅଧିକ, ତେଣୁ ଅନୁଭୂତ ତାତି ବି ଅଧିକ ରହିବ। ଏଥର କିଛି ବି ନୂଆ ନୁହେଁ, ଆମେ ଅତୀତରେ ଏହା ଅନୁଭବ କରିଛନ୍ତି।



ଏଲ୍ ନିନୋ ସକ୍ରିୟ ହୋଇନାହିଁ କିନ୍ତୁ ଏହାକୁ ନେଇ ପ୍ରଚାର ଅଧିକ ହେଉଛି। ଆଇଏମ୍‌ଡି ଡିଜି କହିଛନ୍ତି, କୌଣସିଠାରେ ଏଲ୍ ନିନୋ ଘୋଷଣା ହୋଇନାହିଁ। ମନସୁନ୍ ଆସିଲେ ଏଲ୍ ନିନୋ ସକ୍ରିୟ ହୋଇଥାଏ। ଓଡ଼ିଶାକୁ ମନସୁନ୍ ଛୁଇଁବା ନେଇ କୌଣସି ପୂର୍ବାନୁମାନ ହୋଇନାହିଁ।

ରାଜ୍ୟରେ ଲଗାତାର ବଢ଼ିଚାଲିଛି ଦିନର ତାପମାତ୍ରା। ରାତିରେ ବି ଗରମ ଓ ଗୁଳୁଗୁଳିରୁ ତ୍ରାହି ମିଳୁନାହିଁ। ଏହାସହିତ ବିଭିନ୍ନ ସ୍ଥାନରେ ବି ଅଘୋଷିତ ବିଦ୍ୟୁତ୍‌କାଟ୍ ବି ଜାରି ରହିଛି।

ଲଗାତାର କିଛିଦିନ ଧରି ରାଜ୍ୟରେ ଝାରସୁଗୁଡ଼ା ସବୁଠାରୁ ଉତ୍ତପ୍ତ ସହର ହୋଇଥିବାବେଳେ ରବିବାର ଝାରସୁଗୁଡ଼ାକୁ ଟପି ଯାଇଥିଲା ଟିଟିଲାଗଡ଼। ସହଜେ ବି ଟିଟିଲାଗଡ଼କୁ ତତଲାଗଡ଼ କୁହାଯାଇଥାଏ। ୪୫.୮ ଡିଗ୍ରୀରେ ଟିଟିଲାଗଡ଼ ରବିବାର ହୋଇଥିଲା ସବୁଠାରୁ ଉତ୍ତପ୍ତ ସହର। ଟିଟିଲାଗଡ଼ ସମେତ ରାଜ୍ୟରେ ୬ ସହର ରହିଥିଲା ୪୫ ଡିଗ୍ରୀ ଉପରେ ଏବଂ ୨୦ ସହର ରହିଥିଲା ୪୦ ଡିଗ୍ରୀ ଉପରେ। ବୌଦ୍ଧରେ ତାପମାତ୍ରା ୪୫.୬, ଭବାନୀପାଟଣାରେ ୪୫.୪, ସମ୍ବଲପୁରରେ ୪୫.୩, ସୋନପୁରରେ ୪୫.୨ ଏବଂ ବଲାଙ୍ଗୀରରେ ୪୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା।

ଝାରସୁଗୁଡ଼ାରେ ତାପମାତ୍ରା ୪୪.୮ ଡିଗ୍ରୀ ରହିଥିବାବେଳେ ଅନୁଗୁଳରେ ତାପମାତ୍ରା ୪୨.୭, ବାରିପଦାରେ ୪୦.୨ ସୁନ୍ଦରଗଡ଼ରେ ୪୧.୬, ହୀରାକୁଦରେ ୪୪.୫, ତାଳଚେରରେ ୪୧.୫, ଫୁଲବାଣୀରେ ୪୨.୫, ମାଲକାନଗିରିରେ ୪୨, ନୟାଗଡ଼ରେ ୪୧.୬, ବରଗଡ଼ରେ ୪୨, ନୂଆପଡ଼ାରେ ୪୪, ନବରଙ୍ଗପୁରରେ ୪୨.୨, ଖୋର୍ଦ୍ଧାରେ ୪୧ ଓ ରାଉରକେଲାରେ ୪୦.୨ ଡିଗ୍ରୀ ତାପମାତ୍ରା ରବିବାର ରେକର୍ଡ କରାଯାଇଥିଲା। ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ୩୮.୪ ଡିଗ୍ରୀ ରହିଥିବାବେଳେ କଟକର ତାପମାତ୍ରା ରହିଥିଲା ୩୭.୮ ଡିଗ୍ରୀ।

# ଖରାରେ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ ନକରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୪।୫(ନି.ପ୍ର):** ଜାରି ରହିଥିବା ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଶ୍ରମିକମାନଙ୍କ ସୁରକ୍ଷା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଜାରି କରାଯାଇଛି ନିର୍ଦ୍ଦେଶାବଳୀ। ଦିନ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଖରାରେ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ ନକରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ତ୍ତ ବିଭାଗର ଇଆଇସି ସମସ୍ତ ଜୋନ୍‌ର ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀମାନଙ୍କୁ ଏହି ମର୍ମରେ ପତ୍ର ଲେଖିଛନ୍ତି।

ଠିକା ସଂସ୍ଥାଗୁଡ଼ିକ ପ୍ରତିବନ୍ଧିତ ସମୟରେ କାର୍ଯ୍ୟ ବନ୍ଦ କରିବା ସହ ଶ୍ରମିକମାନଙ୍କ ପାଇଁ ଛାୟାର ବ୍ୟବସ୍ଥା (ରେଷ୍ଟ ଶେଡ୍) ସହ ପାନୀୟ ଜଳ ଓ ଫାଷ୍ଟ-ଏଡ୍ ଉପଲବ୍ଧ କରିବାକୁ କୁହାଯାଇଛି। କ୍ଷେତ୍ର କର୍ମଚାରୀମାନେ ଏଥିପ୍ରତି ସଜାଗ ରହିବା ସହ କୌଣସି ଅପ୍ରୀତିକାର ପରିସ୍ଥିତି ଉପୁଜିବା ପୂର୍ବରୁ ସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

**ପାକ୍ ଟ୍ରେନ୍‌ରେ ଆତ୍ମଘାତୀ ବିସ୍ଫୋରଣ**

# ୨୪ ମୃତ, ୫୦ରୁ ଅଧିକ ଆହତ

**କ୍ୱେଟା,୨୪।୫(ଏଜେନ୍ସି):** ପାକିସ୍ତାନର ଅଶାନ୍ତ ଦକ୍ଷିଣ-ପଶ୍ଚିମ ପ୍ରାନ୍ତ ବେଲୁଚିସ୍ତାନର କ୍ୱେଟାରେ ଏକ ଟ୍ରେନ୍‌ରେ ହୋଇଛି ଭୟଙ୍କର ଆତ୍ମଘାତୀ ବିସ୍ଫୋରଣ। ଏଥିରେ ୨୪ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୫୦ରୁ ଅଧିକ ଆହତ ହୋଇଛନ୍ତି। ଏହି ଟ୍ରେନ୍ ପେଶାୱର ଅଭିମୁଖେ ଯାତ୍ରା କରୁଥିଲା। ଏଥିରେ ପାକ୍ ସୈନ୍ୟ ଓ ସେମାନଙ୍କ ପରିବାର ଯାତ୍ରା କରୁଥିଲେ।



ଅସ୍ଥିର ପାକିସ୍ତାନରୁ ବିଚ୍ଛିନ୍ନ ହୋଇ ସ୍ୱତନ୍ତ୍ର ରାଷ୍ଟ୍ର ହେବାକୁ ଚାହୁଁଛି ବେଲୁଚିସ୍ତାନ। ଏହି ଆନ୍ଦୋଳନ ଓ ପ୍ରତିବାଦର ନେତୃତ୍ୱ ନେଉଛି ବଲୁଚିସ୍ତାନ ଲିବରେସନ ଆର୍ମି (ବିଏଲ୍‌ଏ)। ଏହି ଆତ୍ମଘାତୀ ବିସ୍ଫୋରଣ ବିଏଲ୍‌ଏ ଘଟାଇଥିବା ସନ୍ଦେହ କରାଯାଉଛି।

କ୍ୱେଟାର ଚମନ ରେଳଫାଟକ ନିକଟରେ ଘଟିଛି ଏହି ଭୟଙ୍କର ବିସ୍ଫୋରଣ। ସୂଚନା ଅନୁଯାୟୀ, ଚମନ ଫାଟକରେ ଏକ ବିସ୍ଫୋରକ ଭର୍ତ୍ତି ଚାରିଚକିଆ ଯାନ ସିଗନାଲ ନମାନି ଫାଟକ ମଧ୍ୟକୁ ପ୍ରବେଶ କରି ଟ୍ରେନର ଗୋଟିଏ ବଗିକୁ ଧକ୍କା ଦେଇଥିଲା। ଫଳରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ବହୁ ବଗି ଓଲଟି ପଡ଼ିଥିଲା। ଏହାପରେ ଜାରି ରହିଥିଲା ଉଦ୍ଧାର କାର୍ଯ୍ୟ। ଆହତମାନଙ୍କୁ କ୍ୱେଟାର ସରକାରୀ ହସ୍ପଟାଲଗୁଡ଼ିକରେ ଭର୍ତ୍ତି କରାଯାଇଛି।

# ଶିଳ୍ପାୟନରେ ସହଯୋଗର ପ୍ରତିଶ୍ରୁତି ଦେଲେ ମୁଖ୍ୟମନ୍ତ୍ରୀ

## ଶିଳ୍ପ ସଂସ୍ଥା ବୁଲିଲେ, କର୍ମଚାରୀଙ୍କ ସହ କଥା ହେଲେ

**ଭୁବନେଶ୍ୱର,୨୪।୫(ନି.ପ୍ର):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଖୋର୍ଦ୍ଧା ଜିଲ୍ଲାର ଦୁଇଟି ପ୍ରମୁଖ ଶିଳ୍ପ ସଂସ୍ଥା ପରିଦର୍ଶନ କରିଛନ୍ତି। ଏହି ଅବସରରେ ରାଜ୍ୟର ଶିଳ୍ପାୟନରେ ସରକାରଙ୍କ ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ପ୍ରଥମେ କାଳୀବେଟିସ୍ଥିତ ଟ୍ରାଇମେଟ୍ରୋ ଗାର୍ମେଣ୍ଟ୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ଗସ୍ତ କରିଥିଲେ। ଏହା ଏପିକ୍ ଗ୍ରୁପ୍‌ର ଅତ୍ୟାଧୁନିକ ବସ୍ତ୍ର ଉତ୍ପାଦନ କାରଖାନା। ମୁଖ୍ୟମନ୍ତ୍ରୀ ମଧ ମୁଣ୍ଡାଆମ୍ବ ସ୍ଥିତ ପ୍ରତିରକ୍ଷା ଓ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ଅଗ୍ରଣୀ ସଂସ୍ଥା ଆନାଡ୍ରୋନ୍ ସିଷ୍ଟମ୍ସ ପରିସର ପରିଦର୍ଶନ କରିଥିଲେ। ଉଭୟ କାରଖାନାର କର୍ମଚାରୀମାନଙ୍କ ସହ ଅତି ନିବିଡ଼ ଭାବେ ଆଲୋଚନା କରି ସେମାନଙ୍କର କାର୍ଯ୍ୟ ପ୍ରଣାଳୀ ଓ କାର୍ଯ୍ୟ ପରିବେଶ ସମ୍ପର୍କରେ ପଚାରି ବୁଝିଥିଲେ।



ଶିଳ୍ପାଞ୍ଚଳରେ ଶ୍ରମିକ ତଥା କର୍ମଚାରୀଙ୍କ ପାଇଁ ଆନୁଷଙ୍ଗିକ ସୁବିଧା ସୁଯୋଗର ବିକାଶ ଉପରେ ସବିଶେଷ ଗୁରୁତ୍ୱାରୋପ କରିଥିଲେ ମୁଖ୍ୟମନ୍ତ୍ରୀ। ଶିଳ୍ପ ପ୍ରତିଷ୍ଠାନଗୁଡ଼ିକର ପରିଚାଳନା କର୍ତ୍ତୃପକ୍ଷଙ୍କୁ ରାଜ୍ୟର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେଇ ସ୍ଥାନୀୟ ନିଯୁକ୍ତିକୁ ସର୍ବାଧିକ ଅଗ୍ରାଧିକାର ଦେବାକୁ ପରାମର୍ଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, କାର୍ଯ୍ୟରତ ମହିଳା କର୍ମଚାରୀଙ୍କ ସୁରକ୍ଷା ଓ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯିବ। କର୍ମଚାରୀଙ୍କ ରହିବା ନିମନ୍ତେ ଅତ୍ୟାଧୁନିକ ହଷ୍ଟେଲ ନିର୍ମାଣ କରାଯିବା ସହ ସେମାନଙ୍କ ଦୈନନ୍ଦିନ ଯାତାୟାତକୁ ସହଜ, ସୁରକ୍ଷିତ ଓ ପରିବେଶ ଅନୁକୂଳ କରିବା ପାଇଁ ଇଭି ବସ୍ ସେବା ପ୍ରଦାନ କରାଯିବ। ଆଗାମୀ ଦିନରେ ଏହି ଅଞ୍ଚଳରେ ଏଭଳି ଆହୁରି ଅନେକ ନୂତନ ଶିଳ୍ପ ୟୁନିଟ୍ ପ୍ରତିଷ୍ଠା କରାଯିବ, ଯାହା ସ୍ଥାନୀୟ ଯୁବପିଢ଼ିଙ୍କ ପାଇଁ ନୂତନ ନିଯୁକ୍ତିର ଦ୍ୱାର ଉନ୍ମୁକ୍ତ କରିବ। ସ୍ଥାନୀୟ ଅର୍ଥନୀତିକୁ ମଧ ଅଧିକ କ୍ରିୟାଶୀଳ କରିବ। ଏହି ବୃହତ ଶିଳ୍ପଗୁଡ଼ିକୁ ଆଧାର କରି ଏଠାରେ ଏକାଧିକ ଆନୁଷଙ୍ଗିକ ଶିଳ୍ପ ମଧ୍ୟ ଗଢ଼ିଉଠିବ।

ଟ୍ରାଇମେଟ୍ରୋ ଗାର୍ମେଣ୍ଟ୍ସ ହେଉଛି ବିଶ୍ୱସ୍ତରୀୟ ବସ୍ତ୍ର ଉତ୍ପାଦନ ସଂସ୍ଥା। ପ୍ରଥମଥର ପାଇଁ ଭାରତରେ ତା'ର ଉତ୍ପାଦନ ଆରମ୍ଭ କରିଛି। ଆନାଡ୍ରୋନ୍ ସିଷ୍ଟମ୍ସ ପ୍ରା ଲିଃ ଡ୍ରୋନ୍‌ର ଯାନ୍ତ୍ରିକ ସରଞ୍ଜାମର ସଫଳ ବ୍ୟବହାର ଅପରେସନ ସିନ୍ଦୂରରେ ହୋଇଥିଲା।

ମୁଖ୍ୟମନ୍ତ୍ରୀଙ୍କ ପରିଦର୍ଶନ ସମୟରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀ ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ମହାନଦୀ ବିବାଦକୁ ନେଇ ଛତିଶଗଡ଼ ସହ ବୈଠକ

**ଫିଟିବାକୁ ଯାଉଛି ସମାଧାନର ବାଟ**



**ପୁରୀ,୨୪।୫(ନି.ପ୍ର):** ମହାନଦୀ ଜଳବିବାଦକୁ ନେଇ ପୁରୀରେ ଓଡ଼ିଶା ଓ ଛତିଶଗଡ଼ର ବରିଷ୍ଠ ଅଧିକାରୀ ଏବଂ ଆଇନ ପରାମର୍ଶଦାତାଙ୍କ ମଧ୍ୟରେ ବୈଠକ ହୋଇଛି। ଏହି ବୈଠକ ପରେ ସମାଧାନର ବାଟ ଫିଟିବ ବୋଲି ଆଶା କରାଯାଉଛି।

ମହାନଦୀରେ ଛତିଶଗଡ଼ କେତୋଟି ବନ୍ଧ ନିର୍ମାଣ କରିବା ପରେ ଆରମ୍ଭ ହୋଇଥିଲା ଏହି ବିବାଦ। ଆବଶ୍ୟକତା ସମୟରେ ମହାନଦୀକୁ ଛତିଶଗଡ଼ ଜଳ ଛାଡୁନାହିଁ। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶରେ ଗଠନ ହୋଇଛି ମହାନଦୀ ଟ୍ରିବ୍ୟୁନାଲ। ଟ୍ରିବ୍ୟୁନାଲ ମଧ୍ୟ ଏହି ବିବାଦର ଶୁଣାଣି କରୁଛନ୍ତି।

ପୁରୀରେ ଉଭୟ ରାଜ୍ୟର ଉଚ୍ଚସ୍ତରୀୟ ପ୍ରତିନିଧିମାନଙ୍କ ଉପସ୍ଥିତିରେ ହୋଇଥିବା ବୈଠକ ପରେ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ 'ଆଶାବାଦୀ'ବୋଲି କହିଥିବା ବେଳେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ ଅନୁରୂପ ଭାବେ 'ସମାଧାନର ଆଶା ଉଜ୍ଜ୍ୱଳ' ବୋଲି କହିଛନ୍ତି।

ରାଜସ୍ୱ ମନ୍ତ୍ରୀ କହିଛନ୍ତି, ବିଗତ କିଛିବର୍ଷ ଧରି ମହାନଦୀ ପ୍ରସଙ୍ଗରେ ଉଭୟ ରାଜ୍ୟ ମଧ୍ୟରେ ଆଲୋଚନା ପ୍ରାୟ ବନ୍ଦ ରହିଥିଲା। କିନ୍ତୁ ବର୍ତ୍ତମାନ ପ୍ରଶାସନିକ ଓ ବୈଷୟିକ ସ୍ତରରେ ଆଲୋଚନା ସଫଳ ଭାବେ ଆଗକୁ ବଢୁଛି। ମହାନଦୀର ଜଳ ଉଭୟ ରାଜ୍ୟର ଚାଷୀଙ୍କ ଅଧିକାର। ଜଳସେଚନ କ୍ଷେତ୍ରରେ କୌଣସି ରାଜ୍ୟର ଚାଷୀ ଯେପରି କ୍ଷତିଗ୍ରସ୍ତ ନହେବେ ସେଥିପାଇଁ ହିସାବ କିତାବ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଟ୍ରିବ୍ୟୁନାଲଙ୍କ ପରାମର୍ଶକ୍ରମେ ଓଡ଼ିଶା ସରକାର ପକ୍ଷରୁ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇଛି। ଛତିଶଗଡ଼ ସରକାର ମଧ ଶୀଘ୍ର ଏଭଳି କମିଟି ଗଠନ କରିବେ। ଏହାପରେ ଉଭୟ ରାଜ୍ୟ ମଧ୍ୟରେ ମନ୍ତ୍ରୀସ୍ତରୀୟ ଆଲୋଚନା ମାଧ୍ୟମରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

ରବିବାର ପୁରୀରେ ଅନୁଷ୍ଠିତ ବୈଠକରେ ଓଡ଼ିଶାର ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ଛତିଶଗଡ଼ର ଆଡ୍‌ଭୋକେଟ ଜେନେରାଲ ବିବେକ ଶର୍ମାଙ୍କ ସହ ଉଭୟ ରାଜ୍ୟର ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ଓ ବୈଷୟିକ ଦଳ ଉପସ୍ଥିତ ଥିଲେ।

ରବିବାର ବୈଠକ ପରେ ଓଡ଼ିଶାର ଆଡ୍‌ଭୋକେଟ୍ ଜେନେରାଲ କହିଛନ୍ତି, ମହାନଦୀ ଜଳ ବିବାଦର ସମାଧାନ ଦିଗରେ ବୈଠକରେ ଅନେକ ମୂଳ ପ୍ରସଙ୍ଗ ଉପରେ ସନ୍ତୋଷଜନକ ଆଲୋଚନା ହୋଇଛି। ଉଭୟ ରାଜ୍ୟର ଲୋକଙ୍କ ବୃହତ ସ୍ୱାର୍ଥକୁ ଆଗରେ ରଖି ବନ୍ଧୁତ୍ୱପୂର୍ଣ୍ଣ ସମାଧାନ ପାଇଁ ସମସ୍ତେ ସକାରାତ୍ମକ ଉଦ୍ୟମ କରିଛନ୍ତି। ପୂର୍ବ ସରକାର ସମୟରେ ଯେଉଁ ଆଇନଗତ ତ୍ରୁଟି ରହିଯାଇଥିଲା ବର୍ତ୍ତମାନ ସରକାର ସେଥିରେ ସଂଶୋଧନ ଆଣି ଟ୍ରିବ୍ୟୁନାଲ ସମ୍ମୁଖରେ ଓଡ଼ିଶାର ହକ୍ ଓ ଅଧିକାର ପାଇଁ ଦୃଢ଼ ଭାବେ ପକ୍ଷ ଉପସ୍ଥାପନ କରୁଛନ୍ତି।

# ଏନ୍‌ପିଏସ୍ ନେଇ ଆର୍ଥିକ ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ,୨୪।୫(ନିପ୍ର): ବନ୍ତ ଛକ ସ୍ଥିତ ହୋଟେଲ ଓରିଅନରେ ଭଦ୍ରକର ଲିଡ୍ ଜିଲ୍ଲା କାର୍ଯ୍ୟାଳୟ, ପେନସନ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ(ପିଏଫ୍‌ଆର୍‌ଡିଏ) ସହଯୋଗରେ ବିହନ ଓ ଏନ୍‌ପିଏସ୍ ଉପରେ ଏକ ଆର୍ଥିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିରେ ବ୍ୟାଙ୍କର, ବ୍ୟବସାୟ ପ୍ରତିନିଧି, ଏଫ୍‌ପିଓ ସଦସ୍ୟ, ସିଏସ୍‌ଓ, ଚାଷୀ ଏବଂ ଯୁବ କ୍ଷୁଦ୍ର ଉଦ୍ୟୋଗୀମାନେ ଅଂଶଗ୍ରହଣ କରିଥିଲେ। ଆର୍ଥିକ ବିଶେଷଜ୍ଞମାନେ ପେନସନ ଯୋଜନାର ଲାଭ, ନିବେଶ ପ୍ରକ୍ରିୟା ଓ ଦୀର୍ଘକାଳୀନ ଆର୍ଥିକ ଯୋଜନାକୁ ସରଳ ଏବଂ ବ୍ୟବହାରିକ ଭାବରେ ବ୍ୟାଖ୍ୟା କରିଥିଲେ। ପିଏଫ୍‌ଆର୍‌ଡିଏ ସହାୟକ ପରିଚାଳକ ଶୁଭମ ଖଣ୍ଡେଲୱାଲ ଏବଂ ସୁଭିଜ୍ଞା କୁମାର କହିଲେ, ନିୟମିତ ଭାବରେ ₹୨୫୦ ନିବେଶ କରି ଲୋକମାନେ ସେମାନଙ୍କର ବାର୍ଦ୍ଧକ୍ୟକୁ ଆର୍ଥିକ ଭାବରେ ସୁରକ୍ଷିତ କରିପାରିବେ। ଜିଲ୍ଲାପାଳ ଦିଲୀପ ରାଉତରାୟ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଜିଲ୍ଲା ପରିଚାଳକ ରାଜୀବ କୁମାର ରଞ୍ଜନ, ଡିଡିଏମ ନାବାର୍ଡ, କେଭିକେ ମୁଖ୍ୟ ବୈଜ୍ଞାନିକ ଦୀପକ କୁମାର ସାହୁ, ୟୁକୋ ବ୍ୟାଙ୍କ ଉପ କ୍ଷେତ୍ର ପରିଚାଳକସଞ୍ଜୟ କୁମାର ମହାନ୍ତି, ଓଜିବିର କ୍ଷେତ୍ର ପରିଚାଳକ ସତ୍ୟବ୍ରତ ସାହିନି ପ୍ରମୁଖ ଉପସ୍ଥିତ ଥିଲେ। ଜାତୀୟ ପେନସନ ଯୋଜନାରେ ଯେକୌଣସି ନାଗରିକ ନିୟମିତ ଭାବରେ ଛୋଟ ପରିମାଣରୁ ଆରମ୍ଭ କରି ଦୀର୍ଘକାଳୀନ ଭାବରେ ବଡ଼ ସଞ୍ଚୟ କରିପାରିବେ। ଯାହା ଅବସର ପରେ ପେନସନ ରୂପରେ ଆସିଥାଏ। ଏହା ବୃଦ୍ଧାବସ୍ଥାରେ ନିୟମିତ ଆୟର ଏକ ନିର୍ଭରଯୋଗ୍ୟ ଉତ୍ସ। ଜିଲ୍ଲାପାଳ କହିଲେ, ବୃଦ୍ଧାବସ୍ଥାରେ ପେନସନ୍ ହେଉଛି ଆୟର ମୁଖ୍ୟ ଉତ୍ସ। କୃଷି ବିପଦ, ପାଣିପାଗ, ଇନପୁଟ୍, ବଜାର ମୂଲ୍ୟ ଏବଂ ବର୍ଦ୍ଧିତ ଖର୍ଚ୍ଚ ଚାଷୀ ଓ କ୍ଷୁଦ୍ର ଉଦ୍ୟୋଗୀଙ୍କ ଆୟକୁ ଅସ୍ଥିର କରିଥାଏ। ଏପରି ପରିସ୍ଥିତିରେଏହା ସାରା ଜୀବନ ଏକ ନିୟମିତ ପେନସନ୍ ପ୍ରଦାନ କରେ। ଯାହାକୁ ଲୋକମାନେ ଗ୍ରହଣ କରିବା ଉଚିତ। ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ପରିଚାଳକ ରାଜୀବ କୁମାର ରଞ୍ଜନ କହିଲେ, ଜାତୀୟ ପେନସନ୍ ବ୍ୟବସ୍ଥା ଚାଷୀ, କ୍ଷୁଦ୍ର ଉଦ୍ୟୋଗୀ ଏବଂ ଶ୍ରମିକମାନଙ୍କୁ ବୃଦ୍ଧାବସ୍ଥାରେ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଚାଷୀ, କ୍ଷୁଦ୍ର ଉଦ୍ୟୋଗୀ ଓ ଦିନ ମଜୁରିଆମାନଙ୍କୁ ଏକ ସ୍ଥିର ପେନସନ ସୁରକ୍ଷିତ କରିବାର ସୁଯୋଗ ପ୍ରଦାନ କରେ। ଯେଉଁମାନେ ଯୁବ ବୟସରେରେ ଯୋଗ ଦିଅନ୍ତି ସେମାନେ ଚକ୍ରବୃଦ୍ଧି ସୁଧରୁ ଅଧିକ ଲାଭ ପାଆନ୍ତି। ଏହା ଚାଷୀମାନଙ୍କୁ ଆର୍ଥିକ ସୁରକ୍ଷା ଏବଂ ବୃଦ୍ଧାବସ୍ଥାରେ ସ୍ଥିର ଆୟ ପାଇଁ ମୂଳଦୁଆ ପ୍ରଦାନ କରିଥାଏ।

# ଶ୍ରଦ୍ଧାଞ୍ଜଳି ଷ୍ଟଡି ହବ୍‌ର ଛାତ୍ରୀ ଅଙ୍କିତା ଯୁକ୍ତ ଦୁଇ କଳାରେ ଓଡ଼ିଶା ଟପ୍ପର




ଭୁବନେଶ୍ୱର ୨୪।୫(ନିପ୍ର)ଚଳିତ ବର୍ଷ ଯୁକ୍ତ ଦୁଇ କଳା ପରୀକ୍ଷାରେ ଅଙ୍କିତା ନାୟକ ୫୮୫/୬୦୦(୯୭.୫%%) ନମ୍ବର ରଖି ଓଡ଼ିଶା ଟପ୍ପର ହୋଇଛନ୍ତି। ସେ କଟକ କଲେଜ ସ୍ଥିତ କୋଚିଂ ସେଣ୍ଟର ଶ୍ରଦ୍ଧାଞ୍ଜଳି ଷ୍ଟଡି ହବରେ ପାଠ ପଢୁଥିଲେ। ଏହି କୋଚିଂ ସେଣ୍ଟରରେ ୧୪ ଜଣ ପିଲା ୯୦% ଅଧିକ ନମ୍ବର ରଖିଛନ୍ତି,ସେମାନଙ୍କ ମଧ୍ୟରେ ଆର୍ଯ୍ୟ ଶ୍ରୀତମ ୯୨.୫% ଓ ସ୍ୱପ୍ନା ବିରାଟ ୯୨.୫% ନମ୍ବର ରଖି ଜେ.କେ.ବି.କେ କଲେଜ ଟପ୍ପର ହୋଇଛନ୍ତି। କୋଚିଂର ନିର୍ଦ୍ଦେଶକ ବିକାଶ ରଞ୍ଜନ ଦାସ ସମସ୍ତ ପିଲାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉନ୍ନତି କାମନା କରିଛନ୍ତି। ଅଙ୍କିତା ନିଜର ସଫଳତାର ଶ୍ରେୟ ଭଗବାନ, ପରିବାର ଓ କଲେଜ ଏବଂ କୋଚିଂର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦେଇଛନ୍ତି।

# ସର୍ଟ ସର୍କିଟରୁ ୬ ଘଣ୍ଟା ବିଜୁଳି ବନ୍ଦ



ଲକ୍ଷ୍ମୀପୁର,୨୪।୫(ନିପ୍ର): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ କାର୍ଯ୍ୟାଳୟକୁ ଯାଇଥିବା ମୁଖ୍ୟ ରାସ୍ତାରେ ରବିବାର ସକାଳେ ଏକ ବିଦ୍ୟୁତ୍ ଖୁଣ୍ଟରେ ଅଗ୍ନିକାଣ୍ଡ ଘଟିଥିଲା। ଘଟଣାରେ ପ୍ରାୟ ଛଅ ଘଣ୍ଟା ଧରି କେତେକ ସ୍ଥାନରେ ବିଦ୍ୟୁତ ସରବରାହ ବନ୍ଦ ରହିବାରୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସୂଚନା ଅନୁଯାୟୀ, ସକାଳ ପ୍ରାୟ ସାଢେ ସାତଟା ବେଳେ ବ୍ଲକ କାର୍ଯ୍ୟାଳୟ ରାସ୍ତାରେ ଥିବା ଏକ ବିଦ୍ୟୁତ ଖୁଣ୍ଟର ଡିବି ବାକ୍ସରୁ ହୁତୁହୁତୁ ହୋଇ ନିଆଁ ଜଳୁଥିବା ଦେଖି ସ୍ଥାନୀୟ ଲୋକ ତୁରନ୍ତ ବିଦ୍ୟୁତ ବିଭାଗ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଦୁଇଟି ଚଢେଇ ଖୁଣ୍ଟ ଉପରେ ଝଗଡା କରୁଥିବା ବେଳେ ସର୍ଟ ସର୍କିଟ ହୋଇଥିଲା। ଘଟଣାସ୍ଥଳ ଏକ ଜନବହୁଳ ଅଞ୍ଚଳ ହୋଇଥିବା ବେଳେ ସେହି ରାସ୍ତାରେ ଦୁଇଟି ଶିକ୍ଷାନୁଷ୍ଠାନ ସହ ଆଠଟି ସରକାରୀ କାର୍ଯ୍ୟାଳୟ ରହିଛି। ତେବେ ରବିବାର ଥିବାରୁ ରାସ୍ତାରେ ଭିଡ଼ କମ ଥିଲା। ଯଦି ତାର ଛିଣ୍ଡି ରାସ୍ତା ଉପରେ ପଡିଥାନ୍ତା ତେବେ ବଡ଼ ଅଘଟଣ ଘଟିଥାନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବିଦ୍ୟୁତ ବିଭାଗ ପକ୍ଷରୁ ତୁରନ୍ତ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ପରେ କର୍ମଚାରୀମାନେ ପୋଡିଯାଇଥିବା ତାର ଓ ଡିବି ବାକ୍ସକୁ ବଦଳାଇ ମରାମତି କରିଥିଲେ। ପ୍ରାୟ ଛଅ ଘଣ୍ଟା ପରେ ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇଥିବା ଜଣାପଡିଛି।

# ରୋଢ଼ାସରରେ ଜିଲ୍ଲାସ୍ତରୀୟ ନାମ ସଂକୀର୍ତ୍ତନ ମହୋତ୍ସବ



ତାଳଚେର, ୨୪/୦୫(ନିପ୍ର) ତାଳଚେର ବ୍ଲକ ଘଣ୍ଟପଡ଼ା ପଂଚାୟତ ଅନ୍ତର୍ଗତ ରୋଢ଼ାସର ଗ୍ରାମରେ ଜିଲ୍ଲାସ୍ତରୀୟ ନାମ ସଂକୀର୍ତନ ମହୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ମହାସମାରୋହରେ ପାଳିତ ହୋଇ ଯାଇଛି । ଏଥିରେ ସମଗ୍ର ଅନୁଗୋଳ ଜିଲ୍ଲାର ବିଭିନ୍ନ ବ୍ଲକରୁ ଷାଠିଏରୁ ଉର୍ଦ୍ଧ୍ୱ ସଂକୀର୍ତନ ମଣ୍ଡଳୀ ଯୋଗ ଦେଇ ନାମ ପରିବେଷଣ କରିଥିଲେ । ଗ୍ରାମର ପ୍ରତ୍ୟେକ ଘର ସମ୍ମୁଖରେ ଗ୍ରାମର ମହିଳାମାନେ ଧୂପ, ଦୀପ ପ୍ରଜ୍ୱଳନ କରି ସମସ୍ତ ସଂକୀର୍ତନ ଦଳଙ୍କୁ ଅକ୍ଷତ, ପୁଷ୍ପ ଦେଇ ବନ୍ଦାପନା କରିଥିଲେ । ଏହି ଅବସରରେ ଏକ ବିଶ୍ୱଶାନ୍ତ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା । ଗ୍ରାମ ସଭାପତି ସୁରେଶ ଚନ୍ଦ୍ର ବେହେରା ଓ ସଂପାଦକ ଶ୍ରୀକାନ୍ତ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାଧାନରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଅନାଦି ସାହୁ, ଗୁରୁବାରିଆ ସାହୁ, କ୍ଷୀରୋଦ କୁମାର ସାହୁ, ଗିରିଶ ଚନ୍ଦ୍ର ସାହୁ, ଭାସ୍କର ସାହୁ, ନିତ୍ୟାନନ୍ଦ ସାହୁ, ଦାଶରଥୀ ସାହୁଙ୍କ ସମେତ ସମସ୍ତ ଗ୍ରାମବାସୀ ସକ୍ରିୟ ସହଯୋଗ କରିଥିଲେ।

# ୫୦ କୋଟି ଟଙ୍କାର ସରକାରୀ ପାଣ୍ଠି ଆତ୍ମସାତ ଅଭିଯୋଗ



କୋରାପୁଟ,୨୪।୫( ନି ପ୍ର): ଅବିଭକ୍ତ କୋରାପୁଟ ଜିଲ୍ଲାରେ ମନରେଗା ଯୋଜନା ଏବଂ ଅନ୍ୟାନ୍ୟ ସରକାରୀ ଡିବିଟି ପାଣ୍ଠିର ୫୦ କୋଟି ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ ଆଣିଛନ୍ତି ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ଏବଂ ପୂର୍ବତନ ସାଂସଦ ପ୍ରଦୀପ ମାଝୀ। ଏହାକୁ ନେଇ ଜୟପୁରରେ ଏକ ହୋଟେଲରେ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି। ମନରେଗା ଯୋଜନାରେ ଲକ୍ଷ ଲକ୍ଷ ଗରିବ ଏବଂ ନିଷ୍ପେସିତ ଲୋକଙ୍କୁ ନିଯୁକ୍ତି ସୁନିଶ୍ଚିତ କରାଯାଇଥିଲା ଏବଂ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ବ୍ୟାଙ୍କ କିମ୍ବା ଡାକଘର ଆକାଉଣ୍ଟ ମାଧ୍ୟମରେ ହିତାଧିକାରୀମାନଙ୍କୁ ମଜୁରୀ ପ୍ରଦାନ କରାଯିବାର ନିୟମ ରହିଛି। ଦୁର୍ଭାଗ୍ୟବଶତଃ, କୋଟି କୋଟି ମନରେଗା ପାଣ୍ଠି ଏବଂ ଅନ୍ୟାନ୍ୟ ସରକାରୀ ଡିବିଟି ପାଣ୍ଠି ଡାକ ବିଭାଗର କର୍ମଚାରୀମାନେ ହଡ଼ପ କରିଛନ୍ତି। ଏହା ବିଶ୍ୱାସ କରାଯାଏ ଯେ ନବରଙ୍ଗପୁର ଏବଂ କୋରାପୁଟ ଜିଲ୍ଲାର ଅନେକ ଡାକଘରର ସବ୍ ପୋଷ୍ଟମାଷ୍ଟରମାନେ ପ୍ରକୃତ ହିତାଧିକାରୀଙ୍କୁ ମଜୁରୀ ନ ଦେଇ ଠକେଇ କରିଛନ୍ତି। ସେମାନେ ସିଷ୍ଟମରେ କେୱାଇସି ପରିବର୍ତ୍ତନ କରି କିମ୍ବା ମିଥ୍ୟା ଅଙ୍ଗୁଠି ଛାପ ଦେଇ ହିତାଧିକାରୀଙ୍କ ପରିଚୟପତ୍ର ହେରଫେର କରିଛନ୍ତି। ଡାବୁଗାଁ, ଝରିଗାଁ ଏବଂ କୋସିଙ୍ଗା ଡାକଘରର ଅଧିକାଂଶ ଆକାଉଣ୍ଟଧାରୀଙ୍କ କ୍ଷେତ୍ରରେ ଏପରି ଠକେଇ ହୋଇଛି। କୋରାପୁଟ ଏବଂ ନବରଙ୍ଗପୁର ଜିଲ୍ଲାର ଅନ୍ୟ ଡାକଘରେ ମଧ୍ୟ ଏପରି ଅନେକ ଠକେଇ ହୋଇଥିବା ଆଶଙ୍କା କରାଯାଉଛି। ଆହୁରି ମଧ୍ୟ ଆଶଙ୍କା କରାଯାଉଛି ଯେ ସମ୍ପୃକ୍ତ ଠକେଇର ପରିମାଣ ପ୍ରାୟ ୫୦ (ପଚାଶ) କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଉଚ୍ଚ ଡାକ କର୍ତ୍ତୃପକ୍ଷ ମଧ୍ୟ ଏପରି ଭୁଲ କାର୍ଯ୍ୟ ବିଷୟରେ ଅବଗତ ଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହି ପ୍ରକାରର ଆର୍ଥିକ ଠକେଇ କରିଥିବା କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏହା ଦେଖାଯାଉଛି ଯେ ଠକମାନଙ୍କର ଏକ ବଡ଼ ଜାଲ ରହିଛି। ପ୍ରକୃତ ହିତାଧିକାରୀ ଯେଉଁମାନେ ମୁଖ୍ୟତଃ ସମାଜର ଦୁର୍ବଳ ବର୍ଗର ଅଟନ୍ତି, ସେମାନଙ୍କ ଅଧିକାରକୁ ସୁରକ୍ଷା ଦେବା ପାଇଁ, ଦୁର୍ନୀତିଗ୍ରସ୍ତ ଅଧିକାରୀମାନଙ୍କୁ ଜେଲ ପଛରେ ପକାଇ ପ୍ରକୃତ ହିତାଧିକାରୀଙ୍କୁ ସେମାନଙ୍କର ବୈଧ ଏବଂ ପ୍ରାପ୍ୟ ଦରମା ପ୍ରଦାନ କରିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଏବଂ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ହେବାର ଉଚିତ୍? ବୋଲି ସାମ୍ବାଦିକ ସମ୍ମିଳନୀରେ ଉଭୟ ନେତା ଦାବି କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରବି ନାରାୟଣ ନନ୍ଦ ପୂର୍ବତନ ମନ୍ତ୍ରୀ ଓ ବିଧାୟକ, ପ୍ରଦୀପ ମାଝୀ ପୂର୍ବତନ ସାଂସଦ, ରାଜ୍ୟ ବିଜେଡି ଉପସଭାପତି ଅରୁଣ କୁମାର ମିଶ୍ର,ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗା ମିଶ୍ର, ବିଜେଡି ଯୁବ ନେତା ଧର୍ମେନ୍ଦ୍ର ଅଧିକାରୀ, ମିଥୁ ପାତ୍ର, ନବରଙ୍ଗପୁର ବିଜେଡି ଯୁବ ନେତା ପ୍ରମୁଖ ଉପସ୍ଥିତ ଥିଲେ।

# ତାଳଚେରରେ ଚହଳ ପକାଉଛି କକ୍ରୋଚ୍ ଜନତାପାର୍ଟି




ତାଳଚେର, ୨୪।୫(ନିପ୍ର) ଉତ୍କଟ ବେକାରୀ ସମସ୍ୟା, ମହିଳା ସଂରକ୍ଷଣ, ଚାଷୀ ଏପରିକି ବିଭିନ୍ନ ସମସ୍ୟା ନେଇ ଏବେ ତାଳଚେରରେ ଚହଳ ପକାଇଛି କୋକ୍ରଜ୍ ଜନତା ପାର୍ଟି । ସୋସିଆଲ ମିଡ଼ିଆରେ ଏହି ଦଳ ଅଧିକ ଭିୟୁରର୍ସ, ଫୋଲରର୍ସ ଏବଂ କୋକ୍ରଜ୍ ଜନତାପାଟି ପେଜ୍‌କୁ ତାଳଚେର ଅଂଚଳରେ ଯୁବପିଢ଼ୀ ଆକର୍ଷିତ ହେବା ସହ ଲାଇକ କରୁବା ଖବର ଏବେ ସାମ୍ନାକୁ ଆସିଛି । ବଜାରଘାଟ, ଛକସ୍ଥାନ, ଚା' ଦୋକାନ ସବୁଠି ଚର୍ଚ୍ଚା । ଅନୁମାନ କରାଯାଏ କି ଯଦି ଏହି ସଂଗଠନଟି ଜାତୀୟ ସ୍ତରରେ ଉଭା ହୁଏ ତେବେ ପ୍ରତ୍ୟେକ ଦଳପାଇଁ ଏହା ମହଙ୍ଗା ସାବ୍ୟସ୍ତ ହେବ ବୋଲି ଯୁବପିଢ଼ୀମାନେ ପ୍ରକାଶ କରୁଛନ୍ତି । ନିଟର ପ୍ରଶ୍ନପତ୍ର ବାରମ୍ବାର ଲିକ୍ ହେବା ଘଟଣା ଓ ବେକାରୀ ସମସ୍ୟାରୁ ଦଳ ଏବେ ଭାରତ ସମେତ ଓଡ଼ିଶାରେ ମଧ୍ୟ ହଡ଼କମ୍ପ ସୃଷ୍ଟି କରିଛି । ଭାରତବର୍ଷର ରାଜନୀତି ଠାରୁ ଆରମ୍ଭ କରି ପ୍ରଶାସନ କ୍ଷେତ୍ରରେ ଯେଉଁପ୍ରକାର ଶାସନ ଚାଲିଛି ତାହା ବାସ୍ତବ ପକ୍ଷେ ସଠିକ୍ ଢ଼ଙ୍ଗରେ ଚାଲୁନାହିଁ ବୋଲି ଏହି ସଂଗଠନ ଅଭିଯୋଗ କରି ଯେଉଁ ୫ଟି ମୁଦ୍ଦା ଉପସ୍ଥାପନା କରିଛି ତାହା ବାସ୍ତବ ପକ୍ଷେ ସ୍ୱାଗତ ଯୋଗ୍ୟ ବୋଲି ବୁଦ୍ଧିଜିବୀ ତଥା ଶିକ୍ଷିତ ବେକାର ଯୁବକ, ଯୁବତୀମାନେ ଏହା ଉପରେ ଆସ୍ଥା ପ୍ରକଟ କରୁଛନ୍ତି ବୋଲି ଚର୍ଚ୍ଚା ଯୋରଧରିଛି । ତେବେ ଏହାର ସମ୍ପୂର୍ଣ୍ଣ ରୂପରେଖ ବର୍ତ୍ତମାନ ସୁଦ୍ଧା ନିରୂପଣ ହୋଇଥିଲେ ହେଁ ଆଗାମୀ ଦିନରେ ଏହି ସଂଗଠନ କି ପ୍ରକାର ରୂପ ନେଉଛି ତାହା ଦେଖିବାକୁ କେବଳ ବାକି ରହିଛି ।

# ବୋମାଲୋଈ ପଞ୍ଚାୟତରେ ସ୍ୱଚ୍ଛତା ଅଭିଯାନ



ଲପଙ୍ଗା, ୨୪/୫(ନିପ୍ର): ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ପକ୍ଷରୁ ଲାଇଟ୍ ହାଉସ୍ ଇନିସିଏଟିଭ୍ ଅଧୀନ ରେ ଏବଂ ନିୟୁସିଡ୍‌ର ମିଳିତ ଆନୁକୂଲ୍ୟ ରେ ବୋମାଲୋଈ ଗ୍ରାମପଞ୍ଚାୟତର ତିଲେଇମାଳ ଓ ଢୋରପାଣି ଗ୍ରାମ ରେ ଏକ ବୃହତ୍ ସ୍ୱଚ୍ଛତା ଅଭିଯାନ ସଫଳତାର ସହ ଅନୁଷ୍ଠିତ ହୋଇ ଯାଇଛି। ସ୍ୱଚ୍ଛ ଏବଂ ସୁସ୍ଥ ଗ୍ରାମ ଗଠନର ଲକ୍ଷ୍ୟ ନେଇ ଆୟୋଜିତ ଏହି ଅଭିଯାନ ରେ ପଞ୍ଚାୟତ ପ୍ରତିନିଧି, ଅଙ୍ଗନୱାଡ଼ି କର୍ମୀ, ଗ୍ରାମ ମୁଖିଆ, ଯୁବକ ଏବଂ ବହୁ ସଂଖ୍ୟକ ଗ୍ରାମବାସୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଅଭିଯାନ ଅବସର ରେ ଗ୍ରାମର ବିଭିନ୍ନ ସ୍ଥାନ ସଫେଇ କରାଯିବା ସହ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ଏବଂ ନିଷ୍କାସନ ସମ୍ପର୍କ ରେ ସଚେତନତା ସୃଷ୍ଟି କରା ଯାଇଥିଲା। ଘରେ ଘରେ ଏବଂ ଦୋକାନ–ବଜାର ସ୍ତର ରେ ଲୋକଙ୍କୁ ସ୍ୱଚ୍ଛତାର ଗୁରୁତ୍ୱ ସମ୍ପର୍କ ରେ ବୁଝାଇବା ସହ ପରିବେଶ ସୁରକ୍ଷା ନିମନ୍ତେ ସଚେତନ କରା ଯାଇଥିଲା। ପଞ୍ଚାୟତ ସରପଞ୍ଚ ଓ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗ ରେ ଏକ ଅସ୍ଥାୟୀ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ଏବଂ ଆବର୍ଜନା ସଂଗ୍ରହ ସ୍ଥଳ ଚିହ୍ନଟ କରା ଯାଇଥିବା ବେଳେ ଭବିଷ୍ୟତ ରେ ସୁସଂଗଠିତ ବର୍ଜ୍ୟ ପରିଚାଳନା ବ୍ୟବସ୍ଥା ଗଢ଼ି ତୋଳିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ଅଭିଯାନର ମୂଳ ବାର୍ତ୍ତା ଥିଲା "ଆସନ୍ତୁ ସମସ୍ତେ ମିଶି ଏକ ସ୍ୱଚ୍ଛ, ସୁସ୍ଥ ଓ ସମୃଦ୍ଧ ଭବିଷ୍ୟତ ଗଢ଼ିବା।" ଏହା ମାଧ୍ୟମ ରେ ଗ୍ରାମାଞ୍ଚଳ ରେ ସ୍ୱଚ୍ଛତା ପ୍ରତି ସଚେତନତା ବୃଦ୍ଧି ପାଇବା ସହ ଜନ ସାଧାରଣଙ୍କ ମଧ୍ୟରେ ସାମୂହିକ ଦାୟିତ୍ୱ ବୋଧ ସୃଷ୍ଟି ହୋଇଥିବା ଦେଖା ଯାଇଥିଲା।କାର୍ଯ୍ୟକ୍ରମ ରେ ନିୟୁସିଡ୍‌ର କର୍ମଚାରୀ ଏବଂ ଆଦିତ୍ୟ ଆଲୁମିନିୟମର ସିଏସଆର ଟିମ୍ ସକ୍ରିୟ ଭାବେ ଉପସ୍ଥିତ ରହି ଅଭିଯାନକୁ ସଫଳ କରିଥିଲେ। ଏଭଳି ଜନହିତକର ଓ ପରିବେଶମୁଖୀ ପଦକ୍ଷେପ ପାଇଁ ବୋମାଲୋଈ ପଞ୍ଚାୟତବାସୀ ଆଦିତ୍ୟ ଆଲୁମିନିୟମ ଓ ନିୟୁସିଡ୍‌ର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଛନ୍ତି।

# ରୟାଲ୍ସ ଜେପିଏଲ୍ ସିଜିନ୍ ୩ ଚମ୍ପିୟାନ




ଜୟପୁର,୧୩।୫(ନି ପ୍ର):ଜୟପୁର ଜେପିଏଲ ୩ କ୍ରିକେଟ ଲିଗ ର ଉଦଯାପନୀ ଦିବସ ସ୍ଥାନୀୟ ଦଶହରା ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୧୨ ଦିନ ଧରି ଚାଲିଥିବା ଜେପିଏଲ୍ ୩ ର ଶେଷ ଦିବସରେ ସମସ୍ତ ପ୍ରାୟୋଜକଙ୍କ ସହ ବିଶିଷ୍ଟ କ୍ରିକେଟର ତଥା ବ୍ୟବସାୟୀ ସୁବାଷ ରାଉତ,ବ୍ୟବସାୟୀ ସୂର୍ଯ୍ୟ ପଟ୍ଟନାୟକ, ଆୟୋଜକ ବାବୁଲା ରାଉତ ଏବଂ ପୂର୍ବତନ କ୍ରିକେଟ୍ ଖେଳାଳୀ ପ୍ରମୁଖ ମଞ୍ଚାଶିନ ଥିଲେ। ରବିବାର ଦିନ ଉଦଯାପନୀ ମ୍ୟାଚରେ ଜୟପୁର ରୋୟାଲ୍ସ ବନାମ ସନସାଇନ୍ ସୁପର କିଙ୍ଗସ୍ ସହ ଖେଳ ହୋଇଥିଲା। ସନ୍‌ସାଇନ୍ ଟସ୍ ଜିତି ପ୍ରଥମେ ଫିଲ୍ଡିଙ୍ଗ୍ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମ ଇନିଂସ ରେ ଜୟପୁର ରୋୟାଲ୍ସ ନିର୍ଦ୍ଧାରିତ ୨୦ ଓଭର ରେ ୭ ୱିକେଟ୍ ହରାଇ ୧୯୨ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ୨ୟ ଇନିଂସ୍ ରେ ସନସାଇନ ସୁପର ୨୦ ଓଭରରେ ୯ ୱିକେଟ୍ ବିନିମୟରେ ୧୬୮ ରନ୍ ସଂଗ୍ରହ କରି ପାରିଥିଲା। ଫଳରେ ୨୩ ରନ୍ ରେ ଜୟପୁର ରୋୟାଲ୍ସ ବିଜୟୀ ହୋଇ ୧ଲକ୍ଷ ୫୦ ହଜାର ଟଙ୍କା ପୁରସ୍କାର ସହ ଚାମ୍ପିଅନ୍ସ ଟ୍ରଫି ହାସଲ କରିଥିଲେ। ସନସାଇନ୍ ସୁପର କିଙ୍ଗସ୍ ୧ ଲକ୍ଷ ଟଙ୍କା ସହ ରନର୍ ଟ୍ରୋଫି ପାଇଛନ୍ତି। ଅନ୍ତିମ ମ୍ୟାଚ୍‌ର ଭୋଗେସ ଶର୍ମା ୩୦ ବଲ ରେ ୬୦ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିଭଳି ଶ୍ରେଷ୍ଠ ବ୍ୟାଟସମ୍ୟାନ ଦିଲ୍ଲୀପ ବିସୋଇ,ଶ୍ରେଷ୍ଠ ବୋଲର ଆଦିତ୍ୟ ଶଥପଥି, ଶ୍ରେଷ୍ଠ ୱିକେଟ କିପର ଜୀବନ କୁମାର,ବେଷ୍ଟ ଫିଲ୍ଡର ଦିଲ୍ଲୀପ କେ ସ୍ୱାଇନ ଏବଂ ଅଭିଷେକ, ସିରିଜର ଶ୍ରେଷ୍ଠ ଖେଳାଳି ଅର୍ଜୁନ ମାଲ୍ୟ,ଶ୍ରେଷ୍ଠ ଅଧିନାୟକ ଜି କୃଷ୍ଣା ବିବେଚିତ ହୋଇଛନ୍ତି। ଚଳିତ ବର୍ଷ ଅବିଭକ୍ତ କୋରାପୁଟ ଜିଲ୍ଲା କ୍ରିକେଟ କ୍ଲବ ଏବଂ ପୋଡଶି ଛତିଶଗଡ଼ରୁ ମଧ୍ୟ କିଛି କ୍ରିକେଟ କ୍ଲବ ଏହି ଜେପିଏଲ ୩ ରେ ଭାଗ ନେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟ ୧୩ ତାରିଖ ଠାରୁ ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଚଳିତ ବର୍ଷ ଛତିଶଗଡର ଖେଳାଳିମାନେ ଜେପିଏଲ ୩ ରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ପଡୋଶୀ ଆନ୍ଧ୍ରପ୍ରଦେଶ ତେଲେଙ୍ଗାନା ବିହାର ପଶ୍ଚିମବଙ୍ଗର କ୍ରିକେଟ କ୍ଲବ ଗୁଡ଼ିକୁ ସାମିଲ କରି ଏହି ଜେପିଏଲକୁ ରାଷ୍ଟ୍ର ସ୍ତରୀୟ ଖେଳ କରିବାକୁ ଯୋଜନା ରହିଛି ବୋଲି ଆୟୋଜକ ବାବୁଲା ରାଉତ କହିଛନ୍ତି। ଜିଲ୍ଲା ରେ କ୍ରିକେଟ ଖେଳାଳୀ ମାନ ଙ୍କ ମନୋବଳ ଦୃଢ଼ କରିବା ପାଇଁ ଏପରି ଲିଗ୍ ମ୍ୟାଚର ଆୟୋଜିତ କରାଯାଇଥିଲା।

# ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପରେ ଅଗ୍ନିକାଣ୍ଡ: ଅନ୍ଧାରରେ ୨୦ଗାଁ



କୋରାପୁଟ,୨୪।୫(ନି ପ୍ର):ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପରେ ଅଗ୍ନିକାଣ୍ଡ ଘଟଣା ଘଟିବା ପରେ ବିଦ୍ୟୁତ ଉତ୍ପାଦନ ଠପ୍ ହୋଇଯାଇଛି । ଯାହା ଫଳରେ ମାଛକୁଣ୍ଡ, ଆମ୍ବାପଡା ଭଳି ୨୦ରୁ ଉର୍ଦ୍ଧ ଗ୍ରାମର ଲୋକମାନେ ଅନ୍ଧାରରେ ରହିଛନ୍ତି। ଗତକାଲି ନିଆଁ ଲାଗି କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି । ୬ଟି ଟର୍ବାଇନ ମଧ୍ୟରୁ ୨ଟି ଏକ ପ୍ରକାର ଅକାମୀ ହୋଇ ପଡ଼ିଥିବା ବେଳେ ବିଦ୍ୟୁତ ଉତ୍ପାଦନ ପ୍ରଭାବିତ ହୋଇଛି । ବିଦ୍ୟୁତ ଉତ୍ପାଦନ ପାଇଁ ସମସ୍ତ ପ୍ରୟାସ କରାଯାଉଥିବା କହିଛନ୍ତି ବିଭାଗୀୟ ଅଧିକାରୀ । ରାଜ୍ୟରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ମାଛକୁଣ୍ଡ ଅଗ୍ନିକାଣ୍ଡ ଘଟଣା ଏକ ପ୍ରକାର ଶକ୍ତି ସଂକଟ ପରିସ୍ଥିତି ସୃଷ୍ଟି କରିଛି । ସେପଟେ ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପରେ ଅଗ୍ନିକାଣ୍ଡ ପରେ ଘଟଣାସ୍ଥଳରେ ପହଂଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି ଆନ୍ଧ୍ର ସିଲେରୁରୁ ଆସିଥିବା ଏକ ଟିମ୍। ଏପରି ସ୍ଥିତିରେ କେବେ ବିଦ୍ୟୁତ୍ ଆଲୋକିତ ହେବ ତାକୁ ଚାହିଁ ରହିଛନ୍ତି ପ୍ରଭାବିତ ଅଞ୍ଚଳବାସୀ।

# ପୌର ପାଳିକାର ନୂତନ କର୍ମକର୍ତ୍ତା ଚୟନ



ରାଇରଙ୍ଗପୁର : ୨୪/୫ (ନିପ୍ର )ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ଠିକାଦାର ସଂଘ ତରଫରୁ ସ୍ଥାନୀୟ ପିସିଏମ କଲ୍ୟାଣ ମଣ୍ଡପ ଠାରେ ରାଇରଙ୍ଗପୁର ପୌରାଞ୍ଚଳର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି ଏଥିରେ ଉପଦେଷ୍ଟାମଣ୍ଡଳୀ/ପରାମର୍ଶଦାତା ଭାବେ ଦିବ୍ୟକାନ୍ତ ଖୁଣ୍ଟିଆ, ଦୀପକ କୁମାର ମହାନ୍ତି, ରାମ ପ୍ରସାଦ ଅଗ୍ରୱାଲା, ଅଶୋକ ବାଲ୍ମିକୀ, ପ୍ରଦୀପ ରାଉତ, ସୁଜିତ ପ୍ରଧାନ, ବିଜୟ କୁମାର ପୁଥାଳ, ସବ୍ୟସାଚୀ ଖୁଣ୍ଟିଆ, ସ୍ୱରୂପ ଚନ୍ଦ୍ର ବେହେରା, ଓ ରଞ୍ଜନ ପ୍ରଧାନ ମନୋନୀତ ହୋଇ ଥିଲେ। ସେହିପରି ସଭାପତି ଭାବେ ଅଞ୍ଜନ କୁମାର ବରାଳ ଏବଂ ଉପସଭାପତି ଭାବେ ଜ୍ୟୋତି ପ୍ରକାଶ ମହାନ୍ତି, ନଳିନୀକାନ୍ତ ମଣ୍ଡଳ ଓ ଜୀତେନ୍ଦ୍ର ପଟ୍ଟନାୟକଙ୍କୁ ଚୟନ କରାଯାଇ ଥିଲା ସାଧାରଣ ସମ୍ପାଦକ ଭାବେ ଯଶୋବନ୍ତ ସାହୁ, ସମ୍ପାଦକ ଭାବେ ସତ୍ୟବ୍ରତ ମଣ୍ଡଳ, ନୀଳକଣ୍ଠ ମଲ୍ଲିକ୍, ଗୌରାଙ୍ଗ କର, ଦୁଷ୍ମନ୍ତ ଦାସ, ଅଭିଜିତ ମହାନ୍ତି, ଲଳିତ ଭାରତୀ, ବିକି ଶର୍ମା, ସତ୍ୟଜିତ ବାରିକ, ସୌରଭ କୁମାର ମହାନ୍ତ, ରଣଜିତ ରାମ, ଜଗବନ୍ଧୁ ପାତ୍ର, ସାଲଖାନ ହାଁସଦାଃ, ରତିକ ରଂଜନ ପଟ୍ଟନାୟକ, ଅବିନାଶ ମହାନ୍ତି, ଶିବବ୍ରତ ମଣ୍ଡଳ, ରାହୁଲ ସ୍ୱାମୀ ଓ ହିମାଂଶୁ ପ୍ରଧାନଙ୍କୁ ଚୟନ କରାଯାଇ ଥିଲା। କୋଷାଧ୍ୟକ୍ଷ ଭାବେ ଆଦର୍ଶ ମହାପାତ୍ର, ସହକୋଷାଧ୍ୟକ୍ଷ ଭାବେ ନିହାର ରଂଜନ ବେହେରା ଏବଂ ମିଡିଆ ସେଲ ଭାବେ କିଶୋର କୁମାର ରଜକଙ୍କୁ ଚୟନ କରାଯାଇଥିଲା ସମସ୍ତେ ସଂଗଠନକୁ ମଜବୁତ ଓ ସୁଦୃଢ଼ କରିବା ପାଇଁ ଶପଥ ନେବା ସହ ଉପଖଣ୍ଡରୁ ବାହାର ଠିକାଦାର ମାନେ ବାମନଘାଟୀ କାର୍ଯ୍ୟରେ ଅଂଶୀଧାରୀ ନ ହେବା ପାଇଁ ଆଦେଶ ଗୃହୀତ ହୋଇଥିଲା। ଉକ୍ତ କମିଟିରେ ବାମନଘାଟୀ ଠିକାଦାର ସଂଘର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ ଉକ୍ତ ସଭାକୁ ସ୍ତମ୍ଭକାର ଲଳିତ ମହାନ୍ତ ସଭା ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ

# ଟ୍ରେନ୍ ଉପରେ ଚଢ଼ି ସେଲ୍‌ଫି ନେବା କାଳ ହେଲା: ଜଳିଗଲେ ଛାତ୍ର

ଭୁବନେଶ୍ୱର,୨୪।୫(ନିପ୍ର): ମାଲବାହୀ ଟ୍ରେନ୍ ବଗି ଉପରେ ଚଢ଼ି ସେଲ୍‌ଫି ନେଉଥିବା ବେଳେ ଉଚ୍ଚ କ୍ଷମତା ସଂପନ୍ନ ତାର ସଂସ୍ପର୍ଶରେ ଆସି ଜଳିଯାଇଛନ୍ତି ରାଜସ୍ଥାନର ଜଣେ ଛାତ୍ର। ବିଦ୍ୟୁତ୍ ଝଟକାରେ ସେ ପଡ଼ିଯିବାରୁ ତାଙ୍କ ଶରୀରରେ ଆଘାତ ଲାଗିଛି। ରବିବାର ସକାଳେ ମଞ୍ଚେଶ୍ୱର ରେଳ ଷ୍ଟେସନରେ ଘଟିଛି ଏହି ଅଘଟଣ। ରାଜସ୍ଥାନର ଉକ୍ତ ଛାତ୍ର ଭୁବନେଶ୍ୱର ସ୍ଥିତ ସିଟିଟିସିରେ ତାଲିମ ନେଉଛନ୍ତି ବୋଲି ଜଣାପଡ଼ିଛି।ରେଳବାଇ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ମଞ୍ଚେଶ୍ୱର ରେଳ ଷ୍ଟେସନର ୭ ନମ୍ବର ଟ୍ରାକ୍‌ରେ ଛିଡ଼ା ହୋଇଥିବା ଏକ ମାଲବାହୀ ଟ୍ରେନ୍‌ର ବଗି ଉପରେ ରାମେଶ୍ୱର ଦାସୋର। ଚଢ଼ି ଯାଇଥିଲେ। ଏହା ପରେ ସେ ରେଳ ଧାରଣା ଉପର ଦେଇ ଯାଇଥିବା ଓଭରହେଡ୍ ଇଲେକ୍ଟ୍ରିକ୍ ତାର ସଂସ୍ପର୍ଶରେ ଆସିଥିଲେ। ଆରପିଏଫ୍ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସହାୟତାରେ ରେଳବାଇ ହସ୍‌ପିଟାଲକୁ ପଠା ଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଆହତ ରାମେଶ୍ୱର ସଚେତ ଥିଲେ।ଏହି ଘଟଣା ପରେ ପୂର୍ବତଟ ରେଳବାଇ ପକ୍ଷରୁ ଟ୍ରେନ୍ ଯାତ୍ରୀ ଓ ସାଧାରଣ ଲୋକ ବିଶେଷ କରି ଯୁବଗୋଷ୍ଠୀଙ୍କୁ ଟ୍ରେନ୍ ବଗି ଉପରେ ଅବା ରେଳବାଇର କୌଣସି ଢାଞ୍ଚା ଉପରେ ଚଢ଼ି ସେଲ୍‌ଫି ନ ନେବା ପାଇଁ ଅନୁରୋଧ କରାଯାଇଛି।

# ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ସମାଜସେବୀ କ୍ଷୀରୋଦଙ୍କ ରକ୍ତଦାନ



ତାଳଚେର ,୨୪।୫(ନିପ୍ର): ଭୁବନେଶ୍ୱର ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ବାବନ୍ଧ ସ୍ଥିତ ମୀନକେତନ ସରକାରୀ ଉଚ୍ଚ ବିଦ୍ୟାଳୟର ୫୦ ତମ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ବିଦ୍ୟାଳୟର ପୁରାତନ ଛାତ୍ର ଛାତ୍ରୀ ତଥା ପ୍ରଗତି ସ୍ପୋଟ କ୍ଲବ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ତାଳଚେର ବ୍ଲକ ଘଣ୍ଟପଡା ଗ୍ରାମର ସମାଜସେବୀ କ୍ଷୀରୋଦ ସାହୁ ୬୬ ତମ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛନ୍ତି ଏହି ଶିବିରରେ ବିଦ୍ୟାଳୟର ପୁରାତନ ଛାତ୍ର ଶ୍ୟାମ ସୁନ୍ଦର ସାହୁ, ଲିଙ୍ଗରାଜ ସାହୁ, ଯୋଗେନ୍ଦ୍ର ସାହୁ, ହେମନ୍ତ ସାହୁ, ଛାତ୍ରୀ ସ୍ୱର୍ଣ୍ଣ ପ୍ରଭା ସାହୁ, ପ୍ରଗତି କ୍ଲବର ସଭାପତି ରଜତ କୁମାର ସାହୁ, ସମ୍ପାଦକ ଲିଗୁ ସାହୁ, ଢେଙ୍କାନାଳ ବ୍ଲଡ଼ ବ୍ୟାଙ୍କର ଟେକନିସିଆନ ବୁଲୁ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶ୍ରୀ ସାହୁଙ୍କୁ ରକ୍ତଦାନ ପାଇଁ ସାଟିଫିକେଟ ପ୍ରଦାନ ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ ଶ୍ରୀ ସାହୁ ୧୯୯୫ ମସିହା ଠାରୁ ସାମାଜିକ କାର୍ଯ୍ୟ ଆରମ୍ଭ କରି ୩୧ ତମ ସାମାଜିକ କାର୍ଯ୍ୟ ଚାଲୁ ରଖିଛନ୍ତି

# ବିଶ୍ୱ ତମାଖୁ ବର୍ଜନ ସପ୍ତାହ ଦିବସ ପାଳିତ

ବ୍ରହ୍ମପୁର, ୨୪।୫(ନିପ୍ର): ବିଶ୍ୱ ତମାଖୁ ବର୍ଜନ ସପ୍ତାହ ଅବସରରେ ବିଶିଷ୍ଟ ଛାତିରୋଗ ବିଶେଷଜ୍ଞ ପ୍ରଫେସର ଡ଼ା. ନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ମେଡ଼ିକାଲ୍ କଲେଜ ଖେଳପଡ଼ିଆଠାରେ ଏକ ସଚେତନତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ପ୍ରଫେସର ବି. ନାଗେଶ୍ୱର ରାଓ ସୁବୁଦ୍ଧି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଡ଼ା. ପି. ରବି କୁମାର ଯୋଗ ଦେଇଥିଲେ । ଏଠାରେ ତମାଖୁର କୁପ୍ରଭାବକୁ ନେଇ ସଚେତନତା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମାରୱାନି ମହିଳା ମଞ୍ଚ, ଭାରତୀୟ ଚିକିତ୍ସକ ସଂଘ, ରୋଟାରୀ କ୍ଲବ୍, ଏନ୍‌ସିପିପି, ଆଇସିଏସ୍, ଫିଜିକାଲ୍ ଏକାଡ଼େମୀଙ୍କ ସମେତ ଅନ୍ୟାନ୍ୟ କ୍ଲବର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ । ପରିଶେଷରେ ରୋଟାରିୟନ୍ ଆଶା ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ୨ ବାଲି ବୋଝେଇ ହାଇୱା ଜବତ



ଫୁଲନଖରା, ୨୪।୫(ନିପ୍ର): ଅବୈଧ ବାଲି କାରବାରକୁ ନେଇ ପାହାଳ ଅଞ୍ଚଳରେ ଦିନକୁ ଦିନ ବଢ଼ୁଥିବା ଚର୍ଚ୍ଚା ମଧ୍ୟରେ ପାହାଳ ଥାନା ପୋଲିସ ପକ୍ଷରୁକଠୋର ପଦକ୍ଷେପ ଗ୍ରହଣ କରାଯାଇଛି । ପାହାଳ ଥାନାଅଧିକାରୀ ଅଶ୍ୱିନୀ କୁମାର ଜେନାଙ୍କ ନେତୃତ୍ୱରେ ହୋଇଥିବା ବିଶେଷଚଢ଼ାଉ ସମୟରେ ଅବୈଧ ଭାବେ ବାଲି ପରିବହନ କରୁଥିବା ୨ଟି ବାଲି ବୋଝେଇ ହାଇୱାକୁ ଜବତ କରାଯାଇଛି । ସୂଚନା ଅନୁଯାୟୀ, ଦୀର୍ଘଦିନ ଧରି ପାହାଳ ଓ ତାହାର ଆଖାପାଖ ଅଞ୍ଚଳରେ ବାଲି ମାଫିଆମାନେ ସକ୍ରିୟ ରହି ଅବୈଧ ଭାବରେ ବାଲି ଚୋରାଚାଲାନକରୁଥିବା ଅଭିଯୋଗ ଆସୁଥିଲା । ରାତି ଅଧରାତ୍ରରୁ ଆରମ୍ଭ କରି ପ୍ରଭାତ ସମୟ ପର୍ଯ୍ୟନ୍ତ ବିଭିନ୍ନ ରାସ୍ତା ଦ୍ୱାରା ବାଲି ଚାଲାଣହେଉଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଥିଲା । ଏହାକୁ ଗୁରୁତ୍ୱର ସହ ନେଇ ପାହାଳ ପୋଲିସ ପକ୍ଷରୁ ଚଢ଼ାଉକୁତୀବ୍ର କରାଯାଇଥିଲା । ଏହି ଚଢ଼ାଉ ବେଳେ ପୋଲିସ ଦଳ ସନ୍ଦେହଜନକ ଭାବେ ଯାଉଥିବା ଦୁଇଟି ହାଇୱାକୁ ଅଟକାଇ ତଦନ୍ତ କରିଥିଲେ। ଯାଞ୍ଚ ସମୟରେ ଗାଡ଼ିଗୁଡ଼ିକରେ ବୈଧ କାଗଜପତ୍ର ନଥିବା ଜଣାପଡ଼ିବା ପରେ ପୋଲିସ ସେଗୁଡ଼ିକୁ ଜବତ କରିଥିଲା । ଏହାସହ ଅବୈଧବାଲି କାରବାର ସହ ଜଡିତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପାଇଁ ପୋଲିସ ତଦନ୍ତ ଆରମ୍ଭ କରିଛି ।ପାହାଳ ଥାନାଅଧିକାରୀ ଅଶ୍ୱିନୀକୁମାର ଜେନାଙ୍କ ଏହି କଡା ପଦକ୍ଷେପକୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି । ବହୁଦିନ ଧରି ବାଲି ମାଫିଆଙ୍କ ଦୌରାତ୍ୟରେ ସାଧାରଣଲୋକ ଅତିଷ୍ଠ ହୋଇପଡ଼ିଥିବା ବେଳେ ପୋଲିସର ଏଭଳି ଆକ୍ସନ୍ ମୋଡ଼କୁ ଲୋକମାନେ ପ୍ରଶଂସା କରୁଛନ୍ତି ।

### ଭଙ୍ଗା ଗଲା ରେଳବାଇ ପାଚେରୀ

# ରାସ୍ତା ଓସାର ସହିତ ଦୂର ହେବ ଜଳବନ୍ଦୀ ସମସ୍ୟା



ସମ୍ବଲପୁର,୨୪।୫(ନି.ପ୍ର): ସହରର ଠାକୁରପଡା ରୋଡସ୍ଥିତ ଶିବ ମନ୍ଦିର ନିକଟରେ ରେଳବାଇ ବିଭାଗର ପ୍ରାୟ ୨୦୦ ମିଟର ଲମ୍ବ ପାଚେରୀ ଭଙ୍ଗା କାର୍ଯ୍ୟ ରବିବାର ସଫଳତାର ସହ ସମ୍ପନ୍ନ ହୋଇଛି। ଦୀର୍ଘଦିନ ଧରି ଶିବ ମନ୍ଦିର, ଷ୍ଟେସନପଡା ଓ ରେଳନଗର ଅଞ୍ଚଳରେ ବର୍ଷାଦିନେ ଜଳବନ୍ଦୀ ସମସ୍ୟା ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଥିଲା। ଏହି ପଦକ୍ଷେପ ଫଳରେ ସମସ୍ୟାର ସ୍ଥାୟୀ ସମାଧାନ ହେବା ସହ ରାସ୍ତା ମଧ୍ୟ ଅଧିକ ପ୍ରଶସ୍ତ ହେବ ବୋଲି ଆଶା କରାଯାଉଛି। ସୂଚନାନୁସା ରେ, ଅଙ୍କାବଙ୍କା ଡ୍ରେନ୍ ନିର୍ମାଣ, ଡ୍ରେନ୍ ଭିତରେ ପାନୀୟ ଜଳ ପାଇପ୍ ଲାଇନ୍ ଏବଂ ବିଭିନ୍ନ କେବଲ୍ ସଂଯୋଗ ଯୋଗୁଁ କଲଭର୍ଟଗୁଡ଼ିକ ଅବରୋଧ ହୋଇ ଯାଉଥିଲା। ଫଳରେ ଡ୍ରେନ୍ ସଫେଇ କାର୍ଯ୍ୟ ଅତ୍ୟନ୍ତ କଷ୍ଟସାଧ ହୋଇ ପଡ଼ିଥିଲା ଏବଂ ବର୍ଷା ଋତୁରେ ଜଳନିଷ୍କାସନ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଥିଲା। ଏହି ସମସ୍ୟାର ସ୍ଥାୟୀ ସମାଧାନ ଲକ୍ଷ୍ୟରେ ଗତବର୍ଷ ସମ୍ବଲପୁର ମହାନଗର ନିଗମ (ଏସଏମସି)ର ଏନଫୋର୍ସମେଣ୍ଟ ଓ ସାନିଟେସନ ଟିମ୍ ସହ ରେଳବାଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏକ ମିଳିତ ନିରୀକ୍ଷଣ କରା ଯାଇଥିଲା। ଯାଞ୍ଚ ବେଳେ ଡ୍ରେନ ରେଳବାଇ ପରିସର ମଧ୍ୟରେ ଥିବା ଏବଂ ପାଚେରୀ ଦ୍ୱାରା ଘେରା ଯାଇଥିବାରୁ ଏସଏମସି ପକ୍ଷରୁ ଏହାର ସଫେଇ କାର୍ଯ୍ୟ ସମ୍ଭବ ହେଉ ନଥିଲା। ପରବର୍ତ୍ତୀ ସମୟରେ ପାଚେରୀକୁ ପ୍ରାୟ ୮ରୁ ୧୦ ଫୁଟ୍ ଭିତରକୁ ସ୍ଥାନାନ୍ତର କରି ନୂତନ ପାଚେରୀ ନିର୍ମାଣ ପାଇଁ ପ୍ରସ୍ତାବ ଦିଆ ଯାଇଥିଲା। ଡିଆରଏମ୍ ଏହାର ଗୁରୁତ୍ୱକୁ ବିଚାର କରି ରେଳବାଇ ସିଭିଲ୍ ଟିମକୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇ ଥିଲେ। ଫଳରେ ପ୍ରାୟ ବର୍ଷକ ପୂର୍ବରୁ ବିକଳ୍ପ ପାଚେରୀ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ରେଳବାଇ କର୍ତ୍ତୃପକ୍ଷଙ୍କ ସକ୍ରିୟ ସହଯୋଗ ଓ ତତ୍ପରତା ଫଳରେ ରବିବାର ପୁରୁଣା ପାଚେରୀ ଭଙ୍ଗା କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହା ପରେ ବିଜୁଳି, ଟେଲିଫୋନ୍ ଓ କେବଲ୍ ଖୁଣ୍ଟଗୁଡ଼ିକୁ ରାସ୍ତା ପାର୍ଶ୍ୱକୁ ସ୍ଥାନାନ୍ତର କରାଯିବା ସହ ରାସ୍ତାର ଚଉଡ଼ା ପ୍ରାୟ ୩ ମିଟର ବୃଦ୍ଧି ପାଇବ। ସେହିପରି ଡ୍ରେନ୍ ସଫେଇ ଓ ରକ୍ଷଣା ବେକ୍ଷଣ କାର୍ଯ୍ୟ ମଧ୍ୟ ସହଜ ହେବ। ଉଲ୍ଲେଖ ଯୋଗ୍ୟ ଯେ, ଏହି ରାସ୍ତା ସହରର ଅତ୍ୟନ୍ତ ବ୍ୟସ୍ତବହୁଳ ଓ ଗୁରୁତ୍ୱପୂର୍ଣ୍ଣ ଯାତାୟାତ ମାର୍ଗ ମଧ୍ୟରୁ ଅନ୍ୟତମ। ଏହି ରାସ୍ତାରେ ଗୁରୁନାନକ ପବ୍ଲିକ୍ ସ୍କୁଲ୍, ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ–୧ ଏବଂ ବିକାଶ ହସ୍ପିଟାଲ୍ ଭଳି ପ୍ରମୁଖ ଅନୁଷ୍ଠାନ ଅବସ୍ଥିତ। ଏହା ସହ କ୍ଷେତରାଜପୁର ରେଳ ଷ୍ଟେସନକୁ ଅଇଁଠାପାଲି ବସ୍ଷ୍ଟାଣ୍ଡ ସହ ସଂଯୋଗ କରୁଥିବା ଏକ ପ୍ରମୁଖ ଲିଙ୍କ୍ ରୋଡ୍ ଭାବେ ମଧ୍ୟ ଏହାର ଗୁରୁତ୍ୱ ରହିଛି।

# ମିନି ଷ୍ଟାଡିୟମର ଶିଳାନ୍ୟାସ ଓ ଗଣଦୌଡ଼



ନିମାପଡା, ୨୪।୫ (ନି.ପ୍ର): ଉତ୍କର୍ଷ ନିମାପଡା ଉପଲକ୍ଷେ ନିମାପଡା ଦହିଜଙ୍ଗ ହାଇସ୍କୁଲ ପଡ଼ିଆରେ ଏକ ମିନି ଷ୍ଟାଡିୟମର ଶିଳାନ୍ୟାସ ପରେ ମାରାଥନ ଗଣଦୌଡ଼ ଆରମ୍ଭ ହୋଇ ନିମାପଡା ବଜାର ଦେଇ ପୁର୍ନେଶ୍ୱରୀ ମନ୍ଦିର ନିକଟରେ ପହଞ୍ଚିଥିଲା। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନେତୃତ୍ୱରେ ଆୟୋଜିତ ମାରାଥନ ଗଣ ଦୌଡ଼ରେ ପିପିଲି ବିଧାୟକ ଆଶ୍ରିତ ପଟନାୟକ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଆରକ୍ଷୀ ଅଧିକ୍ଷକ ଡ଼. ପ୍ରତୀକ ସିଂ,ବିଡ଼ିଓ ଡ଼. ଅଭିଜିତ ଷଡଙ୍ଗୀ, ତହସିଲଦାର ଡ଼. ମନୋଜ କୁମାର ପ୍ରଧାନ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଦାସ, ସିନେତାରକା ସବ୍ୟସାଚୀ ପଣ୍ଡା, ଅର୍ଚ୍ଚିତା ସାହୁ, ସାଂସଦଙ୍କ ପ୍ରତିନିଧି ମୀନଲତା ମହାନ୍ତି, ସିଡିପିଓ ମାଧବୀ ଲତା ମହାପାତ୍ର, ଏସଡିପିଓ ଜନାର୍ଦ୍ଦନ ପାଢ଼ୀ, ପୁରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦେଶକ ସନ୍ତୋଷ କୁମାର ସେଠୀଙ୍କ ସମେତ ନିମାପଡା ମହାବିଦ୍ୟାଳୟ ସମେତ ବିଭିନ୍ନ ଅନୁଷ୍ଠାନର ଛାତ୍ରଛାତ୍ରୀ ଭାଗନେଇଥିଲେ। ଏହି ଅବସରରେ ୨୫ ଜଣ କୃତି ଛାତ୍ର ଛାତ୍ରୀଙ୍କୁ ସମ୍ମାନୀତ କରାଯାଇଥିଲା। ଏହି ମାରାଥନ ଗଣ ଦୌଡ ଦ୍ୱାରା ଶରୀର ସୁସ୍ଥ ରହିବ। ସହିତ ଯୁବକମାନେ ଏହି ଗଣ ଦୌଡରେ ସାମିଲ ହୋଇଥିବାରୁ ସେମାନଙ୍କୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଧନ୍ୟବାଦ ଜଣାଇଛନ୍ତି।

### ନବମ ଲୋକକଳା ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

# ପାରମ୍ପରିକ ଲୋକକଳା ହିଁ ଆମର ପରିଚୟ



ବଲାଙ୍ଗୀର ,୨୪।୫ (ନି.ପ୍ର): ଲୋକକଳାର ସମୃଦ୍ଧ କ୍ଷେତ୍ର ହେଉଛି ବଲାଙ୍ଗୀର। ଅଞ୍ଚଳର କଳାକାରମାନେ ସେହି ଲୋକକଳାକୁ ବଞ୍ଚାଇ ରଖିଛନ୍ତି। ଲୋକ କଳା, ସଂସ୍କୃତି, ବାଦ୍ୟ, ନୃତ୍ୟ ଆମକୁ ନୂତନ ଉର୍ଜା ପ୍ରଦାନ କରେ। ଏହି ଉର୍ଜା କ୍ଷେତ୍ର ବଲାଙ୍ଗୀରର ସ୍ଥିତି ବଜାୟ ରହିଛି। କାରଣ ପାରମ୍ପରିକ ଲୋକକଳାହିଁ ଆମର ପରିଚୟ ବୋଲି ବଲାଙ୍ଗୀରର ଐତିହାସିକ କୋଶଳ କଳାମଣ୍ଡଳ ପଡିଆରେ ଆୟୋଜିତ ନବମ ଲୋକକଳା ଉତ୍ସବ ୨୦୨୬ର ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ ସଭାରେ ଆହ୍ୱାନ ଦେଇଛନ୍ତି ଅତିଥିମାନେ। ବଲାଙ୍ଗୀରର ଦୂଲଦୁଲି କଳା ପରିଷଦ ପକ୍ଷରୁ ଆୟୋଜିତ ଏହି ଜାତୀୟସ୍ତରର ଉତ୍ସବରେ ଲୋକକଳାର ବିଭିନ୍ନ ସ୍ୱରୂପ ପ୍ରଦର୍ଶନ ଅବସରରେ ଏହିମତ ପ୍ରକାଶ ପାଇଛି।

ଦୂଲଦୁଲି କଳା ପରିଷଦର ସଭାପତି ଅନନ୍ତ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଭାବେ ବରଗଡ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ମୁଖ୍ୟ ପୃଷ୍ଠପୋଷକ ଚଳଚ୍ଚିତ୍ର ଅଭିନେତ୍ରୀ ବିଦୁସ୍ମିତା ଦାଶ ମନ୍ତ୍ରୀ, ରସରାଜ ଅଚ୍ୟୁତ ପୁରୋହିତ, ଏନଏସଡିଏନ ରାମଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ନବମ ଲୋକକଳା ଉତ୍ସବର ଦ୍ୱିତୀୟ ଦିନରେ ସମଲେଶ୍ୱରୀ ଓ ପାଟଣେଶ୍ୱରୀଙ୍କ ପୂଜା ଅର୍ଚନା କରି ସାଂସ୍କୃତିକ ସନ୍ଧ୍ୟାର ଶୁଭାରମ୍ଭ କରିଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଲୋକକଳାର ଅନନ୍ୟ କଣ୍ଠଶିଳ୍ପୀ ପଦ୍ମିନୀ ଦୋରା, ଶାଶ୍ୱତ କୁମାର ତ୍ରିପାଠୀ, ଲୋକ ଗୀତ ଶିଳ୍ପୀ କାଳୀ ଚରଣ ବାଗଙ୍କୁ ନବମ ଲୋକକଳା ସମ୍ମାନରେ ସମ୍ମାନିତ କରିଥିଲେ। ସାଂସ୍କୃତିକ ସଭାକୁ ପରିଚାଳନା କରିଥିଲେ ସନ୍ଦୀପ କୁମାର କୁଅଁର। ଅର୍ଜୁନ ସାହୁ, ବୀରେନ୍ଦ୍ର ପାଣ୍ଡେ, ପଙ୍କଜିନୀ ପୋଢ଼, ଲୋପାମୁଦ୍ରା ମିଶ୍ର ଙ୍କ ସଂଯୋଜନାରେ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ସାଂସ୍କୃତିକ ଦଳ ବିହୁ,ଘୁଡକା, ଡାପ, ଛଉ, କଂସ ଦରବାର, ସଂକୀର୍ତନ ଓ ଅନ୍ୟ ନୃତ୍ୟ ପରିବେଷଣ କରିଥିଲେ। ସନ୍ଧ୍ୟାରେ ଆକାଶବାଣୀ ଓ ଦୂରଦର୍ଶନ କଳାକାରମାନେ ଲୋକ ସଂଗୀତ ପରିବେଷଣ କରିଥିଲେ

# ପ୍ରଗତିଶୀଳ ନୟାଗଡ଼ ଗଠନ ପାଇଁ ଜିଲ୍ଲା ସାମ୍ବାଦିକ ସଂଘର ପ୍ରୟାସ



ନୟାଗଡ଼, ୨୪।୫ (ନି.ପ୍ର): ନୟାଗଡ଼ ଜିଲ୍ଲାର ସାମଗ୍ରିକ ବିକାଶ ଓ ପ୍ରଗତି ପାଇଁ ଏକ ସକାରାତ୍ମକ ପ୍ରୟାସ ଆରମ୍ଭ କରିଛି ଜିଲ୍ଲା ସାମ୍ବାଦିକ ସଂଘ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ କେସି କ୍ଲବ ସଭାଗୃହଠାରେ ସଂଘ ପକ୍ଷରୁ ‘ମୋ ସ୍ୱପ୍ନର ନୟାଗଡ଼’ ଶୀର୍ଷକ ଏକ ବୁଦ୍ଧିଜୀବୀ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ବର୍ଗର ଜନସାଧାରଣ ଓ ବିଶିଷ୍ଟ ବ୍ୟକ୍ତିମାନେ ସାମିଲ ହୋଇ ଜିଲ୍ଲାର ଅଭିବୃଦ୍ଧି ପାଇଁ ନିଜ ନିଜର ମୂଲ୍ୟବାନ ମତାମତ ଉପସ୍ଥାପନ କରିଥିଲେ। ଆଲୋଚନା ସମୟରେ ଉପସ୍ଥିତ ବ୍ୟକ୍ତିମାନେ ନୟାଗଡ଼ ଜିଲ୍ଲାର ପ୍ରମୁଖ ସମସ୍ୟା, ଯେପରିକି ପିଇବା ପାଣି, ସ୍ୱାସ୍ଥ୍ୟ, କୃଷି, ଶିକ୍ଷା, ଶିଳ୍ପ, ଜଳସେଚନ ଓ ପର୍ଯ୍ୟଟନର ବିକାଶ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ବିଶେଷ କରି ଦୀର୍ଘ ଦିନ ହେବ ବନ୍ଦ ହୋଇ ପଡ଼ିରହିଥିବା ନୟାଗଡ଼ ଚିନିକଳକୁ ପୁନଃ ଚାଲୁ କରିବା, ପଦ୍ମାବତୀ ଠାରେ ମହାନଦୀ ଉପରେ ବ୍ୟାରେଜ୍ ନିର୍ମାଣ ଏବଂ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ଯଥା ଶୀଘ୍ର ସମ୍ପୂର୍ଣ୍ଣ କରି କୃଷି ଓ ପିଇବା ପାଣିର ସମସ୍ୟା ଦୂର କରିବା,କଣ୍ଟିଲୋ ଏବଂ ଖଣ୍ଡପଡାକୁ ରେଳପଥ ନିର୍ମାଣ ଆରମ୍ଭ କରିବା, ଜିଲ୍ଲାରେ ପର୍ଯ୍ୟାପ୍ତ ବାଉଁଶ ଜଙ୍ଗଲ ଥିବାରୁ ଏକ କାଗଜ କଳ ସ୍ଥାପନ କରିବା, ଏବଂ ନୟାଗଡ଼ରେ ଏକ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କରିବା ପାଇଁ ବୈଠକରେ ଦୃଢ଼ ଦାବି ହୋଇଥିଲା। ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ତୁରନ୍ତ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ଦେବା ସହ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ବିକାଶ ଓ ସେଗୁଡ଼ିକୁ ସରକାରୀ ସ୍ତରରେ ବିଧିବଦ୍ଧ ମାନ୍ୟତା ପ୍ରଦାନ କରିବାକୁ ମଧ୍ୟ ସଦସ୍ୟମାନେ ମତ ପୋଷଣ କରିଥିଲେ।

ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌର ପରିଷଦ ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ବିଶିଷ୍ଟ ଆଇନଜୀବୀ ପ୍ରତାପ ନନ୍ଦ, ଓକିଲ ସଂଘର ପୂର୍ବତନ ସଭାପତି ଅମୀୟ ପଟ୍ଟନାୟକ, ବିଜେପି ନେତା ସନ୍ତୋଷ ପ୍ରଧାନ, ଚନ୍ଦ୍ରବିଜୟୀ ମିଶ୍ର, କମ୍ରେଡ ବିଶ୍ୱନାଥ ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ଉମର ମଲ୍ଲିକ, କଂଗ୍ରେସ ନେତା ମନୋଜ କୁମାର ସାହୁ, ଶେଖ ଅବଦୁଲ ଆହାଦ, ସମାଜସେବୀ ଅରୁଣ କୁମାର ମହାନ୍ତି, ସୁରେଶ ସ୍ୱାଇଁ, ଏମ. ଆଉରେଙ୍ଗଜେବ ଓ ମନୋଜ ମିଶ୍ର ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ସାମ୍ବାଦିକ ସଂଘର ସମ୍ପାଦକ ସୁବାସ ମହାପାତ୍ର ଏହି ଆଲୋଚନା ଚକ୍ରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ନିଶିକାନ୍ତ ରଥ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅସହ୍ୟ ତାତି ଓ ଗୁଳୁଗୁଳିରେ ଶିଝୁଛି ପଶ୍ଚିମ ଓଡ଼ିଶା

ବଲାଙ୍ଗୀର,୨୪।୫ (ନି.ପ୍ର): ଖରା ଓ ତାତି ସହ ଗୁଳୁଗୁଳି ଗ୍ରୀଷ୍ମଋତୁ ବଢିଚାଲିଛି। ମୁଣ୍ଡଫଟା ଖରା ସାଙ୍ଗକୁ ଗୁଳୁଗୁଳି ତା ସହିତ ଅଘୋଷିତ ବିଜୁଳି କାଟରେ ଅସ୍ତବ୍ୟସ୍ତ ଜନ ଜୀବନ। ଧିରେ ଧିରେ ବଢିଚାଲିଛି ଗ୍ରୀଷ୍ମପ୍ରବାହ, ବୃଦ୍ଧି ପାଉଛି ତାପମାତ୍ରା। ବର୍ତ୍ତମାନ ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ବଲାଙ୍ଗିର ଜିଲ୍ଲା ଆକାଶରୁ ଖସୁଛି ନିଆଁ। ତା ସହ ପିଚୁ ରାସ୍ତା ସିମେଣ୍ଟ ରାସ୍ତାରୁ ତଳୁ ଆସୁଛି ତାତି। ଉଭୟ ତାତିରେ ତ୍ରାହି, ତ୍ରାହି ଡାକୁଛନ୍ତି ଲୋକ। ଘରେ ବିଦ୍ୟୁତ କାଟ ଓ ବାହାରେ ତାତି। କୋ ଉଠି ରହିବା ମୁସ୍କିଲ। ସେହିପରି ପାନୀୟ ଜଳ ବ୍ୟବସ୍ଥାରେ ମଧ୍ୟ ଆସୁନାହିଁ ସୁଧାର। ସକାଳ ୮ରୁ ତାତି ସହ ଝାଞ୍ଜି ପବନ ମାଡ଼ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ରହୁଛି। ଗତ କିଛି ଦିନ ହେବ ମୁଣ୍ଡଫଟା ଖରାରେ ଜନଜୀବନ ବେଶ ପ୍ରଭାବିତ ହୋଇଛି। ଯାହା ଫଳରେ ଜନ ସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ପୌର ପରିଷଦ ତରଫରୁ ଛକରେ ପାଣିର ବ୍ୟବସ୍ଥା ହୋଇଥିଲେ ମଧ୍ୟ ସକାଳୁ ଆରମ୍ଭ ହୋଇଯାଉଛି ଗରମ। ଦିନ ଯେତେ ବଢୁଛି ସୂର୍ଯ୍ୟଙ୍କ ପ୍ରଚଣ୍ଡ ତାପ ସେତିକି ବୃଦ୍ଧି ପାଉଛି। ସୂର୍ଯ୍ୟଙ୍କ ଉତ୍ତପ୍ତ କିରଣ ଯୋଗୁଁ ଦିନ ୧୧ଟାରୁ ଲୋକେ ଘର ମୁହାଁ ହେଉଛନ୍ତି। ଲୋକେ ଉତପ୍ତ ଖରା ଯୋଗୁଁ ରୋଡରେ ରହିବା କଷ୍ଟକର ହେଉଛି। ଜରୁରୀ କାମରେ ଲୋକେ ଘରୁ ବାହାରିବା ପାଇଁ ବାଧ। ନହେଲେ ଦିନ ୧୧ଟା ପରେ ବଲାଙ୍ଗିର ସହରର ଦୋକାନ ବଜାର ସବୁ ଠପ୍ ହୋଇପଡିଛି।

## ରଥ ନିର୍ମାଣ ଆରମ୍ଭ ନେଇ ପୂଜାର୍ଚ୍ଚନା



ଖଣ୍ଡପଡ଼ା, ୨୪।୫ (ନି.ପ୍ର) ରାଜରାଜୁଡା ଅମଳରୁ ଖଣ୍ଡପଡ଼ା ସହରରେ ଶ୍ରୀଜୀଉଙ୍କର ପବିତ୍ର ଘୋଷଯାତ୍ରା ପ୍ରତିବର୍ଷ ଅନୁଷ୍ଠିତ ହୋଇ ଆସୁଛି। ଘୋଷଯାତ୍ରା ପରିପ୍ରେକ୍ଷୀରେ ଖଣ୍ଡପଡ଼ା ସହରର ରଥଗଡା ଛକରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ନେଇ ରବିବାର ପ୍ରାରମ୍ଭିକ ପୂଜାର୍ଚ୍ଚନା ପର୍ବ ଶେଷ ହୋଇଥିବା ଜଣାପଡ଼ିଛି। ମହାରଣା ସେବକମାନଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟରେ ୨ ଟି ଯାକ ରଥର ନିର୍ମାଣ କାର୍ଯ୍ୟ ସଂପନ୍ନ ହେବ ବୋଲି ରଥଯାତ୍ରା ପରିଚାଳନା କମିଟିର ସଦସ୍ୟ ମାନଙ୍କଠାରୁ ପ୍ରକାଶ।

## ଗୋବିନ୍ଦପୁରରେ କାଳବୈଶାଖୀର ତାଣ୍ଡବ

ଖୁଣ୍ଟା,୨୪।୫(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ବ୍ଲକ କରକଟିଆ ପଞ୍ଚାୟତ ଗୋବିନ୍ଦପୁର ଗ୍ରାମରେ ଆଜି ଅପରାହ୍ନରେ କାଳବୈଶାଖୀ ତାଣ୍ଡବ ରଚିଛି। ଅପ୍ରତ୍ୟାଶିତ ବର୍ଷା ସାଙ୍ଗକୁ ୬୦ ରୁ ୭୦ କିଲୋମିଟର ବେଗରେ ପବନ ବହିବାରୁ ଗ୍ରାମର ଅଧିକାଂଶ ଘରର ଛପର ଉଡ଼ାଇ ନେବା ସହ ଅନେକ କ୍ଷୟକ୍ଷତି ଘଟାଇଛି। ଛୋଟ ଛୋଟ ଝୁମ୍ପୁଡି ଘର ଗୁଡ଼ିକୁ ନିଶ୍ଚିହ୍ନ କରି ପକାଇଛି। ଅନେକ ସ୍ଥାନରେ ଗଛ ପଡି ରାସ୍ତା ଅବରୋଧ ହୋଇଛି। ବହୁ ଦିନ ଏକ ପୁରୁଣା ଗଛ ରାସ୍ତା ପାର୍ଶ୍ୱକୁ ଗଡ଼ି ପଡିବା ଯୋଗୁଁ ଗଛ ମୂଳରେ ଛିଡ଼ା ହୋଇଥିବା ଦୁର୍ଗା ହେମ୍ବ୍ରମଙ୍କ କାରଟି ସମ୍ପୂର୍ଣ ଭାଙ୍ଗି ଯାଇଛି। ଉକ୍ତ ଗ୍ରାମର ସୁଲୋଚନା ଖଟୁଆଙ୍କ ଘର ଉଡ଼ି ଯିବା ସହ ଭାଙ୍ଗି ପଡ଼ିଛି। ତେବେ ଘର ମଧ୍ୟରେ ଥିବା ଆସବାବପତ୍ର ନଷ୍ଟ ହୋଇ ଯାଇଥିବାର ଜଣା ପଡ଼ିଛି। ସେହିପରି ଗଡିଗାଁ ଝିପିର ମଲ୍ଲାରପଦା ବାହୁଡ଼ି ସାହିରେ ଇଲେକ୍ଟ୍ରି ଖୁଣ୍ଟ ଭାଙ୍ଗି ଯାଇ ତାର ଛିଣ୍ଡି ଯାଇଛି।



# ଷ୍ଟେସନରେ ରେଳରୋକ୍ ନେଇ ତୀବ୍ର ଉତ୍ତେଜନା




ନୟାଗଡ଼, ୨୪।୫ (ନି.ପ୍ର): ନୟାଗଡ଼ ଜିଲ୍ଲାକୁ ୨୦୧୭ ମସିହାରୁ ରେଳ ସେବା ଆରମ୍ଭ ହୋଇଥିଲେ ହେଁ ଯାତ୍ରୀମାନଙ୍କୁ ସର୍ବନିମ୍ନ ସୁବିଧା ସୁଯୋଗ ଯୋଗାଇବାରେ ପୂର୍ବତଟ ରେଳବାଇ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଫଳରେ ଦିନକୁ ଦିନ ରେଳ ଯାତ୍ରୀଙ୍କ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବିଶେଷ କରି ଦଶପଲ୍ଲା, ନୂଆଗାଁ ଓ ନୟାଗଡ଼ ଅଞ୍ଚଳରୁ ଖୋର୍ଦ୍ଧା, ଭୁବନେଶ୍ୱର ଏବଂ କଟକ ଆଦି ସ୍ଥାନକୁ ପ୍ରତିଦିନ ଯା'ଆସ କରୁଥିବା ମାସିକିଆ ଟିକେଟଧାରୀ ଚାକିରିଆ ଓ ନିୟମିତ ଯାତ୍ରୀମାନେ ଚରମ ହଇରାଣ ହେଉଛନ୍ତି। ଦଶପଲ୍ଲାରୁ ଭୁବନେଶ୍ୱର ଚଳାଚଳ କରୁଥିବା ‘ସେବା ଏକ୍ସପ୍ରେସ’ ରେ ଯାତ୍ରୀ ସଂଖ୍ୟା ତୁଳନାରେ ବଗି ସଂଖ୍ୟା ଅତ୍ୟନ୍ତ କମ୍ ରହୁଥିବାରୁ ପ୍ରବଳ ଭିଡ଼ ଯୋଗୁଁ ଯାତ୍ରୀଙ୍କୁ ବସିବା ପାଇଁ ଖଣ୍ଡେ ସିଟ୍ ମଧ୍ୟ ମିଳୁନାହିଁ। ଅନ୍ୟପକ୍ଷରେ, ଟ୍ରେନରେ ନିୟମିତ ଟିକେଟ୍ ଯାଞ୍ଚ ହେଉ ନଥିବାରୁ ବିନା ଟିକେଟଧାରୀଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି।

ଜିଲ୍ଲାରୁ ପ୍ରତିଦିନ ଶତାଧିକ ରୋଗୀ, ଆଇନଜୀବୀ ଓ ବ୍ୟବସାୟୀ କଟକ ବଡ଼ ମେଡିକାଲ କଲେଜ, ଉଚ୍ଚ ନ୍ୟାୟାଳୟ ଏବଂ ବାଣିଜ୍ୟିକ କାରବାର ପାଇଁ କଟକ ଯାଇଥାନ୍ତି। ସେବା ଏକ୍ସପ୍ରେସକୁ ଭୁବନେଶ୍ୱର ପରିବର୍ତ୍ତେ ରାଜ୍ୟର ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର କଟକ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଦୀର୍ଘ ଦିନରୁ ଦାବି ହୋଇଆସୁଛି। ଏସବୁ ସମସ୍ୟା ନେଇ ‘ନୟାଗଡ଼ ନାଗରିକ ମଞ୍ଚ’ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ବାରମ୍ବାର ରେଳ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କର୍ତ୍ତୃପକ୍ଷ ନିଦାବିଷ୍ଟୁ ସାଜି ଚୁପ୍ ବସିଛନ୍ତି। ରେଳ କର୍ତ୍ତୃପକ୍ଷଙ୍କ ଏଭଳି ଉଦାସୀନତା ପ୍ରତିବାଦରେ ନିୟମିତ ଯାତ୍ରୀ ଓ ସ୍ଥାନୀୟ ଜନସାଧାରଣ ପୂର୍ବ ସୂଚନା ମୁତାବକ ଆଜି ନୟାଗଡ଼ ଟାଉନ ରେଳ ଷ୍ଟେସନରେ ବିକ୍ଷୋଭ ପ୍ରଦର୍ଶନ ସହ ରେଳରୋକ କରିବାକୁ ସ୍ଥିର କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଷ୍ଟେସନ ପରିସରରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଆନ୍ଦୋଳନକାରୀମାନେ ଷ୍ଟେସନ ମଧ୍ୟକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ସେମାନଙ୍କୁ ବାହାରେ ଅଟକାଇ ଦେଇଥିଲା। ଏହାକୁ କେନ୍ଦ୍ର କରି ପୋଲିସ ଓ ଉତ୍ତ୍ୟକ୍ତ ଯାତ୍ରୀଙ୍କ ମଧ୍ୟରେ ବେଶ୍ କିଛି ସମୟ ଧରି ଧସ୍ତାଧସ୍ତି ଓ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସର କଡ଼ା ପ୍ରତିରୋଧ ଯୋଗୁଁ ଆଜିର ରେଳରୋକ ଉଦ୍ୟମ ପଣ୍ଡ ହୋଇଥିବା ବେଳେ ଆନ୍ଦୋଳନକାରୀମାନେ ସେଠାରୁ ଫେରିଯାଇଛନ୍ତି।

# କଟକ ନଗର ଯୁବ କଂଗ୍ରେସର ବୈଠକ



କଟକ, ୨୪।୫ (ନି.ପ୍ର): କଟକ ନଗର ଯୁବ କଂଗ୍ରେସର ଏକ ବୈଠକ ସଭାପତି ଆଡ଼ଭୋକେଟ ଡ ବିପ୍ଳବ ଶିଳାଦିତ୍ୟଙ୍କ ଅଧକ୍ଷତାରେ କଟକ ଶକ୍ତି ନଗର ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଦରଦାମ ବୃଦ୍ଧି, ନିଟ ପେପର ଲିକ ଏସଆଇଆର, ଅଘୋଷିତ ବିଦ୍ୟୁତ କାଟ ଆଦି ପ୍ରସଙ୍ଗରେ ଆଲୋଚନା ହୋଇଛି। ଆଗାମୀ ଦିନରେ ନଗର ଯୁବ କଂଗ୍ରେସର ପୂର୍ଣ୍ଣାଙ୍ଗ କମିଟି ଆସନ୍ତା ଦୁଇମାସ ମଧ୍ୟରେ କରାଯିବା ସହ ଦକ୍ଷ ଯୁବସଂଗଠନଙ୍କୁ ନେଇ ବିଧାନସଭା ନିର୍ବାଚନ ମଣ୍ଡଳୀ ଓ ପ୍ରତି ୱାର୍ଡ଼ ଯୁବକଂଗ୍ରେସ କମିଟି ତୁରନ୍ତ ଗଠନ କରାଯିବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଅତିଥି ଭାବେ ପ୍ରଦେଶ କଂଗ୍ରେସ ସାମାଜିକ ଗଣମାଧମ ଅଧକ୍ଷ ବିଶ୍ୱଜିତ ମହାନ୍ତି ଯୋଗଦେଇ ଯୁବଶକ୍ତି ହେଉଛି ଦଳର ଉର୍ଜା । ଯୁବଶକ୍ତି ଜାଗିଲେ ଦେଶର ଭାଗ୍ୟଭବିଶ୍ୟ ବଦଳିପାରିବ ଏବଂ ଅଧିକରୁ ଅଧିକ ଯୁବଛାତ୍ରୀଙ୍କୁ ଏକତ୍ରିତ କରି ସାଧାରଣ ଲୋକଙ୍କ ସମସ୍ୟାକୁ ନେଇ ରାଜରାସ୍ତାରେ ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ। ଏହିକାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ସଭ୍ୟ ବିଶ୍ୱନାଥ ଶତପଥୀ, କଟକ ସଦର କନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ଗୋଛାୟତ, ବରିଷ୍ଠ କଂଗ୍ରେସ ନେତା ଶିଶିର ରଥ, ପିସିସି ମୁଖପାତ୍ର ଅଶୋକ ସ୍ୱାଇଁ, ପିସିସି ପ୍ରାକ୍ତନ ସଂପାଦିକା ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ମାନସ ପରିଡ଼ା, ଉତ୍ତମ ବେହେରା, ଜଗନ୍ନାଥ ସାହୁ, ନିର୍ମଳ ସ୍ୱାଇଁ, ହିମାଂଶୁ ରାଉତ, ପ୍ରଶାନ୍ତ ଭୋଇ, ରାଜେଶ ସ୍ୱାଇଁ, ବରଦା ସାହୁ, ପ୍ରଶାନ୍ତ ବେହେରା, ବିପନ ପଶାୟତ, ତୃପ୍ତି ଦାସ, ରାଜୀବ ମହାନ୍ତି, ସମରେନ୍ଦ୍ର ଜେନା, ଶିବ ଅଗ୍ରୱାଲଙ୍କ ସମେତ ଋଷି କାଣ୍ଡି, ରଜନୀ ବସ୍ତିଆ, ଚନ୍ଦ୍ରକାନ୍ତ ଖଟୁଆ, ସତ୍ୟଜିତ ଦାସ, ପ୍ରତୀକ ନାୟକ, ସପନ ପାଲ, ଶୁଭରଂଜନ ରାଉତରାୟ, ଆଶୁତୋଷ ମହାନ୍ତି, ଦେବୀ ପ୍ରସାଦ ମିଶ୍ର, ଅର୍ମାନ ପ୍ରଧାନ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଛାତ୍ର କଂଗ୍ରେସ ଜିଲ୍ଲା ସଭାପତି ଆଶୁତୋଷ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେଡି ମହିଳା ସଂଗଠନର ନାରୀ ଅଧିକାର ଅଭିଯାନ



ଖଣ୍ଡପଡ଼ା, ୨୪।୫ (ନି.ପ୍ର): ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ଭାପୁରସ୍ଥିତ ବିଜେଡ଼ି କାର୍ଯ୍ୟାଳୟ ପରିସରରେ ରବିବାର ବିଜେଡି ମହିଳା ସଂଗଠନ ପକ୍ଷରୁ ନାରୀ ଅଧିକାର ଅଭିଯାନ ସଂର୍ପକିତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେଡିର ଶତାଧିକ ମହିଳା କର୍ମୀ ଓ ନେତ୍ରୀ ଏକତ୍ରୀତ ହୋଇ ମହିଳାଙ୍କ ନିମନ୍ତେ ଆସନ ସଂରକ୍ଷଣ ସହ ମହିଳାଙ୍କ ସୁରକ୍ଷା ନେଇ ଶାଣିତ ସ୍ୱର ଉଠାଇଥିଲେ। ଏ ଅବସରରେ ସମସ୍ତ ମହିଳାଙ୍କ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଭାପୁର ବ୍ଲକ ଅଧକ୍ଷା ସାବିତ୍ରୀ ପ୍ରଧାନଙ୍କ ନେତୃତ୍ୱରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ସମସ୍ତ ପଞ୍ଚାୟତରୁ ମହିଳାମାନେ ଯୋଗ ଦେଇଥିଲେ। ୨୦୨୩ରୁ ପାରିତ ହୋଇଥିବା ମହିଳା ସଂରକ୍ଷଣ ବିଲ ତୁରନ୍ତ ଲାଗୁ କରିବାକୁ ସମସ୍ତ ମହିଳା ନେତୃମଣ୍ଡଳୀ ଦାବି କରିଥିଲେ। ରାଜ୍ୟରେ ଡବଲ ଇଞ୍ଜିନ ସରକାର ବିଭିନ୍ନ କ୍ଷେତ୍ରରେ ବିଫଳ ହେବା, ନାରୀ ହିଂସାରେ ଓଡ଼ିଶା ସମଗ୍ର ଦେଶରେ ରେକର୍ଡ ସୃଷ୍ଟି କରିବା ପରି ଲଜ୍ଜାଜନକ ପରିସ୍ଥିତିକୁ କେନ୍ଦ୍ର କରି ମହିଳା ନେତ୍ରୀମାନେ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ମହିଳା ସଂରକ୍ଷଣ ନାଁରେ ବିଜେପି ମା'ମାନଙ୍କୁ ଭୁଆଁ ବୁଲାଉଛି ବୋଲି ବିଜେଡି ନେତ୍ରୀମାନେ ମତ ଦେବା ସହ ମହିଳାଙ୍କ ସହ ବିଜେପିର ଛଳନା ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଓ ପୌର ନିର୍ବାଚନରେ ପ୍ରତିଫଳିତ ହେବ ବୋଲି ବିଜେଡି ନେତ୍ରୀ ତଥା ଖଣ୍ଡପଡ଼ା ବ୍ଲକ ଅଧକ୍ଷା ଉପମା ବେହେରା ମତ ଦେଇଥିଲେ। ମହିଳାଙ୍କ ନାର୍ଯ୍ୟ ଅଧିକାର ଓ ସମ୍ମାନ ପାଇଁ ବିଜେପି ସରକାର ବିରୋଧରେ ସ୍ୱର ଉତ୍ତୋଳନ କରିବା ନିମନ୍ତେ ସମସ୍ତେ ଏକାଠି ହେବାକୁ ସେ ଆହ୍ୱାନ ଦେଇଥିଲେ। ମହିଳାଙ୍କ ନିମନ୍ତେ ୩୩ ପ୍ରତିଶତ ସଂରକ୍ଷଣ ପ୍ରଦାନରେ ରାଜ୍ୟ ସରକାରଙ୍କ ବିଫଳତା ସହ ନାରୀ ନିର୍ଯାତନାକୁ ରୋକିବାରେ ଅସମର୍ଥ ଏହି ନିକମା ବିଜେପି ସରକାରକୁ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କବର ଦେବାର ଉଚିତ ସମୟ ବୋଲି ବିଜେଡି ସଭାପତି ବେଣୁଧର ପ୍ରଧାନ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନୟାଗଡ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ଜିଲ୍ଲା ପରିଷଦ ସଦସ୍ୟ ଧର୍ମେନ୍ଦ୍ର କୁମାର ଧଳ, ଭାପୁର ବ୍ଲକ ବିଜେଡ଼ି ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀ, ବିଜୁ ମହିଳା ସଭାନେତ୍ରୀ କବିତା ମହାରଣା, ପ୍ରତିମା ପରିଡ଼ା, ଶିବାନୀ ଦାଶ, ବରିଷ୍ଠ ନେତା ଲିଙ୍ଗରାଜ ଦାଶ, ବୈକୁଣ୍ଠନାଥ ଦାସ,ବରିଷ୍ଠ ସଂଗଠକ ସନ୍ତୋଷ ତ୍ରିପାଠୀ, ନାରାୟଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ପାରିବାରପଣିଆକୁ ନେଇ କଟାକ୍ଷ କରିଥିଲେ।

# ୧୫୦୦୦ରୁ ଉର୍ଦ୍ଧ୍ୱ ସଦସ୍ୟ ସଂଗ୍ରହ ଲକ୍ଷ୍ୟରେ ଏବିଭିପି

ବଲାଙ୍ଗୀର ,୨୪/୦୫ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରାଷ୍ଟ୍ର ପ୍ରଥମ ଭାବନା ରଖି ଏବଂ ଛାତ୍ରଶକ୍ତି ରାଷ୍ଟ୍ରଶକ୍ତି ନାରାରେ ବିଶ୍ୱାସ କରି କାର୍ଯ୍ୟ କରୁଥିବା ବିଶ୍ୱର ସବୁଠାରୁ ବଡ଼ ଛାତ୍ର ସଂଗଠନ। ଏବିଭିପି ୧୯୪୯ ମସିହା ଜୁଲାଇ ୯ ତାରିଖ ରୁ ଆରମ୍ଭ ହୋଇ ଆଜି ଯାଏଁ ଅନବରତ ରାଷ୍ଟ୍ର ହିତରେ ଏବଂ ଛାତ୍ର ମାନଙ୍କ ହିତରେ କାମ କରୁଅଛି। ଏବିଭିପିର ପ୍ରତିବର୍ଷ ସଦସ୍ୟତା ଅଭିଯାନ ହୋଇଥାଏ ଏବଂ ତାର ସଦସ୍ୟତାରୁ ହିଁ କହିଥାଏ ବିଶ୍ୱର ସବୁଠୁ ବଡ ଛାତ୍ର ସଂଗଠନ। ପ୍ରତି ବର୍ଷ ଭଳି ଏହି ଶିକ୍ଷା ବର୍ଷରେ ମଧ୍ୟ ସଦସ୍ୟତା ଅଭିଯାନ ଜୁନ ମାସରୁ ଆରମ୍ଭ ହୋଇଯିବ। ଏପ୍ରିଲ ମାସରେ ୨୫–୨୬ ତାରିଖରେ କୋରାପୁଟ ଠାରେ ହେଇଥିବା ପ୍ରାନ୍ତ ଓ ସମୀକ୍ଷା ଯୋଜନା ବୈଠକରେ ୨୦୨୬–୨୭ ଶିକ୍ଷା ବର୍ଷରେ ଓଡ଼ିଶା ପଶ୍ଚିମ ପ୍ରାନ୍ତରେ ତଥା ଓଡ଼ିଶା ପଶ୍ଚିମର ୧୪ ଟି ସାଂଗଠନିକ ଜିଲ୍ଲାରେ ୧ ଲକ୍ଷ ସଦସ୍ୟତା କରିବାର ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ଶିକ୍ଷା ବର୍ଷରେ ଏବିଭିପି ସଂପୂର୍ଣ୍ଣ ଭାବରେ ଛାତ୍ର ସଂସଦ ନିର୍ବାଚନ ଲଢିବା ପାଇଁ ମଧ୍ୟ ପ୍ରସ୍ତୁତ ଅଛି। ଓଡ଼ିଶା ପଶ୍ଚିମ ପ୍ରାନ୍ତରେ ୩୩୧ଟି ମହାବିଦ୍ୟାଳୟ ଓ ୭ଟି ବିଶ୍ୱବିଦ୍ୟାଳୟ ଶାଖା ଏବଂ ପ୍ରତି ବ୍ଲକ ମୁଖ୍ୟାଳୟରେ ତଥା ୧୧୮ଟି ସ୍ଥାନରେ ନଗର ଶାଖା ଘୋଷଣା କରିବ। ସେହିପରି ବଲାଙ୍ଗିର ଜିଲ୍ଲା ରେ ୧୪ ଟି ନଗର ଶାଖା ଏବଂ ୬୦ ଟି କ୍ୟାମ୍ପସ ଶାଖା ଘୋଷଣା ଓ ୧୫୦୦୦ ରୁ ଉର୍ଦ୍ଧ ସଦସ୍ୟତା କରିବାର ମଧ୍ୟ ଲକ୍ଷ୍ୟ ରଖିଛି। ଏହି ସାମ୍ବାଦିକ ସମ୍ମିଳନୀ ରେ ରାଜ୍ୟ ସହ ସମ୍ପାଦକ ଆକାଶ କର୍ମ, ବିଭାଗ ସଂଯୋଜକ ମଞ୍ଜିତ କୁମାର କର୍ମି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତୁଳସି ସୁନା ଓ ଏହି ସାମ୍ବାଦିକ ସମ୍ମିଳନୀ ର ସଂଯୋଜକ ତେଜରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



**ଅନୁଚିହ୍ନ**

ସାଧୁ ସିଏ ଯିଏ ସଜ୍ଜନ ପୁରୁଷ ଏବଂ ସମାଜର ଉତ୍ଥାନ ପାଇଁ ଭଲ କାର୍ଯ୍ୟ କରିଥାଏ ।

## ସମ୍ପାଦକୀୟ

# ମାଲକାନଗିରିରେ ମିୟାଜାକୀ

ଗୁଣବତ୍ତା, ଆକର୍ଷଣୀୟ ରଙ୍ଗ, ସ୍ୱାଦ ଓ ଅଧିକ ଦାମ୍ ପାଇଁ ବିଶ୍ୱରେ ଚର୍ଚ୍ଚାରେ ରହିଛି ମିୟାଜାକୀ ଆମ୍ବ। ବର୍ତ୍ତମାନ ଆମ୍ବ ସିଜିନ ବି ଚାଲିଛି । ଜାପାନର ଏହି ଆମ୍ବକୁ କୁହାଯାଏ 'ଏଗ୍ ଅଫ୍ ଦି ସନ୍' ଅର୍ଥାତ୍ 'ସୂର୍ଯ୍ୟର ଅଣ୍ଡା । କେବଳ ସ୍ୱାଦ ନୁହେଁ, ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଏହି ଆମ୍ବ ଅତି ହିତକର । ପୋଷକ ତତ୍ତ୍ୱରେ ଏହା ଭରପୂର । ଶରୀରକୁ କେତେକ ବେମାରୀରୁ ରକ୍ଷା କରିବାପାଇଁ ଏହା ସହାୟକ। ମିୟାଜାକୀ ଆମ୍ବରେ ଏନ୍ଥୋସାୟନିନ, ବିଟା-କାରୋଟିନ, ଫୋଲିକ ଏସିଡ୍, ପୋଟାସିୟମ ଓ ଭିଟାମିନ-ଏ ପ୍ରଚୁର ପରିମାଣରେ ରହିଛି । ଏହାର ମଧ୍ୟ ରହିଛି ରୋଗ ପ୍ରତିରୋଧକ କ୍ଷମତା । ଏହି ଆମ୍ବର ଗୋଟିଏ ଗୋଟିଏ ଫଳ ୧ କିଗ୍ରା ବା ତା'ଠାରୁ ଅଧିକ । ମାଲକାନଗିରି ଜିଲ୍ଲା ତମସା ଗ୍ରାମର ଆଦିବାସୀ କୃଷକ ଦେବ ମାଡ଼କାମୀ ବିଶ୍ୱର ଏହି ସବୁଠାରୁ ମହଙ୍ଗା ଆମ୍ବ ଫସଲ କରି ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । କିନ୍ତୁ ଏହି ଆମ୍ବ ଫସଲ ମଧ୍ୟ ତାଙ୍କ ଚିନ୍ତାର କାରଣ ହୋଇଯାଇଛି । ଚୋରି ହେବା କାରଣରୁ ସେ ଦିନ ରାତି ନିଜ ଆମ୍ବ ବଗିଚାରେ ଜଗିଛନ୍ତି। ଆମ୍ବ ଗଛ ଚାରିପଟେ ଲଗାଇଛନ୍ତି ବାଉଁଶ ବାଡ଼ । ତାଙ୍କ ଗ୍ରାମ ଓ ଆଖପାଖ ଗ୍ରାମର ଲୋକ ବହୁସଂଖ୍ୟାରେ ଏହି ଦୁର୍ଲଭ ଆମ୍ବ ଦେଖିବାକୁ ତାଙ୍କ ବଗିଚାରେ ପହଞ୍ଚୁଛନ୍ତି । ସ୍ଥାନୀୟ ଲୋକଙ୍କ ଅନୁଯାୟୀ, ପ୍ରାୟ ଚାରି ବର୍ଷ ପୂର୍ବେ ଦେବ ମାଡ଼କାମୀଙ୍କୁ ମିୟାଜାକୀ ଆମ୍ବର ଚାରା ଦେଇଥିଲେ। ସରବା କୁମାର ବିସୋଇ । ଏହାପରେ ମାଡ଼କାମୀ କଠୋର ପରିଶ୍ରମ କରି ଏହି ଆମ୍ବ ଗଛରେ ଆମ୍ବ ଫଳାଇ ପାରିଛନ୍ତି ।

**ମାଲକାନଗିରି ଜିଲ୍ଲା ତମସା ଗ୍ରାମର ଆଦିବାସୀ କୃଷକ ଦେବ ମାଡ଼କାମୀ ବିଶ୍ୱର ସବୁଠାରୁ ମହଙ୍ଗା ଆମ୍ବ ମିୟାଜାକୀ ଫସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । କିନ୍ତୁ ଏହି ଆମ୍ବର ଖରିଦଦାର ନଥିବାରୁ ଏହା ତାଙ୍କ ଚିନ୍ତାର କାରଣ ହୋଇଯାଇଛି ।**

ତାଙ୍କ ପାଇଁ ବର୍ତ୍ତମାନ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଏହାର ବିକ୍ରି କିଭଳି କରାଯିବ। ଆଭ୍ୟନ୍ତରୀଣ ଆଦିବାସୀ ଇଲାକାରେ ଏହି ମହଙ୍ଗା ଆମ୍ବର ଖରିଦଦାର ମିଳୁନାହାନ୍ତି । ସେ ଏହି ଆମ୍ବ ବିକ୍ରି କରି ଅର୍ଥ ରୋଜଗାର କରିବାକୁ ଚାହୁଁଛନ୍ତି । କିନ୍ତୁ ଏଥିପାଇଁ ଉପଯୁକ୍ତ ବଜାର ନାହିଁ । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଲେ ଏହାର ଉଚିତ୍ ବିପଣନ ହୋଇପାରନ୍ତା, ଆଦିବାସୀ ଚାଷୀଙ୍କୁ ମଧ୍ୟ ଉଚିତ୍ ଦାମ୍ ମିଳିପାରନ୍ତା, ତାଙ୍କ ପରିଶ୍ରମର ମୂଲ୍ୟ ତାଙ୍କୁ ମିଳିପାରନ୍ତା। ମିଆଜାକୀ ଆମ୍ବର ଫସଲ ପାଇଁ ମଧ୍ୟ ଅନ୍ୟମାନେ ପ୍ରୋତ୍ସାହିତ ହୋଇପାରନ୍ତେ । କୁହାଯାଉଛି ଯେ, ମିୟାଜାକୀ ଆମ୍ବ ଶରୀରରେ ଶ୍ୱେତ ରକ୍ତ କଣିକା ସୃଷ୍ଟି କରିବା ପାଇଁ ସହାୟକ ହୋଇଥାଏ।



ହୃଦୟ ପାଇଁ ଓ ରକ୍ତଚାପ ପାଇଁ ଏହା ଖୁବ୍ ଉପଯୋଗୀ । କୋଲେଷ୍ଟ୍ରଲ ନିୟନ୍ତ୍ରିତ କରିବା ପାଇଁ ଏହା ସହାୟକ । ପାଚନ ତନ୍ତ୍ର ପାଇଁ ମଧ୍ୟ ଲାଭଜନକ । ଅନ୍ତର୍ଜାତୀୟ ବଜାରରେ ଏହାର ଦାମ୍ ଭାରତୀୟ ମୁଦ୍ରାରେ ୧ ଲକ୍ଷ ଟଙ୍କାରୁ ଅଧିକ ।

ଦେଶରେ ଆମ୍ବ ରପ୍ତାନୀରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ପରମାଣୁ ଟେକ୍‌ନିକ । ଭାଭା ପରମାଣୁ ଅନୁସନ୍ଧାନ କେନ୍ଦ୍ର ଦ୍ୱାରା ବିକଶିତ ବିକିରଣ ଟେକ୍‌ନିକରେ ଆମ୍ବ ଓ ଲିଚୁ ପରି ଶୀଘ୍ର ଖରାପ ହୋଇଯାଉଥିବା ଫଳର ଭଣ୍ଡାରଣ ଅବଧି ବୃଦ୍ଧି କରିଥାଏ ଏହି ପରମାଣୁ ଟେକ୍‌ନିକ । ଏହା ଫଳରେ ଆମେରିକା, ଅଷ୍ଟ୍ରେଲିଆ ଆଦି ଦେଶକୁ ଫଳର ରପ୍ତାନୀ ବଢ଼ିଛି । କୃଷକଙ୍କ ଆୟ ଓ କୃଷି ଉତ୍ପାଦନର ରପ୍ତାନୀ ମଧ୍ୟ ବୃଦ୍ଧି ପାଇଛି । ଏହି ଦେଶଗୁଡ଼ିକରେ ଆମଦାନୀ ନିୟମ ମଧ୍ୟ କଠିନ। ସେଠାରେ ଏଭଳି ଫଳକୁ ଅନୁମତି ମିଳିଥାଏ ଯେଉଁଥିରେ କୀଟ ବା କୀଟର ଅଣ୍ଡା ନଥିବ । ଏହି କାରଣରୁ ଭାରତୀୟ ଆମ୍ବ ଦୀର୍ଘ ସମୟ ଧରି ଆମେରିକୀୟ ବଜାରରୁ ବାହାରେ ରହିଥିଲା । ଏହା ପରେ ବିକିରଣ ଟେକ୍‌ନିକର ଉପଯୋଗ ହେବା ଫଳରେ ଏହି ସମସ୍ୟାର ସମାଧାନ ହୋଇପାରିଥିଲା। ଭାରତ ବିଶ୍ୱର ବଡ଼ ଆମ୍ବ ଉତ୍ପାଦକ ରାଷ୍ଟ୍ର। ପ୍ରତିବର୍ଷ ପ୍ରାୟ ୨୪୦ ଲକ୍ଷ ଟନ୍‌ରୁ ଅଧିକ ଆମ୍ବ ଭାରତରେ ଉତ୍ପାଦିତ ହେଉଛି ଯାହା ବୈଶ୍ୱିକ ଉତ୍ପାଦନର ପ୍ରାୟ ଅଧା । ବିକିରଣ ଟେକ୍‌ନିକର ଉପଯୋଗ ଫଳରେ ଭାରତରୁ ଆମ୍ବ ବିଦେଶୀ ବଜାରରେ ସୁରକ୍ଷିତ ପହଞ୍ଚୁଛି ।

# ନିରାଶାରୁ ଆଶା ପର୍ଯ୍ୟନ୍ତ

ଥରେ ଜଣେ ନାମକରା ନୃତ୍ୟାଙ୍ଗନାଙ୍କର ନୃତ୍ୟ ପରିବେଷଣ କରିବାର ଥିଲା। କିନ୍ତୁ କିଛି କାରଣବଶତଃ ସେଦିନ ସେହି ନୃତ୍ୟାଙ୍ଗନାଙ୍କର ଦେହ ହଠାତ୍ ଖରାପ ହୋଇଗଲା। ଶୋ'ର ସମସ୍ତ ଟିକଟ ବିକ୍ରି ହୋଇଯାଇଥିଲା। ଲୋକମାନେ ନୃତ୍ୟ ଦେଖିବାକୁ ଚାହିଁ ବସିଥାନ୍ତି। ଉଦ୍‌ଘୋଷକ ଘୋଷଣା କଲେ 'ସମ୍ମାନୀୟ ଭଦ୍ରବ୍ୟକ୍ତିଗଣ, ଆଜିର ଶୋ'କୁ ଆପଣମାନଙ୍କୁ ସ୍ୱାଗତ। ମୁଁ ଏକ ଘୋଷଣା କରିବାକୁ ଯାଉଛି। ସମ୍ବାଦଟି ଖରାପ, ତା' ସହିତ ଭଲ ମଧ୍ୟ। ଖରାପ ସମ୍ବାଦଟି ହେଉଛି, ବିଶିଷ୍ଟ ନୃତ୍ୟଶିଳ୍ପୀଙ୍କର ଦେହ ଅସୁସ୍ଥ ଥିବାରୁ ସେ ନୃତ୍ୟ ପରିବେଷଣ କରିପାରିବେ ନାହିଁ। ଭଲ ସମ୍ବାଦଟି ହେଉଛି– ତା' ପରିବର୍ତ୍ତେ ନୃତ୍ୟଶିଳ୍ପୀଙ୍କର ଛାତ୍ରୀ ନୃତ୍ୟ ପରିବେଷଣ କରିବେ। ସମସ୍ତ ଦେଖଣାହାରୀଙ୍କ ମୁହଁରେ ନିରାଶାର ଭାବ ଥିଲା। ଛାତ୍ରୀଜଣଙ୍କ ସୁନ୍ଦର ଭାବେ ନାଚିଲେ। କିନ୍ତୁ କେହି ଜଣେ ପ୍ରଶଂସା କିମ୍ବା ତାଳି ଦେଲେ ନାହିଁ। ପଛରେ ବସିଥିବା ଛାତ୍ରୀର ସାନ ପୁଅ ଖୁସିରେ ଗଦ୍‌ଗଦ୍ ହୋଇ ଷ୍ଟେଜ୍ ଉପରକୁ ଆସିଲା। ବଡ଼ ପାଟିରେ କହିଲା, ମାମା ତୁମର ନାଚ ଏତେ ସୁନ୍ଦର ହେଲା, ଧନ୍ୟବାଦ ମାମା। ଦେଖଣାହାରୀମାନେ ଏଥର ପୁଅର କଥାରେ ସମ୍ମୋହିତ ହେଲେ। ଛୋଟ ପିଲାଟିର କଥାକୁ ଗ୍ରହଣ କରି ତାଳି ମାରିଲେ। ଆମେ ସମସ୍ତଙ୍କ ମଧ୍ୟରେ ଅଦ୍ଭୁତ କ୍ଷମତା ଲୁଚିରହିଛି। ଉତ୍ସାହ ଆମର ଲୁଚିଥିବା କ୍ଷମତାକୁ ଉଜ୍ଜ୍ୱଳତାରେ ପୂର୍ଣ୍ଣ କରିଦିଏ। ତେଣୁ ଅନ୍ୟମାନଙ୍କୁ ସର୍ବଦା ବୁଦ୍ଧିହୀନ, ଅଳସୁଆ, ସୃଜନଶୀଳତା ନାହିଁ କହିଲେ ଉନ୍ନତିର ସମ୍ଭାବନା ହିଁ ଧ୍ୱଂସ ପାଇଯାଏ। ଆମେ ସମ୍ଭାବନାର ଗୋଟିଏ ଗୋଟିଏ ବୀଜ, ଆଶାର ଦ୍ରୁମ, ଅସୀମ ଶକ୍ତିର ଅଧିକାରୀ। ଉତ୍ସାହପୂର୍ଣ୍ଣ କିଛି ଶବ୍ଦ ଏବଂ ଚେଷ୍ଟା ଅନ୍ୟମାନଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆଣେ।

# ହାଇକମାଣ୍ଡବାଦ ଅଗଣତାନ୍ତ୍ରିକ

ଅଧ୍ୟାପକ ଗୋପବନ୍ଧୁ



**ହାଇକମାଣ୍ଡଙ୍କ ବିରୁଦ୍ଧରେ କହିବା ଅର୍ଥ ଦଳ ବିରୁଦ୍ଧରେ କହିବା। ପ୍ରଜା କ'ଣ ରାଜା ବିରୁଦ୍ଧରେ କହିପାରେ କି ? କହିଲେ ମୁଣ୍ଡକାଟ। ସେହିପରି ହାଇକମାଣ୍ଡ ବି ଜଣେ ରାଜା। ତାଙ୍କ ବିରୁଦ୍ଧରେ କହିଲେ ଦଳରୁ ବହିଷ୍କାର। ଦୁଃଖର କଥା ସ୍ୱାଧୀନତାର ଦୀର୍ଘବର୍ଷ ପରେବି ଭାରତୀୟ ରାଜନୀତିରେ ହାଇକମାଣ୍ଡ ସଂସ୍କୃତି ବଳବତ୍ତର ରହିଛି।**

ଗଣତନ୍ତ୍ର ସାଧାରଣ ଜନତାଙ୍କ ବ୍ୟବସ୍ଥା। ସରକାର କ୍ଷେତ୍ରରେ ଏହା ସାଧାରଣ ଜନତାଙ୍କ ଶାସନ ବ୍ୟବସ୍ଥାକୁ ବୁଝାଏ। ଏହି ଶାସନ ବ୍ୟବସ୍ଥାରେ ସମସ୍ତେ ସମାନ ଭାଗୀଦାର ହୋଇଥାନ୍ତି। ସରକାର ସାଧାରଣ ଜନତାଙ୍କ ସହମତିରେ ଗଠିତ ହୁଏ। ତେଣୁ ଗଣତନ୍ତ୍ର ସାମୂହିକ ସିଦ୍ଧାନ୍ତ ଓ ସାମୂହିକ ନେତୃତ୍ୱକୁ ବୁଝାଏ। ଏହା ରାଜତନ୍ତ୍ରଠାରୁ ଭିନ୍ନ, ଯେଉଁଠାରେ ରାଜା ସର୍ବୋମୟ କର୍ତ୍ତା ହୋଇଥାନ୍ତି। ହାଇକମାଣ୍ଡ ଶବ୍ଦ ଗଣତନ୍ତ୍ରର ପରିପନ୍ଥୀ। ଏହା ସାମରିକବାହିନୀର ଶବ୍ଦ। ସୈନ୍ୟବାହିନୀର ସର୍ବୋଚ୍ଚ ଅଧିକାରୀଙ୍କୁ ହାଇକମାଣ୍ଡ କୁହାଯାଏ। ଏହା ଅନୁଶାସନର ଶବ୍ଦ। ସାମରିକବାହିନୀ କ୍ଷେତ୍ରରେ ଏହା ଜରୁରୀ। ଏହା ଏକଛତ୍ରବାଦର ଶବ୍ଦ ମଧ୍ୟ। ଏକଛତ୍ରବାଦୀ ଶାସକ ନିଜକୁ ହାଇକମାଣ୍ଡଭାବେ ସ୍ଥାପିତ କରିଥାଏ। ତେଣୁ ହାଇକମାଣ୍ଡ ହେଉଛି ସର୍ବୋଚ୍ଚ ଅଧିକାରୀ, ସେ ଯାହା କହିବେ ତାହା ଅଧସ୍ତନମାନେ ମାନିବାକୁ ବାଧ୍ୟ। ହାଇକମାଣ୍ଡ ନିର୍ଦ୍ଦେଶ ଜାରି କରନ୍ତି। ତଳେ ଥିବା ଲୋକମାନଙ୍କର ମତାମତ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ। ସେହିପରି ସୁପ୍ରିମୋ ଶବ୍ଦ ମଧ୍ୟ ଅଗଣତାନ୍ତ୍ରିକ। ଗଣତନ୍ତ୍ରରେ ସୁପ୍ରିମୋ କେହି ନାହାନ୍ତି। ଏଥିରେ ସମସ୍ତେ ସମାନ। ନେତା ହେଉଛନ୍ତି ଗଣମାନଙ୍କ ବା ସାଧାରଣ ଜନତାଙ୍କ ଭିତରୁ ଜଣେ।

ଗଣତନ୍ତ୍ରରେ ହାଇକମାଣ୍ଡ ବା ସୁପ୍ରିମୋ ଶବ୍ଦର ବ୍ୟବହାର ସମୀଚୀନ ନୁହେଁ। ଅନେକ ରାଜନୈତିକ ଦଳ ଏହି ଶବ୍ଦର ପ୍ରୟୋଗ କରନ୍ତି। ବିଶେଷକରି ପରିବାରବାଦୀ ରାଜନୈତିକ ଦଳମାନେ ଏହି ଶବ୍ଦର ବ୍ୟବହାର ବହୁଳମାତ୍ରାରେ କରିଥାନ୍ତି। ହାଇକମାଣ୍ଡ ବା ସୁପ୍ରିମୋ ଯାହା କହିବେ, ନିର୍ଦ୍ଦେଶ ଦେବେ, ହାଇକମାଣ୍ଡଙ୍କ ଇଚ୍ଛା ଇତ୍ୟାଦି ଅଗଣତାନ୍ତ୍ରିକ ଶବ୍ଦ ପ୍ରୟୋଗ ଶୁଣିବାକୁ ମିଳେ। ଏପରି ଶବ୍ଦରୁ ଜଣାପଡେ ଯେ ସମ୍ପୃକ୍ତ ପାର୍ଟି ଜଣକ ନିର୍ଦ୍ଦେଶରେ ଚାଲେ। ଅନ୍ୟମାନେ କେବଳ ବୋଲକରା। ପାର୍ଟିର ସବୁକିଛି ଜଣକ ମର୍ଜି ଓ ନିର୍ଦ୍ଦେଶ ଉପରେ ନିର୍ଭରଶୀଳ। ଗଣତନ୍ତ୍ରରେ ହାଇକମାଣ୍ଡବାଦ ଅତ୍ୟନ୍ତ ମାରାତ୍ମକ। ଏହା ଏକଛତ୍ରବାଦୀ ଶାସନକୁ ଉତ୍ସାହିତ କରେ। ଯେଉଁମାନେ ଗଣତନ୍ତ୍ରରେ ବିଶ୍ୱାସ କରନ୍ତି ନାହିଁ କିମ୍ବା ଗଣତାନ୍ତ୍ରିକ ବ୍ୟବସ୍ଥା କ'ଣ ବୁଝନ୍ତି ନାହିଁ, ସେମାନେ ଏପ୍ରକାର ଶବ୍ଦର ପ୍ରୟୋଗ କରିବାକୁ ଓ ଶୁଣିବାକୁ ଭଲ ପାଆନ୍ତି। ଏହିପ୍ରକାର ଲୋକମାନେ ଏଯାଏଁ ରାଜତନ୍ତ୍ର ମାନସିକତାକୁ ଛାଡି ପାରି ନ ଥିବା ପରି ମନେହୁଏ। ଦଳରେ ନେତାକୁ ଏମାନେ ରାଜା ବୋଲି ଭାବି ନିଅନ୍ତି।

ନିର୍ବାଚନ ଉପନୀତ ହେଲେ ଆଶାୟୀମାନେ ଦଉଡନ୍ତି ହାଇକମାଣ୍ଡଙ୍କ ପାଖକୁ କଳେବଳେ କୌଶଳେ ଟିକେଟ ଆଣିବାକୁ। ଯେ କୌଣସି ଉପାୟରେ ହାଇକମାଣ୍ଡଙ୍କୁ ସନ୍ତୁଷ୍ଟ କରିପାରିଲେ ଟିକେଟ ମିଳିଯାଏ। ହାଇକମାଣ୍ଡ ସାଧାରଣତଃ ଆନୁଗତ୍ୟକୁ ପ୍ରାଧାନ୍ୟ ଦିଅନ୍ତି। କେତେକ କ୍ଷେତ୍ରରେ ଅର୍ଥ ବି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଆନୁଗତ୍ୟ କହିଲେ ଏକ୍ଷେତ୍ରରେ ହାଇକମାଣ୍ଡ ପ୍ରତି ଆନୁଗତ୍ୟ ଅଥବା ତାଙ୍କ ପରିବାର ପ୍ରତି ଆନୁଗତ୍ୟକୁ ବୁଝାଏ। ଯେଉଁମାନେ ତାଙ୍କ ହଁରେ ହଁ ଭରନ୍ତି ଓ ନାରେ ନା କରନ୍ତି। ଏମାନଙ୍କ ନା ରାଷ୍ଟ୍ରପ୍ରତି ଆନୁଗତ୍ୟ ଥାଏ ନା ସମାଜ ପ୍ରତି। ହାଇକମାଣ୍ଡଙ୍କ ଗୁଣଗାନରେ ଏମାନଙ୍କ ଦିନରାତି କଟେ। ଯେଉଁଦିନ ଏମାନଙ୍କ ଆନୁଗତ୍ୟ ସମାପ୍ତ ହୁଏ ସେଦିନ ସେହି ଦଳରୁ ତାଙ୍କ ସଦସ୍ୟତା ମଧ୍ୟ ସମାପ୍ତ ହୁଏ। ହାଇକମାଣ୍ଡଙ୍କ ବିରୁଦ୍ଧରେ କହିବା ଅର୍ଥ ଦଳ ବିରୁଦ୍ଧରେ କହିବା। ପ୍ରଜା କ'ଣ ରାଜା ବିରୁଦ୍ଧରେ କହିପାରେ କି ? କହିଲେ ମୁଣ୍ଡକାଟ। ସେହିପରି ହାଇକମାଣ୍ଡ ବି ଜଣେ ରାଜା। ତାଙ୍କ ବିରୁଦ୍ଧରେ କହିଲେ ଦଳରୁ ବହିଷ୍କାର। ଦୁଃଖର କଥା ସ୍ୱାଧୀନତାର ଦୀର୍ଘବର୍ଷ ପରେବି ଭାରତୀୟ ରାଜନୀତିରେ ହାଇକମାଣ୍ଡ ସଂସ୍କୃତି ବଳବତ୍ତର ରହିଛି।

ପୂର୍ବେ ଜବାହରଲାଲ ନେହରୁ ଥିଲେ କଂଗ୍ରେସର ହାଇକମାଣ୍ଡ, ତାଙ୍କ ପରେ ତାଙ୍କ ଝିଅ ଇନ୍ଦିରା ଗାନ୍ଧୀ, ତାଙ୍କ ପରେ ତାଙ୍କ ପୁଅ ରାଜୀବ ଗାନ୍ଧୀ ଓ ଏବେ ତାଙ୍କ ପୁଅ ରାହୁଲ ଗାନ୍ଧୀ ହେଉଛନ୍ତି ପାର୍ଟିର ହାଇକମାଣ୍ଡ। ଏନ୍‌ସିପିର ହାଇକମାଣ୍ଡ ହେଉଛନ୍ତି ଶ୍ରୀଯୁକ୍ତ ଶରଦ ପାୱାର, ବିଏସ୍‌ପି ସୁପ୍ରିମୋ ହେଉଛନ୍ତି ସୁଶ୍ରୀ ମାୟବତୀ, ଏବେ ସମାଜବାଦୀ ପାର୍ଟିର ହାଇକମାଣ୍ଡ ହେଉଛନ୍ତି ଶ୍ରୀଯୁକ୍ତ ଅଖିଳେଶ ଯାଦବ, ଓଡ଼ିଶାରେ ବିଜେଡିର ହାଇକମାଣ୍ଡ ହେଲେ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସର ହାଇକମାଣ୍ଡ ହେଉଛନ୍ତି ମମତା ବାନାର୍ଜୀ, ବିହାରରେ ଜେଡିୟୁର ହାଇକମାଣ୍ଡ ହେଉଛନ୍ତି ଶ୍ରୀଯୁକ୍ତ ନୀତିଶ କୁମାର, ଏବେ ଆରଜେଡିର ସୁପ୍ରିମୋ ହେଉଛନ୍ତି ଶ୍ରୀଯୁକ୍ତ ତେଜସ୍ୱୀ ଯାଦବ, ଜାମୁ-କାଶ୍ମୀରରେ ଏନସିର ହାଇକମାଣ୍ଡ ହେଉଛନ୍ତି ଶ୍ରୀଯୁକ୍ତ ଉମର୍ ଅବଦୁଲ୍ଲା, ତାମିଲନାଡୁରେ ଡିଏମକେର ହାଇକମାଣ୍ଡ ହେଲେ ଷ୍ଟାଲିନ୍। ସେଠାରେ ଏବେ କ୍ଷମତାକୁ ଆସିଥିବା ଟିଭିକେର ହାଇକମାଣ୍ଡ ହେଉଛନ୍ତି ବିଜୟ ଥାଲାପତି, ଆନ୍ଧ୍ର ପ୍ରଦେଶରେ ତେଲଗୁ ଦେଶମ୍ ପାର୍ଟିର ହାଇକମାଣ୍ଡ ହେଉଛନ୍ତି ଶ୍ରୀଯୁକ୍ତ ଚନ୍ଦ୍ରବାବୁ ନାଇଡୁ, ୱାଇଏସଆର କଂଗ୍ରେସର ଶ୍ରୀ ଜଗନ ମୋହନ। ସେହିପରି ତେଲେଙ୍ଗାନାରେ ବିଆରଏସର ସୁପ୍ରିମୋ ହେଉଛନ୍ତି କେ ଚନ୍ଦ୍ରଶେଖର ରାଓ, ଝାଡଖଣ୍ଡରେ ଜେଏମଏମର ସୁପ୍ରିମୋ ହେଉଛନ୍ତି ଶ୍ରୀ ହେମନ୍ତ ସୋରେନ। ଏହିପରି ପ୍ରତ୍ୟେକ ଦଳରେ ଜଣେ ଜଣେ ସୁପ୍ରିମୋ ବା ହାଇକମାଣ୍ଡ ଅଛନ୍ତି।

ଯେଉଁମାନେ ଦାବି କରନ୍ତି ଯେ ସେମାନେ ପରିବାରବାଦରେ ବିଶ୍ୱାସ କରନ୍ତି ନାହିଁ। ତାଙ୍କ ଦଳରେ ମଧ୍ୟ ହାଇକମାଣ୍ଡ ସଂସ୍କୃତି ରହିଛି। ପାର୍ଟିକୁ ଜଣେ ଦୁଇଜଣ ବ୍ୟକ୍ତି ନିଜ ହାତମୁଠାରେ ରଖିବା ଓ ନିଜ ସିଦ୍ଧାନ୍ତ ସମସ୍ତଙ୍କ ଉପରେ ଲଦିଦେବା ଏକ ପ୍ରକାରର ରାଜନୈତିକ ସ୍ୱେଚ୍ଛାଚାରିତା। ଏବେ ଏହା ବହୁଳଭାବେ ଦେଖିବାକୁ ମିଳୁଛି। ଏମାନେ ମଧ୍ୟ ନିଜକୁ ହାଇକମାଣ୍ଡଭାବେ ସ୍ଥାପିତ କରିବାକୁ ଚାହାଁନ୍ତି। ଏମାନେ କୌଣସି ପ୍ରକାର ଭିନ୍ନମତ, ଆଲୋଚନା, ବିତର୍କ, ପରାମର୍ଶ ଇତ୍ୟାଦିକୁ ପ୍ରଶ୍ରୟ ଦିଅନ୍ତି ନାହିଁ। ରାତିରେ ସ୍ୱପ୍ନ ଦେଖି ସକାଳେ ତାହାକୁ କାର୍ଯ୍ୟକାରୀ କରିବାର ଘୋଷଣା କରନ୍ତି ଓ ଲୋକମାନଙ୍କୁ ଲମ୍ବା ଧାଡିରେ ଛିଡା କରାଇ ଦିଅନ୍ତି। ଏମାନେ ପାରିବାରିକ ପାର୍ଟିର ହାଇକମାଣ୍ଡମାନଙ୍କଠାରୁ ଅଧିକ ମାରାତ୍ମକ ଓ ଆହୁରି ଗଣତନ୍ତ୍ର ବିରୋଧୀ। ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଧ୍ୱଂସକରି ଏମାନେ ଏକଛତ୍ରବାଦୀ ଶାସନ ପ୍ରତିଷ୍ଠା କରିବାକୁ ଚାହାଁନ୍ତି। ନିଜ ଦଳର ଭିନ୍ନମତକୁ ଏମାନେ ଚାପିଦିଅନ୍ତି। କେହିବି ଏମାନଙ୍କ ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କାରିବାକୁ ସାହସ କରନ୍ତି ନାହିଁ। ନିଜ ଅନୁଗତମାନଙ୍କୁ ପଦପଦବୀରେ ରଖି ହାଁଜୀର ଫୌଜ ଠିଆ କରନ୍ତି।

କେବଳ ଭୋଟଦେଇ ସରକାର ଗଢିବା ଗଣତନ୍ତ୍ର ନୁହେଁ। ଏହା ସାମଗ୍ରିକ ଚେତନାକୁ ବୁଝାଏ। ଏହା ସମାନତାର ଭାବନା ଓ ଅନ୍ୟର ମତକୁ ସମ୍ମାନ ଦେବାକୁ ବୁଝାଏ। ବିତର୍କ ମାଧ୍ୟମରେ ସହମତିର ସିଦ୍ଧାନ୍ତକୁ ଗ୍ରହଣ କରିବାକୁ ବୁଝାଏଚ ନିଜକୁ ସୁପ୍ରିମ୍ ବା ଉଚ୍ଚତର ଭାବୁଥିବା କୌଣସି ବ୍ୟକ୍ତି ଗଣତନ୍ତ୍ରବାଦୀ ହୋଇପାରିବ ନାହିଁ। ଗଣତନ୍ତ୍ର ଏକ ବିକଶିତ ଚେତନା। ଏହା ମାନବବାଦ ସହିତ ଜଡିତ। ଏହି ଚେତନାର ବିକାଶ ପାଇଁ ସାଧନା ଲୋଡ଼ା। ସାଧନା ବଳରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଜାଗ୍ରତ ହୁଏ।

ଏହା ଏକ ଗଭୀର ଅନୁଭୂତି। ଜଣେ ଗଣତନ୍ତ୍ର ପ୍ରେମୀର ଚିନ୍ତନ, କଥନ ଓ କର୍ମ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ପର୍ଯ୍ୟବେଶିତ ହେବା ଜରୁରୀ। ଗୋଟିଏ ଦଳ ମଧ୍ୟରେ ଥିବା ସମସ୍ତ କର୍ମୀ ସମାନ ମର୍ଯ୍ୟାଦା ପାଇବା ଉଚିତ। ଦଳ ସାମୂହିକ ବିଚାରବିମର୍ଷ ଉପରେ ଆଗକୁ ବଢିବା ଉଚିତ। ସର୍ବୋଚ୍ଚ ନେତା ସେହି ବ୍ୟକ୍ତି ହେବା ଉଚିତ, ଯାହାଙ୍କ ନିକଟରେ ସମସ୍ତଙ୍କୁ ଶୁଣିବା ଓ ସେହି ଅନୁସାରେ ସିଦ୍ଧାନ୍ତ ନେବାର ଗୁଣ ଥିବ। ଯାହାଙ୍କ ନିକଟରେ ଗଣପ୍ରତି ସମ୍ମାନବୋଧ ଥିବ।

ଯେଉଁଠାରେ ନେତାଙ୍କ ପାଇଁ ହାଇକମାଣ୍ଡ ବା ସୁପ୍ରିମୋ ଶବ୍ଦର ବ୍ୟବହାର ହୁଏ ସେଠାରେ ଗଣତାନ୍ତ୍ରିକ ମୂଲ୍ୟବୋଧ ନିଶ୍ଚିତଭାବେ ବ୍ୟାହତ ହୁଏ। ବିକଶିତ ପାଶ୍ଚାତ୍ୟ ଗଣତନ୍ତ୍ରରେ ଏପରି ଶବ୍ଦର ପ୍ରୟୋଗ ହୁଏ ନାହିଁ। ସେଠାକାର ସର୍ବୋଚ୍ଚ ନେତା ଜଣେ ସାଧାରଣ ନାଗରିକ। କାର୍ଯ୍ୟକାଳର ସମାପ୍ତ ପରେ ଦେଖାଯାଏ ସେମାନେ କେଉଁଠାରେ ସେଲସମ୍ୟାନ୍ ବା କେଉଁ ଅଫିସରେ ସାଧାରଣ କର୍ମଚାରୀଭାବେ କାର୍ଯ୍ୟରତ। ଭାରତବର୍ଷର ରାଜନୀତିରୁ ପରିବାରବାଦ ସମାପ୍ତ ହେବା ସହିତ ହାଇକମାଣ୍ଡ ସଂସ୍କୃତିର ମଧ୍ୟ ବିଲୋପ ହେବା ଆବଶ୍ୟକ। ଆମେ ନିଜକୁ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରର ନାଗରିକଭାବେ ଗର୍ବ କରିବା ସହିତ ଉଚ୍ଚ ଗଣତାନ୍ତ୍ରିକ ମୂଲ୍ୟବୋଧ ସମ୍ପନ୍ନ ରାଷ୍ଟ୍ରର ନାଗରିକ ଭାବେ ଗର୍ବ କରିବାର ଅବକାଶ ମଧ୍ୟ ସୃଷ୍ଟି କରିବା ଆବଶ୍ୟକ।

ମୋ: ୭୦୦୮୯୭୬୧୮୦

# ପନ୍ଦରଦିନିଆ ଜଳୋପବାସ

ବିଶ୍ୱନାଥ ପାଢୀ

**ଭାରତୀୟ ସଂସ୍କୃତିରେ ଉପବାସର ପରମ୍ପରା ବହୁ ପ୍ରାଚୀନ। ହିନ୍ଦୁଧର୍ମରେ ଏକାଦଶୀ, ପ୍ରଦୋଷ ବ୍ରତ କିମ୍ବା ଓଷା-ବାରରେ ଉପବାସ ବା ନିର୍ଜଳା ଏକାଦଶୀର ବିଧାନ ରହିଛି। ଜୈନ ଧର୍ମରେ 'ସନ୍ଥାରା' ବା ଉପବାସର ଏକ କଠୋର ପରମ୍ପରା ରହିଛି, ଯେଉଁଥିରେ ଅନେକ ଦିନ ଧରି ଅନ୍ନଜଳ ତ୍ୟାଗ କରାଯାଏ। ଇସଲାମ ଧର୍ମରେ ରମଜାନ ମାସରେ ରୋଜା ରଖିବା ଏବଂ ଖ୍ରୀଷ୍ଟଧର୍ମରେ 'ଲେଣ୍ଟ' ସମୟରେ ଉପବାସ କରିବାର ପରମ୍ପରା ମଧ୍ୟ ରହିଛି।**

ସେଦିନ ମୁଁ ମୋର ଜଣେ ଅତି ପ୍ରିୟ ସାଙ୍ଗ ଅମିତ ଘରକୁ ଯାଇଥିଲି। ଅମିତ୍ ଜଣେ ଖାଦ୍ୟପ୍ରେମୀ ଏବଂ ଜିମ୍ ଯାଇ ବଡିବିଲ୍ଡିଂ କରିବା ତା'ର ସଉକ। କିନ୍ତୁ ସେଦିନ ତା' ଘରେ ପହଞ୍ଚି ମୁଁ ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟ ହୋଇଗଲି। ତା'ର ସେହି ସଦାସର୍ବଦା ହସହସ ଚେହେରା ଓ ଶକ୍ତିଶାଳୀ ଶରୀର ଯେମିତି ଶେଥା ପଡ଼ିଯାଇଥିଲା। ଡାଇନିଂ ଟେବୁଲ୍ ଉପରେ କୌଣସି ସ୍ୱାଦିଷ୍ଟ ଖାଦ୍ୟ ନ ଥିଲା, କେବଳ ଏକ ବଡ଼ କାଚ ଜାରରେ ପାଣି ରଖାଯାଇଥିଲା। ମୁଁ ବ୍ୟସ୍ତ ହୋଇ ପଚାରିଲି, କିରେ ଅମିତ କ'ଣ ଦେହ ଖରାପ? ସେ କ୍ଷୀଣ ସ୍ୱରରେ ହସିଦେଇ କହିଲା– ନା ମୁଁ ୱାଟର ଫାଷ୍ଟିଂ (ଜଳୋପବାସ) କରୁଛି। ଆଜି ମୋର ଅଷ୍ଟମ ଦିନ। ମୁଁ ୧୫ ଦିନ ପର୍ଯ୍ୟନ୍ତ କୌଣସି ଖାଦ୍ୟ ନ ଖାଇ କେବଳ ପାଣି ପିଇ ରହିବି। ସୋସିଆଲ ମିଡିଆର ଏକ ଭିଡିଓ ଦେଖି ସେ ନିଜ ଶରୀରକୁ ଏହି କଠୋର ପରୀକ୍ଷା ଭିତରକୁ ଠେଲି ଦେଇଥିଲା। ତେବେ ଆସନ୍ତୁ ଜାଣିବା, ଆଜିକାଲି ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଥିବା ଏହି ୧୫ ଦିନିଆ ୱାଟର ଫାଷ୍ଟିଂ ପ୍ରକୃତରେ କଣ?

ସରଳ ଭାଷାରେ କହିଲେ, ୱାଟର ଫାଷ୍ଟିଂ ହେଉଛି ଏମିତି ଏକ ଉପବାସ ଯେଉଁଠାରେ ବ୍ୟକ୍ତି ନିର୍ଦ୍ଧାରିତ ଦିନ ପାଇଁ ଖାଦ୍ୟ ଗ୍ରହଣ ସମ୍ପୂର୍ଣ୍ଣ ବନ୍ଦ କରିଦିଏ ଏବଂ କେବଳ ଜଳ ପାନ କରି ବଞ୍ଚିରହେ। ଇତିହାସକୁ ଦେଖିଲେ, ଶରୀରକୁ ସୁସ୍ଥ ରଖିବା ପାଇଁ ସ୍ୱଳ୍ପକାଳୀନ ଉପବାସର ଚିକିତ୍ସା ପଦ୍ଧତି ୧୯୧୫ ମସିହାରୁ ଡାକ୍ତରୀ ବିଜ୍ଞାନରେ ଆଲୋଚନା ହୋଇଆସୁଛି। କିନ୍ତୁ ଏକ 'ପପୁଲାର୍ ଟ୍ରେଣ୍ଡ' ବା ସାମାଜିକ ଧାରା ଭାବରେ ଏହାର ଆଧୁନିକ ରୂପରେଖ ପ୍ରାୟ ୨୦୧୨ ମସିହାରେ ଆରମ୍ଭ ହୋଇଥିଲା, ଯେତେବେଳେ ବିବିସିର ଏକ ଡକ୍ୟୁମେଣ୍ଟାରୀ Eat, Fast and Live Longer ପ୍ରସାରିତ ହେଲା। ପରବର୍ତ୍ତୀ ସମୟରେ ୨୦୧୮ ମସିହା ବେଳକୁ ଆମେରିକାର ସିଲିକନ୍ ଭ୍ୟାଲିର ଆଇଟି ପ୍ରଫେସନାଲ୍ସଙ୍କ ମଧ୍ୟରେ ଓଜନ କମାଇବା ଏବଂ ମସ୍ତିଷ୍କର କାର୍ଯ୍ୟଦକ୍ଷତା ବଢ଼ାଇବା ପାଇଁ ଏହା ଏକ ପାଗଳାମିରେ ପରିଣତ ହେଲା। ଆଜି ଏହା ବିଶ୍ୱବ୍ୟାପୀ ସୋସିଆଲ ମିଡିଆ ଯୋଗୁଁ ୧୫ ଦିନିଆ ଦୀର୍ଘକାଳୀନ କଠୋର ରୂପ ଧାରଣ କରିଛି।

ପାଶ୍ଚାତ୍ୟ ଦେଶଗୁଡ଼ିକରେ ୱାଟର ଫାଷ୍ଟିଂକୁ ଏକ ବାୟୋହ୍ୟାକିଂ (ଶରୀରର ଜୈବିକ ପ୍ରକ୍ରିୟାକୁ ନିଜ ନିୟନ୍ତ୍ରଣକୁ ଆଣିବା) କିମ୍ବା ଡିଟକ୍ସିଫିକେଶନ (ଶରୀରରୁ ଦୂଷିତ ପଦାର୍ଥ ବାହାର କରିବା)ର ସର୍ବୋତ୍ତମ ମାଧ୍ୟମ ଭାବେ ଗ୍ରହଣ କରାଯାଉଛି। ତାଙ୍କ ଅନୁସାରେ, ଶରୀରକୁ କିଛି ଦିନ ଖାଦ୍ୟ ନ ଦେଲେ ତାହା 'ଅଟୋଫାଗି' ପ୍ରକ୍ରିୟା ଆରମ୍ଭ କରେ, ଯେଉଁଥିରେ ଶରୀର ନିଜର ପୁରୁଣା ଓ ଖରାପ କୋଷଗୁଡ଼ିକୁ ନିଜେ ଖାଇ ନୂଆ କୋଷ ତିଆରି କରେ। ସେଠାରେ ଏହାକୁ ଏକ ବୈଜ୍ଞାନିକ ଫର୍ମୁଲା ଭାବେ ବିକ୍ରି କରାଯାଉଛି।

ଏହି ସ୍ୱାସ୍ଥ୍ୟ ଟ୍ରେଣ୍ଡକୁ ସାରା ବିଶ୍ୱରେ ବିସ୍ତାର କରିବାରେ ସେଲିବ୍ରିଟି ତଥା ପ୍ରସିଦ୍ଧ ବ୍ୟକ୍ତିମାନଙ୍କର ବଡ଼ ହାତ ରହିଛି। ହଲିଉଡର ସୁପରଷ୍ଟାର୍ 'ଥର୍' ର ନାୟକ କ୍ରିସ୍ ହେମସ୍ୱର୍ଥ ନିଜ ଶରୀରର ସୀମା ପରୀକ୍ଷା କରିବା ପାଇଁ ପ୍ରାୟ ୪ ଦିନ ସମ୍ପୂର୍ଣ୍ଣ ଉପବାସ କରି ଚର୍ଚ୍ଚାକୁ ଆସିଥିଲେ। ସେହିପରି ଟେକ୍ ଜଗତର ମହାରଥୀ ଏଲନ୍ ମସ୍କ ଏବଂ ଟ୍ୱିଟରର ପୂର୍ବତନ ସିଇଓ ଜ୍ୟାକ୍ ଡୋର୍ସେ ମଧ୍ୟ ଫାଷ୍ଟିଂ ଦ୍ୱାରା ଓଜନ କମାଇବା କଥା ସ୍ୱୀକାର କରିଛନ୍ତି। ଭାରତରେ ମଧ୍ୟ ଏହାର ପ୍ରଭାବ କିଛି କମ୍ ନୁହେଁ। ଯୁବ ଉଦ୍ୟୋଗୀ ତଥା ପ୍ରେରଣାଦାୟୀ ବକ୍ତା ସନ୍ଦୀପ ମାହେଶ୍ୱରୀ, ମାଲାୟାଲମ୍ ଟିଭି ହୋଷ୍ଟ ରଞ୍ଜିନୀ ହରିଦାସ ନିକଟରେ ନିଜର ୧୫ ଦିନିଆ ୱାଟର ଫାଷ୍ଟିଂର ଅନୁଭୂତି ଇନଷ୍ଟାଗ୍ରାମରେ ସେୟାର କରି କହିଛନ୍ତି ଯେ ଏହା କିପରି ତାଙ୍କ ଜୀବନ ବଦଳାଇ ଦେଇଛି। ବଲିଉଡରେ ମଧ୍ୟ ଆଲିଆ ଭଟ୍ଟ, ମଲାଇକା ଆରୋରାଙ୍କ ଭଳି ତାରକାମାନେ ଇଣ୍ଟରମିଟେଣ୍ଟ ଫାଷ୍ଟିଂ କରୁଥିବା ବେଳେ ପ୍ରଶଂସକମାନେ ଅନ୍ଧଭାବେ ଏହାକୁ ଅନୁକରଣ କରି ଅତି କଠୋର ୧୫ ଦିନିଆ ୱାଟର ଫାଷ୍ଟିଂ ଆଡ଼କୁ ଆକର୍ଷିତ ହେଉଛନ୍ତି।

ଯଦିଓ ଆଜି ଏହାକୁ ଏକ ଆଧୁନିକ ଟ୍ରେଣ୍ଡ କୁହାଯାଉଛି, ତେବେ ଭାରତୀୟ ସଂସ୍କୃତିରେ ଉପବାସର ପରମ୍ପରା ବହୁ ପ୍ରାଚୀନ। ହିନ୍ଦୁଧର୍ମରେ ଏକାଦଶୀ, ପ୍ରଦୋଷ ବ୍ରତ କିମ୍ବା ଓଷା-ବାରରେ ଉପବାସ ବା ନିର୍ଜଳା ଏକାଦଶୀର ବିଧାନ ରହିଛି। ଜୈନ ଧର୍ମରେ 'ସନ୍ଥାରା' ବା ଉପବାସର ଏକ କଠୋର ପରମ୍ପରା ରହିଛି, ଯେଉଁଠାରେ ଅନେକ ଦିନ ଧରି ଅନ୍ନଜଳ ତ୍ୟାଗ କରାଯାଏ। ରମଜାନ ମାସରେ ରୋଜା ରଖିବା ଏବଂ ଖ୍ରୀଷ୍ଟଧର୍ମରେ 'ଲେଣ୍ଟ' ସମୟରେ ଉପବାସ କରିବାର ପ୍ରାଚୀନ ପରମ୍ପରା ଅଛି। ତେବେ ଧାର୍ମିକ ଉପବାସର ମୂଳ ଉଦ୍ଦେଶ୍ୟ ଥିଲା ମନର ଶୁଦ୍ଧତା, ଆତ୍ମସଂଯମ ଏବଂ ଭଗବତ ଭକ୍ତି। କିନ୍ତୁ ଆଜିର ଆଧୁନିକ ୱାଟର ଫାଷ୍ଟିଂ କେବଳ ଶାରୀରିକ ସୌନ୍ଦର୍ଯ୍ୟ ଏବଂ ସୋସିଆଲ ମିଡିଆରେ ଦେଖେଇ ହେବାର ଏକ ମାଧ୍ୟମ ପାଲଟିଛି।

ଆଜିର ଯୁଗ ହେଉଛି ଇନଷ୍ଟାଣ୍ଟ ବା ତୁରନ୍ତ ଫଳାଫଳ ପାଇବାର ଯୁଗ। ଲୋକମାନେ ମାସ ମାସ ଧରି ଜିମ୍ ଯିବା କିମ୍ବା ସୁଷମ ଖାଦ୍ୟ ଖାଇ ଧୈର୍ଯ୍ୟର ସହ ଓଜନ କମାଇବାକୁ ଚାହୁଁନାହାନ୍ତି। ସୋସିଆଲ ମିଡିଆ ରିଲ୍ସରେ ୧୫ ଦିନରେ ୧୦ କେଜି ଓଜନ କମାନ୍ତୁ ଭଳି ଆକର୍ଷଣୀୟ ବିଜ୍ଞାପନ ଯୁବପିଢ଼ିଙ୍କୁ ଚୁମ୍ବକ ଭଳି ଟାଣୁଛି। ଏହା ସହିତ ନିଜକୁ ଆଧୁନିକ ଏବଂ ସ୍ୱାସ୍ଥ୍ୟ ସଚେତନ ଦେଖାଇବାର ମାନସିକତା ମଧ୍ୟ ଏହି ଟ୍ରେଣ୍ଡକୁ ବଢ଼ାଇବାରେ ସାହାଯ୍ୟ କରୁଛି।

ନିୟନ୍ତ୍ରିତ ଏବଂ ସ୍ୱଳ୍ପ ସମୟ (୨୪ ରୁ ୭୨ ଘଣ୍ଟା) ପାଇଁ କରାଯାଉଥିବା ୱାଟର ଫାଷ୍ଟିଂର କିଛି ସୁଫଳଗୁଡ଼ିକ ହେଲା। ଏହା ଶରୀରର ମୃତ କୋଷଗୁଡ଼ିକୁ ସଫା କରିବା ସହିତ ରକ୍ତରେ ଶର୍କରା ସ୍ତର ଏବଂ ରକ୍ତଚାପ ହ୍ରାସ କରିଥାଏ ଏବଂ କିଛି କ୍ଷେତ୍ରରେ ଶରୀରରେ ଥିବା ଜମାଟ ଚର୍ବି ଶକ୍ତିରେ ରୂପାନ୍ତରିତ ହୋଇ ଶୀଘ୍ର ଓଜନ କମିଥାଏ। କିନ୍ତୁ ୧୫ ଦିନ ଭଳି ଏକ ଦୀର୍ଘ ସମୟ ପାଇଁ କେବଳ ପାଣି ପିଇ ରହିବା ଜୀବନ ସହିତ ଖେଳିବା ସଦୃଶ। ଏହାଦ୍ୱାରା ଡିହାଇଡ୍ରେସନ ଓ ମିନେରାଲ୍ସର ଅଭାବ ପରିଲକ୍ଷିତ ହେବା ସହିତ ଶରୀରର ମାଂସପେଶୀ ନଷ୍ଟ ହେବାର ଆଶଙ୍କା ମଧ୍ୟ ଥାଏ।

ପୁନଶ୍ଚ ୧୫ ଦିନର ଉପବାସ ପରେ ଯଦି ହଠାତ ଭାରୀ ଖାଦ୍ୟ ଖାଇଦିଆଯାଏ, ତେବେ ଶରୀରର ମେଟାବୋଲିଜିମ୍ ତାହା ସହ୍ୟ କରିପାରେନାହିଁ, ଯାହା ମୃତ୍ୟୁର କାରଣ ମଧ୍ୟ ହୋଇପାରେ।

ପାଶ୍ଚାତ୍ୟ ଦେଶରେ ଲୋକମାନେ ୱାଟର ଫାଷ୍ଟିଂ କରିବା ସମୟରେ ବିଭିନ୍ନ ପ୍ରକାରର ଆପ୍, ସ୍ମାର୍ଟ ୱାଚ୍ ଏବଂ ମେଡିକାଲ୍ ଗାଇଡ୍‌ଲାଇନର ସାହାଯ୍ୟ ନିଅନ୍ତି। ସେଠାରେ ବିଭିନ୍ନ ୱେଲନେସ୍ ସେଣ୍ଟର ଅଛି ଯେଉଁଠି ଡାକ୍ତରଙ୍କ ତତ୍ତ୍ୱାବଧାନରେ ଏହା କରାଯାଏ। କିନ୍ତୁ ଭାରତରେ ପରିସ୍ଥିତି ଭିନ୍ନ। ଭାରତୀୟମାନେ ପ୍ରାୟତଃ ସୋସିଆଲ ମିଡିଆରୁ ଅଧପନ୍ତରିଆ ଜ୍ଞାନ ନେଇ କିମ୍ବା କୌଣସି ୟୁଟ୍ୟୁବ୍ ଭିଡିଓ ଦେଖି ସିଧାସଳଖ ଘରେ ନିଜେ ନିଜେ ଏହି କଠୋର ଉପବାସ ଆରମ୍ଭ କରିଦିଅନ୍ତି। ଆମ ଜଳବାୟୁ ଏବଂ ଜୀବନଶୈଳୀ ଅନୁସାରେ ବିନା ପରାମର୍ଶରେ ଏପରି କରିବା ଅଧିକ ମାରାତ୍ମକ ପ୍ରମାଣିତ ହେଉଛି। ୱାଟର ଫାଷ୍ଟିଂ କରିବା ପୂର୍ବରୁ ଡାକ୍ତରୀ ପରାମର୍ଶ ନେବା ଏକ ପ୍ରକାର ଅନିବାର୍ଯ୍ୟ। ପ୍ରତ୍ୟେକ ମଣିଷର ଶରୀର ଏକ ସ୍ୱତନ୍ତ୍ର ଯନ୍ତ୍ର ସଦୃଶ। ଯଦି କାହାକୁ ମଧୁମେହ, କିଡନୀ ସମସ୍ୟା, ୟୁରିକ୍ ଏସିଡ୍ କିମ୍ବା ରକ୍ତହୀନତା ଥାଏ ତେବେ ୱାଟର ଫାଷ୍ଟିଂ ତାଙ୍କ ପାଇଁ ବିଷ ସଦୃଶ ହୋଇପାରେ। ଡାକ୍ତରଙ୍କ ବିନା ଅନୁମତିରେ ଏବଂ ରକ୍ତ ପରୀକ୍ଷା ନ କରି ଏଭଳି ଦୀର୍ଘକାଳୀନ ପଦକ୍ଷେପ ନେବା ଆତ୍ମଘାତୀ ନିଷ୍ପତ୍ତି ଛଡ଼ା କିଛି ନୁହେଁ।

ଶେଷରେ ଏତିକି କୁହାଯାଇପାରେ ଯେ ସ୍ୱାସ୍ଥ୍ୟବାନ ହେବା ଏକ ସାଧନା। ଖାଦ୍ୟ ତ୍ୟାଗ କରିବା ଅପେକ୍ଷା ସୁଷମ ଖାଦ୍ୟ ଗ୍ରହଣ କରିବା, ଯୋଗ କରିବା ଏବଂ ସକାରାତ୍ମକ ଜୀବନଶୈଳୀ ଆପଣାଇବା ହିଁ ପ୍ରକୃତ ସୁସ୍ଥତାର ଚାବିକାଠି। ପ୍ରକୃତିର ନିୟମକୁ ଆଦର କରି ଜୀବନର ନଦୀକୁ ସ୍ୱାଭାବିକ ଗତିରେ ବହିବାକୁ ଦେବା ହିଁ ଶ୍ରେଷ୍ଠ ବୁଦ୍ଧିମାନର କାର୍ଯ୍ୟ।

ମୋ: ୯୨୩୮୮୩୧୬୫୮

ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ଲେଖା ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ ମତ । ଏହା 'ପ୍ରତିଦିନ'ର ମତ ନୁହେଁ ।

# ବନ୍ଧାଭୂଇଁ ଗୌଡସାହି ବାସିନ୍ଦା ମୌଳିକ ସୁବିଧାରୁ ବଞ୍ଚିତ



ବଣାଇ, ୨୪।୫ (ନି.ପ୍ର): ଦେଶ ସ୍ୱାଧୀନତାର ୭୯ ବର୍ଷ ଅତିକ୍ରମ କରି ଉନ୍ନତିର ନୂଆ ଶିଖରକୁ ଛୁଇଁବାକୁ ଯାଉଥିବା ବେଳେ ଆଜି ମଧ୍ୟ କିଛି ଗ୍ରାମ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଅନ୍ଧକାରରେ ଜୀବନ କାଟୁଛନ୍ତି । ଏପରି ଏକ ହୃଦୟବିଦାରକ ଚିତ୍ର ଦେଖିବାକୁ ମିଳିଛି ବଣାଇ ବ୍ଲକ ଭାଲୁପାଣି ପଞ୍ଚାୟତ ଅନ୍ତର୍ଗତ ବନ୍ଧାଭୁଇଁ ଗ୍ରାମର ଗୌଡ଼ସାହିରେ । ସାହିରେ ପ୍ରାୟ ୧୫୦ରୁ ଅଧିକ ଲୋକ ବସବାସ କରୁଥିଲେ ମଧ୍ୟ ସେମାନଙ୍କ ପାଇଁ ଥିବା ଏକମାତ୍ର ନଳକୂପ ଏବେ ପ୍ରାୟ ଅଚଳ ଅବସ୍ଥାରେ । ଖରାଦିନେ ଜଳସ୍ତର ତଳକୁ ଖସିଯାଇଥିବାରୁ ନଳକୂପରୁ ହଳଦିଆ ଓ ଦୂଷିତ ପାଣି ବାହାରୁଛି । ବାଧ୍ୟ ହୋଇ ସେହି ପାଣିକୁ ପାନୀୟ ଜଳ, ରୋଷେଇ ଓ ଦୈନନ୍ଦିନ କାମରେ ବ୍ୟବହାର କରୁଛନ୍ତି ସାହିବାସୀ । ଦୂଷିତ ପାଣି ପାନ କରି ଯେକୌଣସି ସମୟରେ ରୋଗ ବ୍ୟାପିବାର ଆଶଙ୍କା ଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇନାହିଁ । ଅନ୍ୟପଟେ, ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ ସାହିକୁ ବିଦ୍ୟୁତ ସଂଯୋଗ ପହଞ୍ଚିନଥିବା ଘଟଣା ସରକାରୀ ବିକାଶ ଦାବିକୁ ପ୍ରଶ୍ନର ସମ୍ମୁଖୀନ କରିଛି । ରାତି ହେଲେ ସମଗ୍ର ସାହି ଅନ୍ଧକାରରେ ବୁଡିଯାଉଛି । ଛାତ୍ରଛାତ୍ରୀମାନେ ଡିବିରି ଓ ଲଣ୍ଠନ ଆଲୋକରେ ପାଠ ପଢୁଥିବା ବେଳେ ମୋବାଇଲ ଚାର୍ଜ କରିବା ପାଇଁ ଅନ୍ୟ ସାହି ଉପରେ ନିର୍ଭର କରିବାକୁ ପଡୁଛି । ପ୍ରବଳ ଖରା ଓ ଗୁଳୁଗୁଳିରେ ସାହିରେ ଥିବା କିଛି ଗଛ ହିଁ ସେମାନଙ୍କ ଏକମାତ୍ର ଭରସା । ସାହିବାସୀଙ୍କ କହିବା ଅନୁସାରେ, ବାରମ୍ବାର ବିଭାଗୀୟ ଅଧିକାରୀ ଓ ପ୍ରଶାସନଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ କେହି ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି । ଏନେଇ ବଣାଇ ଉପଜିଲ୍ଲାପାଳ ଅଶୋକ କୁମାର ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ପାଣି ଓ ବିଦ୍ୟୁତ ସମସ୍ୟାକୁ ନେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନିଆଯିବ । ତେବେ ପ୍ରଶ୍ନ ଉଠୁଛି, ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଯଦି ଗ୍ରାମବାସୀ ମୌଳିକ ସୁବିଧା ପାଇଁ ସଂଘର୍ଷ କରିବେ, ତେବେ ସରକାରଙ୍କ ବିକାଶ ଯୋଜନା କାହା ପାଇଁ । ନିର୍ବାଚନ ସମୟରେ ନେତାମାନଙ୍କ ପ୍ରତିଶୃତି କେବଳ ଭୋଟ ପର୍ଯ୍ୟନ୍ତ ସୀମିତ ରହିଯାଉଥିବା ଅଭିଯୋଗ କରିଛନ୍ତି ସାହିବାସୀ । ଶୀଘ୍ର ସମସ୍ୟାର ସମାଧାନ ନ ହେଲେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ସେମାନେ ସତର୍କ କରିଛନ୍ତି ।

# ମଦ ବନ୍ଦ ପାଇଁ ମହିଳାଙ୍କ ଦାବିପତ୍ର

ତେନ୍ତୁଳୀଖୁଣ୍ଟି,୨୪।୫ (ନି.ପ୍ର) : ନବରଙ୍ଗପୁର ଜିଲ୍ଲା ତେନ୍ତୁଳୀଖୁଣ୍ଟି ବ୍ଲକ ସ୍ଥିତ ଭାରତ ପେଟ୍ରୋଲ ପମ୍ପ ଠାରେ ମହିଳା ମାନେ ପ୍ରାୟ ହଜାରରୁ ଉର୍ଦ୍ଧ ମହିଳା ଏକତ୍ରିତ ହୋଇ ଏକ ରାଲି ମାଧ୍ୟମରେ ସରକାର ଓ ଅବକାରୀ ବିଭାଗ ବିରୁଦ୍ଧରେ ସ୍ଲୋଗନ ଦେଇ ତେନ୍ତୁଳୀଖୁଣ୍ଟି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଏବିଡିଓ, ତହସିଲ ଓ ତେନ୍ତୁଳୀଖୁଣ୍ଟି ଥାନାରେ ଏକ ଦାବି ପତ୍ର ଦେଇଥିଲେ । ଦାବିପତ୍ରରେ ୬ ଗୋଟି ସମସ୍ୟା ଉଲ୍ଲେଖ କରାଯାଇଥିଲା । ସେଥିମଧ୍ୟରୁ ରାଜ୍ୟ ସରକାର ଅବକାରୀ ବିଭାଗ ନିୟମକୁ ଉଲ୍ଲଙ୍ଘନ କରି ତେନ୍ତୁଳୀଖୁଣ୍ଟି ବ୍ଲକରେ ଦେଶୀ ମଦ ଓ ବିଦେଶୀ ମଦ ଭାଟି ବେନିୟମରେ ଚାଲିଥିବା, ତେନ୍ତୁଳୀଖୁଣ୍ଟି ବ୍ଲକର ଏସହେଚଜି ମାନଙ୍କ ଦ୍ୱାରା ମଦ୍ୟପ ମାନଙ୍କୁ ଚିହ୍ନଟ କରିବା, ତେନ୍ତୁଳୀଖୁଣ୍ଟି ବ୍ଲକକୁ ନିଶାମୁକ୍ତ ଓ ମଦ ମୁକ୍ତ କରିବା ଓ ପୋଲିସ ସାହାଯ୍ୟରେ ପ୍ରତ୍ୟକ ଗ୍ରାମରେ ନାରୀମାନଙ୍କୁ ନେଇ ସଙ୍ଗଠନ ସୁଦୃଢ କରିବା ଓ ପଞ୍ଚମ ଅନୁସୂଚିତ ଅଞ୍ଚଳ ନବରଙ୍ଗପୁର ଜିଲ୍ଲା ମଧ୍ୟରେ ୧୯୯୬ ପେସା ଆଇନ ଓ ଭାରତୀୟ ସମ୍ବିଧାନ ୨୪୪(କ)ନିୟମ ଅନୁଯାୟୀ ମଦ ବା ମଦ କରବାରକୁ ଗ୍ରାମସଭା କରାଯାଇ ମଦ ବନ୍ଦ କରାଯାଉ । ତେନ୍ତୁଳୀଖୁଣ୍ଟି ମୁଖ୍ୟ ରାସ୍ତା କଡ଼ରେ ଓ ଅଞ୍ଚଳ ଗୁମ୍ମାହାଟ ପଦା ଠାରେ ଥିବା ବିଦେଶୀ ଭାଟି ତୁରନ୍ତ ବନ୍ଦ କରିବା ପାଇଁ ଅଭିଯୋଗ କରିଥିଲେ । ଏହି ରାଲିରେ ତେନ୍ତୁଳୀଖୁଣ୍ଟି ଥାନା ଅଧିକାରୀ ପ୍ରଣବ କୁମାର ଟୁଡୁ ଓ ତାଙ୍କ ଟିମ ଶାନ୍ତି ଶୃଙ୍ଖଳା ବଜାଏ ରଖିଥିଲେ ।

# ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଫୁଲବାଣୀ, ୨୪।୫ (ନି.ପ୍ର): ଫୁଲବାଣୀ ସ୍ଥିତ ଇନଡୋର ଷ୍ଟାଡିୟମରେ ୟୋନେକ୍ସ ସନରାଇଜ୍ ଓସବା ରାଜ୍ୟ ସ୍ତରୀୟ ବ୍ୟାଡମିନ୍ଟନ ଟୁର୍ଣ୍ଣାମେଣ୍ଟ ଗତ ୨୨ ତାରିଖରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ତାଙ୍କ ସହିତ କନ୍ଧମାଳ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ସଭାପତି ତଥା ପୂର୍ବତନ ଖେଳାଳି ଅଶୋକ କୁମାର ପଟ୍ଟନାୟକ କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ପାତ୍ର,ସମ୍ପାଦକ ତଥା ପୂର୍ବତନ ଜାତୀୟ ସ୍ତରର ଖେଳାଳି ଦୀପକ କୁମାର ମହାନ୍ତି, ଟୁର୍ଣ୍ଣାମେଣ୍ଟ ଅବଜର୍ବର ପ୍ରଦୀପ ପଟ୍ଟନାୟକ, ଟୁର୍ଣ୍ଣାମେଣ୍ଟ କୋଡିନେଟର ପ୍ରଶାନ୍ତ କୁମାର ବେହେରା,ମୁଖ୍ୟ ରେଫରୀ ସ୍ୱାଧିନ ମିଶ୍ର, ଟିଓ ଅବଜର୍ବଭ ଶ୍ରୀ ସମୀର ସାହୁ ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ତିନି ଦିନିଆ ଟୁର୍ଣ୍ଣାମେଣ୍ଟରେ ୧୪ ଜଣ ରାଜ୍ୟସ୍ତରୀୟ ମହିଳା ଖେଳାଳିଙ୍କ ସମେତ ୯୦ ଜଣ ପୁରୁଷ ଖେଳାଳି ଭାଗ ନେଇଥିଲେ । ଆଜି ଶେଷ ଦିବସର ଉଦଯାପନୀ ଉତ୍ସବରେ କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିଶ୍ ବିସି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ସିଙ୍ଗଲ୍ସ, ଡବଲ୍ସ ଏବଂ ମିକ୍ସ ଡବଲ୍ସ ଖେଳର ଚମ୍ପିଆନ୍ସ ଓ ରନର୍ସ ମାନଙ୍କୁ ଟ୍ରଫି ଓ ପ୍ରାଇଜ୍ ମନି ପ୍ରଦାନ କରିଥିଲେ । ଏଥିରେ ମହିଳା ବର୍ଗରେ ନିମିଷକ ନାୟକ ଚମ୍ପିଆନ୍ ହୋଇଥବା ବେଳେ ସ୍ୱାତୀ ନାୟକ ରନର୍ସଅପ୍ ହୋଇଥିଲେ । ସେହିପରି ପୁରୁଷ ବର୍ଗରେ ତୋସିଫ ଖାନ୍ ଚମ୍ପିଆନ୍ ଏବଂ ଆରୟା ମାଝି ରନର୍ସଅପ୍ ହୋଇଥିଲେ । ସେହିପାରି ପୁରୁଷ ଡବଲ୍ସରେ କାଲାଗା ଜଗଦୀଶ ଓ ଚନ୍ଦ୍ରକୁମାରଙ୍କ ଜୋଡି ଏବଂ ପାରସ୍ ମାଥୁର ଓ ତାଙ୍କର ପାର୍ଟନର ଅର୍ନିବାଣ ମଣ୍ଡଳ ମଧ୍ୟରେ ଫାଇନାଲ୍ ରେ କାଲାଗା ଜଗଦୀଶ୍ ଙ୍କ ଜୋଡି ଚମ୍ପିଆନ୍ ହୋଇଥିଲେ । ଏଥିରେ ଡବଲ୍ସ, ସିଙ୍ଗଲ୍ସ, ଚମ୍ପିଆନ୍ କୁ ୬ ହଜାର ଏବଂ ରନର୍ସ ଦଳକୁ ୪ ହଜାର ଟଙ୍କାର ଅର୍ଥ ରାଶି ପୁରସ୍କାର ପ୍ରଦାନ କରାଯାଇଥିଲା । ମିକ୍ସ ଡବଲ୍ସର ଚମ୍ପିଆନ୍ ଙ୍କୁ ୮ ହଜାର ଏବଂ ରନରସଅପ୍ଙ୍କୁ ୫ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା ।

## ଅପେରା ପରିବେଷଣ ବେଳେ ଅଘଟଣ

# ମୃତକଙ୍କ ପରିବାରକୁ ୫ ଲକ୍ଷ ୫୦ ହଜାର ଟଙ୍କା ସହାୟତା

ହିଞ୍ଜିଳିକାଟୁ,୨୪।୫(ନି.ପ୍ର): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ପୌରାଞ୍ଚଳ ଘୋଡାହାଡ ନଦୀ ନିକଟରେ ଚାଲିଥିଲା ଅପେରା ପରିବେଷଣ । ହିଞ୍ଜିଳିକାଟୁ ରାଧାକୃଷ୍ଣ ହୋଲସେଲ ପରିବା ବ୍ୟବସାୟୀ ସଂଘ ପକ୍ଷରୁ ଆୟୋଜନ କରାଯାଇଥିବା ୪ ଦିନିଆ ସିଂହ ବାହୀନି ଅପେରାର ପ୍ରଥମ ରଜନୀରେ ହିଁ ଘଟିଲା ଅଘଟଣ । ଅପେରା ପରିବେଷଣ ବେଳେ ଅସାବଧାନତା ବଶତଃ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଲେ ହିଞ୍ଜିଳି ଥାନା ତଥା ହିଞ୍ଜିଳିକାଟୁ ପୌରାଞ୍ଚଳ ଆଙ୍କୋରଡା ଗ୍ରାମ ୧୮ ନଂ ୱାର୍ଡ ବାସିନ୍ଦା ବଳରାମ ନାହାକ (୨୩) । ଏଭଳି ଏକ ଅଭାବନୀୟ ଘଟଣା ଶନିବାର ବିଳମ୍ବିତ ରାତିରେ ଘଟିଛି । ଅପେରା କମିଟି ଓ କିଛି ଦର୍ଶକ ବଳରାମଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଦୁଃଖ ଓ ପରିତାପର ବିଷୟ ଅପେରା ପରିବେଷଣ ସମୟରେ ବିଦ୍ୟୁତ ଆଘାତରେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଯାତ୍ରା କମିଟି କିମ୍ବା ଅପେରା ଦଳ ଏଥିପ୍ରତି ସମବେଦନା ଦେବା ତ ଦୂରର କଥା ଏହାକୁ ସେତେଟା ଗୁରୁତ୍ୱ ଦେଇନଥିଲେ । ବରଂ ବ୍ୟବସାୟିକ ଉଦ୍ଦେଶ୍ୟ ରଖି ଅପେରା ପରିବେଷଣ କରି ଦର୍ଶକଙ୍କ ପାଇଁ ମନୋରଞ୍ଜନ କରିଥିଲେ । ଖବର ପାଇ ମୃତକଙ୍କ ଗ୍ରାମର ୫ଶହରୁ ଉର୍ଦ୍ଧ୍ୱ ଲୋକ କ୍ଷତିପୂରଣ ଦାବିରେ ହିଞ୍ଜିଳି ଥାନା ଘେରାଉ କରିଥିଲେ । ଖବର ପାଇ ହିଞ୍ଜିଳି ପୁଲିସ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ମୃତଦେହକୁ ଜବତ କରିଛି । ଏ ନେଇ ହିଞ୍ଜିଳି ଥାନାରେ କେସ ନଂ – ୮/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ରବିବାର ସକାଳେ ମୃତଦେହ ବ୍ୟବଚ୍ଛେଦ ସକାଶେ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ପଠାଇ ପୋଲିସ ଘଟଣାର ତଦନ୍ତ ଚଳାଇଛି । ଗୋଟିଏ ପଟେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଶବ ପଡି ରହିଥିବା ବେଳେ ସେଠାରେ କେହି ବି ଜଣେ ଉପସ୍ଥିତ ଥିବା ଦେଖା ଯାଇଥିଲା । ଏଭଳି ଏକ ଅଭାବନୀୟ ଘଟଣା ଘଟିଥିଲେ ମଧ୍ୟ ଅପେରା ପରିଚାଳନା କମିଟି, ଯାତ୍ରା କଳାକାର କିମ୍ବା ରାଧାକୃଷ୍ଣ ହୋଲସେଲ ପରିବା ବ୍ୟବସାୟୀ କମିଟି ପକ୍ଷରୁ ସାମାନ୍ୟତମ ସମବେଦନା ଜ୍ଞାପନ କରାନଯିବା ଘଟଣା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ବହୁ ବାଦବିବାଦ ପରେ ଅପେରା ପରିଚାଳକ ଓ ମାଲିକ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ସହମତି ପ୍ରକାଶ କରିଛନ୍ତି । ଯାତ୍ରା କଳାକାର ପିୟୁଷ ତ୍ରିପାଠୀ ମୃତକଙ୍କ ପରିବାରକୁ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବା ସହ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି । ବିଳମ୍ବିତ ରାତ୍ର ସମୟ ପର୍ଯ୍ୟନ୍ତ ଅପେରା ପରିବେଷଣ ସକାଶେ ଅନୁମତି ପତ୍ର କମିଟି ପକ୍ଷରୁ ହିଞ୍ଜିଳି ଥାନାରେ ଦାଖଲ କରାଯାଇନଥିବା ଜଣାପଡ଼ିଛି । ଏଭଳି ତ୍ରୁଟି ବିଚ୍ୟୁତିକୁ ଏଡ଼ାଇ ଦେଇ ଅପେରା ପରିବେଷଣ ହୋଇଥିଲେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଶିଥିଳତା ଏବଂ ସ୍ଥାନୀୟ ବିଦ୍ୟୁତ ବିଭାଗୀୟ ଅଧିକାରୀ ମଧ୍ୟ ବିନା ଯାଞ୍ଚରେ କିପରି ଆପତ୍ତି ବିହୀନ ପ୍ରମାଣପତ୍ର ପ୍ରଦାନ କରିଥିଲେ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି । କେଉଁ ଅଦୃଶ୍ୟ କାରଣରୁ ଏଭଳି ବେଆଇନ କାର୍ଯ୍ୟକୁ ପ୍ରଶୟ ଦିଆଯାଉଛି, ତାହା ସନ୍ଦେହ ଘେରରେ ରହିଛି । ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି । ଶୋକାକୁଳ ପରିବେଶ ମଧ୍ୟରେ ସ୍ଥାନୀୟ ଶ୍ମଶାନରେ ଶବ ସତ୍କାର କରାଯାଇଛି ।

# ଆଇନଜୀବୀ ସଂଘର ନିର୍ବାଚନ: ସନ୍ତୋଷ ମିଶ୍ର ସଭାପତି, ତପନ କୁମାର ସିଂ ସମ୍ପାଦକ

ନବରଙ୍ଗପୁର,୨୪।୫ (ନି.ପ୍ର): ନବରଙ୍ଗପୁର ଆଇନଜିବୀ ସଂଘ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି । ୨୩ ତାରିଖ ଦିନ ମତ ଗ୍ରହଣ, ଭୋଟ ଗଣତି ଓ ଜୟନ୍ତୀ ତାଲିକା ଘୋଷଣା କରାଯାଇଥିଲା । ନିର୍ବାଚନ ସକାଳ ସାଢ଼େ ସାତଟା ବେଳେ ଆରମ୍ଭ ହୋଇଥିବା ବେଳେ ମଧ୍ୟାହ୍ନ ୩ ଟା ପର୍ଯ୍ୟନ୍ତ ମତ ଗ୍ରହଣ କରାଯାଇଥିଲା । ମୋଟ ୧୮୬ ଜଣ ବାର ସଦସ୍ୟ ସଦସ୍ୟା ମାନଙ୍କ ମଧ୍ୟରୁ ୧୭୫ ଜଣ ଆଇନଜୀବୀ ମାନେ ନିଜ ମତଦାନ କରିଥିଲେ । ପୂର୍ବରୁ ଉପ ସଭାପତି ରୂପେ ସ୍ନେହଲତା ଦେବୀ, ଯୁଗ୍ମ ସମ୍ପାଦିକା ରୂପେ ସ୍ୱାଗତିକା ସାମନ୍ତରାୟ, କୋଷାଧକ୍ଷ ରୂପେ ଶେଖ ବାବା ଅଲିସା ଓ ୩ ଟି କାର୍ଯ୍ୟକାରୀ ସଦସ୍ୟ ପ୍ରଶାନ୍ତ କୁମାର ପଟ୍ଟନାୟକ, ଗୋପାଳ ଶତପଥୀ ଓ ବାଲାଜୀ ମିଶ୍ର ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ । ଆଜି ସଭାପତି ଓ ସମ୍ପାଦକ ପଦବୀ ପାଇଁ ନିର୍ବାଚନ ହୋଇଥିଲା । ସଭାପତି ପଦବୀରେ ସନ୍ତୋଷ କୁମାର ମିଶ୍ର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ସିରାଜୁଦ୍ଦିନ ଅହମ୍ମଦ ଙ୍କ ଠାରୁ ୨୬ ଖଣ୍ଡ ଅଧିକ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି । ସେହିଭଳି ସମ୍ପାଦକ ପଦବୀ ରେ ଆଇନଜିବୀ ତପନ କୁମାର ସିଂହ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ କିଶୋରୀ ପଟ୍ଟନାୟକଙ୍କ ଠାରୁ ୩୭ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି ।

# ବିଶ୍ୱ ସିଜୋଫୋନିଆ ଦିବସ ପାଳିତ

କଣାସ,୨୪।୫(ନି.ପ୍ର): ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଳାଚଳ ସେବା ପ୍ରତିଷ୍ଠାନର କଲ୍ୟାଣୀ ଗୃହରେ ବିଶ୍ୱ ସିଜୋଫୋନିଆ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସମସ୍ତ ମାନସିକ ଅସୁସ୍ଥ ବ୍ୟକ୍ତି ମାନଙ୍କୁ ନେଇ ଏକ ସଚେତନତା ରାଲି କରାଯାଇଥିଲା। ଲୋକମାନଙ୍କୁ ସିଜୋଫୋନିଆ ରୋଗର ଲକ୍ଷଣ ଓ ନିରାକରଣର ବାର୍ତ୍ତା ଦିଆଯାଇଥିଲା। ପରେ ପ୍ରକଳ୍ପ ସଂଯୋଜକ କୃଷ୍ଣଚନ୍ଦ୍ର ନିଶଙ୍କଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା। ଶ୍ରୀ ନିଶଙ୍କ ସିଜୋଫୋନିଆ ରୋଗ କଣ ଓ ଏହାର ନିରାକରଣ ବିଷୟରେ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମକୁ ତତ୍ତ୍ୱାବଧାରକ ନିଗମାନନ୍ଦ ବାରିକ,ଶୁଭଲକ୍ଷ୍ମୀ ବଳିୟାରସିଂହ,ତପନ ଦାସ,ମନସ୍ତତ୍ତ୍ୱବିତ୍ ନୟନ ମୁର୍ମୁ,ଚିକିତ୍ସା ମନୋବିଜ୍ଞାନୀ ମମତା ବାରିକ,ସୁଜାତା ବେହେରା,ସ୍ୱପ୍ନାଶ୍ରୀ ମହାନ୍ତି,ପାର୍ବତୀ ମଲ୍ଲିକ,ଅନ୍ନପୂର୍ଣ୍ଣା ମହାପାତ୍ର,ତୁଳସୀରାଣୀ ନାଥ,ଅଳ୍ପା ପ୍ରିୟଦର୍ଶିନୀ ପ୍ରଧାନ,ସୋନାଲିକା ସାହୁ,ଭାଗ୍ୟଶ୍ରୀ ମଙ୍ଗରାଜ,ଲିପି ପ୍ରଧାନ,ସୁନନ୍ଦା ପାଲଟାସିଂହ,ବିଷ୍ଣୁପ୍ରିୟା ମଙ୍ଗରାଜ,ନମିତା ସ୍ୱାଇଁ,ମାନସୀ ସେଠୀ,କୁଳନନ୍ଦନ ଜେନା,ସର୍ବେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।

# ରଟିଙ୍ଗିଆ ପଞ୍ଚାୟତରେ କୁଇ ସମାଜ ସମ୍ମିଳନୀ



ଜି.ଉଦୟଗିରି, ୨୪।୫ (ନି.ପ୍ର): ଜି.ଉଦୟଗିରି ବ୍ଲକ ରଟିଙ୍ଗିଆ ପଞ୍ଚାୟତରେ କୁଇ ସମାଜ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆଦିବାସୀଙ୍କ ଭାଷା,ସଂସ୍କୃତି,ପରମ୍ପରା, ଐତିହ୍ୟ, ଲୋକକଳାକୁ ବଞ୍ଚାଇବା ଶିକ୍ଷା କ୍ଷେତ୍ରରେ ଅଗ୍ର ଗତି କରିବା ପାଇଁ କୁଇ ସମାଜ ଉପ ଶାଖା ପକ୍ଷରୁ ଏହି ସମ୍ମିଳନୀ ଆୟୋଜନ କରାଯାଇଥିଲା । ଆଦିବାସୀ କୁଇ କନ୍ଧ ସମ୍ପ୍ରଦାୟର ଶହ ଶହ ସଂଖ୍ୟାରେ ମେଳି ହୋଇଥିବା ବେଳେ ପ୍ରକୃତି ପୂଜା, ଗ୍ରାମଦେବୀ ପୂଜା କରିବା ପାଇଁ କୌଣସି ଧର୍ମଗତ, ରାଜନୈତିକ, ଲିଙ୍ଗଗତ ଭେଦଭାବ ନରଖି ନିଜ ଜାତି,ଭାଷା, ସଂସ୍କୃତି ପରମ୍ପରା ଐତିହ୍ୟ ଓ ଲୋକକଳାକୁ ବଞ୍ଚାଇବା ପାଇଁ ଏକାଠି ହୋଇଥିଲେ । କୁଇ ପରମ୍ପରା ଅନୁଯାୟୀ ପ୍ରକୃତି ଏବଂ ଧରଣୀ ପେନୁ ପୂଜା କରି ଉଦ୍‌ଘାଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆଦିବାସୀ ମହାସଂଘ, ଓଡ଼ିଶାର କନ୍ଧମାଳ ଶାଖାର ସଭାପତି ମନୋଜ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ସରପଞ୍ଚ ବିଷ୍ଣୁଦେବ ପ୍ରଧାନ, ନିଖିଳ ଉତ୍କଳ କୁଇ ସମାଜ ୟୁନିଅନ ସଦସ୍ୟ ଉଦେସନ ପ୍ରଧାନ, ସନାତନ ମାଝି, ପୂର୍ବତନ ଉପ-ସଭାପତି ସୁଭାଷ ଚନ୍ଦ୍ର ପ୍ରଧାନ, ବିଧୁଭୂଷଣ ପ୍ରଧାନ,ମୁଖ୍ୟବକ୍ତା ଭାବେ ଦଶପଲ୍ଲା କୁଇ ସମାଜ ସଭାପତି ଶ୍ରୀନିବାସ ଜାନୀ, କମିଟିର ସଭାପତି ସିଦ୍ଧାନ୍ତ ରଞ୍ଜନ ପ୍ରଧାନ, ସମ୍ପାଦକ ପ୍ରେମ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ । ଯୁକ୍ତ ଦୁଇ କଳା ବିଭାଗରେ ବ୍ଲକ ଟପ୍ପର ହୋଇଥିବା ଅମ୍ବିକା ପ୍ରଧାନ, ପଞ୍ଚାୟତ ସ୍ତରରେ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ଥିବା ହରିପ୍ରିୟା ପ୍ରଧାନ,ସୋନାଲି ମଲ୍ଲିକ ଓ କ୍ରୀଡ଼ା କ୍ଷେତ୍ରରେ ଜାତୀୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ସିପ୍ରାମୟୀ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା । କୁଇ ପରମ୍ପରା ଗୀତ ନୃତ୍ୟରେ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥି ସହିତ କୁଇ ସମାଜ ଉପ ଶାଖା କମିଟିର ସମସ୍ତ ସଦସ୍ୟ ମାନଙ୍କୁ ସମ୍ବର୍ଦ୍ଧନା କରି ଶପଥ ଗ୍ରହଣ କରିଥିଲେ ।

# ଯାତ୍ରା କୋଣାର୍କ ଗଣନାଟ୍ୟର ଉଦ୍‌ଘାଟନୀ ଉତ୍ସବ



ଦଶପଲ୍ଲା, ୨୪।୫ (ନି.ପ୍ର): ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଦୁର୍ଗାବଜାର ସ୍ଥିତ ନେତାଜୀ ପଡ଼ିଆ ଠାରେ ଜୟ ମହାବୀର ଯାତ୍ରା କମିଟି ଦ୍ୱାରା ଆୟୋଜିତ ଯାତ୍ରା କୋଣାର୍କ ଗଣନାଟ୍ୟର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ଦଶପଲ୍ଲା ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁ, ଓଡ଼ିଆ ଚଳଚ୍ଚିତ୍ର ଓ ଯାତ୍ରା ଲେଖକ ଓ ନିର୍ଦ୍ଦେଶକ ଗୁରୁଶ୍ରୀ ଗୁରୁପ୍ରସାଦ ମିଶ୍ର, ୧୬ ନଂ ୱାର୍ଡର କାଉନସିଲର ଚିତ୍ତରଞ୍ଜନ ଗୋଛି ଉପସ୍ଥିତ ଥିଲେ । ମହାବୀର ଯାତ୍ରା କମିଟିର ପ୍ରଭାରଞ୍ଜନ ଦାସ ମଞ୍ଚ ପରିଚାଳନା କରିଥିଲେ । ମହାବୀର ଯାତ୍ରା କମିଟିର ସଭାପତି କିଶୋର ଚନ୍ଦ୍ର ସାହୁ, ଦିଲ୍ଲୀପ କୁମାର ପଣ୍ଡା, ପ୍ରଫୁଲ୍ଲ କୁମାର ପଣ୍ଡା, ସଂଜି ବେହେରା, ମନୋରଞ୍ଜନ ସାହୁ, ଦିଲ୍ଲୀପ ମହାଳିକ ଓ କମିଟିର ସ୍ୱେଚ୍ଛାସେବୀ ଆଲୋକ ବେହେରା, ବିପିନ ନାହାକ, ସୁରେଶ ଡୋରା, ବାଦଲ ମୁଦୁଲି ପ୍ରମୁଖ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ । ଏହି ଉତ୍ସବରେ ୧୫୦୦ରୁ ଉର୍ଦ୍ଧ୍ୱ ଯାତ୍ରା ଦର୍ଶକ ଉପସ୍ଥିତ ଥିଲେ ।

# ଝୁଲନ୍ତା ମୃତ ଦେହ ଉଦ୍ଧାର

ପାପଡାହାଣ୍ଡି, ୨୪।୫ (ନି.ପ୍ର): ପାପଡାହାଣ୍ଡି ଥାନା ଅନ୍ତର୍ଗତ କର୍ଣ୍ଣଆଗୁଡା ଗ୍ରାମର ହରିସିଂ ଭତରା ( ୪୫ ) ଙ୍କ ଝୁଲନ୍ତା ମୃତ ଦେହ ତାଙ୍କ ଘର ନିକଟରେ ଥିବା ଏକ ଗମ୍ଭାରୀ ଗଛରୁ ମିଳିଛି । ହରିସିଂ ଘରୁ ବାହାରିଆଉ ଘରକୁ ଫେରିନଥିଲେ । ପରିବାର ଲୋକେ ତାଙ୍କୁ ଖୋଜା ଖୋଜି କରିଥିଲେ । ପରେ ତାଙ୍କ ମୃତ ଦେହ ଘର ନିକଟରେ ଥିବା ଖଳାର ଏକ ଗମ୍ଭାରୀ ଗଛରେ ଝୁଲୁଥିବା ଦେଖିବାକୁ ପାଇଥିଲେ । ଏ ସମ୍ପର୍କରେ ତାଙ୍କ ପୁଅ ସମଦୁ ଭତରା ପାପଡାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପାପଡାହାଣ୍ଡି ପୋଲିସ ମୃତ ଦେହକୁ ଉଦ୍ଧାର କରି ତଦନ୍ତ କରିଥାନାରେ ଏକ ଅପମୃତ୍ୟୁ ମାମଲା ୩/୨୬ ରୁଜୁ କରି ମୃତଦେହକୁ ପୋଷ୍ଟମୋଟମ କରି ପରିବାରକୁ ହସ୍ତାନ୍ତର କରିଛି ।

# ଘୁମୁସର ବିକାଶ ପରିଷଦ ବୈଠକ

ଭଞ୍ଜନଗର, ୨୪।୫ (ନି.ପ୍ର): ଏହି ବିକାଶ ପରିଷଦ ଯାହା ଏକ ଟ୍ରଷ୍ଟ ତାର ଏକ ଜରୁରୀ କାଳୀନ ବୈଠକ ବ୍ୟବସ୍ଥାପକ ସୋମନାଥ ନାୟକ ଆଇନଜୀବୀ ଙ୍କ କାର୍ଯ୍ୟାଳୟରେ ଆଜି ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଯାଇଛି । ବ୍ୟବସ୍ଥାପକଙ୍କ ସହ ଏହାର ନ୍ୟାସୀ ସର୍ବଶ୍ରୀ ଗୋପାଳ ଚନ୍ଦ୍ର ଲେଙ୍କା, ରବି ନାରାୟଣ ସାମନ୍ତ, ସୁଶାନ୍ତ ପାତ୍ର ସୁରେନ୍ଦ୍ର ବେହେରା ଆଲୋଚନାରେ ଭାଗ ନେଇଥିଲେ । ମୁଖ୍ୟତଃ ଘୁମୁସର ଜିଲ୍ଲା ଆନ୍ଦୋଳନ କୁ ସକ୍ରିୟ କରିବାକୁ ସ୍ଥିର ହୋଇଥିଲା ସ୍ଥାନୀୟ ବିଧାୟକଙ୍କୁ ଏକ ପ୍ରତିନିଧି ଦଳ ସାକ୍ଷାତ କରି ସେ କିପରି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏହାକୁ ତ୍ୱରାନ୍ୱିତ କରିବେ ଅନୁରୋଧ କରାଯିବ । ପୂର୍ବ ପରି ପରିଷଦ ଜନମତ ସୃଷ୍ଟି କରିବା ପାଇଁ ପ୍ରଚାର କାର୍ଯ୍ୟକ୍ରମ ଚାଲୁ ରଖିବା ପାଇଁ ସ୍ଥିର ହୋଇଛି ।

# ଜୁପିଟର ଶିକ୍ଷାନୁଷ୍ଠାନର ଶତପ୍ରତିଶତ ସଫଳତା




ଛତ୍ରପୁର, ୨୪।୫ (ନି.ପ୍ର): ଛତ୍ରପୁର ମ୍ୟୁନିସିପାଲଟୀରେ ଅବସ୍ଥାପିତ ସହରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଜୁପିଟର ଶିକ୍ଷାନୁଷ୍ଠାନର ଯୁକ୍ତ ଦୁଇ ପରୀକ୍ଷା ଫଳାଫଳରେ ଶତପ୍ରତିଶତ ସଫଳତା ହାସଲ ହୋଇପାରିଛି । ରବିବାର ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ଉପସ୍ଥାପିତ କରାଯାଇଥିବା ଉକ୍ତ ଅନୁଷ୍ଠାନର ଯୁକ୍ତ ଦୁଇ ପରୀକ୍ଷା ଫଳାଫଳରେ ଶତପ୍ରତିଶତ ସଫଳତା ନେଇ ଜୁପିଟର ଶିକ୍ଷାନୁଷ୍ଠାନର ମୁଖ୍ୟ ଉଦ୍ୟକ୍ତା ତଥା ନିର୍ଦ୍ଦେଶକ ସୁଧୀର କୁମାର ସାହୁଙ୍କ ଅଧକ୍ଷତାରେ ଏକ ନିଆରା ଅନୁଭୂତି ସମ୍ପନ୍ନ ବିଦ୍ୟାର୍ଥୀଙ୍କୁ ବାର୍ତ୍ତା ଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ନିଆରା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଅଜୟ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ । ପ୍ରକାଶ ଥାଉକି ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ପକ୍ଷରୁ ପ୍ରକାଶିତ ୨ ପରୀକ୍ଷାରେ ଛତ୍ରପୁର ସ୍ଥିତ ଜୁପିଟର ଶିକ୍ଷାନୁଷ୍ଠାନର ଶତପ୍ରତିଶତ ସଫଳତା ହାସଲ ହୋଇଛି । ବିଶେଷ କରି ବିଜ୍ଞାନରେ ୩୭ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯ ଜଣ ଛାତ୍ର ଛାତ୍ରୀ ୫ଶହରୁ ଉର୍ଦ୍ଧ ନମ୍ବର ରଖିବା ସହ ମୋଟ ୩୧ଜଣ ଛାତ୍ର ଛାତ୍ରୀ ପ୍ରଥମ ଶ୍ରେଣୀରେ, ଚାରିଜଣ ଛାତ୍ର ଛାତ୍ରୀ ଦ୍ୱିତୀୟ ଶ୍ରେଣୀରେ ଓ ଦୁଇଜଣ ତୃତୀୟ ଶ୍ରେଣୀରେ କୃତୀତ୍ୱ ହାସଲ କରିଛନ୍ତି । ଯାହାକି ଜୁପିଟର କୋଚିଙ୍ଗ ସେଣ୍ଟରରେ ପାଠ ପଢ଼ି ସଫଳତା ହାସଲ ହୋଇଥିବା ଏହି ସମସ୍ତ ବିଦ୍ୟାର୍ଥୀମାନେ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି । ସେହିପରି ବାଣିଜ୍ୟ ବିଭାଗରେ ଛତ୍ରପୁର ନିକଟ କୁମାରବେଗ ପଲ୍ଲୀ ଅଞ୍ଚଳର ଅନୁଷା ଆଚରୀ ୫୬୨ / (୯୩.୬୭ %) ନମ୍ବର, ହୁମର ଗ୍ରାମର ଛାତ୍ରୀ ସୁଇଟି ବିଶ୍ୱାଳ ୫୫୬ନମ୍ବର ରଖି ଛତ୍ରପୁର ବ୍ଲକରେ ଟପ୍ପର ହୋଇଛନ୍ତି । ସେହିପରି ଗଞ୍ଜାମ ସହର ର ଶୂନ୍ୟପ୍ରଭା ପାଣିଗ୍ରାହୀ ୫୪୮ ନମ୍ବର ରଖି ଗଞ୍ଜାମ ବ୍ଲକ ଅଞ୍ଚଳରେ ଟପ୍ପର ହୋଇଛନ୍ତି । ଠିକ୍ ସେହିପରି ମୋଟ ୨୫ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୬ ଜଣ ପ୍ରଥମ, ୬ ଜଣ ଦ୍ୱିତୀୟ ଓ ୩ଜଣ ତୃତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି । କଳାରେ ମଧ୍ୟ ମୋଟ ୨୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭ଜଣ ପ୍ରଥମ, ୯ଜଣ ଦ୍ୱିତୀୟ ଓ ୪ଜଣ ତୃତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି ।

# ଜଳବାୟୁ ପରିବର୍ତ୍ତନର ପ୍ରଭାବ : ବଢୁଛି ତାପମାତ୍ରା, ଚିନ୍ତାରେ ଜନଜୀବନ

ବିଜେପୁର, ୨୪।୫ (ନି.ପ୍ର): ସାମ୍ପ୍ରତିକ ସମୟରେ ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱ ପାଇଁ ଏକ ବଡ଼ ଆହ୍ୱାନ ଭାବେ ଉଭା ହୋଇଥିବା ବେଳେ ଏହାର ପ୍ରଭାବ ବରଗଡ଼ ଜିଲ୍ଲାରେ ମଧ୍ୟ ବ୍ୟାପକ ଭାବେ ଦେଖିବାକୁ ମିଳୁଛି । କ୍ରମାଗତ ଭାବେ ତାପମାତ୍ରା ବୃଦ୍ଧି, ଅନିୟମିତ ପାଣିପାଗ, ଜଳ ସଂକଟ ଏବଂ କୃଷି କ୍ଷେତ୍ରରେ ଦେଖାଦେଉଥିବା ପ୍ରଭାବକୁ ନେଇ ଚିନ୍ତା ବଢ଼ିଛି । ପାଣିପାଗ ବିଜ୍ଞାନୀମାନେ ଏହାକୁ ଆଗାମୀ ଦିନ ପାଇଁ ଏକ ବଡ଼ ବିପଦ ବୋଲି ମତ ପ୍ରକାଶ କରି ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି । ବର୍ତ୍ତମାନ ଯେପରି ଭାବରେ ଗ୍ରୀଷ୍ମ ପ୍ରବାହ ବଢୁଛି, ତାହା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । ସକାଳୁ ଗରମ ଅନୁଭବ ହେବା ସହ ଝାଳ ବାହାରୁଥିବା ବେଳେ ଦିନ ଦ୍ୱିପ୍ରହରରେ ଲୋକମାନେ ଘରୁ ବାହାରିବାକୁ ମଧ୍ୟ ଭୟ କରୁଛନ୍ତି । ଏକଦା ଗାଁ ଗହଳିରେ ବରଗଛ ମୂଳେ ଲୋକମାନେ ବିଶ୍ରାମ ନେଉଥିଲେ, ରାତିରେ ଘର ବାହାରେ ଖଟିଆ ପକାଇ ମଶାରୀ ଦେଇ ଶୁଅଥିଲେ । କିନ୍ତୁ ଏବେ ସେହି ପରିସ୍ଥିତି ଆଉ ନାହିଁ । ଲୋକମାନେ ଏସି, ପଙ୍ଖା ଓ କୁଲର ବିନା ରହି ପାରୁନାହାନ୍ତି । ସେହିପରି ପୂର୍ବଭଳି ବଡ଼ ବଡ଼ ଛାୟାଦାର ବୃକ୍ଷ ମଧ୍ୟ ଆଉ ଦେଖିବାକୁ ମିଳୁନାହିଁ । ପରିବେଶବିଦ୍ୱାନଙ୍କ ମତରେ ଜଳବାୟୁ ପରିବର୍ତ୍ତନ ପଛରେ ଶିଳ୍ପାନୁଷ୍ଠାନର ପ୍ରଦୂଷଣ, ଜଙ୍ଗଲ ଧ୍ୱଂସ, ବାୟୁ ପ୍ରଦୂଷଣ, ଜଳର ଅତ୍ୟଧିକ ବ୍ୟବହାର ଓ ଜନସଂଖ୍ୟା ବିସ୍ଫୋରଣ ମୁଖ୍ୟ କାରଣ ରହିଛି । ବିଶେଷ କରି ମାଟି, ବାୟୁ ଓ ଜଳର ଅସନ୍ତୁଳନ ତାପମାତ୍ରା ବୃଦ୍ଧିରେ ପ୍ରମୁଖ ଭୂମିକା ନେଉଛି । ଆକଳନ ଅନୁସାରେ ଆଗାମୀ ଦିନରେ ବିଶ୍ୱର ବଡ଼ ଅଂଶ ମରୁଭୂମିରେ ପରିଣତ ହେବାର ଆଶଙ୍କା ରହିଛି । ଏହାର ସର୍ବାଧିକ ପ୍ରଭାବ କୃଷି କ୍ଷେତ୍ର ଉପରେ ପଡିବ ଏବଂ ଖାଦ୍ୟ ଉତ୍ପାଦନ ହ୍ରାସ ପାଇବ । ବରଗଡ଼ ଜିଲ୍ଲା ଧାନ ଚାଷ ପାଇଁ ସାରା ରାଜ୍ୟରେ ପରିଚିତ । ଜିଲ୍ଲାର ୧୨ଟି ବ୍ଲକ ମଧ୍ୟରୁ ଚାରୋଟି ବ୍ଲକ ଜଳସେଚିତ ଅଞ୍ଚଳ ଭାବେ ପରିଚିତଛ କିନ୍ତୁ ଚଳିତ ବର୍ଷ ତାପମାତ୍ରା ବୃଦ୍ଧି ଓ ପାଣିପାଗର ଅସନ୍ତୁଳନ ଯୋଗୁ ଧାନ ଅମଳ ମଧ୍ୟ ବିଳମ୍ବ ହେଉଛି । ସାଧାରଣତଃ ମଇ ମାସ ଶେଷ ସପ୍ତାହ ସୁଦ୍ଧା ପ୍ରାୟ ୬୫ ପ୍ରତିଶତ ଧାନ ଅମଳ ସରିଯାଉଥିବା ବେଳେ ଚଳିତ ବର୍ଷ ଏହା ୨୦ ପ୍ରତିଶତ ମଧ୍ୟ ହୋଇନାହିଁ । ଏହାକୁ ନେଇ କୃଷକମାନଙ୍କ ମଧ୍ୟରେ ଚିନ୍ତା ବଢ଼ିଛି । ଏପଟେ ଜିଲ୍ଲାରେ ବହୁ ସଂଖ୍ୟାରେ ରାଇସ୍ ମିଲ୍ ଓ ବଡ଼ ବଡ଼ ଶିଳ୍ପାନୁଷ୍ଠାନ ରହିଥିବା ବେଳେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଥିବା ସରକାରୀ ନିୟମ ଅନେକ ସ୍ଥାନରେ ଉଲଂଘନ କରାଯାଉଛି । ଶିଳ୍ପ ସ୍ଥାପନ ପାଇଁ ବ୍ୟାପକ ଭାବରେ ଜଙ୍ଗଲ ନଷ୍ଟ ହୋଇଥିବା ବେଳେ କ୍ଷତିପୂରକ ବନୀକରଣ ଯୋଜନା ମଧ୍ୟ ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ । କାଗଜପତ୍ରରେ ବୃକ୍ଷରୋପଣ ନେଇ ବହୁ ତଥ୍ୟ ରହୁଥିବା ବେଳେ ବାସ୍ତବରେ ତାହାର ପ୍ରଭାବ ଦେଖିବାକୁ ମିଳୁନାହିଁ । ପଦ୍ମପୁର ଉପଖଣ୍ଡ ସହ ବରଗଡ଼ ଜିଲ୍ଲାର ବହୁ ଅଞ୍ଚଳରେ ପୂର୍ବରୁ ଘଞ୍ଚ ଜଙ୍ଗଲ ଥିବା ବେଳେ ବର୍ତ୍ତମାନ ସେଠାରେ ରାସ୍ତା ଓ ଶିଳ୍ପ ପ୍ରକଳ୍ପ ନିର୍ମାଣ ହେଉଛି । ଜଙ୍ଗଲ ଧ୍ୱଂସ ରୋକିବାରେ ସମ୍ପୃକ୍ତ ବିଭାଗର ଅବହେଳା ମଧ୍ୟ ପରିବେଶ ସନ୍ତୁଳନକୁ ପ୍ରଭାବିତ କରୁଛି । ବିଶେଷଜ୍ଞମାନଙ୍କ ମତରେ, ଆଗାମୀ ଦୁଇ ଦଶନ୍ଧି ମଧ୍ୟରେ ଯଦି ଏଭଳି ଭାବେ ତାପମାତ୍ରା ବଢ଼ିଚାଲିବ, ତେବେ ଶସ୍ୟ ଉତ୍ପାଦନ ଗୁରୁତର ଭାବେ ପ୍ରଭାବିତ ହେବ । ୨୦୪୦ ମସିହା ପର୍ଯ୍ୟନ୍ତ ହିଟ୍ ୱେଭ୍ ଜାରି ରହିଲେ ଖାଦ୍ୟ ଉତ୍ପାଦନରେ ମହାସଙ୍କଟ ଦେଖାଦେଇପାରେ । କୃଷି ଭିତ୍ତିକ ଅର୍ଥନୀତି ଉପରେ ଏହାର ପ୍ରଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହି ପରିସ୍ଥିତିରେ ପରିବେଶ ସୁରକ୍ଷା, ବୃକ୍ଷରୋପଣ, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ଜଳ ସଂରକ୍ଷଣ ଦିଗରେ ସରକାର ଓ ସାଧାରଣ ଲୋକଙ୍କ ସମନ୍ୱିତ ପଦକ୍ଷେପ ଏବେ ସମୟର ଆବଶ୍ୟକତା ହୋଇପଡ଼ିଛି ।

# ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର

ଦେବଗଡ଼,୨୪।୫(ନି.ପ୍ର): ତିଳେଇବଣି କଲ୍ୟାଣ ମଣ୍ଡପରେ ପ୍ରତି ମାସର ଚତୁର୍ଥ ରବିବାର ଦେବଗଡ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେଉଥିବା ବେଳେ ଆଜିର ଶିବିରରେ ୧୨ ଗୋଟି ଅଭିଯୋଗ ହୋଇଥିବା ଜଣାପଡିଛି । ବିଧାୟକ ରୋମାଂଚ ରଞ୍ଜନ ବିଶ୍ୱାଳ ଏଥିରେ ଯୋଗଦେଇ ବ୍ୟକ୍ତିଗତ ଏବଂ ସାମୁହିକ ଭାବେ ଆସିଥିବା ସମସ୍ତ



ଅଭିଯୋଗ ଗ୍ରହଣ କରିଥିଲେ । ଲୋକଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ବିଶେଷ କରି ରାସ୍ତା ନିର୍ମାଣ, କଲ୍ୟାଣ ମଣ୍ଡପ, ଭତା ପ୍ରଦାନ ଏବଂ ଆବାସ ଘର ପ୍ରଦାନ ପ୍ରମୁଖ ଅଭିଯୋଗ ଆଜି ଆସିଥିବା ଜଣାପଡିଛି । ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ନଗେନ କୁମାର ପଣ୍ଡା ଉପସ୍ଥିତ ରହିଥିଲେ ।

# ମିଳିଲାନି ଦୁଇ ମାସର ଭତ୍ତା, ଆଖି ବୁଜିଲେ ବିଧବା

ଖୋର୍ଦ୍ଧା,୨୪।୫(ନି.ପ୍ର): ଆଜକୁ ଦୁଇ ମାସ ଧରି ଖୋର୍ଦ୍ଧା ପଞ୍ଚାୟତ ସମିତି ଅଧିନସ୍ଥ ୨୨ ଗ୍ରାମପଞ୍ଚାୟତ ଏବଂ ପୌର ପରିଷଦ ଅଧିନସ୍ଥ ୨୨ ୱାର୍ଡର ବହୁ ହିତାଧୀକାରୀ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି । ଏ ସମ୍ପର୍କରେ ଭତ୍ତା ବଣ୍ଟନ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଯେଉଁମାନେ ଭତ୍ତା ପାଇ ନାହାଁନ୍ତି ସରକାରଙ୍କ ନିଷ୍ପତି ଅନୁସାରେ ଭତ୍ତା ଟଙ୍କା ସେମାନଙ୍କ ଆକାଉଣ୍ଟକୁ ଯିବ ବୋଲି କହିଥିଲେ, କିନ୍ତୁ ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ ହିତାଧୀକାରୀ ମାନଙ୍କ ଆକାଉଣ୍ଟକୁ ଟଙ୍କା ଆସି ନାହିଁ। ଫଳରେ ଅନେକ ହିତାଧିକାରୀ ଭତ୍ତାକୁ ଅପେକ୍ଷା କରି ଏବଂ ବ୍ୟାଙ୍କକୁ ଧାଇଁ ଧାଇଁ ମୃତ୍ୟୁ ବରଣ କରି ସାରିଲେଣି। ଯାହାର ଏକ ଜ୍ୱଳନ୍ତ ଉଦାହରଣ ଖୋର୍ଦ୍ଧା ପଞ୍ଚାୟତ ସମିତି ଅଧିନସ୍ଥ ଗ୍ରାମପଞ୍ଚାୟତର ଭାଟପଡା ଗ୍ରାମରେ ଦେଖିବାକୁ ମିଳିଛି। ସେହି ଗ୍ରାମର ରଙ୍ଗି ପାତାଳସିଂହ, ସ୍ୱାମୀ – ସିଦ୍ଧନାଥ ପାତାଳସିଂହ ଦୀର୍ଘ ଦିନ ଧରି ରୋଗ ଶଯ୍ୟାସାୟୀ ହୋଇ ପଡ଼ିଥିବା ବେଳେ ଦୀର୍ଘ ଦୁଇ ମାସ ଧରି ଭତ୍ତା ଟଙ୍କା ଏବଂ ରାସନ କାର୍ଡ ଥାଇ ମଧ କୌଣସି ସାମଗ୍ରୀ ୨୦୨୫ ମସିହା ନଭେମ୍ବର ମାସରୁ ନ ପାଇ ଅର୍ଦ୍ଧାହାରରେ ଗତ ୧୬ ତରିଖରେ ମୃତ୍ୟୁ ବରଣ କରିଥିଲେ।ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ଯେଉଁ ହିତାଧିକାରୀ ମାନେ ଅସୁସ୍ଥତା କାରଣରୁ ଭତ୍ତା ନେବାକୁ ପଞ୍ଚାୟତକୁ ଆସି ପାରୁ ନାହାଁନ୍ତି ସେମାନଙ୍କ ଘରକୁ ଯାଇ ଭତ୍ତା ପ୍ରଦାନ କରିବାର ପ୍ରାବଧାନ ରହିଥିବା ବେଳେ ବଙ୍ଗିଦା ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ପି.ଇ.ଓ.ଙ୍କ ଖାମଖିଆଲି ମନୋଭାବ ଯୋଗୁଁ ସେ ଭତ୍ତା ପାଇବାରୁ ବଞ୍ଚିତ ହେବା ସହିତ ଶେଷରେ ଭତ୍ତାକୁ ଅପେକ୍ଷା କରି କରି ମୃତ୍ୟୁ ବରଣ କରିଛନ୍ତି ହିତାଧିକାରୀ । ଏହି ଖବର ପ୍ରଚାରିତ ହେବା ପରେ ବଙ୍ଗିଦା ପଞ୍ଚାୟତ ନିର୍ବାହୀ ଅଧିକାରୀ ତତ୍ପରତା ଦେଖାଇ ତା୨୧.୫.୨୦୨୬ ରିଖ ଦିନ ରଙ୍ଗି ପାତାଳସିଂହର ମାସକର ଭତ୍ତା ୧୦୦୦ ଟଙ୍କା ତାଙ୍କ ନାତି ସୁବ୍ରତ ପାତାଳସିଂହ ଠାରୁ ଟିପ ଚିହ୍ନ ନେଇ



ପ୍ରଦାନ କରିଛନ୍ତି। । ରଙ୍ଗି ପାତାଳସିଂହଙ୍କର ସ୍ୱାମୀ ସିଦ୍ଧ ନାଥ ପାତାଳସିଂହ ୨୭.୧୧.୨୦୨୫ ରେ ମୃତ୍ୟୁ ବରଣ କରିଥିବା ବେଳେ ତାଙ୍କ ନାମରେ ଥିବା ରାସନ କାର୍ଡ ନମ୍ବର –୧୯୦୯୦୨୧୦୪୮୯ରେ କୌଣସି ଚାଉଳ ଆଜି ପର୍ଯ୍ୟନ୍ତ ରଙ୍ଗି ପାତାଳ ସିଂହ ଙ୍କୁ ପ୍ରଦାନ କରାଯାଇ ନାହିଁ ।

ସେହିପରି ଟାଙ୍ଗିଆପଦା ପଞ୍ଚାୟତ ଅନ୍ତର୍ଗତ ଅରାଙ୍ଗ ଗ୍ରାମର ବିଧବା ମହାଦେଇ ପ୍ରଧାନ (ବୟସ – ୬୫,) ମଧ ସରକାରଙ୍କ ଦୁଇ ମାସର ଭତାକୁ ଚାହିଁ ଚାହିଁ ମଧ ମୃତ୍ୟୁ ବରଣ କଲେ । ଜିଲ୍ଲାପାଳ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୋଷୀ ବ୍ୟକ୍ତି ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି । ସେଇଭଳି ଅନେକ ବାର୍ଦ୍ଧକ୍ୟ ଶର୍ଯ୍ୟାରେ ଓ ଭିନ୍ନକ୍ଷମ ଶର୍ଯ୍ୟାଶାୟୀ ଥିଲେ ମଧ ସେମାନଙ୍କୁ ବାଧ କରି ବ୍ୟାଙ୍କ ମାଧମରେ ଟଙ୍କା ଦିଆଯାଉଛି, ସେମାନେ ୨ରୁ ୩ଶହ ଟଙ୍କା ଖର୍ଚ୍ଚ କରି ବ୍ୟାଙ୍କରୁ ଭତା ଟଙ୍କା ଆଣୁଛନ୍ତି। ତେଣୁ ମାନ୍ୟବର ମୁଖ୍ୟମନ୍ତ୍ରୀ,ଖୋର୍ଦ୍ଧା ଜିଲ୍ଲାପାଳ,ବିଡ଼ିଓ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଜାତୀୟ ରାଜପଥରେ ଓଲଟିଲା କାର ଅଳ୍ପକେ ବର୍ତ୍ତିଲେ ପରିବାରର ୪ ସଦସ୍ୟ

ବଣାଇ,୨୪।୫(ନି.ପ୍ର): ବଣାଇ ଉପଖଣ୍ଡ ଟିକାୟତପାଲି ଥାନା ଅନ୍ତର୍ଗତ କସଡ଼ା ଛକ ନିକଟ ୧୪୩ ନମ୍ବର ଜାତୀୟ ରାଜପଥରେ ଏକ ଏର୍ଟିଗା କାର ଭାରସାମ୍ୟ ହରାଇ ଡିଭାଇଡରରେ ବାଡ଼େଇ ହୋଇ ଓଲଟି ପଡ଼ିବାରୁ ଡ୍ରାଇଭର ସମେତ ଏକ ପରିବାରର ୪ ଜଣ ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଓଡ଼ି ୩୩–୯୫୨୮ ନମ୍ବର ବିଶିଷ୍ଟ ଏକ ଏର୍ଟିଗା କାରରେ ଏକ ପରିବାର ପୁରୀରୁ ରାଉରକେଲା ଫେରୁଥିବା ବେଳେ ଟିକାୟତପାଲି ଥାନା ଅନ୍ତର୍ଗତ କସଡ଼ା ଗ୍ରାମ ଛକ ନିକଟରେ ଡ୍ରାଇଭର କାର ଉପରୁ ଭାରସାମ୍ୟ ହରାଇଥିଲେଛ ଫଳରେ କାରଟି ରାସ୍ତା ଡିଭାଇଡରରେ ଜୋରଦାର ବାଡ଼େଇ ହୋଇ ଆଗର ଦୁଇଟି ଚକ ଫାଟି ଯାଇଥିଲା ଏବଂ କାରଟି ରାସ୍ତା ଉପରେ ଓଲଟି ପଡ଼ିଥିଲାଛ ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି କାର ଭିତରେ ଫସିଥିବା ଚାରିଜଣଙ୍କୁ ଉଦ୍ଧାର କରିଥିଲେ। ପରେ ଟିକାୟତପାଲି ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି କାରଟିକୁ ଜବତ କରିବା ସହିତ ଘଟଣାର ତଦନ୍ତ ଚଲାଇଛି। ସୌଭାଗ୍ୟ ବଶତଃ କାରରେ ଥିବା ସମସ୍ତ ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଥିବାରୁ ଏକ ବଡ଼ ଅଘଟଣରୁ ଭଗବାନ ବଞ୍ଚାଇ ଦେଲେ ବୋଲି ପରିବାର ଲୋକେ ପ୍ରକାଶ କରିଥିଲେ।

# ବାଇକ୍ ସହିତ ବାଇକର ଧକ୍କା: ୩ ଗୁରୁତର

ନିଆଳି,୨୪।୫(ନି.ପ୍ର): ନିଆଳୀ ଥାନା ଅଧିନସ୍ଥ ଫୁଲନଖରା ନିଆଳୀ ୬୦ନମ୍ବର ରାଜ୍ୟ ରାଜ ପଥ ହଳଦୀ ବସନ୍ତ ଛକରେ ବାଇକ ସହିତ ବାଇକ ଶନିବାର ରାତି ୯. ୩୦ମିନିଟ ସମୟ ରେ ମୁହାଁ ମୁହିଁ ଧକ୍କା ହୋଇଥିଲା। ଉଭୟଙ୍କର ଗାଡିର ବେଗ ଏତେ କ୍ଷିତି ଥିଲା ଯେ ବହୁ ବାଟ ଘୁଷୁଡ଼ି ପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ତିନି ଜଣ ଗୁରୁତର ହୋଇ ଥିବା ବେଳେ ଜଣେ ଆହତ ହୋଇଛି। ଗୁରୁତର ହୋଇଥିବା ଟୋଲା ଗ୍ରାମର ଜଗାସ୍ୱାଇଁ( ୨୬)ଗୋଡ ଦୁଇଟିନଷ୍ଟ ହୋଇଯାଇଥିବା ବେଳେ ଜଲ୍ଷ ର ପୁର ଗ୍ରାମର ରାଜା ଦାସ (୨୧)ଟୋଲା ଗୋପୀନାଥ ଗ୍ରାମର ସୌମ୍ୟ ରଞ୍ଜନ ଭୋଇ (୨୧)ସାମାନ୍ୟ ଆହାତ ହୋଇଥିବା ନାବାଳକରୁଦ୍ରପ୍ରସାଦ (୧୪)ସ୍ଥାନୀୟ ଲୋକ ମାନେ ସାଙ୍ଗେ ସାଙ୍ଗେ ଉଦ୍ଧାର କରି ନିଆଳୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣିଥିବା ବେଳେ ଡ଼ା ସଦାନନ୍ଦ ଦାସ ସମସ୍ତଙ୍କୁ ପ୍ରାଥମିକ ଚିକିତ୍ସା କରି କଟକ ବଡ଼ ଡାକ୍ତର ଖାନାକୁ ପଠାଇଛନ୍ତି। ଘଟଣା ସ୍ଥଳରେ ନିଆଳୀ ପୋଲିସ ପହଞ୍ଚି ତଦନ୍ତ କରିଛନ୍ତି।

# ଅକାଳରେ ଲିଭିଗଲା ଇତିଶ୍ରୀଙ୍କ ଜୀବନଦୀପ



ଫୁଲନଖରା,୨୪।୫(ନି.ପ୍ର): କଟକ ସଦର ବୟାଳିଶମୌଜା ବିଜେପି ମଣ୍ଡଳର ପୂର୍ବତନ ଉପସଭାପତି ଓ କଟକ ଜିଲ୍ଲା କୃଷକ ମୋର୍ଚ୍ଚା ସମ୍ପାଦକ ଶୁଭନ୍ୟାସ ମହାନ୍ତିଙ୍କ ଧର୍ମପତ୍ନୀ ଇତିଶ୍ରୀ ମହାନ୍ତି(୪୦)ଙ୍କର ଅକାଳ ବିୟୋଗ ଘଟିଥିବା ଖବର ଅଞ୍ଚଳବାସୀଙ୍କୁ ମର୍ମାହତ କରିଛି । କଟକ ସଦର ଅନ୍ତର୍ଗତ ବହଳପଡ଼ା ସ୍ଥିତ ନିଜ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଗତ କିଛି ଦିନ ଧରି ସେ ଫୁସଫୁସ୍ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ । ବଡ଼ ମେଡ଼ିକାଲରେ ଚିକିତ୍ସା ପରେ ଘରକୁ ଫେରିଥିବାବେଳେ ହଠାତ୍ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅବନତି ଘଟିଥିଲା ଏବଂ ପରେ ତାଙ୍କର ପରଲୋକ ଘଟିଥିଲା । ଇତିଶ୍ରୀ ମହାନ୍ତିଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି । ବହୁ ସଂଖ୍ୟକ ଆତ୍ମୀୟ, ସ୍ଥାନୀୟ ବାସିନ୍ଦା, ରାଜନୈତିକ ଓ ସାମାଜିକ କର୍ମୀମାନେ ତାଙ୍କ ଶେଷ ଦର୍ଶନ କରି ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଜଣାଇଥିଲେ । ପରେ ଏକ ବିରାଟ ଶବଯାତ୍ରାରେ ମର ଶରୀରକୁ ଗ୍ରାମ ଶ୍ମଶାନକୁ ନିଆଯାଇ ଶବଦାହ କରାଯାଇଥିଲା । ପୁତ୍ର ତ୍ରିଜଲ ମହାନ୍ତି ମୁଖାଗ୍ନୀ ଦେଇଥିଲେ ।

# ବାଲ ସଂସ୍କାର ଯୋଗ ଶିକ୍ଷା ଶିବିର

ଜି.ଉଦୟଗିରି,୨୪।୫(ନି.ପ୍ର): ସ୍ଥାନୀୟ କଟିଙ୍ଗିଆ କମଳବନ ଆଶ୍ରମରେ ଅମୃତ ପରିବାର ତରଫରୁ ଅମୃତ ପରିବାରର ପ୍ରତିଷ୍ଠାତା ଶ୍ରୀ ସୁଦୟ ଆବାଙ୍କ ତତ୍ତ୍ୱାବଧାନରେ ୨୩ ରୁ ୩୦ ପର୍ଯ୍ୟନ୍ତ ଆଠ ଦିନବ୍ୟାପି ହେବାକୁ ଯାଉଥିବା ବାଲ ସଂସ୍କାର ଯୋଗ ଶିକ୍ଷା ଶିବିର ଗମ୍ଭୀର, ଆଧାତ୍ମିକ ପରିବେଶ ମଧ୍ୟରେ ଆରମ୍ଭ ହୋଇଯାଇଛି । ଏହି କାର୍ଯ୍ୟ କ୍ରମ ୨୦୦୫ ମସିହା ରୁ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ସଫଳତାର ସହିତ ଏକ ଗୁରୁ ଦାୟିତ୍ୱ ସମ୍ପାଦନ କରି ଆସୁଛି । ଏହି ଶିବିରରେ ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟକ ଛାତ୍ରଛାତ୍ରୀ



ଯୋଗଦେଇ ଯୋଗ, ପ୍ରାଣାୟାମ, ନୈତିକ ଶିକ୍ଷା ଓ ଭାରତୀୟ ସଂସ୍କୃତି ସମ୍ପର୍କିତ ଶିକ୍ଷା ଗ୍ରହଣ କରିବାର ଯୋଜନା ରହିଛି । ଶିବିରରେ ଅନେକ ବିଜ୍ଞ ଓ ବିଦ୍ୱାନ ଅଂଶ ଗ୍ରହଣ କରି ଶିଶୁଙ୍କ ମଧ୍ୟରେ ନୈତିକତା, ଶୃଙ୍ଖଳା ଓ ଆତ୍ମବିଶ୍ୱାସ ଗଠନ ପାଇଁ ଯୋଗ ଓ ସଂସ୍କାର ଶିକ୍ଷା ଭିତିକ ଅତ୍ୟନ୍ତ ଆବଶ୍ୟକ ପ୍ରଶିକ୍ଷଣ ଦ୍ୱାରା ଶିଶୁ ମାନଙ୍କ ମନସିକ ସ୍ଥିରତା,ଶାରୀରିକ ସୁସ୍ଥତା ଓ ଆଧାତ୍ମିକ ଚେତନାର ବିକାଶ ଘଟାଇବାରେ ସହାୟକ ହେବେ ବୋଲି ଆୟୋଜକଙ୍କ ତରଫରୁ ପ୍ରକାଶ । ଶିବିରରେ ଯୋଗ ଗୁରୁମାନେ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମ ଉପରେ ଶିକ୍ଷା ଦେବାର ବ୍ୟବସ୍ଥା ମଧ ରହିଛି । ଛାତ୍ର ଛାତ୍ରୀ ମାନେ ଉତ୍ସାହର ସହିତ ଏଥିରେ ଅଂଶଗ୍ରହଣ କରୁଛନ୍ତି । ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଭାବକମାନେ ଏପରି ଶିବିର ଆୟୋଜନକୁ ସ୍ୱାଗତ କରି ଭବିଷ୍ୟତରେ ଏହାକୁ ଆହୁରି ବ୍ୟାପକ କରିବାକୁ ଆହ୍ୱାନ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ଶିଷ୍ୟ ପ୍ରମୁଖ ଶ୍ରୀ ପ୍ରଜ୍ଞା ରଞ୍ଜନ ଓ ଅମୃତ ପରିବାରର ପ୍ରମୁଖ ଶ୍ରୀ ପ୍ରଫୁଲ କୁମାର ପ୍ରଧାନ, କାର୍ଯ୍ୟକାରୀ ସଭାପତି ଗୌର ଚନ୍ଦ୍ର ପ୍ରଧାନ ଶିବିର ରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରୁଛନ୍ତି ।

# ଜନ୍ମକଲା ମା'କୁ ପିଟି ପିଟି ମାରିଲା ମଦ୍ୟପ ପୁଅ

ଆଳି,୨୪।୫(ନି.ପ୍ର): ରାଜକନିକା ଥାନା ଅଞ୍ଚଳ ବଳରାମପୁର ପଞ୍ଚାୟତ ପାତୁଳି ଗାଁରେ ଶନିବାର ବିଳମ୍ବିତ ରାତ୍ରିରେ ଘଟିଯାଇଛି ଏକ ଦୁଃଖଦ ଘଟଣା । ନିଜ ଜନ୍ମ କଲା ମା'କୁ ପିଟିପିଟି ପୁଅ ମାରିବା ଘଟଣା ଏବେ ରାଜକନିକା ଅଞ୍ଚଳ ତଥା ଜିଲାରେ ଆଲୋଡ଼ନ ସୃଷ୍ଟି କରିଛି ।

ସୂଚନାଯୋଗ୍ୟ ପାତୁଳି ଗାଁର ନବଘନ ସାହୁ(୮୫)ଙ୍କ ଧର୍ମପତ୍ନୀ ହୀରାମଣି ସାହୁ (୭୫) ଶନିବାର ରାତ୍ରିରେ ଶୋଇଥିବା ଅବସ୍ଥାରେ ପୁଅ ବିଜୟ ସାହୁ(୪୨) ନିଶାସକ୍ତ ଅବସ୍ଥାରେ ମା'କୁ ପିଟିପିଟି ପୁଅ ହତ୍ୟା କରିଥିବା ଅଭିଯୋଗ ହୋଇଛି । ପୁଅ ବିଜୟ ପ୍ରତିଦିନ ମଦପିଇ ନିଶାଶକ୍ତ ଅବସ୍ଥାରେ ବୃଦ୍ଧ ମା'ବାପାଙ୍କୁ ମଦ ପିଇବା ପାଇଁ ଟଙ୍କା ମାଗିବା ସହ ମାଡ଼ ମାରୁଥିବା ଅଭିଯୋଗ ମଧ ହେଉଛି । ଶନିବାର ବିଳମ୍ବିତ ରାତ୍ରିରେ ମଦ ପିଇ ପିଟିପିଟି ମାଙ୍କୁ ହତ୍ୟା କରିଥିଲେ ପୁଅ। ରବିବାର ଖବରପାଇ ଘଟଣାସ୍ଥଳରେ ରାଜକନିକା ପୋଲିସଟିମ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତ ପୁଅକୁ ଥାନାରେ ଅଟକ ରଖିଥିବା ଜଣାପଡିଛି। ପ୍ରକାଶଥାଉକି ନବଘନ ସାହୁ ଜଣେ ଜଣେ ସେନାନିବତ ଯବାନ । ସେ ସିଆରପିଏଫରେ ଯବାନ ଭାବେ କାର୍ଯ୍ୟ କରୁଥିଲେ । ଚାକିରିରୁ ନିବୃତ ପରେ ପେନସନରେ ଘର ଚଳାଉଥିଲେ । ନବଘନଙ୍କର ୩ପୁଅଙ୍କ ମଧ୍ୟରୁ ସାନପୁଅର ମତ୍ୟୁ ହୋଇଯାଇଥିବା ବେଳ, ବଡପୁଅ ନିଜ ଭିଟାମାଟି ବିକ୍ରିକରି ପରିବାର ସହ ଅନ୍ୟତ୍ର ରହୁଥିବା ଗ୍ରମବାସୀ କହିଛନ୍ତି । ମଝିଆ ପୁଅ ବିଜୟ ବାପାଙ୍କ ପେନସନରେ ଚଳିଥାନ୍ତି । ତେବେ ପ୍ରାୟ କିଛିଦିନ ଅନ୍ତରାଳରେ ଘରେ ପାଟିତୁଣ୍ଡ ହୁଏ ବୋଲି ଗାଁ ଲୋକ କହିଛନ୍ତି । ଗାଁ ଲୋକ ବୁଝାସୁଝା କଲେ ସେମାନଙ୍କୁ ବିଜୟ ଗାଳିଗୁଲଜ କରିଥାଏ, ସେଥିପାଇଁ ଗାଁ ଲୋକ କୌଣସି ପ୍ରତିବାଦ କରନ୍ତି ନାହିଁଛଶନିବାର କୌଣସି କାରଣରୁ ପାଟିତୁଣ୍ଡ ଲାଗିଥିଲେ ।

ନବଘନ, ହୀରାମଣୀ ଓ ପୁଅ ବିଜୟ ଗୋଟିଏ ଘରେ ଶୋଇଥିଲେ । ବିଳମ୍ବିତ ରାତ୍ରିରେ ବିଜୟ ଏକ ବାଡିରେ ପିଟିପିଟି ମା'କୁ ମରିଦେଇଥିବା ଗାଁ ଲୋକ ଅଭିଯୋଗ କରିଛନ୍ତି । ହେଲେ ପାଖରେ ଶୋଇଥିବା ବାପା ନବଘନ ଏକଥା ଜାଣିନଥିବା କହିଛନ୍ତି । ତେବେ ରାଜକନିକା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ, ସାଇଣ୍ଟିଫିକ୍ ଟିମ୍ ତନାଘନା କରିଛି ଓ ଘଟଣା ଘଟାଇଥିବା ଯୁବକ ଥାନାରେ ଅଟକଥିବା ପୋଲିସ ସୂଚନା ଦେଇଛି ।

# 'ମମତା ଦିବସ ବିଷୟରେ କିଛି ଜାଣିବା କଥା'ର ଶୁଭ ଉନ୍ମୋଚନ

କେନ୍ଦ୍ରାପଡ଼ା,୨୪।୫(ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ଓ ଯୁଗ୍ମ ବୈଠକରେ ସ୍ୱାସ୍ଥ୍ୟ ସଚେତନତା ଭିତିକ ପୁସ୍ତିକା ''ମମତା ଦିବସ ବିଷୟରେ କିଛି ଜାଣିବା କଥା''ର ଶୁଭ ଉନ୍ମୋଚନ କରାଯାଇଛି। ଏହି ପୁସ୍ତିକାକୁ ଜିଲ୍ଲାପାଳ ରଘୁରାମ ଆର. ଆୟର ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ। ଏହି ପୁସ୍ତିକାର ରଚୟିତା କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଡେପୁଟି ମ୍ୟାନେଜର (ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ) ଡ଼. ସୁକାନ୍ତ କୁମାର ପ୍ରଧାନ ହୋଇଥିବାବେଳେ, ଏହାର ପ୍ରକାଶକ ହେଲେ ମହାକାଳପଡ଼ା ଓ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସକ ଡ଼. ନିରଞ୍ଜନ କର। ଏହି ପୁସ୍ତିକାଟି ଗୋଷ୍ଠୀ ସ୍ତରରେ କାର୍ଯ୍ୟରତ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଆଶା କର୍ମୀ ଓ ଅଙ୍ଗନୱାଡ଼ି କର୍ମୀମାନଙ୍କ ପାଇଁ ଗୁଣାତ୍ମକ ମମତା ଦିବସ ପରିଚାଳନା ସହ ଫଳପ୍ରଦ ପରାମର୍ଶ ସେବା ପ୍ରଦାନରେ ସହାୟକ ହେବ ଏବଂ ଏହା ସ୍ୱାସ୍ଥ୍ୟ ସେବାର କ୍ଷେତ୍ରସ୍ତରୀୟ କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବ ବୋଲି ଡ଼. ମନୋରଞ୍ଜନ ରାଉତ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ (ଇନ୍–ଚାର୍ଜ) ଡ଼. ସଚ୍ଚିଦାନନ୍ଦ ମିଶ୍ର, ଏଡିଏମଓ (ମେଡ଼ିକାଲ) ତଥା ଓମ୍?ସାର ରାଜ୍ୟ ସଭାପତି ଡ଼. କିଶୋର ଚନ୍ଦ୍ର ମିଶ୍ର, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ଗୌରାଙ୍ଗ ଚରଣ ଗିରି, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ଶ୍ୟାମ ସୁନ୍ଦର ଟୁଡୁ, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ଫାଇନାନ୍ସିଆଲ୍ ଅଧିକାରୀ ଶ୍ରୀ ଆଶୁତୋଷ ତ୍ରିପାଠୀ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଡ଼. ମନୋରଞ୍ଜନ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି, ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତିରଞ୍ଜନ ପରିଡ଼ାଙ୍କ ସହ ସମସ୍ତ ମେଡିକାଲ ଅଫିସର–ଇନ୍–ଚାର୍ଜ, ସିଡିପିଓ, ବ୍ଲକ ଶିକ୍ଷା ଅଧିକାରୀ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ଓ ବ୍ଲକ ସ୍ତରୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଶେଷରେ ଉପସ୍ଥିତ ସମସ୍ତ ଅତିଥି ଏହି ପ୍ରୟାସ ପାଇଁ ପୁସ୍ତକର ଲେଖକ ଓ ପ୍ରକାଶକଙ୍କୁ ଅଭିନନ୍ଦନ ଜଣାଇବା ସହ ସ୍ୱାସ୍ଥ୍ୟ ସଚେତେନତା ବୃଦ୍ଧିରେ ଏହାର ସଫଳତା କାମନା କରିଥିଲେ।



# ଅଷ୍ଟମ ଜାତୀୟ ନାଟ୍ୟ ଉତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର,୨୪।୫(ନି.ପ୍ର): ଗତ ଶନିବାର ସନ୍ଧ୍ୟା ରବିନ୍ଦ୍ରମଣ୍ଡପ ପ୍ରେକ୍ଷାଳୟରେ ଅଷ୍ଟମ ଜାତୀୟ ନାଟ୍ୟ ଉଚ୍ଛବ ଉଦଘାଟିତ ହୋଇଯାଇଛି । ପ୍ରଥମ ସନ୍ଧ୍ୟାରେ ବିଦ୍ୟାକନକ



ସୃଜନାନୁଷ୍ଠାନ, ଭୁବନେଶ୍ୱର ଦ୍ୱାରା ନାଟକ 'ଉଲଗୁଲାନ'(ବିର୍ସା ମୁଣ୍ଡା) ପରିବେଷିତ ହୋଇଥିଲା। ଏହି ନାଟ୍ୟ ଉଚ୍ଛବକୁ ଉଦଘାଟନ କରିଥିଲେ ଏକାମ୍ର ବିଧାୟକ, ବାବୁ ସିଂ ଓ ଅତିଥିଭାବେ ଯୋଗଦେଇ ପ୍ରାକ୍ତନ ସଚିବ ସଂସ୍କୃତି ବିଭାଗ, ମନୋରଞ୍ଜନ ପାଣିଗ୍ରାହୀ, ବିଶିଷ୍ଟ ସମାଜ ସେବୀ, ଗୋଲଖ ମହାପାତ୍ର, ପ୍ରକଟନ ବିଧାୟକ, ପ୍ରିୟଦର୍ଶୀ ମିଶ୍ର, ସାଧାରଣ ପରିଚାଳକ, ସମାଜ, ଗୋପୀନାଥ ବାରିକ ଓ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ, ପ୍ରସନ୍ନ ମିଶ୍ର କହିଥିଲେ ଯେ ନାଟକ ହେଉଛି ସହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଏହା ଜନମାନସକୁ ବେଶ୍ ପ୍ରଭାବିତ କରିଥାଏ । 'ଉଲଗୁଲାନ' ସେହି ବିରର କାହାଣୀ, ଯିଏ ଅତ୍ୟାଚାରକୁ ଦେଖିଛି, ସହଛି ଏବଂ ତାହା ବିରୁଦ୍ଧରେ ବିଦ୍ରୋହ କରିଛି । ଏହି କାହାଣୀ ଏକ ସାଧାରଣ ଆଦିବାସୀ ଯୁବକର ଯିଏ ନିଜ ମାଟି, ନିଜ ଜଙ୍ଗଲ ଓ ନିଜ ସମ୍ପ୍ରଦାୟର ପରିଚୟ ପାଇଁ ଫିରିଙ୍ଗି ଙ୍କ ସହିତ ଲଢ଼ି ନିଜ ଜୀବନକୁ ଉତ୍ସର୍ଗ କରିଦେଇଛି । ଏହା ସେହି ନାୟକର କାହାଣୀ, ଯାହାର ବଳିଦାନ ପାଇଁ ଏ ସମାଜ ତାକୁ ଭଗବାନ ଆଖ୍ୟା ଦେଇଛି। ବିର୍ସା ମୁଣ୍ଡା – କେବଳଏକ ନାଁ ନୁହଁ, ଏହା ଏକ ନିଆଁ ଛ ଅଭିନୟରେ ଗୋବିନ୍ଦ ମହାପାତ୍ର, ପ୍ରଦୀପ ସ୍ୱାଇଁ, ରାଜେଶ ବଳବନ୍ତରାୟ, ଅମର ଦୀପ ମହାନ୍ତି, ଜଗ ରାଓ, ଚନ୍ଦନ ନାୟକ, ସୁବିଦିତ ସାମଲ, ପ୍ରମିତ ସାହୁ, ପ୍ରଶାନ୍ତ ଦାସ, ତାପସ ସାହୁ ,ଦେବାଶିଷ ରାଉତ ,ରାଜେଶ ମଲିଆ,ସୋମ୍ୟାସୁମନ୍ ମହାନ୍ତି, ଲୋପାମୁଦ୍ରା, ଆକାଂକ୍ଷା, ସୋନାଲି, ସରିତା ପ୍ରଧାନ , ଶିଶୁ କଳାକାର ସୁଜଳ ସୁଭ୍ରଦୀପ ପାଢ଼ୀ ଓ ସାଇ ସ୍ୱସ୍ତିକ ବେହେରା ଙ୍କ ଅଭିନୟ ବେଶ୍ ଦର୍ଶକମାନଙ୍କ ଦ୍ୱାରା ଆଦୃତ ହୋଇଥିଲା। ନାଟକକୁ ନିର୍ଦ୍ଦେଶନା, ଅବକାଶ ମିଶ୍ର ଦେଇଥିବା ବେଳେ, ସଂଯୋଜନା ଜଗଦୀଶ ପ୍ରସାଦ ମହାରଣା,ଗୀତ ଓ ସଙ୍ଗୀତ, କିଶୋର କୁମାର, ପ୍ରଚ୍ଛଦପଟ ସଙ୍ଗୀତ, ମାନସ ପରିଡ଼ା, ମଞ୍ଚ ପରିଚାଳନା ପରିଚାଳନା କରିଥିଲେ, ତ୍ରିମୂର୍ତ୍ତି ଆର୍ଟ୍ସ । ଏହି ନାଟକକୁ ଦେଖିବାପାଇଁ ବହୁସଂଖ୍ୟାରେ ନାଟ୍ୟପ୍ରେମୀ ଉପସ୍ଥିତ ରହି , ନାଟକ ଟିକୁ ଉପଭୋଗ କରିଥିଲେ।



# କଲବଲ କରୁଛି ତାତି, ଜନ ଜୀବନ ଅସ୍ତବ୍ୟସ୍ତ

ଧାମନଗର,୨୪।୫(ନି.ପ୍ର): ଘାତକ ହେଲାଣି ତାତିଛ ଜଳୁଛି ପଶ୍ଚିମ, ସିଝୁଛି ଉପକୂଳଛଆକାଶରୁ ଅଗ୍ନିବର୍ଷା। ଆଜିଠୁ ଆହୁରି ଜଳାଇବ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସହ ଅସହ୍ୟ ଗରମ ଗୁଳୁଗୁଳିରେ ଜନ ଜୀବନ ଅସ୍ତବ୍ୟସ୍ତଛ୫ଦିନ ଲାଗି ହିଟ ୱେଭ ଜାରି କରିଛି ପାଣିପାଗ ବିଭାଗ । ଏବେ ଗ୍ରୀଷ୍ମ ପ୍ରବାହ ସହିତ ରାତିରେ ଗରମ ଓ ଗୁଳୁଗୁଳି ଲାଗି ରହିବ। ପାଣିପାଗ ବିଭାଗ ପକ୍ଷରୁ ବଲାଙ୍ଗୀର, ସମ୍ବଲପୁର, ନୟାଗଡ଼ ଓ ଝରସୁଗୁଡା ଜିଲ୍ଲା ପାଇଁ ଅରେଞ୍ଜ୍‌ୱାର୍ଣ୍ଣି ଜାରି କରାଯାଇଛିଛସେହିପରି ହିଟ ୱେଭ ଜିଲ୍ଲା ଗୁଡିକ ହେଉଛି ଅନୁଗୁଳ,ବଲାଙ୍ଗୀର, ବୌଦ୍ଧ, ସୋନପୁର, ଝାରସୁଗୁଡା, ନୟାଗଡ଼, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା। ଆଗାମୀ ୫ ଦିନ ଯାଏଁ ପାଗରେ କିଛି ପରିବର୍ତ୍ତନ ହେବ ନାହିଁଛଆସନ୍ତା ୨୬/୨୭ ତାରିଖ ବେଳକୁ କାଳ ବୈଶାଖୀ ହେବାର ସମ୍ଭାବନା ରହିଛି। କାଳବୈଶାଖୀ ପ୍ରଭାବରେ ବର୍ଷା ସହିତ ପବନ ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଗତକାଲି ଧାମନଗରରେ ଦିନକରେ ୨ ରୁ ୩ ଡିଗ୍ରୀ ବଢିଥିଲା ତାତିଛ ୪୦.୨ ଡିଗ୍ରୀ ଦିନ ତାପମାତ୍ରା ରେକର୍ଡ ଛୁଇଁଥିବା ଜଣା ଯାଇଛିଛଗତକାଲି ଅପେକ୍ଷା ଆଜି ହିଟୱେଭ ଓ ଗୁଳୁଗୁଳି ଅଧିକ ହୋଇଛି। ପ୍ରବଳ ଖରା, ଗରମରେ ସନ୍ତୁଳି ହେଉଛନ୍ତି ପଶୁ ପକ୍ଷୀ ଓ ମଣିଷଛ ଆକାଶରୁ ଖସୁଛି ନିଆଁ। ସକାଳୁ ସକାଳୁ ଅହସ୍ୟ ହୋଇ ପଡୁଛି ଗୁଳୁଗୁଳି। ଆଜି ଦିନ ସାଢେ ୧୧ଟା ସୁଦ୍ଧା ଧାମନଗରରେ ସର୍ବାଧିକ ୩୮ ଡିଗ୍ରି ତାପମାତ୍ରା ରେକର୍ଡ ହୋଇଛି। ଗ୍ରାମାଂଚଳ ଠାରୁ ସହରାଞ୍ଚଳରେ ଅଧିକ ତାପମାତ୍ରା ଅନୁଭୂତ ହେଉଛି। ଲଗାତାର ଭାବେ ରାଜ୍ୟକୁ ଗରମ ଶୁଷ୍କ ବାୟୁ ପ୍ରବାହ ସହ ଉପକୂଳବର୍ତ୍ତୀ ଜିଲ୍ଲାକୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ପ୍ରବାହ ହେତୁ ଗୁଳୁଗୁଳି ମଧ ଅସହ୍ୟ ହେଉଛି। ଶନିବାର ଧାମନଗରର ବ୍ଲକ ଓ ସହରାଞ୍ଚଳରେ ତାପମାତ୍ରା ୩୭ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ ହୋଇଛି। ଆସନ୍ତା ୨– ୩ ଦିନ ମଧ୍ୟରେ ତାପମାତ୍ରାରେ ଆହୁରି ୨–୩ ଡିଗ୍ରୀ ବୃଦ୍ଧି ହେବାକୁ ଥିବାରୁ ଏହି ସପ୍ତାହରେ ଅସହ୍ୟ ଗରମ ଗୁଳୁଗୁଳିର ଆଶଙ୍କା କରାଯାଉଛି।

## ଚାନ୍ଦିପୁର ରେଞ୍ଜରେ ଅଲିଭରିଡଲେଙ୍କ ରେକର୍ଡ ସଂଖ୍ୟକ ପ୍ରଜନନ

# ୧୩୦ ବସାରୁ ୯୭୬୫ ଛୁଆ ସମୁଦ୍ରକୁ ଫେରିଲେ, ସଫଳତା ହାର ୬୮%

ବାଲେଶ୍ୱର,୨୪।୫(ନି.ପ୍ର): 'ବିଶ୍ୱ କଇଁଛ ଦିବସ' ଅବସରରେ ଚାନ୍ଦିପୁର ୱାଇଲ୍ଡଲାଇଫ୍ ରେଞ୍ଜ ପକ୍ଷରୁ ୨୦୨୬ ମସିହାର ଅଲିଭ ରିଡ଼ଲେ କଇଁଛ ପ୍ରଜନନ ରିପୋର୍ଟ ପ୍ରକାଶ ପାଇଛି। ଚଳିତ ବର୍ଷ ରେଞ୍ଜ ଅଧୀନରେ ଥିବା ୬ଟି କ୍ୟାମ୍ପ ବା ବିଟ୍‌ରେ ମୋଟ ୧୩୦ ଟି ବସାରୁ ସଫଳ ପ୍ରଜନନ ହୋଇଛି। ମିଳିଥିବା ସୂଚନା ଅନୁସାରେ, ଚାନ୍ଦିପୁର ରେଞ୍ଜର ଲଙ୍ଗଳେଶ୍ୱର ଓ ଚାନ୍ଦିପୁର ସେକ୍ସନର ୬ଟି କ୍ୟାମ୍ପ ବା ବିଟ୍ ଯଥା ଚୌମୁଖ, ଡଗର, ହଂସକରା, କଷାଫଳ, ପରିଖି ଓ ଚାନ୍ଦିପୁରଛ ଚଳିତବର୍ଷ ଲଙ୍ଗଳେଶ୍ୱର ସେକ୍ସନ ଚଉମୁଖରେ ୭ ହଜାର ୨୩ ଟି ଅଣ୍ଡାରୁ ୬୩ ବସାରୁ ୪ ହଜାର ୫୮୮ ଛୁଆ, ଡଗରାରେ ୨ ହଜାର ୪୦୫ ଅଣ୍ଡାରୁ ୧୮୭୬ ଛୁଆ, ହଂସକରାରେ ୨ ହଜାର ୩୫୩ ଅଣ୍ଡାରୁ ୧୬୫୭ ଛୁଆ, କଷାଫଳରେ ୫୭୬ ଅଣ୍ଡାରୁ ୪୯୫ ଛୁଆ



ଏବଂ ଚାନ୍ଦିପୁର ସେକ୍ସନର ପରିଖିରେ ୧୪୬୫ ଅଣ୍ଡାରୁ ୯୮୭ ଛୁଆ ଓ ଚାନ୍ଦିପୁର ରେ ୩୧୬ ଅଣ୍ଡାରୁ ୧୬୨ କଇଁଛ ଜନ୍ମ ହୋଇଛି। ଅର୍ଥାତ୍ ୨୦୨୬ ରେ ବର୍ତ୍ତମାନ ସୁଦ୍ଧା ୧୪ ହଜାର ୧୩୮ ଟି ଅଣ୍ଡାଦାନ ହୋଇଥିବା ବେଳେ ୯ ହଜାର ୭୬୫ ଛୁଆ ଫୁଟିଛି। ଏସବୁ ଭିତରୁ ଲଙ୍ଗଳେଶ୍ୱର ସେକ୍ସନର ଚଉମୁଖ କ୍ୟାମ୍ପରେ ସର୍ବାଧିକ ୬୩ଟି ବସା ଚିହ୍ନଟ ହୋଇଛି। ସେଠାରୁ ୭ ହଜାର ୨୩ ଅଣ୍ଡା ମଧ୍ୟରୁ ୪ ହଜାର ୫୮୮ ଛୁଆ ସମୁଦ୍ରକୁ ଯାଇଛନ୍ତି। ଚଳିତବର୍ଷ ଚାନ୍ଦିପୁର ରେଞ୍ଜରେ ମୋଟ ୧୪ ହଜାର ୧୩୮ ଅଣ୍ଡାରୁ ୯ ହଜାର ୭୬୫ ଛୁଆ ଅର୍ଥା୍ ପ୍ରାୟ ୬୮ ପ୍ରତିଶତ ସଫଳତାର ସହ ସମୁଦ୍ରକୁ ଫେରିଛନ୍ତି। ବାକି ୪ ହଜାର ୩୭୩ ଟି ଅଣ୍ଡା ନଷ୍ଟ ହୋଇଛି। ଚାନ୍ଦିପୁରର ରେଞ୍ଜର୍ ମନୁୱାର ଖାନଙ୍କ କହିବା ଅନୁସାରେ, ଚଳିତବର୍ଷ ସମସ୍ତ ବସାଦାନ ବିଚ୍ଛିନ୍ନ ଭାବରେ ହୋଇଥିଲା। ପ୍ରତ୍ୟେକ ବସାକୁ ତାରଜାଲି ଘେରା ଦେଇ ସୁରକ୍ଷା ଦିଆଯାଇଥିଲା। ଏହା ସହ ୨୪ ଘଣ୍ଟିଆ ପାଟ୍ରୋଲିଂ ଓ ସ୍ଥାନୀୟ 'କଇଁଛ ମିତ୍ର'ଙ୍କ ସହଯୋଗରେ ଛୁଆଙ୍କୁ ସୁରକ୍ଷିତ ଭାବେ ସମୁଦ୍ରକୁ ଛଡାଯାଇଛି। ମୋଟ ୧୪,୧୩୮ଟି ଅଣ୍ଡାରୁ ୪,୩୭୩ଟି ଅଣ୍ଡା ବିଭିନ୍ନ ପ୍ରାକୃତିକ କାରଣରୁ ନଷ୍ଟ ହୋଇଯାଇଛି। ବନ ବିଭାଗ ସୂଚନା ଦେଇଛି ଯେ ଆହୁରି କିଛି ଅଣ୍ଡା ଫୁଟିବା ବାକି ଅଛି, ତେଣୁ ଶେଷ ସଫଳତା ହାର ଆହୁରି ବଢ଼ିବା ସମ୍ଭାବନା ରହିଛି।

# ଭାରତୀୟ କଳାଶ୍ରୀ ବିନ୍ଦୁ ଉପାଧିରେ ସମ୍ମାନିତ ଦେବସ୍ମିତା ଓ ଅର୍ଚ୍ଚିତା



ଫୁଲନଖରା,୨୪।୫(ନି.ପ୍ର): କଟକ ସଦର ବୟାଳିଶମୌଜା ବରାଳ କଳପଡା ରୋଡ୍ ସ୍ଥିତ ଅଗ୍ରଣୀ ନୃତ୍ୟ ଓ ସଙ୍ଗୀତ ଅନୁଷ୍ଠାନ ଦେବଶ୍ରୀ ଡାନ୍ସ ଏକାଡେମୀର ଦୁଇ ମେଧାବୀ ଛାତ୍ରୀ ତଥା ପ୍ରତିଭାଶାଳୀ ଶିଶୁ ନୃତ୍ୟଶିଳ୍ପୀ ଦେବସ୍ମିତା ପରିଡା ଓ ଅର୍ଚ୍ଚିତା ଶାସମାଲ ସର୍ବଭାରତୀୟ ସ୍ତରୀୟ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତାରେ ସଫଳତା ଅର୍ଜନ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତିଛ ଶ୍ରୀଜଗନ୍ନାଥ ଧାମ ପୁରୀସ୍ଥିତ ସଂସ୍କୃତି ଭବନରେ ଇଣ୍ଡିଆନ ଟ୍ରଷ୍ଟ ଫର ଆର୍ଟ ଆଣ୍ଡ କଲଚର ଏବଂ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଆନୁକୂଲ୍ୟରେ ଆୟୋଜିତ ଭାରତୀୟ କଳାଶ୍ରୀ ସମ୍ମାନ–୨୦୨୬ ଅବସରରେ ହୋଇଥିବା ସର୍ବଭାରତୀୟ ଓଡ଼ିଶୀ ନୃତ୍ୟ ପ୍ରତିଯୋଗିତାରେ ଉଭୟେ ଅଂଶଗ୍ରହଣ କରି ଭାରତୀୟ କଳାଶ୍ରୀ ବିନ୍ଦୁ ଉପାଧିରେ ସମ୍ମାନିତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ଦେବସ୍ମିତା ପରିଡା କଟକ ସଦର କନ୍ଦରପୁର ଉପକଣ୍ଠ ବମ୍ଫୁରୀ ଗ୍ରାମର କୃଷକ ନେତା ଦୁର୍ଗା ପ୍ରସାଦ ପରିଡାଙ୍କ ସୁକନ୍ୟା ହୋଇଥିବା ବେଳେ ଅର୍ଚ୍ଚିତା ଶାସମାଲ ବୟାଳିଶମୌଜା ଅଞ୍ଚଳର ଚାହୁଲି ଗ୍ରାମ ନିବାସୀ ବିଶିଷ୍ଟ ସମାଜସେବୀ ନାରାୟଣ ଶାସମାଲଙ୍କ ସୁକନ୍ୟା ଅଟନ୍ତି। ଅତି କମ୍ ବୟସରୁ ଉଭୟ ଶିଶୁ ନୃତ୍ୟଶିଳ୍ପୀ ନୃତ୍ୟ କଳା ପ୍ରତି ନିଷ୍ଠା, ଅଭ୍ୟାସ ଓ ପ୍ରତିଭାର ପରିଚୟ ଦେଇ ଆସୁଛନ୍ତି। ଏହି ସଫଳତା ପାଇଁ ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ସଂଗଠନ ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ପରିଷଦ, ଫୁଲନଖରା ପକ୍ଷରୁ ଉଭୟ ଶିଶୁ ପ୍ରତିଭାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଥିବା ସହ ସେମାନଙ୍କ ଉତ୍ତରୋତ୍ତର ସଫଳତା କାମନା ଜଣାଇଛନ୍ତି ।

# ପୋଲିସକୁ ଆକ୍ରମଣ, ମା' ଝିଅ ଗିରଫ

ବୋଲଗଡ,୨୪।୫(ନି.ପ୍ର): ବୋଲଗଡ ଥାନା ଜନୈକା କନେଷ୍ଟବଲ୍‌ୱାରେଣ୍ଟି ଧରିବା ପାଇଁ ଯାଇ ଗୋଟିଏ ପରିବାର ର ଆକ୍ରମାଣର ଶିକାର ହୋଇଛନ୍ତି। ଘଟଣାରୁ ପ୍ରକାଶ ବୋଲଗଡ ଥାନା ଏକ ଟିମ ବଡ଼କୁମାରୀ ଗ୍ରାମପଞ୍ଚାୟତ ଡିହଖଉରୁଣୀ ଗ୍ରାମର ଉପେନ୍ଦ୍ର ପରିଡାଙ୍କ ଘରକୁ ଯାଇଥିଲେ। ସେଠାରେ ପଚରା ଉଚରା କରୁଥିବା ବେଳେ ଉପେନ୍ଦ୍ରଙ୍କ ସ୍ତ୍ରୀ





ଶାନ୍ତିଲତା (୬୦)ଓ ଝିଅ କଳ୍ପନା (୨୬)ପୋଲିସକୁ ଗାଳିଗୁଲଜ କରିଥିଲେ ଓ ଦୁର୍ବ୍ୟବହାର କରିଥିଲେ। ପୋଲିସ ଟିମ ଏହାକୁ ବାରଣ କରିବାରୁ ଦୁହେଁ ମହିଳା କନେଷ୍ଟବଳ ନର୍ମଦା ପ୍ରଧାନଙ୍କୁ ଆକ୍ରମଣ କରିଥିଲେ। ଏସମ୍ପର୍କରେ ନର୍ମଦା ଥାନାରେ ଲିଖିତ ଅଭିଯୋଗ କରିବା ପରେ କେଶ ନଂ ୨୪୩/୨୬ରେ ମାମଲା ରୁଜୁ କରି ତୁରନ୍ତ ଦୁହିଁଙ୍କୁ ଗିରଫ କରିଓ କୋର୍ଟ ଚାଲାଣ କରିଛନ୍ତି ।

## ତାତିର ତାଣ୍ଡବ: ଜନଜୀବନ ଅସ୍ତବ୍ୟସ୍ତ, ରାସ୍ତାଘାଟ ଜନଶୂନ୍ୟ

ବାଲେଶ୍ୱର,୨୪।୫(ନି.ପ୍ର): ବାଲେଶ୍ୱର ସହରରେ ପ୍ରଚଣ୍ଡ ଖରା ଯୋଗୁଁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡିଛି। ସକାଳ ୯ଟାରୁ ହିଁ ସୂର୍ଯ୍ୟଙ୍କ ପ୍ରଖର ତାପ ଯୋଗୁଁ ଲୋକେ ଘରୁ ବାହାରିବାକୁ ଡରୁଛନ୍ତି। ଆଜି ସହରର ସର୍ବାଧିକ ତାପମାତ୍ରା ୩୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଏହା ୫୦ ଡିଗ୍ରୀ ସେଲସିୟସ ପରି ଅନୁଭୂତ ହେଉଛି।

ଗ୍ରୀଷ୍ମ ପ୍ରବାହ ସହ ଦକ୍ଷିଣ-ପୂର୍ବ ଦିଗରୁ ଘଣ୍ଟାପ୍ରତି ୧୩ ମାଇଲ ବେଗରେ ଗରମ ପବନ ବହୁଛି। ସୂଚନାଯୋଗ୍ୟ ଯେ, ଗତବର୍ଷ ଅର୍ଥାତ୍ ୨୦୨୫ ମସିହା ମେ' ମାସରେ ବାଲେଶ୍ୱରର ହାରାହାରି ସର୍ବାଧିକ ତାପମାତ୍ରା ଥିଲା ୩୭.୪HC ବା ୯୯.୩ଓଏ ଥିଲା। ସେହି ତୁଳନାରେ ଚଳିତ ବର୍ଷ ତାପମାତ୍ରା ସାମାନ୍ୟ କମ୍ ଥିଲେ ମଧ୍ୟ ଆର୍ଦ୍ରତା ୬୭% ରହିବା ଯୋଗୁଁ ଗୁଳୁଗୁଳି ଅସହ୍ୟ ହୋଇପଡିଛି। ଆଜି ସର୍ବନିମ୍ନ ତାପମାତ୍ରା ୨୯HC ରହିବା ସମ୍ଭାବନା ଅଛି। ପ୍ରଚଣ୍ଡ ଗରମ ଯୋଗୁଁ ବଜାରରେ ଲସି-ପଇଡ଼ ବିକ୍ରି ବୃଦ୍ଧି ପାଇଛି ସତ କିନ୍ତୁ ରାସ୍ତାଘାଟ ଖାଁ ଖାଁ ହୋଇପଡିଛି। ପ୍ରଚଣ୍ଡ ଖରା ତାତି ଯୋଗୁଁ ସହରର ମୁଖ୍ୟ ରାସ୍ତା ଷ୍ଟେସନ ଛକ, ଫାଣ୍ଡି ଛକ, ସିନେମା ଛକ ଓ ରେମୁଣା ଗୋଲେଇ ଦିନ ୧୧ଟା ପରେ ଜନଶୂନ୍ୟ ହୋଇପଡିଛି। ଅତ୍ୟାବଶ୍ୟକ କାମ ନଥିଲେ ଲୋକେ ଘରୁ ବାହାରୁ ନାହାନ୍ତି। ଅପରପକ୍ଷେ ଲସି, ସର୍ବତ, ମୃଦୁ ପାନୀୟ, ପଇଡ଼ ପାଣି ଓ ଆଇସ୍କ୍ରିମ୍ ଦୋକାନରେ ଗ୍ରାହକଙ୍କ ଭିଡ଼ ଜମୁଛି। ଦୋକାନୀଙ୍କ କହିବା ଅନୁସାରେ ଗତ ସପ୍ତାହ ତୁଳନାରେ ବିକ୍ରି ପ୍ରାୟ ୩ ଗୁଣା ବଢ଼ିଛି। ବିଶେଷକରି ଅପରାହ୍ନ ୧ଟାରୁ ୪ଟା ପର୍ଯ୍ୟନ୍ତ ପଇଡ଼ ଓ ଲସି ପାଇଁ ଲୋକେ ଧାଡ଼ି ଲଗାଉଛନ୍ତି। ଅତ୍ୟଧିକ ଗରମକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ସତର୍କ ସୂଚନା ଓ ପରାମର୍ଶ ଦିଆଯାଇଛି।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରମାନେ ଅତ୍ୟାବଶ୍ୟକ ନହେଲେ ଦିନ ୧ଟାରୁ ୪ଟା ଯାଏଁ ଘରୁ ନ ବାହାରିବାକୁ କହିଛନ୍ତି। ୟୁଭି ଇଣ୍ଡେକ୍ସ ଆଜି ୧୦ ଅର୍ଥାତ୍ 'ଅତ୍ୟନ୍ତ ଉଚ୍ଚ' ସ୍ତରରେ ରହିଛି, ତେଣୁ ଖାଲି ଦେହରେ ଖରାକୁ ଗଲେ ସନ୍ ଷ୍ଟ୍ରୋକ୍ ଆଶଙ୍କା ରହିଛି। ଅଧିକ ପାଣି ପିଇବା, ହାଲୁକା ସୂତା ପୋଷାକ ପିନ୍ଧିବା ଓ ବାହାରକୁ ଗଲେ ଛତା ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ପାଣିପାଗ ବିଭାଗ ସୂଚନା ଅନୁସାରେ ଆସନ୍ତା ୨ ଦିନ ଯାଏଁ ତାପମାତ୍ରା ୩୬HC ଆଖପାଖରେ ରହିବ। ଆକାଶ ଆଂଶିକ ମେଘୁଆ ରହିଲେ ମଧ୍ୟ ବର୍ଷାର ସମ୍ଭାବନା ମାତ୍ର ୨୪%।

### 'ଲକ୍ଷ୍ମୀ' ବସ୍‌ଷ୍ଟପ୍ ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

## ବସ୍ ସେବା ବନ୍ଦ ନେଇ ଜନ ଅସନ୍ତୋଷ

ନିଆଳି,୨୪।୫(ନି.ପ୍ର): ରାଜ୍ୟ ସରକାର ଗ୍ରାମାଞ୍ଚଳର ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଲୋକଙ୍କୁ ସ୍ୱଳ୍ପ ଖର୍ଚ୍ଚରେ ଗମନାଗମନର ସୁବିଧା ଯୋଗାଇ ଦେବା ପାଇଁ ଆରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ ବସ୍ ସେବା (ଲକ୍ଷ୍ମୀ ବସ୍ ଯୋଜନା) । ଏହି କ୍ରମରେ କଟକ ଜିଲ୍ଲା ନିଆଳି ବ୍ଲକର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରୁଟ୍ ଏବଂ ପଞ୍ଚାୟତ ଗୁଡ଼ିକୁ ସଂଯୋଗ କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ବସ୍‌ଷ୍ଟପ୍ ନିର୍ମାଣ କରାଯାଇଥିଲା । ମାତ୍ର ବିଡ଼ମ୍ବନାର ବିଷୟ, ଅନେକ ସ୍ଥାନରେ ବସ୍ ଷ୍ଟପ୍ ଅଛି ସତ, ହେଲେ ବସର ଦେଖା ମିଳୁନାହିଁ । ଫଳରେ ସରକାରୀ ଅର୍ଥର ବ୍ୟାପକ ଅପବ୍ୟୟ ହେବା ସହ ଏହି କୋଠାଗୁଡ଼ିକ ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି । ସ୍ଥାନୀୟ ଅଞ୍ଚଳରେ ନିର୍ମିତ 'କଲ୍ୟାଣୀ ବସ୍ ଷ୍ଟପ୍' ଏବେ ନାମକୁ ମାତ୍ର ବସ୍ ଷ୍ଟପ୍ ହୋଇ ରହିଯାଇଛି । ଏଠାକୁ କୌଣସି ବସ୍ ଯାତାୟତ କରୁ ନ ଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ଏହା ନଷ୍ଟ ହେବାକୁ ବସିଲାଣି । ସନ୍ଧ୍ୟା ହେଲେ



ଏହି ନିର୍ଜନ ସ୍ଥାନରେ ଅସାମାଜିକ ବ୍ୟକ୍ତିମାନେ ଆସି ଭିଡ଼ ଜମାଉଛନ୍ତି, ଯାହା ସ୍ଥାନୀୟ ବାସିନ୍ଦା ଏବଂ ମହିଳାମାନଙ୍କ ସୁରକ୍ଷା ପ୍ରତି ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସରକାରୀ ଯୋଜନା ମୁତାବକ ପ୍ରତି ପଞ୍ଚାୟତକୁ 'ଲକ୍ଷ୍ମୀ' ବସ୍ ସଂଯୋଗ କରିବା କଥା, କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ । ଏରଞ୍ଚ, ସିଠାଳ, ବିଳାସୁଣୀ, ଏବଂ ଶଗଡାଇଲ ଭଳି ଅନେକ ପ୍ରମୁଖ ପଞ୍ଚାୟତକୁ ଆଦୌ ଲକ୍ଷ୍ମୀ ବସ୍ ଗଡୁ ନାହିଁ । ବସ୍ ସେବା ଅଭାବରୁ ଏହିସବୁ ଅଞ୍ଚଳର ହଜାର ହଜାର ଜନସାଧାରଣ, ବିଶେଷ କରି ସ୍କୁଲ-କଲେଜ ପଢୁଆ ଛାତ୍ରଛାତ୍ରୀ ଏବଂ ରୋଗୀମାନେ ଯାତାୟତ ପାଇଁ ଚରମ ହଇରାଣ ହେଉଛନ୍ତି । ପ୍ରଶାସନିକ ଅବହେଳା ଯୋଗୁଁ ଆଉ ଅନେକ ପଞ୍ଚାୟତରେ ଲକ୍ଷ୍ମୀ ବସ୍ ଷ୍ଟପ ନିର୍ମାଣ କାର୍ଯ୍ୟ ଅଧା ହୋଇ ପଡ଼ିରହିଛି । ଅଧାଗଢ଼ା କୋଠା ଗୁଡ଼ିକ ଭୂତକୋଠି ସଦୃଶ ଦେଖାଯାଉଥିବା ବେଳେ ବର୍ଷା ଓ ଖରାରେ ଏହାର ଇଟା, ସିମେଣ୍ଟ ନଷ୍ଟ ହେବାକୁ ବସିଲାଣି । ସରକାରୀ ଭିତ୍ତିଭୂମିର ସୁରକ୍ଷା କରିବା ସହ ତୁରନ୍ତ ସମସ୍ତ ନିର୍ଦ୍ଧାରିତ ରୁଟ୍ ଏବଂ ବଞ୍ଚିତ ଥିବା ପଞ୍ଚାୟତଗୁଡ଼ିକୁ ବସ୍ ସେବା ସ୍ୱାଭାବିକ କରାଯାଉ। ଯେଉଁ ସ୍ଥାନରେ କାର୍ଯ୍ୟ ଅଧାପନ୍ତରିଆ ଅଛି, ତାହାକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରାଯାଇ ଯାତ୍ରୀଙ୍କ ସେବାରେ ଲଗାଯାଉ, ନଚେତ୍ ଆଗାମୀ ଦିନରେ ଅଞ୍ଚଳବାସୀ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ନିଖିଳ ଉତ୍କଳ ଶୁଣ୍ଢୀ ସମାଜର ବାର୍ଷିକ ସାଧାରଣ ସଭା

ହରଭଙ୍ଗା,୨୪।୫(ନି.ପ୍ର): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଆଡ଼େନିଗଡ଼ ପଞ୍ଚାୟତ ଅନ୍ତର୍ଗତ ବଦଳାସାହି ଠାରେ ବୌଦ୍ଧ ଜିଲ୍ଲା ନିଖିଳ ଉତ୍କଳ ଶୁଣ୍ଢୀ ସମାଜ ହରଭଙ୍ଗା ଶାଖା ପକ୍ଷରୁ ଏକ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ପୃଷ୍ଟପୋଷକ ଶ୍ରୀଯୁକ୍ତ ମନମୋହନ ସାହୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ହରଭଙ୍ଗା ଶାଖାର ସଭାପତି ଅକ୍ଷୟ କୁମାର ସାହୁ, ଉପସଭାପତି ରବିନାରାୟଣ ପ୍ରଧାନ, ସମ୍ପାଦକ ପ୍ରଦୀପ୍ତ କୁମାର ସାହୁ, କୋଷାଧକ୍ଷ କାର୍ତ୍ତିକେଶ୍ୱର ସାହୁ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସ୍ତରୀୟ ଜୋନାଲ ସମ୍ପାଦକ ପିତାମ୍ବର ସାହୁ, କନ୍ଧମାଳ ଶୁଣ୍ଢୀ ସମାଜର ସଭାପତି ବିଜୟ କୁମାର ସାହୁ, ଦଶପଲ୍ଲା ଶୁଣ୍ଢୀ ସମାଜର ସଭାପତି ହାଡ଼ିବନ୍ଧୁ ସାହୁ, ନସ ଘର ସଭାପତି ରଙ୍କ ନିଧି ସାହୁ ପ୍ରମୁଖ ମଂଚାସୀନ ଥିଲେ। ପ୍ରଥମେ ଅତିଥି ମାନଙ୍କ ସଭାମଞ୍ଚକୁ ଆଗମନ ଆସନ ଗ୍ରହଣ ଓ ପରିଚୟ ପ୍ରଦାନ ପରେ ଅତିଥିମାନଙ୍କ ଦ୍ୱାରା ନିଜର ଇଷ୍ଟ ଦେବୀଙ୍କଠାରେ ପ୍ରଦୀପ ପ୍ରଜ୍ୱଳନ ସହିତ ଜଗନ୍ନାଥଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏବଂ ପରେ ଅତିଥିମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯିବା ସହିତ ଦିବଂଗତ ମାନଙ୍କ ଉଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏବଂ ପରେ ସମ୍ପାଦକ ଓ କୋଷାଧକ୍ଷ ନିଜ ନିଜ ବିବରଣୀ ପଠନ କରିଥିଲେ। ଆଜି ର ଯୁଗ ରେ ଶୁଣ୍ଢୀ ସମାଜ କୁ କିପରି ଏକ ସୁସ୍ଥ ସମାଜ ଭାବେ ଗଢ଼ି ତୋଳିବା, ନିଜ ନିଜ ଭିତରେ ଭାଇ ଚାରାର ସମ୍ପର୍କ ରଖି ଚାଲିବା,ନିଜ ପାଇଁ କିଛି କିଛି, ସମାଜ ପାଇଁ ସବୁକିଛି ଉକ୍ତ ଆଲୋଚନାର ବିଷୟରେ ମଂଚାସୀନ ଅତିଥି ମାନେ ନିଜ ନିଜର ଅଭିଭାଷଣ ରଖିଥିଲେ। ଶୁଣ୍ଢୀ ସମାଜ ର ବରିଷ୍ଠ ସଦସ୍ୟଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ମଞ୍ଚ ପରିଚାଳନା ଅଜିତ କୁମାର ପ୍ରଧାନ କରିଥିବା ବେଳେ, ନାରଣ ବେହେରା ତାଙ୍କୁ ସହଯୋଗ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ ଓ ସଭାପତିଙ୍କ ଅନୁମତି କ୍ରମେ ସଭା ସାଙ୍ଗ କରାଯାଇଥିଲା। ଉକ୍ତ ସଭାରେ ହରଭଙ୍ଗା ବ୍ଲକ ର କୁସଙ୍ଗ, ଛତ୍ରଙ୍ଗ, ମହାଲିକପଡ଼ା, କରଂଜକଟା, ଉପରକଟା, ଚାରିଛକ, ପୁରୁଣାକଟକ, ଭବାନୀପୁର, ଅଡ଼େନିଗଡ଼, ରାଣୀଗଞ୍ଜ, ମାଧପୁର, ବଦଳାସାହି, ବାରିଙ୍ଗ ଗୋଛାସାହି, ଅଞ୍ଚଳର ସହ ସହ ପୁରୁଷ ଓ ମହିଳା ଯୋଗ ଦେଇଥିଲେ।




## ଦାସ ବେନହୁର ସାମଗ୍ରିକ ସାହିତ୍ୟ ସୃଷ୍ଟି କରିବାରେ ଧୂରୀଣ ସ୍ରଷ୍ଟା




ଭୁବନେଶ୍ୱର,୨୪।୫(ନି.ପ୍ର): ଗତ ଶନିବାର ସନ୍ଧ୍ୟାରେ ଏକ ମନୋଜ୍ଞ ପରିବେଶ ମଧ୍ୟରେ ସମ୍ଭାବନା ଦ୍ୱାରା ଆୟୋଜିତ ବେନୁହୁର ବହି ବିଶେଷ କାର୍ଯ୍ୟକ୍ରମରେ ବିଶିଷ୍ଟ କଥା ଶିଳ୍ପୀ ଦାସ ବେନୁହୁରଙ୍କ ତିନୋଟି ପୁସ୍ତକ ସମ୍ବିଧାନନାମା, ସୃଷ୍ଟି ବୈଚିତ୍ର୍ୟ ଓ ବୟସ୍କର ନାନା ବାୟିଆ ଉନ୍ମୋଚନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବରିଷ୍ଠ ସାମ୍ବାଦିକ, ବିଦ୍ୱାନ ଓ ପୂର୍ବତନ ଏମପି, ସୌମ୍ୟରଞ୍ଜନ ପଟ୍ଟନାୟକ କହିଥିଲେ ଯେ ଦାସ ବେନହୁରଙ୍କ ସାହିତ୍ୟ ଯାତ୍ରାର ସେ ଜଣେ ସହଯାତ୍ରୀ। ସମ୍ବିଧାନନାମା ପୁସ୍ତକରେ ସମାହିତ ସମସ୍ତ ନିବନ୍ଧ ଗୁଡ଼ିକ ସମ୍ବାଦ ଖବର କାଗଜରେ ନିୟମିତ ପ୍ରକାଶିତ ନିବନ୍ଧର ଏକ ପୂର୍ଣ୍ଣାଙ୍ଗ ପୁସ୍ତକ ସଂକଳନ। ଏହି ସଂକଳନ ତାଙ୍କୁ ବହୁତ ଆନନ୍ଦିତ କରିଥିବା ଦର୍ଶାଇ ସେ କହିଥିଲେ ଯେ ବର୍ତ୍ତମାନ ଗଣତନ୍ତ୍ର ପ୍ରତି ବିପଦ ଦେଖା ଦେଇଛି। ରାଜତନ୍ତ୍ରକୁ ବିତାଡ଼ିତ କରି ଆମେ ବହୁ କଷ୍ଟରେ ଯେଁଉ ଗଣତନ୍ତ୍ର ଶାସନ ବ୍ୟବସ୍ଥା ପାଇଥିଲେ ତାହା ଆଜି ଅବକ୍ଷୟ ମୁଖୀ। ଗଣତନ୍ତ୍ର ଧୀରେ ଧୀରେ ପାଟିତନ୍ତ୍ର ରେ ପରିଣତ ହୋଇ ବ୍ୟକ୍ତି କାୟେନ୍ଦ୍ରିକି ହେବାରେ ଲାଗିଛି । ଏଣୁ ଏକ ନୂଆ ରୂପରେ ରାଜତନ୍ତ୍ର ଆମକୁ କରାଗତ କଲାଭଳି ଅନୁଭୂତ ହେବାପରି ଜଣାପଡୁଛି। ଗଣତନ୍ତ୍ର ସୁରକ୍ଷା ପାଇଁ ପ୍ରତ୍ୟେକ ନାଗରିକ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ ଓ ଦାସ ବେନୁହୁର୍‌ଙ୍କୁ ଏହି ବିଷୟବସ୍ତୁକୁ ନେଇ ତାଙ୍କ ଲେଖା ଜାରି ରଖିବାକୁ ଅନୁରୋଧ କରିଥିଲେ। ବରେଣ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର କହିଲେଯେ ଭାରତୀୟ ସମ୍ବିଧାନର ଦୁର୍ବଳତା ହେଉଛି ଜନ ସଚେତନତାର ଅଭାବଛ ସମ୍ବିଧାନନାମା ଭଳି ଲେଖା ଯେତେ ଅଧିକ ପ୍ରକାଶିତ ହେବ, ଜନସାଧାରଣ ଆମ ସମ୍ବିଧାନର ଗୁରୁତ୍ୱ ଅଧିକ ବୁଝିପାରିବେ ବୋଲି ସେ ଆଶାପୋଷଣ କରିଥିଲେ। ସେ କହିଥିଲେ ଯେ ଦାସ ବେନୁହୁର ଓଡ଼ିଆ ଲୌକିକ ଭାଷା ପ୍ରୟୋଗର ଦକ୍ଷତା ଅତି ଚମତ୍କାର ଏଣୁ ଏହା ପଠକାଦୃତ ହେଇପାରିବ ଛଅନ୍ୟତମ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ, ବିଶିଷ୍ଟ କଥାକାର ଦେବପ୍ରସାଦ ଦାସ , ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ କହି ଲେ ଯେ ଆଧୁନିକ ଚଳଣି ଭିତରେ କିପରି ଆମ ସମାଜ ଭାଙ୍ଗି ଯାଉଛି ତାହା ଦାସ ବେନୁହୁର ଙ୍କ ଗପରେ ଦେଖିବାକୁ ମିଳେ। ଦାସ ବେନୁହୁର ସାମଗ୍ରିକ ସାହିତ୍ୟ ସୃଷ୍ଟି କରିବାରେ ଏକ ଧୂରିଣ ସ୍ରଷ୍ଟା ବୋଲି ଅତିଥିମାନେ ମତପୋଷଣ କରିଥିଲେ । ସଭାରେ ଶରତ ଚନ୍ଦ୍ର ଭଦ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ ପ୍ରଫେସର ଜୟନ୍ତି ପଣ୍ଡା ସମ୍ଭାବନା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦାସ ବେନୁହୁର ଲେଖକୀୟ ଅଭିବ୍ୟକ୍ତି ରଖିଥିବା ବେଳେ ସମ୍ଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ସମ୍ପାଦକ ଦେବ ପ୍ରସାଦ ପରିଜା ସ୍ୱାଗତ ଭାଷଣ ଦେଇଥିଲେ । ଏହି ସାରସ୍ୱତ ସନ୍ଧ୍ୟାରେ ବହୁ ସହିତିକ, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଓ ଦାସ ବେନୁହୁର ପ୍ରେମୀ ଉପସ୍ଥିତ ଥିଲେ।

## କବି ବୃନ୍ଦାବନ ଦାସଙ୍କ ୨ଟି କବିତା ସଙ୍କଳନ ଉନ୍ମୋଚିତ

କେନ୍ଦ୍ରାପଡ଼ା,୨୪।୫(ନି.ପ୍ର): ବିଶିଷ୍ଟ କବି ଅଧ୍ୟାପକ ବୃନ୍ଦାବନ ଦାସଙ୍କ ଦୁଇଟି କବିତା ସଙ୍କଳନ ମଲା ଘୋଡାର ଗୀତ ଓ ହିଡ ସ୍ଥାନୀୟ ସାନ୍ଦ୍ର୍ୟ ମହାବିଦ୍ୟାଳୟ ଅଡିଟୋରିୟମରେ ଉନ୍ମୋଚିତ ହୋଇଯାଇଛି । ମୌସୁମୀ ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ କବି ଡକ୍ଟର ଦିଲ୍ଲୀପ କୁମାର ସ୍ୱାଇଁ ବୃନ୍ଦାବନ ଦାସଙ୍କ ପ୍ରତିଟି କବିତାରେ ଚେତନାର ସୂକ୍ଷ୍ମ ପ୍ରତିଫଳନ ବୋଲି କହିଥିଲେ। ସେ ଏହା ମଧ୍ୟ କହିଲେ ଯେ, ଯେଉଁ ସାହିତ୍ୟ ବିବର୍ତ୍ତନ ପ୍ରକ୍ରିୟା ଦେଇ ଗତିକରେ ତାହା କାଳଜୟୀ ହୋଇଥାଏ । ଅଧ୍ୟାପକ ନନ୍ଦକିଶୋର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅନ୍ୟତମ ଅତିଥିଭାବେ କବି ଡକ୍ଟର ବାସୁଦେବ ଦାସ, କବି ଡକ୍ଟର ଅପର୍ଣ୍ଣା ମହାନ୍ତି, କବି ଡକ୍ଟର ଶ୍ରୀଧର ସାମଲ, କବି ବିମଳ ପତି, କବି ପ୍ରେମାନନ୍ଦ ଖଣ୍ଡୁଆଳ ଯୋଗଦେଇ ପୁସ୍ତକ




ସାମାଜିକ ପରିବର୍ତ୍ତନ ପାଇଁ ଏକ ଆହ୍ୱାନ ଥିବାବେଳେ ଏହା ସାର୍ବଜନୀନ ଆବେଦନରେ ଭରପୁର ବୋଲି କହିଥିଲେ। ଉନ୍ମୋଚନ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ କବି ଡକ୍ଟର ଯତିନ୍ଦ୍ର ରାଉତ ଏହି ଦୁଇଟି ପୁସ୍ତକ ଲେଖକଙ୍କ ଭିତରେ ଥିବା ସୃଜନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଇଞ୍ଜିନିୟର ଅକ୍ଷୟ କୁମାର ପାଣି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଗାଳ୍ପିକ ମାତୃଦତ୍ତ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ନିମନ୍ତ୍ରିତ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ପୋଖରୀରୁ ମାଛ ଚୋରି: ୩ ଅଟକ

ଟିକାବାଲି,୨୪।୫(ନି.ପ୍ର): ଲାଇନପଡ଼ା ଅଞ୍ଚଳରେ ଏକ ସରକାରୀ ପୋଖରୀରୁ ରାତିରେ ଜାଲ ପକାଇ ମାଛ ଚୋରି କରାଯାଉଥିବା ନେଇ ସ୍ଥାନୀୟ ଡଙ୍ଗେରି ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଟିକାବାଲି ଥାନାରେ ମାମଲା ରୁଜୁ ହୋଇଛି। ସ୍ଥାନୀୟ ଲୋକେ ୩ ଜଣ ଅଭିଯୁକ୍ତଙ୍କୁ କାବୁ କରି ପୁଲିସ ଜିମା ଦେଇଛନ୍ତି। ସୂଚନା ଅନୁଯାୟୀ, ଲାଇନପଡ଼ା ଅଞ୍ଚଳର ଡଙ୍ଗେରି ସ୍ୱୟଂ ସହାୟିକା ଗୋଷ୍ଠୀ ସ୍ଥାନୀୟ ସରକାରୀ ପୋଖରୀକୁ ନିଲାମ ନେଇ ମାଛ ଚାଷ କରୁଛନ୍ତି। ଏଥିପାଇଁ ସେମାନେ ବ୍ୟାଙ୍କରୁ ପ୍ରାୟ ୩ ଲକ୍ଷ ୧ ହଜାର ୨୫୦ ଟଙ୍କା ଋଣ କରି ପୋଖରୀରେ ବିନିଯୋଗ କରିଥିଲେ। ଗତ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ୩ ଜଣ ଦୁର୍ବୃତ୍ତ ପୋଖରୀ ହୁଡ଼ାରେ ମଦ ପିଇ ଜାଲ ସାହାଯ୍ୟରେ ମାଛ ଧରୁଥିବା ସ୍ଥାନୀୟ ସୁଶାନ୍ତ କୁମାର ଭୋଇ ନାମକ ଜଣେ ଯୁବକ ଦେଖିବାକୁ ପାଇଥିଲେ। ସେ ତୁରନ୍ତ ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ମମତା ନାୟକଙ୍କୁ ଖବର ଦେଇଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ ଗ୍ରାମବାସୀ ମାଛ ଧରୁଥିବା ୩ ଦୁର୍ବୃତ୍ତଙ୍କୁ କାବୁ କରି ଲାଇନପଡ଼ା ଫାଣ୍ଡି ଜିମା ଦେଇଥିଲେ। ଫାଣ୍ଡି ଅଧିକାରୀ ଧରାପଡ଼ିଥିବା ସରୋଜ କୁମାର ଦଳବେହେରା, ସୁଶାନ୍ତ ଦଳବେହେରା ଓ ରାଜେଶ ଦଳବେହେରାଙ୍କୁ ଟିକାବାଲି ଥାନାକୁ ଆଣିଥିଲେ। ଥାନାଧିକାରୀ ସମୀର କୁମାର ବେହେରାଙ୍କ ସୂଚନା ଅନୁଯାୟୀ, ଏହି ସମ୍ପର୍କରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି। ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଯୁବକ ଓ ସମ୍ପର୍କୀୟଙ୍କୁ ହତ୍ୟା ଧମକ, ସଦର ଥାନାରେ ମାମଲା

କେନ୍ଦ୍ରାପଡ଼ା,୨୪।୫(ନି.ପ୍ର): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମରେ ଜଣେ ଯୁବକ ସନ୍ତୋଷ କୁମାର ସେଠୀ ଓ ତାଙ୍କର ସମ୍ପର୍କୀୟଙ୍କୁ ଭୁବନ, ପ୍ରକାଶ, ଆକବର, ଶୁଭାଶିଷଙ୍କ ସମେତ୨୦ରୁ ଊର୍ଦ୍ଧ୍ୱ ଯୁବକ ମାଡ ମାରି ହତ୍ୟା ଧମକ ଦିଆଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସନ୍ତୋଷଙ୍କ ଜଣେ ସଂପର୍କୀୟ ରାଜଶ୍ରୀ ସେଠୀ ଏ ନେଇ ଥାନାରେ ଏତଲା ଦେଇଛନ୍ତି। ସେ ଏତଲାରେ ଦର୍ଶାଇଛନ୍ତି ଯେ ସନ୍ତୋଷ ଘରେ ଉପସ୍ଥିତ ନଥିବା ବେଳେ ୨୦ରୁ ଊର୍ଦ୍ଧ୍ୱ ଯୁବକ ତାଙ୍କ ଘର ନିକଟରେ ପହଞ୍ଚି ସନ୍ତୋଷଙ୍କୁ ବିଭିନ୍ନ ପ୍ରକାରର ଧମକ ଚମକ ଦେଇଥିଲେ। ଏପରିକି ମାରଣାସ୍ତ୍ର ଧରି ଆକ୍ରମଣ କରିବାର ଧମକ ଦେଇଥିଲେ ବୋଲି ସେ ଏତଲାରେ ଦର୍ଶାଇଛନ୍ତି। ଅପରପକ୍ଷରେ ଯେଉଁମାନଙ୍କ ନାମରେ ମହିଳା ଜଣକ ଅଭିଯୋଗ କରିଛନ୍ତି ସେହି ଯୁବକମାନଙ୍କୁ ପଚରିବାରୁ ସେମାନେ କହିଲେ ଏହି ଅଭିଯୋଗ ଭିତ୍ତିହୀନ। ସନ୍ତୋଷ ହେଉଛନ୍ତି ଜଣେ ଠିକାଦାର। ଜିଲା ଠିକାଦାର ମହାସଂଘର ନିଷ୍ପତ୍ତି ଅନୁଯାୟୀ କୌଣସି ଠିକାଦାର ଲେସରେ କାମ ପକାଇଲେ ସଂପୃକ୍ତ ଠିକାଦାରଙ୍କ ଘର ସମ୍ମୁଖରେ ଆନ୍ଦୋଳନ କରାଯିବ। ସନ୍ତୋଷ ଲେସରେ କାମ ପକାଇଥିବାରୁ ତାଙ୍କ ଘର ଆଗରେ ୨୦ରୁ ଊର୍ଦ୍ଧ୍ୱ ଠିକାଦାର ଧାରଣା ଦେଇଥିଲେ। କିନ୍ତୁ ସନ୍ତୋଷଙ୍କ ସଂପର୍କୀୟ ଏହାକୁ ଭିନ୍ନ ରଙ୍ଗ ଦେଇ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ କରିଛନ୍ତି ବୋଲି ଭୁବନ କହିଛନ୍ତି। ଧାରଣା ଦେବା ସମୟର ଭିଡିଓ ରେକର୍ଡ଼ି ହୋଇଛି ଓ ଏହାକୁ ପୁଲିସକୁ ପ୍ରଦାନ କରାଯିବ ବୋଲି ସେମାନେ କହିଛନ୍ତି। ଏ ସଂକ୍ରାନ୍ତରେ ଥାନାଧିକାରୀ ପଦ୍ମାଳୟା ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ ସଂପୃକ୍ତ ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଛି।



## ଉନ୍ମୋଚିତ ହେଲା ଲେଖକ ଶାନ୍ତନୁ କୁମାର ପଟ୍ଟନାୟକଙ୍କ ୩ ପୁସ୍ତକ



ବାଲେଶ୍ୱର,୨୪।୫(ନି.ପ୍ର): ଶ୍ରଦ୍ଧା ପବ୍ଲିକେଶନ ପକ୍ଷରୁ ପ୍ରକାଶିତ ବିଶିଷ୍ଟ ଲେଖକ ଶାନ୍ତନୁ କୁମାର ପଟ୍ଟନାୟକଙ୍କ ତିନୋଟି ନୂଆ ପୁସ୍ତକ 'ଅଭୁଲା ଅତୀତ', 'ଏଇଠୁ ଆରମ୍ଭ' ଓ 'ଏଇ ଆମ ସଂସ୍କୃତି' ଆଜି ସଂଧ୍ୟାରେ ବାଲେଶ୍ୱର ଷ୍ଟେସନ କ୍ଲବ ପରିସରରେ ମହା ଆଡ଼ମ୍ବର ସହ ଉନ୍ମୋଚିତ ହୋଇଯାଇଛି। ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଓ ପାଠକଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବ ସାହିତ୍ୟ ଜଗତରେ ଏକ ନୂଆ ଉତ୍ସାହ ସୃଷ୍ଟି କରିଥିଲା। ବିଶିଷ୍ଟ କବି ତଥା ଲେଖକ କାଳିକିଙ୍କର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡକ୍ଟର ଭାଗବତ ବେହେରା, ଡକ୍ଟର ପ୍ରଦୀପ୍ତ ମିଶ୍ର ଓ ଅଧ୍ୟାପିକା ପ୍ରତୀଚୀ ନନ୍ଦ ଅତିଥି ଭାବେ ଯୋଗ ଦେଇ ପୁସ୍ତକଗୁଡ଼ିକର ଗଭୀର ସମୀକ୍ଷା କରିଥିଲେ। ଡକ୍ଟର ବେହେରା 'ଅଭୁଲା ଅତୀତ'କୁ ସ୍ମୃତି ଓ ଅନୁଭୂତିର ଏକ ଜୀବନ୍ତ ଦସ୍ତାବିଜ ବୋଲି କହିଥିବା ବେଳେ, ଡକ୍ଟର ମିଶ୍ର 'ଏଇଠୁ ଆରମ୍ଭ'ରେ ନୂଆ ପିଢ଼ି ପାଇଁ ଥିବା ଆଶାର ବାର୍ତ୍ତା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ନନ୍ଦ 'ଏଇ ଆମ ସଂସ୍କୃତି' ପୁସ୍ତକକୁ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଏକ ସରଳ ଓ ବୋଧଗମ୍ୟ ଚିତ୍ର ବୋଲି ବର୍ଣନା କରିଥିଲେଛ ପ୍ରାରମ୍ଭରେ ପ୍ରକାଶକ ସମରେନ୍ଦ୍ରନାଥ ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ ପୁସ୍ତକଗୁଡ଼ିକର ପ୍ରକାଶନ ପଛର ଉଦ୍ଦେଶ୍ୟ ଓ ଲେଖକଙ୍କ ସାହିତ୍ୟ ସାଧନା ସମ୍ପର୍କରେ ସୂଚନା ଦେଇଥିଲେଛ ସେ କହିଥିଲେ, ଶାନ୍ତନୁ ବାବୁଙ୍କ ଲେଖନୀରେ ଅତୀତର ଅନୁଭବ, ବର୍ତ୍ତମାନର ବାସ୍ତବତା ଓ ଭବିଷ୍ୟତର ସ୍ୱପ୍ନ ଏକାଠି ପ୍ରତିଫଳିତ ହୋଇଛି। ନିଜ ବକ୍ତବ୍ୟରେ ଲେଖକ ଶାନ୍ତନୁ କୁମାର ପଟ୍ଟନାୟକ ସମସ୍ତ ଅତିଥି ଓ ପାଠକଙ୍କୁ ଧନ୍ୟବାଦ ଜଣାଇ କହିଥିଲେ ଯେ, ସମାଜ ଓ ସଂସ୍କୃତି ପ୍ରତି ନିଜର ଦାୟିତ୍ୱବୋଧରୁ ସେ ଏହି ପୁସ୍ତକଗୁଡ଼ିକ ରଚନା କରିଛନ୍ତି। ଉତ୍ସବ ଶେଷରେ ସଭାପତି କାଳିକିଙ୍କର ଦାସ ଲେଖକଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଏଭଳି ସୃଜନଶୀଳ କାର୍ଯ୍ୟ ଜାରି ରଖିବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସହରର ବହୁ ସାହିତ୍ୟାନୁରାଗୀ, ଛାତ୍ରଛାତ୍ରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

### ମହେନ୍ଦ୍ର ମେଳା ଉତ୍ସବ ଆଳରେ ବେନିୟମ କାର୍ଯ୍ୟ

## ଆନ୍ଦୋଳନ ପାଇଁ ଆଦିବାସୀ ମହାସଂଘର ଚେତାବନୀ

ପାରଳାଖେମୁଣ୍ଡି,୨୪।୫(ନି.ପ୍ର): ଗଜପତି ଜିଲ୍ଲା ଆଦିବାସୀ ମହାସଂଘ ଓ ବିଶ୍ୱାବସୁ ଶବର ସଂସ୍କୃତି ସୁରକ୍ଷା ମଞ୍ଚ ରାୟଗଜ ବ୍ଲକ ଅଧିନସ୍ଥ ମହେନ୍ଦ୍ରାଞ୍ଚଳ ଶବର (ସୌରା) ଆଦିବାସୀ ପକ୍ଷରୁ ଜିଲ୍ଲାପାଳଙ୍କୁ ଅଭିଯୋଗ କରି ଜଣାଇଛନ୍ତି ଯେ, ମହେନ୍ଦ୍ରଗିରି ପୂଜା କମିଟି (ଗ୍ରାମ- ବାରଘର) ତଥା ପୂଜାରି କେଉଁ କାଳରୁ ମହେନ୍ଦ୍ରଗିରି ଶୈବପୀଠରେ ଥିବା ମନ୍ଦିରରେ ନିସ୍ୱାଥର୍ର ଭାବେ ପୂଜା, ଅର୍ଚନା କରିବା ସହିତ ମନ୍ଦିରର ରକ୍ଷଣା ବେକ୍ଷଣ, ଓ ସେଠାକାର ପ୍ରାକୃତିକ ପରିବେଶର ସୁରକ୍ଷା ନିରବଛିନ୍ନ କରିଆସୁଛନ୍ତି। ଦୁର୍ଭାଗ୍ୟର ବିଷୟ କିଛି ଅନୁ ପ୍ରବେଶକାରୀ ଭଣ୍ଡ ବାବା, ବ୍ଲକ ଏବଂ ଜିଲ୍ଲା ସ୍ତରର କୁଜି ଦଳବଦଳ ନେତା, ସ୍ଥାନୀୟ ଅଞ୍ଚଳର କିଛି ଅସାମାଜିକ ଓ ଜମି ମାଫିଆ, ଖଣୀମାଫିଆ ନିୟମିତ ମହେନ୍ଦ୍ରଗିରିକୁ ଆସି ସେଠାର ଧାର୍ମିକ ପରିବେଶକୁ କଳଙ୍କିତ କରୁଛନ୍ତି । ଯାହା ଆମ ଅଦିବାସୀ ମାନଙ୍କ କୌଳିକ ପ୍ରଥା, ରୀତିନୀତି, ପରମ୍ପରା, ସଂସ୍କୃତି, ସମୂଳେ କ୍ଷୁଣ୍ଣ ହେବାରେ ଲାଗିଛି । ଏପରିକି ପବିତ୍ର ମହେନ୍ଦ୍ରଗିରି ଶିଖରେ ଭୋଜିଭାତର ଆୟୋଜନ, ଉକ୍ତ ଭୋଜିରେ ମଦ୍ୟପାନ, ମାଂସ ଭକ୍ଷଣ ଭଳି ନିନ୍ଦନୀୟ କାର୍ଯ୍ୟ କରାଯାଉଅଛି । ମହେନ୍ଦ୍ରଗିରି ଅଞ୍ଚଳରୁ ଖଣିଜ ରତ୍ନ ପଥର, ପ୍ରାଚୀନ ଦୁର୍ଲଭ ମୂର୍ତି, ଶିବଲିଙ୍ଗ, ଇତ୍ୟାଦି ଚୋରିକରି ନେବାର ପ୍ରମାଣ ରହିଛି। ଏହି ଚୋରା ଚାଲାଣରେ ଭଣ୍ଡ ବାବାଙ୍କର ସମ୍ପୂର୍ଣ ରୂପେ ହାତ ଥିବାର ସନ୍ଦେହ ରହିଛି । ସେହିପରି କିଛି ମୁଷ୍ଟିମେୟ ବ୍ୟକ୍ତି ରଙ୍ଗ ବଦଳାଉଥିବା ରାଜନେତାଙ୍କ ସହାୟତାରେ ମହେନ୍ଦ୍ର ମେଳା ଉତ୍ସବ ନାମରେ ଏକ ପ୍ରହସନ ଓ କୁଟନୀତି ପ୍ରୟୋଗ କରି ପୁରାତନ ସୈନ୍ଦର୍ଯ୍ୟ କୀର୍ତିରାଜ ଗୁଡିକ ଧ୍ୱଂସ କରି କୃତ୍ରିମ ମନ୍ଦିର ନିର୍ମାଣ ନକ୍ସା ଆକଳନ କରି ଛନ୍ତି। ଅବାଧ ଭାବେ ଟ୍ରକ ଟ୍ରକ ଗୋଡି, ମେଟାଲ, ବାଲି ଶିଖରକୁ ଉଠାଇବା ସହ ଭୁବନେଶ୍ୱରରୁ ଆଣି କଇଁପୁର ଛକ ପୁରୁଣା ପଞ୍ଚାୟତ କାର୍ଯ୍ୟାଳୟ ପରିସରମାଙ୍କଡା ପଥର ରଖିଛନ୍ତି।ସେହିପରି ଶବର (ସୌରା) ଆଦିବାସୀ ପୂଜାରୀଙ୍କୁ ହଟାଇ ବ୍ରାହ୍ମଣ ପୂଜାରୀ ସ୍ଥାପନ ଯୋଜନା ଚରିତାର୍ଥ କରିବା ପାଇଁ ମେଳା ମାଧ୍ୟମରେ ପୋଲିସ ଫୋର୍ସ ଲଗାଇ ଆଦିବାସୀଙ୍କୁ ବିଭିନ୍ନ ଦଫା ଲଗାଇ ଧମକ ଚମକ ସହିତ ଟଙ୍କା ଦେଇ ଲୋକଙ୍କୁ ଟ୍ରାକ୍ଟରରେ ଆଣି ତାଙ୍କ ସପକ୍ଷରେ ମନ୍ତବ୍ୟ ଦେବାକୁ ବାଧ୍ୟ କରାଯାଉଛି । 'ମହେନ୍ଦ୍ର ମେଳା' ନାମରେ ବାରମ୍ବାର ମହେନ୍ଦ୍ରଗିରି ଶିଖରରେ ସଭାସମିତି ଆୟୋଜନ କରି ଆଦିବାସୀ ମାନଙ୍କ ମଧ୍ୟରେ ଫାଟ, ଅଶାନ୍ତି ଓ ଉତେଜନା ମୂଳକ ବାତାବରଣ ସୃଷ୍ଟି କରିବା ସହ ସର୍ବସାଧାରଣଙ୍କ ଆଗରେ ଶବର (ସୌରା) ଆଦିବାସୀ ମାନଙ୍କୁ ଦୁଇ ଗୋଡ଼ିଆ ରାକ୍ଷସର ଆଖ୍ୟା ଦେଇ ସମଗ୍ର ଆଦିବାସୀ ସମାଜକୁ ନିନ୍ଦିତ ଓ ଅପମାନିତ କରିଛନ୍ତି । ଏଥି ସହିତ ଆଦିବାସୀ ପୂଜାବିଧିକୁ ଘୋର ନିନ୍ଦା ଓ ଘୃଣା ଦୃଷ୍ଟିରେ ଦେଖୁଛନ୍ତି । ତେଣୁ ବାଧ୍ୟ ହୋଇ ଆମ୍ଭେମାନେ ଆଦିବାସୀ ମହାସଂଘ ଗଜପତି ଓ ବିଶ୍ୱାବସୁ ଶବର ସଂସ୍କୃତି ସୁରକ୍ଷା ମଞ୍ଚ ମିଳିତ ଭାବେ ଆଦିବାସୀଙ୍କ ଉପରେ ଘଟୁଥିବା ଆଦିବାସୀ ଦମନ ଲୀଳା ଏବଂ ଆସନ୍ତା ୧।୬।୨୦୨୬ ରିଖରେ ଆରମ୍ଭ ହେବାକୁ ଥିବା ମହେନ୍ଦ୍ର ମେଳା ଉତ୍ସବ କାର୍ଯ୍ୟକ୍ରମ ବିରୋଧରେ ଆମ୍ଭେ ଆସନ୍ତା ୨୯ ତାରିଖ ଦିନ ପାରଳାଖେମୁଣ୍ଡି ଠାରେ ଶାନ୍ତି ଶୃଙ୍ଖଳାର ସହ ଆଦିବାସୀ ମାନଙ୍କ ପାରମ୍ପରିକ ଅସ୍ତ୍ର-ଶସ୍ତ୍ର ସହ ରାଲି, ରାସ୍ତାରୋକ ଓ ଗଣ ଧାରଣା ଦେବା ସମ୍ପର୍କରେ ଆପଣଙ୍କୁ ଅବଗତ କରାଇଛନ୍ତି। ବିଶେଷ କରି ଏଥିରେ କୌଣସିପ୍ରକାର ଅପ୍ରୀତିକର ଆଇନ ଶୃଙ୍ଖାଳା ପରିସ୍ଥିତି ସୃଷ୍ଟି ହୁଏ ତାହାଲେ ଏଥିପାଇଁ ସମ୍ପୂର୍ଣ ଭାବେ ପ୍ରଶାସନ ହିଁ ଦାୟୀ ରହିବେ ବୋଲି ଲିଖିତ ଅଭିଯୋଗ ଜଣାଇଛନ୍ତି ।

## ଟାଟା ପାୱାରକୁ ଚକମା ଦେଖାଇ ବିଦ୍ୟୁତ ଚୋରି, କାର୍ଯ୍ୟାନୁଷ୍ଠାନ ଦାବି

ଜଟଣୀ,୨୪।୫(ନି.ପ୍ର): ରାଜ୍ୟରେ ପ୍ରଚଣ୍ଡ ଖରା ସହ ଅସହ୍ୟ ଗରମ ଅନୁଭୂତ ହେଉଥିବା ବେଳେ ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ ସଂକଟ ଓ ଲୋଡ୍ ସମସ୍ୟା ଦେଖା ଦେଉଛି। ଏଭଳି ସମୟରେ ଟାଟା ପାୱାରକୁ ଚକମା ଦେଖାଇ ଏକ ଏଲଆଣ୍ଡଟି ଠିକା ସଂସ୍ଥା ବିଦ୍ୟୁତ ଚୋରି କରୁଥିବା ଅଭିଯୋଗ ହେଉଛି । ଦୈନିକ ୧୨ କିଲୋୱାଟ ପରିମାଣର ମେସିନ ଲଗାଇ ଦିନ ରାତି କାମ କରୁଛି । ସେପଟେ ଭୋଲ୍ଟେଜ କମ ଯୋଗୁଁ ହନ୍ତସନ୍ତ ହେଉଛନ୍ତି ସ୍ଥାନୀୟ ବାସିନ୍ଦା । ଘଟଣା ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା ଜଟଣୀ ବ୍ଲକ ଅନ୍ତର୍ଗତ ମୁଣ୍ଡଳ ଗ୍ରାମରେ ଏଲଆଣ୍ଡଟି ନାମକ ଠିକା ସଂସ୍ଥା ଦ୍ୱାରା ଏକ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ ଚାଲିଛି । ଦୀର୍ଘ ମାସ ହେଲାଣି ଠିକା ସଂସ୍ଥା ଦ୍ୱାରା ବେଆଇନ ଭାବେ ହୁକ ପକାଇ ବିଦ୍ୟୁତ ଚୋରି କରାଯାଉଥିବା ସାମ୍ନାକୁ ଆସିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଉକ୍ତ ସଂସ୍ଥା ଦୀର୍ଘ ଦିନ ଧରି ବିଦ୍ୟୁତ ଖୁଣ୍ଟରୁ ସିଧାସଳଖ ହୁକ୍ ପକାଇ ବିଦ୍ୟୁତ ଚୋରି କରି ପ୍ରକଳ୍ପ କାମ, ୱେଲ୍ଡିଂ, ରଡ଼ କଟିଂ, ସାଇଣ୍ଡାର ମେସିନ ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଚଲାଇ ଆସୁଛି। ଯାହା ୧୨ କିଲୋ ୱାଟରୁ ଅଧିକ ହେବ । ଏହି ଘଟଣା ସମ୍ପର୍କରେ ସୂଚନା ପାଇ କିଛି ଦିନ ପୂର୍ବରୁ ଟାଟା ପାୱାର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବେଆଇନ ତାର କାଟି ନେଇଥିଲେ,କିନ୍ତୁ ପରେ ପୁଣି ପ୍ରତିଦିନ ହୁକ୍ ପକାଇ ବିଦ୍ୟୁତ ଚୋରି ଚାଲିଥିବା ଦେଖିବାକୁ ମିଳିଛି । ଏପଟେ ସାଧାରଣ ଲୋକ ଅତ୍ୟଧିକ ଗରମ ଓ ବିଦ୍ୟୁତ କାଟ ସମସ୍ୟାରେ ନାକେଦମ ହେଉଥିବା ବେଳେ, ଅନ୍ୟପଟେ ଏଭଳି ଖୋଲାଖୋଲି ବିଦ୍ୟୁତ ଚୋରି ଘଟଣାକୁ ନେଇ ସବୁ ମହଲରେ ତୀବ୍ର ନିନ୍ଦା କରାଯାଉଛି। ସ୍ଥାନୀୟ ବାସିନ୍ଦାମାନେ ପ୍ରଶ୍ନ ଉଠାଇଛନ୍ତି ଯେ, ସରକାରୀ ପ୍ରକଳ୍ପ କାମରେ କିପରି ଦୀର୍ଘ ସମୟ ଧରି ବେଆଇନ ବିଦ୍ୟୁତ ବ୍ୟବହାର ଚାଲିଛି ଏବଂ ସମ୍ପୃକ୍ତ ବିଭାଗ କାହିଁକି କଡ଼ା ପଦକ୍ଷେପ ନେଉନାହାନ୍ତି।ଏଭଳି ବିଦ୍ୟୁତ ଚୋରି ଫଳରେ ସରକାରଙ୍କ ରାଜସ୍ୱ କ୍ଷତି ହେଉଛି । ଅନ୍ୟପଟେ ସ୍ଥାନୀୟ ହରିରାଜପୁର ସବ ଷ୍ଟେସନ ଜେଇ ବୁଦ୍ଧଦେବ ପ୍ରଧାନଏହି ଘଟଣାକୁ ସ୍ୱୀକାର କରିଛନ୍ତି । ତାଙ୍କ କହିବା ଅନୁସାରେ ଆମର ଟିମ ବାରମ୍ବାର ଚଢ଼ାଉ କରୁଛି , କିନ୍ତୁ ଆମେ ଆସିବା ପୂର୍ବରୁ ସେମାନେ ହୁକ କାଢି ଦେଉଛନ୍ତି । ଖୁବ ଶୀଘ୍ର ସମ୍ପୃକ୍ତ ସଂସ୍ଥା ଉପରେ ପଦକ୍ଷେପ ନିଆଯିବ ।



# ଗ୍ରାମବାସୀଙ୍କ ଉଦ୍ୟମରେ ବୁଢୀକାପୁଡି–କାଉଁରିକଳା ରାସ୍ତା ମରାମତି

ପାଟଣା,୨୪।୫(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ବୁଢୀକାପୁଡି ଗ୍ରାମରେ ଦୀର୍ଘଦିନ ଧରି ରାସ୍ତା ସମସ୍ୟା ଲାଗି ରହିଥିବା ବେଳେ ଶେଷରେ ଗ୍ରାମବାସୀଙ୍କ ସଚେତନତା ଓ ସମୂହ ଉଦ୍ୟମରେ ରାସ୍ତାର ମରାମତି କାର୍ଯ୍ୟ ସଫଳ ହୋଇଛି । ଗ୍ରାମବାସୀଙ୍କ ଏହି ପଦକ୍ଷେପକୁ ସ୍ଥାନୀୟ ପଂଚାୟତ ଓ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିବା ଜଣାପଡିଛି । ବୁଢୀକାପୁଡି ଛକ ଠାରୁ କାଉଁରୀକଳା ପର୍ଯ୍ୟନ୍ତ ରାସ୍ତାଟି ଦୀର୍ଘ ବର୍ଷ ହେଲା ଖରାପ ଅବସ୍ଥାରେ ଥିବାରୁ ପଞ୍ଚାୟତର ଜନସାଧାରଣ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏନେଇ ଗ୍ରାମବାସୀମାନେ ବିଭିନ୍ନ ସମୟରେ ପଂଚାୟତ ଓ ପ୍ରଶାସନକୁ ଅବଗତ କରିଥିଲେ ମଧ



ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରକ୍ରିୟା ଚାଲିଥିବା ବେଳେ ଗ୍ରାମବାସୀମାନେ ନିଜେ ଆଗକୁ ଆସି ମାଟି ଓ ମୋରମ ପକାଇ ଅସ୍ଥାୟୀ ଭାବେ ରାସ୍ତାକୁ ଚଳାଚଳ ଉପଯୋଗି କରଛନ୍ତି । ଏହି ସ୍ୱେଚ୍ଛାସେବୀ କାର୍ଯ୍ୟରେ ଗ୍ରାମର ଯୁବକ ଓ ବୁଦ୍ଧିଜୀବୀମାନେ ସକ୍ରିୟ ଭାବେ ସାମିଲ ହୋଇଥିଲେ । ବିଭୂତି କୁମାର ମହାନ୍ତ, ସୁମନ୍ତ କୁମାର ମହାନ୍ତ, ପର୍ଶୁରାମ ମହାନ୍ତ ଓ ଦାଶରଥି ମହାନ୍ତ ପ୍ରମୁଖଙ୍କ ସହଯୋଗରେ ରାସ୍ତା ମରାମତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ଗ୍ରାମବାସୀଙ୍କ ଏହି ସାମୂହିକ ପ୍ରୟାସକୁ ପ୍ରଶଂସା କରାଯାଇଥିବା ବେଳେ ଆଗାମୀ ଦିନରେ ରାସ୍ତାର ସ୍ଥାୟୀ ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି ।

# ପୋଲିସ ପକ୍ଷରୁ ସନ୍‌ଡେ ଅନ ସାଇକେଲ କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର, ୨୪।୫ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ତରଫରୁ ସ୍ଥାନୀୟ ରିଜର୍ଭ ପୋଲିସ ଠାରୁ ୭୫ ତମ ଏଡିସନ ସନ୍‌ଡେ ଅନ ସାଇକେଲ କାର୍ଯ୍ୟକ୍ରମକୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଶୁଭାରମ୍ଭ କରିଥିଲେ । ବ୍ୟସ୍ତ ବହୁଳ ଜୀବନରେ ଅନ୍ତତଃ ରବିବାର ଦିନ ସାଇକେଲ ଦ୍ୱାରା ନିଜକୁ ସ୍ୱାସ୍ଥ୍ୟବାନ ଓ ସାଇକେଲ ପ୍ରତି ରୁଚି ବଢାଇବା, ପରିବେଶ ସୁରକ୍ଷା , ପ୍ରଦୂଷଣ ମୁକ୍ତ, ସ୍ୱାସ୍ଥ୍ୟ ସଚେତନତା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମକୁ ପୋଲିସ ହାତକୁ ନେଇଛି ବୋଲି ଆରକ୍ଷୀ ଅଧିକ୍ଷକ ମତ ପ୍ରକାଶ କରିଥିଲେ । ଜିଲ୍ଲା ପୋଲିସ କାର୍ଯ୍ୟାଳୟର ଅତିରିକ୍ତ ଏସ୍‌ପି ପ୍ରତାପ ଚନ୍ଦ୍ର ରଣା, ଡିଏସ୍‌ପି ରେଣୁକା ସୁନାଙ୍କ ସମେତ ସମସ୍ତ ଉପରିସ୍ଥ କର୍ମଚାରୀ,କିରାଣୀ, କନେଷ୍ଟବଳ ଓ ପୋଲିସ ଅଧିକାରୀ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ । ରିଜର୍ଭ ପୋଲିସରୁ ସାଇକେଲ ରାଲି ବାହାରି ପ୍ରଥମେ କୁଞ୍ଜ ଛକ, ପରେ ରିଙ୍ଗ ରୋଡ଼ ,ସୁରେଶ୍ୱରୀ ମନ୍ଦିର,ବ୍ଲକ ଛକ ଦେଇ ପାଞ୍ଚ କିଲୋମିଟର ଯାତ୍ରା କରି ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଏହା ସମାପ୍ତି ହୋଇଥିଲା ।

# କଇଁସିରାରୀ ଗୌଡିଓ ମଠରେ ପଖାଳ ମହୋତ୍ସବ



ରାମଚନ୍ଦ୍ରପୁର,୨୪।୫(ନି.ପ୍ର): ପଖାଳ ମହୋତ୍ସବ ପାଇଁ ଉତ୍ସବ ମୁଖର ହୋଇ ଉଠିଛି ଘଷିପୁରା ବ୍ଲକ ଅନ୍ତର୍ଗତ କଇଁସିଆରୀ ଗୌଡିଓ ମଠ । ଦିନ ତମାମ ମଠରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଛି । ମଠ ମହନ୍ତ ପ୍ରେମାନନ୍ଦ ଦାସ ମହାରାଜଙ୍କ ପୌରହିତ୍ୟରେ ମଠ ପରିସରରେ ହରିନାମ ସଂକୀର୍ତ୍ତନ ସହ ହୋମଯଜ୍ଞ ସମ୍ପାଦନ କରାଯାଉଛି । ମଠର ଆରାଧ୍ୟ ପ୍ରଭୂ ପତିତପାବନଙ୍କ ନିକଟରେ ସୁସ୍ୱାଦୁ ବ୍ୟନ ସହ ଦହିପଖାଳ ସମପର୍ଣ୍ଣଣ କରାଯିବା ପରେ ହଜାର ହଜାର ଶ୍ରଦ୍ଧାଳୁ ମାନଙ୍କୁ ବିତରଣ କରାଯାଇଛି । ମଠ ମହନ୍ତ ପଖାଳ ମହୋତ୍ସବର ଇତିବୃତ୍ତି ସହ ପଖାଳର ମହାତ୍ମ୍ୟ ବିଷୟରେ ଭକ୍ତ ମାନଙ୍କୁ ମାର୍ଗ ଦର୍ଶନ କରିଛନ୍ତି । ପୁରାଣ ବର୍ଣ୍ଣିତ କଥାନୁସାରେ ଦହି ପଖାଳ ମହୋତ୍ସବ ପରେ ଦେବସ୍ନାନ ନୀତି ସମ୍ପନ୍ନ ହୋଇଥାଏ ବୋଲି ବିଶ୍ୱାସ ରହିଆସିଛି । ଆଦି ଗୌଡିଓ ମଠର ମହନ୍ତ ସ୍ୱର୍ଗତ ରାଇଚରଣ ମହାରାଜଙ୍କ ଦ୍ୱାରା ଏହି ପଖାଳ ମହୋତ୍ସବ କାହିଁ କେତେ ବର୍ଷ ତଳୁ କଇଁସିଆରୀ ମଠ ପରିସରରେ ପାଳିତ ହୋଇ ଆସୁଥିଲା । ତାଙ୍କର ସ୍ୱର୍ଗବାସ ପରେ ତାଙ୍କ ପଟ ଶିଶୁ ପ୍ରେମାନନ୍ଦ ଦାସ ମହାରାଜ ଏହି ପରମ୍ପରାକୁ ବଜାୟ ରଖି ଆସିଛନ୍ତି । ଶ୍ରଦ୍ଧାଳୁ ଭକ୍ତଙ୍କ ଅକୁଣ୍ଠ ସହଯୋଗରେ ଏହି ପରମ୍ପରା ଚାଲି ଆସୁଛି । ଆଖପାଖ ମଠ, ମନ୍ଦିର ତଥା ପଡୋଶୀ ଯାଜପୁର ଜିଲ୍ଲାରୁ ମଧ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତ ନିଜର ମନବାଞ୍ଛା ପୂରଣ ଆଶାରେ ମଠରେ ଉପସ୍ଥିତ ରହି ପ୍ରଭୂ ପତିତପାବନଙ୍କ ସାନିଧ୍ୟ ଲାଭ କରିବା ସହ ଦହିପଖାଳର ମଜା ନେଇଛନ୍ତି ।

# ସୋସୋ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

ହାଟଡିହି,୨୪।୫(ନି.ପ୍ର): ମାନବ ସେବା ହିଁ ମାଧବ ସେବା, ଯାହାକୁ ଅକ୍ଷରେ ଅକ୍ଷରେ ପାଳନ କରୁଛି ଆଂଚଳିକ ବରିଷ୍ଠ ନାଗରିକ ବିକାଶ ମଞ୍ଚ । ଏ ଅଞ୍ଚଳର ଲୋକମାନେ ସ୍ୱାସ୍ଥ୍ୟ ସେବା ପାଇପାରୁ ନଥିବାରୁ ସୋସୋ ଅଞ୍ଚଳର ଲୋକମାନଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ଅଣ୍ଟା ଭିଡଛନ୍ତି ମଞ୍ଚର ସଦସ୍ୟମାନେ । ଏଥିପାଇଁ ଆଞ୍ଚଳିକ ବରିଷ୍ଠ ନାଗରିକ ବିକାଶ ମଞ୍ଚ ପକ୍ଷରୁ ବଉଳା କଲେଜ ସୋସୋ ଠାରେ ଏକ ନିଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଆନୁଷ୍ଠାନିକ ଭାବେ ବରିଷ୍ଠ ମଞ୍ଚର ସଭାପତି ପର୍ଶୁରାମ ଯେନା, କାର୍ଯ୍ୟକାରୀ ସଭାପତି ନୃସିଂହ ଚରଣ ଦେହୁରୀ, ସମ୍ପାଦକ ମୋହନ କୁମାର ମହାନ୍ତି, ହାଇକେଟ ମେଡିକାଲ କଲେଜ ଓ ହସ୍ପିଟାଲର ସଂଯୋଜକ ରମେଶ କୁମାର ସୂତାର, ବଉଳା ଉଚ୍ଚ ମାଧମିକ



ବିଦ୍ୟାଳୟର ଅଧକ୍ଷ ଅଭୟ ଜେନା, ଜିଲ୍ଲାପରିଷଦ ଉପାଧକ୍ଷ ସୋମନାଥ ଦାସ, ଅଧାପକ ଫକୀର ଶଙ୍ଖୁଆ, ସଦସ୍ୟ ନରହରି ପାତ୍ର, ଚତୁର୍ଭୁଜ ପହି, ନାରାୟଣ ଲେଙ୍କା, ସୁରଥ ଚନ୍ଦ୍ର ସାହୁ, ନାରାୟଣ ବିଶ୍ୱାଳ ପ୍ରମୁଖ ବହୁ ସଦସ୍ୟଙ୍କ ଉପସ୍ଥିତିରେ ଶିବିର ଉଦ୍‌ଘାଟନ ହୋଇଥିଲା । ବରିଷ୍ଠ ମଞ୍ଚ ପକ୍ଷରୁ ଅଭିଜ୍ଞ ଡାକ୍ତର ମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ଏହି ଶିବିରରେ ଭୁବନେଶ୍ୱର ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲର ଡାକ୍ତର ଅନିଲ କୁମାର ନାଥ, ଡ. ତାପସ କୁମାର ସାହୁ, ଡ. ସନ୍ଦିପ କୁମାର ରାଉତ, ଡ. ସତ୍ୟବ୍ରତ ମିଶ୍ର, ଡ. ମୃତ୍ୟୁୟ ମିଶ୍ର, ଡ. ଦେବାଶିଷ ସାମନ୍ତରାୟ, ଡ. ଭାଗ୍ୟଲକ୍ଷ୍ମୀ ନାୟକ ପ୍ରମୁଖ ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ରୋଗୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା । ଏହି ଶିବିରରେ ୩୩୫ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ମଞ୍ଚର ସଦସ୍ୟ ନାରାୟଣ ରାଉତ, ଶରତ କୁମାର ରାଉତ, ହରମୋହନ ପଣ୍ଡା, ବୃନ୍ଦାବନ ରାଉତ, ଶଙ୍ଖାଳି ଚରଣ ରାଉଳ, ଭୁବନାନନ୍ଦ ପଟ୍ଟନାୟକ, ରମେଶ ଚନ୍ଦ୍ର ମହାନ୍ତି, ବୈକୁଣ୍ଠନାଥ ରାଉତ, ବିନୋଦ ରାଉତ, ସୋସୋ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ବୈଲୋଚନ ନାୟକ, ହଦଗଡର ପ୍ରାକ୍ତନ ସରପଞ୍ଚ ମଦନ ମୋହନ ନନ୍ଦି, ଶିଳ୍ପପତି ଅଶୋକ ରାଉତ, ଗୋପାଳକୃଷ୍ଣ ରାଉତ, ବସନ୍ତ କୁମାର ଦାସ, ବୃନ୍ଦାବନ ବହେରା, ଗୋପବନ୍ଧୁ ପାଣିଗ୍ରାହୀଙ୍କ ସମେତ ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ । ବଉଳା କଲେଜ ସୋସୋର ଛାତ୍ରଛାତ୍ରୀ, ବିବେକାନନ୍ଦ ଯୁବକ ସଂଘର ସଦସ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ବିଶେଷ କରି ଏ ଅଂଚଳର ଲୋକମାନେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇ ଆସୁଥିବା ବେଳେ ଆଞ୍ଚଳିକ ବରିଷ୍ଠ ନାଗରିକ ବିକାଶ ମଞ୍ଚର ଏପରି ଅଭିନବ ପ୍ରୟାସ ଲୋକମାନଙ୍କୁ ବେଶ୍ ଉପଯୋଗି ହୋଇପାରିଛି ବୋଲି ଶିବିରକୁ ଆସିଥିବା ରୋଗୀମାନେ ମତ ପ୍ରକାଶ କରିଥିଲେ ।

# ଆଇନ ସଚେତନତା କାର୍ଯ୍ୟକ୍ରମ

ଭଞ୍ଜନଗର, ୨୪।୫ (ନି.ପ୍ର): ତାଲୁକ ଆଇନ ସେବା କମିଟି, ଭଞ୍ଜନଗର ପକ୍ଷରୁ ଦାଦରାଲୁଣ୍ଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଭଞ୍ଜନଗର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତଥା ତାଲୁକ ଆଇନ ସେବା କମିଟିର ଅଧକ୍ଷ ଶେଖ୍ ମହମ୍ମଦ କଏସ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରି ସାଧାରଣ ଲୋକଙ୍କୁ ଆଇନ ସମ୍ପର୍କିତ ବିଭିନ୍ନ ସୁବିଧା ଓ ସଚେତନତା ବିଷୟରେ ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ ଉପଖଣ୍ଡ ସ୍ତରୀୟ ପୁଲିସ ଅଧିକାରୀ ଡ. ଦୀପକ କୁମାର ମିଶ୍ର ଯୋଗଦେଇ ମହିଳା ଓ ଶିଶୁ ସୁରକ୍ଷା, ଡି.ଭି. ଆକ୍ଟ, ପୋକ୍ସୋ



ଆଇନ ଏବଂ ସାମାଜିକ ଅପରାଧ ବିରୋଧୀ ସଚେତନତା ବିଷୟରେ ମତବ୍ୟକ୍ତ କରିଥିଲେ । ତାଲୁକ ଆଇନ ସେବା କମିଟିର ସଦସ୍ୟ ଡ. ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ ଏବଂ ସଦସ୍ୟା ଅଳକା ମଞ୍ଜରୀ ପଟ୍ଟନାୟକ ମଧ ଉପସ୍ଥିତ ରହି ଲୋକ ଅଦାଲତ, ନିଶୁଳ୍କ ଆଇନ ସହାୟତା ଓ ବିକଳ୍ପ ବିବାଦ ସମାଧାନ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ । ଅଳକା ମଞ୍ଜରୀ ପଟ୍ଟନାୟକ ସଭା ଆରମ୍ଭ କରିଥିଲେ । ଶେଷରେ ଦାଦରାଲୁଣ୍ଡା ପଞ୍ଚାୟତ ସମିତି ସଭ୍ୟ ସ୍ରିନିବାସ ବେହେରା ବିଦାୟ ଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ ଜନସାଧାରଣ, ମହିଳା, ଯୁବକ ଓ ବିଭିନ୍ନ ସଂଗଠନର ସଦସ୍ୟମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।

# ସାମ୍ବାଦିକଙ୍କୁ ନେଇ 'ମିଡିଆ ହାଉସ୍ ପାଟଣା' ଗଠିତ

ପାଟଣା,୨୪।୫(ନି.ପ୍ର): କେନ୍ଦୁଝର ଜିଲ୍ଲାର ପାଟଣା ଓ ସାହାରପଡା ବ୍ଲକରେ କାର୍ଯ୍ୟରତ ପ୍ରିଣ୍ଟ, ସ୍ୟାଟେଲାଇଟ ଓ ଡିଜିଟାଲ ମିଡିଆର ଗଣମାଧମ ପ୍ରତିନିଧି ମାନଙ୍କୁ ନେଇ ନିମାପଡା କାରୀ ନଦୀକୂଳରେ ରବିବାର ଏକ ସାମ୍ବାଦିକ ବନ୍ଧୁ ମିଳନ ଓ ସଙ୍ଗଠନ ଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନୂତନ ସାମ୍ବାଦିକ ସଂଘ 'ମିଡିଆ ହାଉସ ପାଟଣା' ଗଠନ କରାଯାଇଛି । ଆୟୋଜିତ ସଭାରେ ବରିଷ୍ଠ ଆଇନଜୀବୀ ତଥା ସାମ୍ବାଦିକ ରାହାସ ବିହାରୀ ପୃଷ୍ଟି ସଭାପତିତ୍ୱ କରିଥିଲେ । ସଭାରେ ନୂତନ କମିଟିର କର୍ମକର୍ତ୍ତାମାନେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ । ପରାମର୍ଶଦାତା ଭାବେ ବରିଷ୍ଠ ସାମ୍ବାଦିକ ମହେଶ୍ୱର ପୃଷ୍ଟି, ସଂତୋଷ କୁମାର ପତି, ବୀର କିଶୋର ଦାଶ, ଯତୀନ୍ଦ୍ର କୁମାର ଦାଶ, ସଂଜିତ ଚକ୍ର ଓ ସବ୍ୟସାଚୀ ସିଂ ମନୋନୀତ ହୋଇଥିଲେ । ସେହିପରି ରାହାସ ବିହାରୀ ପୃଷ୍ଟିଙ୍କୁ ସଭାପତି, ଉମାକାନ୍ତ ମହାନ୍ତ ଓ ଅନ



କୁମାର ରଣାଙ୍କୁ ଉପସଭାପତି, ସମବାୟବିତ ଦୀନବନ୍ଧୁ ମିଶ୍ରଙ୍କୁ ସମ୍ପାଦକ, ଦଶରଥ ବାରିକ ଓ ବିଜୟ କୁମାର ମହାଂଙ୍କୁ ସହସମ୍ପାଦକ, ଦୀପକ କୁମାର ଭଞ୍ଜଙ୍କୁ କୋଷାଧକ୍ଷ ଏବଂ କୈଳାସ ଚନ୍ଦ୍ର ମହାନ୍ତଙ୍କୁ ସଂଯୋଜକ ଭାବେ ମନୋନୀତ କରାଯାଇଥିଲା । ସାମ୍ବାଦିକ ସୁଜିତ କୁମାର ଦାଶ ଓ ବସ' କୁମାର ମହାନ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ । ବୈଠକରେ ପାଟଣା ବ୍ଲକ ମୁଖ୍ୟାଳୟରେ 'ମିଡିଆ ହାଉସ ପାଟଣା'ର ଏକ ସ୍ଥାୟୀ କାର୍ଯ୍ୟାଳୟ ଖୋଲିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସେହିପରି ସ୍ଥାନୀୟ ଅଂଚଳର ପ୍ରମୁଖ ସମସ୍ୟା ଉପରେ ଗୁରୁତ୍ୱ ଦେବା ସହ ସାମ୍ବାଦିକତାରେ ସଚ୍ଚୋଟତା, ନୀରପେକ୍ଷ ଓ ସାଧୁତା ଅବଲମ୍ବନ କରିବାକୁ ଆହ୍ୱାନ ଦିଆଯାଇଥିଲା । ଏହି ଅବସରରେ ନୂତନ ଭାବେ ଗଣମାଧମ କ୍ଷେତ୍ର ସହ ଯୋଡି ହୋଇଥିବା ସାମ୍ବାଦିକ ଯତୀନ୍ଦ୍ର କୁମାର ଦାଶ ଓ ସଂଜିତ ଚକ୍ରଙ୍କୁ ସଂଗଠନ ପକ୍ଷରୁ ସ୍ୱାଗତ ଓ ଅଭିନନ୍ଦନ ଜଣାଯାଇଥିଲା ।

# ବିଦ୍ୟୁତ ସଂଯୋଗ ଅଭାବରୁ କାମରେ ଆସୁନି ଗୋଷ୍ଠୀ ଶୌଚାଳୟ

ବୁଗୁଡ଼ା, ୨୪।୫ (ନି.ପ୍ର): ବୁଗୁଡ଼ା ଏନ୍‌ଏସିର ୱାର୍ଡ ନଂ–୧ ଅନ୍ତର୍ଗତ କାଞ୍ଚିଆପଲ୍ଲୀ ଗ୍ରାମରେ ସର୍ବସାଧାରଣଙ୍କ ସୁବିଧାର୍ଥେ ନିର୍ମିତ ଗୋଷ୍ଠୀ ଶୌଚାଳୟଟି ବିଦ୍ୟୁତ ସଂଯୋଗ



ଅଭାବରୁ କୌଣସି କାମରେ ନଆସି ଖତ ଖାଉଥିବା ଅଭିଯୋଗ ହେଉଛି । କାଞ୍ଚିଆପଲ୍ଲୀ ଗ୍ରାମ ଉପକଣ୍ଠରେ ପୋଖରୀ ନିକଟରେ ସେହି ଶୌଚାଳୟଟି ନିର୍ମାଣ ହେବାର ଦୁଇ ବର୍ଷରୁ ଅଧିକ କାଳ ଅତିବାହିତ ହୋଇଯାଇଥିଲେ ହେଁ ପ୍ରଶାସନିକ ଉଦାସୀନତା ଏବଂ ଜନପ୍ରତିନିଧିଗଣଙ୍କ ଅପାରଗତା କାରଣରୁ ତାହା କୌଣସି କାମରେ ଲାଗୁନାହିଁ । ସେହି ଶୌଚାଳୟଟିରେ ପାଣି ପାଇଁ ଟାଙ୍କି ଅଛି, କିନ୍ତୁ ବିଦ୍ୟୁତ ସଂଯୋଗ ନଥିବାରୁ ଜଳର ବ୍ୟବସ୍ଥା ହୋଇପାରୁନାହିଁ । ଗାଁ ପୋଖରୀ ପାଖରେ ଥିବା ପାର୍କକୁ ଲୋକେ ସନ୍ଧ୍ୟାରେ ଯାଉଛନ୍ତି ଏବଂ ପରିସ୍ରା କରିବାକୁ ହେଲେ ସେହି ଅବ୍ୟବସ୍ଥିତ ଶୋଚାଳୟର ପରିସ୍ରାଗାରକୁ ନଯାଇ ଏଣେତେଣେ ପିସାପ କରୁଛନ୍ତି । ଏଣୁ ଏନ୍‌ଏସି କର୍ତ୍ତୃପକ୍ଷ ଏବଂ ନିର୍ବାଚିତ ଜନପ୍ରତିନିଧିଗଣ ଏଥି ପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପ୍ରତିକାର ବ୍ୟବସ୍ଥା କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି ।

# ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ରକ୍ତଦାନ ଶିବିର

ତାଳଚେର, ୨୪।୫ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ବାବନ୍ଧ ସ୍ଥିତ ମୀନକେତନ ସରକାରୀ ଉଚ୍ଚ ବିଦ୍ୟାଳୟର ୫୦ ତମ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ବିଦ୍ୟାଳୟର ପୁରାତନ ଛାତ୍ର



ଛାତ୍ରୀ ତଥା ପ୍ରଗତି ସ୍ପୋଟ କ୍ଲବ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ତାଳଚେର ବ୍ଲକ ଘଣ୍ଟପଡା ଗ୍ରାମର ସମାଜସେବୀ କ୍ଷୀରୋଦ ସାହୁ ୬୬ ତମ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛନ୍ତି । ଏହି ଶିବିରରେ ବିଦ୍ୟାଳୟର ପୁରାତନ ଛାତ୍ର ଶ୍ୟାମ ସୁନ୍ଦର ସାହୁ, ଲିଙ୍ଗରାଜ ସାହୁ, ଯୋଗେନ୍ଦ୍ର ସାହୁ, ହେମନ୍ତ ସାହୁ, ଛାତ୍ରୀ ସ୍ୱର୍ଣ୍ଣ ପ୍ରଭା ସାହୁ, ପ୍ରଗତି କ୍ଲବର ସଭାପତି ରଜତ କୁମାର ସାହୁ, ସମ୍ପାଦକ ଲିପୁ ସାହୁ, ଢେଙ୍କାନାଳ ବ୍ଲଡ଼ ବ୍ୟାଙ୍କର ଟେକନିସିଆନ ବୁଲୁ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଶ୍ରୀ ସାହୁଙ୍କୁ ରକ୍ତଦାନ ପାଇଁ ସାର୍ଟିଫିକେଟ ପ୍ରଦାନ ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରୀ ସାହୁ ୧୯୯୫ ମସିହା ଠାରୁ ସାମାଜିକ କାର୍ଯ୍ୟ ଆରମ୍ଭ କରି ୩୧ ତମ ସାମାଜିକ କାର୍ଯ୍ୟ ଚାଲୁ ରଖିଛନ୍ତି ।

# ବାଇକ୍ ଦୁର୍ଘଟଣା, ଜଣେ ମୃତ

ରାମଚନ୍ଦ୍ରପୁର,୨୪।୫(ନି.ପ୍ର): କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ୨୦ ନମ୍ବର ଜାତୀୟ ରାଜପଥ ଜରଦା ଓଭରବ୍ରିଜ ନିକଟରେ ଆଜି ଅପରାହ୍ନରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ ଆରୋହୀ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ଯୁବକ ଗୁରୁତର ଅବସ୍ଥାରେ ପ୍ରଥମେ ଆନନ୍ଦପୁର ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଥିବା ଜଣାପଡିଛି । ମୃତ ବ୍ୟକ୍ତି ଜଣକ ସ୍ଥାନୀୟ ନୂଆଗାଁ ଗ୍ରାମର ବିଜୟ ପରିଡାଙ୍କ ପୁଅ ହିମାଂଶୁ ଶେଖର ପରିଡା(୨୫) ଏବଂ ଗୁରୁତର ଆହତ ଥିବା ଯୁବକ ଜଣକ ଘଷିପୁରା ଥାନା ଏକତାଳି ଗ୍ରାମର ରୋମିତ କୁମାର ଦାଶ ବୋଲି ଜଣାପଡିଛି । ଉଭୟ କଳିଙ୍ଗ



ନଗର ଜିନ୍ଦଲ ପ୍ଲାଣ୍ଟରୁ କାମ ସାରି ଏକ ବାଇକ ଯୋଗେ ଘରକୁ ଫେରିବା ବାଟରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି । ଖବର ପାଇ ରାମଚନ୍ଦ୍ରପୁର ପୋଲିସ ଘଟଣା ସ୍ଥଳରେ ପଂହଚି ଦୁର୍ଘଟଣାଗ୍ରସ୍ତ ବାଇକ୍‌ଟିକୁ ଜବତ କରିବା ସହ ଦୁର୍ଘଟଣା ସମ୍ପର୍କରେ ଅଧିକ ଖୋଳତାଡ ଜାରି ରଖିଛି ।

# ପୁରୁଣାବାନ୍ଧଗୋଡା ଗ୍ରାମରେ ଗାୟତ୍ରୀ ମହାଯଜ୍ଞ

ରାମଚନ୍ଦ୍ରପୁର,୨୪।୫(ନିପ୍ର): ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ଆଜି ଘସିପୁରା ବ୍ଲକ ପୁରୁଣାବାନ୍ଧଗୋଡା ଜଗନ୍ନାଥ ମନ୍ଦିର ପରିସରରେ ଏକ ଦିବସୀୟ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଛି । ବରିଷ୍ଠ ଗାୟତ୍ରୀ ସାଧକ ରବିନ୍ଦ୍ର କୁମାର ନାୟକ ଧର୍ମଧ୍ୱଜା ଉତ୍ତୋଳନ କରିବା ପରେ ଶ୍ରଦ୍ଧାଳୁ ମହିଳା ମାନଙ୍କ ଦ୍ୱାରା ଶୁଭ କଳସ ଯାତ୍ରା ଆରମ୍ଭ ହୋଇଥିଲା । ଶ୍ରଦ୍ଧାଳୁ ମହିଳା ମାନେ ଗ୍ରାମ ପରିକ୍ରମା ପୂର୍ବକ ଗ୍ରାମ ପୁଷ୍କରିଣୀରୁ ପୂଜାର୍ଚ୍ଚନା ପରେ ବରୁଣ ଦେବଙ୍କୁ ଆବାହନ କରି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । ପରେ ସ୍ନାନ ମଣ୍ଡପରେ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ସମ୍ପର୍ଣ୍ଣ କରାଯାଇଥିଲା । ସଂଧ୍ୟାରେ ଶାନ୍ତିକୁଞ୍ଜ



ହରିଦ୍ୱାରରୁ ପ୍ରଶିକ୍ଷିତ ପ୍ରଜ୍ଞାପରିଜନ ମାନଙ୍କ ଦ୍ୱାରା ପଣ୍ଡିତ ଶ୍ରୀରାମ ଶର୍ମାଙ୍କ ଅମୃତ ସନ୍ଦେସ ,ସତସଂଘ ପ୍ରବଚନ ପରେ ଦୀପ ମହାଯଜ୍ଞର ଭବ୍ୟ ଆୟୋଜନ କରାଯାଇଥିଲା । ପ୍ରବଳ ଖରା ଏବଂ ଗୁଳୁଗୁଳି ସତ୍ତ୍ୱେ ହୋମଯଜ୍ଞ ଏବଂ ଦୀପଯଜ୍ଞରେ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇ ବିଶ୍ୱ କଲ୍ୟାଣ ପାଇଁ ବେଦମାତା,ଦେବମାତା ତଥା ବିଶ୍ୱମାତା ଗାୟତ୍ରୀ ଏବଂ ମହାକାଳଙ୍କ ନିକଟରେ ନିଜର ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଗ୍ରାମବାସୀଙ୍କ ଅକୁଣ୍ଠ ସହଯୋଗରେ ଏହି ଏକ ଦିବସୀୟ ଯଜ୍ଞୋତ୍ସବ ସମାପନ କରାଯାଇଥିଲା ।

# ପୂର୍ବତନ ସିଡ଼ିଏଓ ଲାଲ୍ ବିହାରୀ ମଲ୍ଲିକଙ୍କୁ ଜନ୍ମମାଟିରେ ସମ୍ବର୍ଦ୍ଧନା

ବିଜେପୁର, ୨୪।୫ (ନି.ପ୍ର): ଦୀର୍ଘ ବର୍ଷର ସରକାରୀ ସେବା ପରେ ଅବସର ଗ୍ରହଣ କରି ନିଜ ଜନ୍ମମାଟିକୁ ଫେରିଲେ ସୁନ୍ଦରଗଡ଼ର ପୂର୍ବତନ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଲାଲ୍ ବିହାରୀ ମଲ୍ଲିକ୍ । ସେ ବରଗଡ଼ ଜିଲ୍ଲା ବିଜେପୁର ଥାନା ଅନ୍ତର୍ଗତ ସାଇପାଲି ଗ୍ରାମ ପଞ୍ଚାୟତର ପୁଟକିଗ୍ରିଞ୍ଜେଲ୍ ଗ୍ରାମରେ ସପତ୍ନୀକ ପହଞ୍ଚିଥିବା ବେଳେ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ଭାବପୂର୍ଣ୍ଣ ଓ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା । ତାଙ୍କ ସହ ଧର୍ମପତ୍ନୀ ଲିପିକା ମଲ୍ଲିକ୍ ମଧ ଉପସ୍ଥିତ ଥିଲେ । ଶ୍ରୀ ମଲ୍ଲିକ୍ ସରକାରୀ ଚାକିରିରୁ ଅବସର ନେଇଥିଲେ । ନିଜ କର୍ମଜୀବନରେ ସେ ଜଣେ ଦକ୍ଷ, ସତ୍ୟନିଷ୍ଠ ଏବଂ କୃଷକମୁଖୀ ଅଧିକାରୀ ଭାବେ ପରିଚିତ ଥିଲେ । ଶିକ୍ଷାଗତ ଜୀବନରେ ସେ ବି.ଏସ୍.ସି (କୃଷି), ଆଇସିଏଆରରୁ ଜେଆରଏଫ୍ ଏବଂ ଏମ୍.ଏସ୍.ସି (କୃଷି) ସହ ସିଏସ୍‌ଆଇଆର୍–ୟୁଜିସି ନିଟ୍ ଉତ୍ତୀର୍ଣ୍ଣ ହୋଇ ନିଜର ବୃତ୍ତିଗତ ଯାତ୍ରା ଆରମ୍ଭ କରିଥିଲେ । ତାଙ୍କ କାର୍ଯ୍ୟଦକ୍ଷତା ଓ ନମ୍ର ବ୍ୟବହାର ପାଇଁ ସେ ସହକର୍ମୀ ଓ କୃଷକମାନଙ୍କ ମଧ୍ୟରେ ଖୁବ ଲୋକପ୍ରିୟ ଥିଲେ ।



ଜନ୍ମମାଟି ପୁଟକିଗ୍ରିଞ୍ଜେଲ୍ ଗ୍ରାମରେ ପହଞ୍ଚିବା ପରେ ଏକ ଆବେଗପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା । ଗ୍ରାମ କମିଟି ପକ୍ଷରୁ ପାରମ୍ପରିକ ରୀତିନୀତିରେ ପାଦଧୁଆ ଜଳ ଅର୍ପଣ କରାଯାଇଥିବା ସହ ଫୁଲମାଳ ପିନ୍ଧାଇ ସ୍ୱାଗତ କରାଯାଇଥିଲା । ଗ୍ରାମବାସୀ ଢୋଲ, ନିଶାନ ଓ ହରିବୋଲ ଧ୍ୱନିରେ ତାଙ୍କୁ ଗ୍ରାମକୁ ପାଛୋଟି ନେଇଥିଲେ । ଗ୍ରାମର ଅଜାମିଳ, ନବୀନ, ପ୍ରଶାନ୍ତ, ନାରାୟଣ, ପୀତାମ୍ବର, ଅକ୍ରୁର, ସତ୍ୟ, ବଳରାମ ପ୍ରମୁଖଙ୍କ ସହ ଗ୍ରାମର ବହୁ ମହିଳା ଏହି ସ୍ୱାଗତ ଉତ୍ସବରେ ଯୋଗଦେଇଥିଲେ ।

# ପ୍ରତାପନଗରୀରେ ରଜ ମହୋତ୍ସବ ପ୍ରସ୍ତୁତି

ଫୁଲନଖରା, ୨୪।୫ (ନି.ପ୍ର): କଟକ ମହାନଗର ନିଗମର ୫୮ ନମ୍ବର ୱାର୍ଡ ଅନ୍ତର୍ଗତ ପ୍ରତାପନଗରୀ ସ୍ଥିତ ପ୍ରସିଦ୍ଧ ମା' ଧାକୁଲେଇ ପୀଠ ପ୍ରାଙ୍ଗଣରେ ମା ଧାକୁଲେଇ ରଜ ମହୋତ୍ସବ–୨୦୨୬ ପାଇଁ ଏକ ବିସ୍ତୃତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଚଳିତ ବର୍ଷର ରଜ ମହୋତ୍ସବକୁ ଅଧିକ ସୁସଂଗଠିତ, ଆକର୍ଷଣୀୟ ଓ ସୁରକ୍ଷିତ ଭାବେ ପାଳନ କରିବା ନେଇ ଆଲୋଚନା ହୋଇଥିଲା । ବିଗତ ତିନି ବର୍ଷ ଧରି ପ୍ରତାପନଗରୀ ଗ୍ରାମବାସୀ ଓ ମା ଧାକୁଲେଇ ଯୁବକ ସଂଘର ମିଳିତ ସହଯୋଗରେ ଏହି ରଜ ମହୋତ୍ସବ ଆୟୋଜିତ ହୋଇଆସୁଥିବାବେଳେ, ବୁଡ଼ିଯାଉଥିବା ଓଡ଼ିଆ ପରମ୍ପରା ଓ ସଂସ୍କୃତିକୁ ପୁନର୍ଜୀବିତ କରିବା ହେଉଛି ଏହାର ମୂଳ ଲକ୍ଷ୍ୟ । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଆସନ୍ତା ଜୁନ ୧୪ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଚାରିଦିନ ବ୍ୟାପୀ ମହୋତ୍ସବ ବହୁ ଆଡମ୍ବର ଓ ଉତ୍ସାହର ସହ ଅନୁଷ୍ଠିତ ହେବାକୁ ଯାଉଛି । ଚଳିତ ବର୍ଷ ମହୋତ୍ସବର ଅନ୍ୟତମ ଆକର୍ଷଣ ହେବ ୨୦୦ରୁ ଅଧିକ ଛୋଟ ଓ ବଡ଼ ଦୋଳି । ରଜ ଉତ୍ସବର ପାରମ୍ପରିକ ରୂପକୁ ଅକ୍ଷୁଣ୍ଣ ରଖିବା ପାଇଁ ଦୋଳି , ଲୋକସଂସ୍କୃତି ଓ ଗ୍ରାମୀଣ ପରିବେଶକୁ ପ୍ରାଧାନ୍ୟ ଦିଆଯାଇଛି । ଏହି ମହୋତ୍ସବକୁ ଦେଖିବା ପାଇଁ କଟକ ସହର ସହ ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟକ ଲୋକଙ୍କ ସମାଗମ ହେବାର ସମ୍ଭାବନା ଥିବାରୁ ସୁରକ୍ଷା ବ୍ୟବସ୍ଥାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ଗ୍ରାମର ପ୍ରାୟ ୧୦୦ ଯୁବକ ଓ ଯୁବତୀଙ୍କୁ ନେଇ ଏକ ସ୍ୱେଚ୍ଛାସେବୀ ଟିମ୍ ଗଠନ କରାଯାଇଥିବାବେଳେ, କଟକ ସଦର ପୋଲିସ ପକ୍ଷରୁ ସମ୍ପୂର୍ଣ୍ଣ ସୁରକ୍ଷା ତଦାରଖ କରାଯିବ । ଏହାସହ ଅପ୍ରୀତିକର ପରିସ୍ଥିତିକୁ ମୁକାବିଲା କରିବା ପାଇଁ ସ୍ଥାନୀୟ ହସ୍ପିଟାଲ ସହଯୋଗରେ ଏକ ଆମ୍ବୁଲାନ୍ସ ଏବଂ ଓଡ଼ିଶା ଅଗ୍ନିଶମ ବାହିନୀର ଏକ ଫାୟାର ଟିମ ଜରୁରୀକାଳୀନ ସେବା ପାଇଁ ମୁତୟନ କରାଯିବ । ମହୋତ୍ସବରେ ଯୋଗଦେବାକୁ ଆସୁଥିବା ଶ୍ରଦ୍ଧାଳୁ ଓ ସାଧାରଣ ଲୋକଙ୍କ ପାଇଁ ଚାରିଦିନ ବ୍ୟାପୀ ନିଶୁଳ୍କ ଖାଦ୍ୟ ଓ ପାନୀୟର ବ୍ୟବସ୍ଥା ମଧ କରାଯାଇଛି । ମହିଳା ଓ ଶିଶୁମାନଙ୍କ ପାଇଁ ଏଥର ବିଶେଷ ଆକର୍ଷଣୀୟ କାର୍ଯ୍ୟକ୍ରମ ଆୟୋଜିତ ହେବ । ଏହି ପ୍ରସ୍ତୁତି ବୈଠକରେ ମା ଧାକୁଲେଇ ଯୁବକ ସଂଘର କର୍ମକର୍ତ୍ତା ବିକ୍ରମ ରାଉତ, ରଞ୍ଜିତ ସ୍ୱାଇଁ, ଶିବୁନ ସେନାପତି, ରୋହିତ ସ୍ୱାଇଁ, ଅରୁଣ ରାଉତ, ଝୁଲିଆ ଜେନା, ସୋମନାଥ ଜେନା, ସୁନୀଲ ରାଉତ, ବିକାଶ ଜେନା, ବିକି ରାଉତ, ସ୍ମୃତିରଞ୍ଜନ ରାଉତ, ଅନିଲ ସ୍ୱାଇଁ, ଆଶିଷ ଜେନା, ଦେବବ୍ରତ ଜେନା, ପୂର୍ଣ୍ଣ ଜେନା, ସତ୍ୟଜିତ ଜେନା, ପିଣ୍ଟୁ ଜେନା, ମିଳନ ସ୍ୱାଇଁ, ଶ୍ରୀଧର ଦାସ, ନରେନ୍ଦ୍ର ରାଉତ, ମିହିର ରାଉତ, ଜିତେନ୍ଦ୍ରିତ ବେହେରା, ସନ୍ତୋଷ ସାହୁ, ବିକାଶ ବେହେରା, ମନୋଜ ପଣ୍ଡା ଓ ମାନସ ବେହେରା ପ୍ରମୁଖ ସହଯୋଗ କରୁଥିବାବେଳେ, ମାଆ ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ପ୍ରମୋଦ ସ୍ୱାଇଁ ଏବଂ ସହ–ସମ୍ପାଦକ ବାଦଲ ଜେନା ବୈଠକର ପରିଚାଳନା କରିଥିଲେ ।

# ପହଁରା ଶିଖିବା ହେଲା କାଳ
# ପୋଖରୀରେ ବୁଡ଼ି ୨ ନାବାଳକଙ୍କ ମୃତ୍ୟୁ

ବ୍ରହ୍ମପୁର, ୨୪।୫(ନିପ୍ର) ମହାନଗର ନିଗମ ବ୍ରହ୍ମପୁର ସହରର ଆଙ୍କୁଲିସ୍ଥିତ ନୂଆବନ୍ଧ ପୋଖରୀରେ ରବିବାର ଏକ ଅଭାବନୀୟ ଓ ଦୁଃଖଦ ଘଟଣା ଘଟିଯାଇଛି । ପୋଖରୀକୁ ପହଁରା ଶିଖିବା ସହ ଗାଧୋଇବା ପାଇଁ ଯାଇଥିବା ବେଳେ ୨ ଜଣ ବାଳକଙ୍କ ପ୍ରାଣହାନୀ ହୋଇଛି । ମୃତ ୨ ଜଣ ବାଳକ ହେଲେ ବ୍ରହ୍ମପୁର ଗଜପତିନଗର ଅଞ୍ଚଳର ବରିଷ୍ଠ ବିଜେପି ନେତା ବିଷ୍ଣୁ ଚରଣ ପଣ୍ଡାଙ୍କ ପୁଅ ବିଶ୍ୱଜିତ୍ ପଣ୍ଡା ଏବଂ ଖୋଡ଼ାସିଙ୍ଗି ଅଞ୍ଚଳର ଅଭିଜିତ୍ ମରାଣ୍ଡି ବୋଲି ଜଣାପଡ଼ିଛି । ଆଜି ସକାଳୁ ମୃତ ବିଶ୍ୱଜିତ୍ ଓ ଅଭିଜିତ୍‌ଙ୍କ ସହ ଅନ୍ୟ ୨ ଜଣ ସାଙ୍ଗ ମିଶି ପ୍ରଥମେ ଖେଳିବାକୁ ଯାଇ ରନିଂ କରିଥିଲେ । ପରେ ପୋଖରୀରେ ଗାଧୋଇବା ସହ ପହଁରା ଶିଖିବାଲାଗି ସମସ୍ତେ ମିଶି ଏକ ପ୍ରକାର ଯୋଜନା ପ୍ରସ୍ତୁତ



କରିଥିଲେ । ସମସ୍ତ ୪ ଜଣ ବାଳକ ଆଙ୍କୋଲି ପୋଖରୀକୁ ଯାଇଥିବା ବେଳେ ସମସ୍ତେ ପୋଖରୀରେ ଗାଧୋଇବା ସହ ପହଁରା ମାରିବା ଶିଖୁଥିଲେ । ହଠାତ୍ ଜଣେ ବାଳକ ପାଣିରେ ବୁଡ଼ି ଯାଇଥିଲେ । ପରେ ତାକୁ ଉଦ୍ଧାର କରିବାକୁ ଯାଇ ଆଉ ଜଣେ ବାଳକ ମଧ୍ୟ ପାଣିରେ ବୁଡ଼ିଯାଇଥିଲେ । ପରେ ଅନ୍ୟ ଜଣେ ବାଳକ ମଧ୍ୟ ପାଣିରେ ବୁଡ଼ିଯାଇଥିବା ବେଳେ ନିକଟରେ ଥିବା ତାଙ୍କ ସାଙ୍ଗମାନେ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ । ଯେତେବେଳେ ୨ ଜଣ ବାଳକ ବୁଡ଼ିଯାଇଥିବା ଦେଖି ତୁରନ୍ତ ଅଗ୍ନିଶମ ବିଭାଗକୁ ଫୋନ୍ ଯୋଗେ ଜଣାଯାଇଥିଲା । ପରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଁଚି ପାଣିରେ ବୁଡ଼ି ଯାଇଥିବା ୨ ବାଳକଙ୍କୁ ଉଦ୍ଧାର କରି ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲ୍‌ରେ ଭର୍ତ୍ତି କରିଥିବା ବେଳେ ଉଭୟଙ୍କୁ ଡ଼ାକ୍ତର ମୃତ୍ୟୁ ଘୋଷଣା କରିଥିଲେ । ଏଭଳି ଏକ ଦୁଃଖଦ ଘଟଣା ପ୍ରକାଶ ପାଇବା ପରେ ବ୍ରହ୍ମପୁର ବିଧାୟକ କେ. ଅନୀଲ୍ କୁମାର, ଓଡ଼ିଶା ଫାର୍ମାସିଷ୍ଟ ସଂଘର ସଭାପତି ବିଜୟ କୁମାର ସ୍ୱାଇଁଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ । ତେବେ ଏପରି ମୃତ୍ୟୁକୁ ନେଇ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇବା ସହ ଖରାଦିନ ଯୋଗୁଁ କେହିବି ମଧ୍ୟ ବନ୍ଧରେ ଗାଧୋଇବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

# ଏମ୍‌କେସିଜି ମେଡ଼ିକାଲ୍ କଲେଜରେ ମିଡ୍‌ଟର୍ମ କନ୍‌ଫରେନ୍ସ




ବ୍ରହ୍ମପୁର ,୨୪।୫(ନିପ୍ର):ସ୍ଥାନୀୟ ଏମ୍‌କେସିଜି ମେଡ଼ିକାଲ୍ କଲେଜର ନୂତନ ଅଡ଼ିଟୋରିୟମରେ ଦକ୍ଷିଣ ଓଡ଼ିଶାରେ ପ୍ରଥମ ଥର ପାଇଁ ଆର୍‌ଏସ୍‌ଏସ୍‌ଡ଼ିଆଇ ଓଡ଼ିଶାର ମିଡ୍‌ଟର୍ମ କନ୍‌ଫରେନ୍ସ ଆୟୋଜିତ ହୋଇଥିଲା । ଏହି ସମ୍ମିଳନୀରେ ପ୍ରାୟ ୨୫୦ ଜଣ ଡ଼ାକ୍ତର, ଅଧ୍ୟାପକ, ପିଜି ଛାତ୍ରଛାତ୍ରୀ ଓ ପ୍ରତିନିଧିମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ଼ା. ସାଗର ପୃଷ୍ଟି ଯୋଗ ଦେଇଥିଲେ । ସମ୍ମିଳନୀରେ ଆର୍‌ଏସ୍‌ଏସ୍‌ଡ଼ିଆଇ ଓଡ଼ିଶାର ଚେୟାରମ୍ୟାନ୍ ଡ଼ା. ସଞ୍ଜୟ ଦାସ, ରାଜ୍ୟ ସଚିବ ଡ଼ା. ସୁରେଶ କୁମାର ବନସାଲ୍, ରାଜ୍ୟ କୋଷାଧ୍ୟକ୍ଷ ଡ଼ା. ସତ୍ୟନାରାୟଣ କର, ଆୟେଜକ ଅଧ୍ୟକ୍ଷ ଡ଼ା. ପ୍ରମୋଦ କୁମାର ପଟ୍ଟନାୟକ ଓ ଆୟୋଜକ ସଚିବ ଡ଼ା. ନିହାର ରଞ୍ଜନ ସାହୁ ଉପସ୍ଥିତଥିଲେ । ବୈଜ୍ଞାନିକ ଅଧିବେଶନରେ କମ୍ ବୟସରେ ଡ଼ାଏବେଟିସ୍, ବୃଦ୍ଧମାନଙ୍କରେ ଡ଼ାଏବେଟିସ୍, ଗର୍ଭାବସ୍ଥାରେ ଡ଼ାଏବେଟିସ୍, ମୋଟାପା ଓ ଡ଼ାଏବେଟିସର ସମ୍ପର୍କ ଏବଂ ଆଇସିୟୁ ରୋଗୀମାନଙ୍କରେ ଡ଼ାଏବେଟିସ୍ ପରିଚାଳନା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିଲା । ବିଶେଷଜ୍ଞ ଡ଼ାକ୍ତରମାନେ ଡ଼ାଏବେଟିସ୍ ଚିକିତ୍ସାର ନୂତନ ଦିଗ, ଜଟିଳତା ଓ ପ୍ରତିରୋଧ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ସମ୍ମିଳନୀ ଡ଼ାଏବେଟିସ୍ ଓ ତାହାର ଜଟିଳତା ସମ୍ପର୍କରେ ଜ୍ଞାନ ବିନିମୟ ଓ ଚିକିତ୍ସା ପଦ୍ଧତି ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପାଇଁ ଏକ ସଫଳ ମଞ୍ଚ ରୂପେ ପ୍ରମାଣିତ ହୋଇଥିଲା ।

# ଐତିହ୍ୟ ସଂରକ୍ଷଣ ଓ ଗବେଷଣା ଦିଗରେ ଯୁବପିଢ଼ିଙ୍କୁ ପ୍ରୋତ୍ସାହିତ କଲେ ସଂସ୍କୃତି ମନ୍ତ୍ରୀ

ଭୁବନେଶ୍ୱର,୨୪।୫(ନିପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ରାଜ୍ୟ ସଂଗ୍ରହାଳୟ ପରିଦର୍ଶନରେ ଯାଇଥିଲେ। ରାଜ୍ୟ ସଂଗ୍ରହାଳୟରେ ରହିଥିବା ବିଭିନ୍ନ ଗ୍ୟାଲେରୀ ବୁଲି ଦେଖିବା ସହ ସଂଗ୍ରହାଳୟରେ ଇଣ୍ଟର୍ନସିପ୍ କରୁଥିବା ଛାତ୍ରଛାତ୍ରୀମାନଙ୍କ ସହ ଐତିହ୍ୟ ଓ ସଂସ୍କୃତିର ସଂରକ୍ଷଣ, ପ୍ରଚାର ଓ ପ୍ରସାର ସମ୍ବନ୍ଧରେ ଆଲୋଚନା କରିଥିଲେ।ଜାତୀୟ ଶିକ୍ଷା ନୀତି–୨୦୨୦ ଆଧାରରେ ଚଳିତ ବର୍ଷ ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରେ ସ୍ନାତକ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଇଣ୍ଟର୍ନସିପ୍‌ରେ ନିୟୋଜିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ପ୍ରାୟ ୨୦୦ଜଣ ଛାତ୍ରଛାତ୍ରୀଙ୍କୁ ଇଣ୍ଟର୍ନସିପ୍ ସୁଯୋଗ ପ୍ରଦାନ



କରାଯାଇଛି। ଛାତ୍ରଛାତ୍ରୀମାନେ ପ୍ରତ୍ନତତ୍ତ୍ୱ, ପ୍ରାଚୀନ ମୁଦ୍ରା, ପୋଥି, କଳା ଓ କାରୁକାର୍ଯ୍ୟ ବିଭାଗରେ ଇଣ୍ଟର୍ନସିପ୍ କରୁଛନ୍ତି। ଆମ ରାଜ୍ୟର ସମୃଦ୍ଧ ଐତିହ୍ୟ ଓ କୀର୍ତ୍ତିରାଜିର ସୁରକ୍ଷା ଓ ସଂରକ୍ଷଣ ସହ ଏହି ଦିଗରେ ଯେପରି ଉଚ୍ଚ କୋଟୀର ଗବେଷଣା କରାଯାଇପାରିବ ସେ ନେଇ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂରଜ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଛନ୍ତି। ମନ୍ତ୍ରୀ କହିଥିଲେ ଯେ ଆମ କଳା, ସଂସ୍କୃତି, ଐତିହ୍ୟ ଓ ସ୍ଥାପତ୍ୟ ହେଉଛି ଆମ ଗୌରବ। ଏହି ଦିଗରେ ଉଚ୍ଚତର ଗବେଷଣା କରିବା, ଏହାର ସଂରକ୍ଷଣ ଦିଗରେ ଯୁବପିଢ଼ିଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଇଣ୍ଟର୍ନସିପ୍‌ରେ ନିୟୋଜିତ ସମସ୍ତ ଛାତ୍ରଛାତ୍ରୀ ସଂଗ୍ରହାଳୟରେ ସ୍ଥାନିତ ହୋଇଥିବା ପ୍ରତ୍ନତତ୍ତ୍ୱ କୀର୍ତ୍ତିରାଜି, ପ୍ରାଚୀନ ମୁଦ୍ରା ଓ ତାଳପତ୍ର ପୋଥି, ଲିପିତତ୍ତ୍ୱ, ଚାରୁ ଓ କାରୁକଳା, ଅନୁଭବ ଐତିହ୍ୟ ସମ୍ବନ୍ଧରେ ଅବଗତ ହୋଇପାରୁଛନ୍ତି। ଏହା ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ବିକାଶ କରିବା ସହ ଇତିହାସ ଓ ପ୍ରତ୍ନତତ୍ତ୍ୱ କ୍ଷେତ୍ରରେ ଗବେଷଣାକୁ ପ୍ରୋତ୍ସାହନ ଦେବ ବୋଲି ସଂସ୍କୃତି ମନ୍ତ୍ରୀ ମତପ୍ରକାଶ କରିଛନ୍ତି। ଏହି ଅବସରରେ ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାରତୀ ପାଲ ଉପସ୍ଥିତ ଥିଲେ।

# ଭିଡ଼ ହିଂସା କେତେ ଯଥାର୍ଥ ଶୀର୍ଷକ ଆଲୋଚନାଚକ୍ର

ବ୍ରହ୍ମପୁର, ୨୪।(ନିପ୍ର): ମାନବବାଦୀ ହେତୁବାଦୀ ସଙ୍ଗଠନର ଗଞ୍ଜାମ ଜିଲ୍ଲା ଶାଖା ଆନୁକୂଲ୍ୟରେ ଭିଡ଼ ହିଂସା କେତେ ଯଥାର୍ଥ ଶୀର୍ଷକ ଏକ ଆଲୋଚନା ଚକ୍ର ସ୍ଥାନୀୟ ସଂକଳ୍ପ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ସଙ୍ଗଠନର ସଭାପତି ଇ.ଟି. ରାଓ ସଭାପତିତ୍ୱ କରିଥିଲେ । ସର୍ବ ପ୍ରଥମେ ସମ୍ପାଦକ କେ. ନନ୍ଦେଶ୍ୱ ସେନାପତି ଭିଡ଼ ହିଂସା ଉପରେ ସଂକ୍ଷେପରେ ଆଲୋକପାତ କରିଥିଲେ । ଭିଡ଼ ହିଂସା ଆକସ୍ମିକ ଭାବେ ଓ ପ୍ରାୟୋଜିତ ଭାବେ ଘଟିଥାଏ । ମୁଖ୍ୟତଃ ଏହା ଜାତି, ଧର୍ମ, ଲିଙ୍ଗ, ଗୁଣି ଗାରିଡ଼ି ଓ ଗୁଜବ ଯୋଗୁଁ ସୃଷ୍ଟି ହୋଇଥାଏ । ଏଭଳି ଅମାନବୀୟ ଓ ବେଆଇନ୍ ହତ୍ୟା ଦେଶ ପାଇଁ ବିପଦଜନକ ଅଟେ । ଭିଡ଼ ହିଂସା ସମାଜରେ ବିଭେଦ ଓ ଅରାଜକତା ସୃଷ୍ଟି କରୁଛି ଏବଂ ଏହାକୁ ଶେଷ କରିବାପାଇଁ ପୋଲିସର କଡ଼ା ହସ୍ତକ୍ଷେପ ହେବା ଆବଶ୍ୟକ । ଅନ୍ୟମାନଙ୍କ ମଧ୍ୟରେ ଭାଲଚନ୍ଦ୍ର ଷଡ଼ଙ୍ଗୀ, ସୋମନାଥ ବେହେରା, ଡ଼ଃ




ବିଧୁପ୍ରଭା ରଥ, ଶଙ୍କର ସାହୁ, କିଶନ୍ ସାହୁ, ସୁନେଜ କୁମାର ପାଣିଗ୍ରାହୀ, ଅବନୀ ଗୟା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ପ୍ରାୟୋଜିତ ଭିଡ଼ ହିଂସାରେ ବିବେକ ଅପେକ୍ଷା ଧାର୍ମିକ ସାମ୍ପ୍ରଦାୟିକତା କାର୍ଯ୍ୟ କରୁଛି । ସମାଜରେ ରହିଥିବା ଜାତି, ଧର୍ମ, ଲିଙ୍ଗ, ଆଞ୍ଚଳିକତା ଓ ଭାଷା ଆଦି ଏଭଳି ଅପରାଧ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥାଏ । ଗୋଟିଏ ରିପୋର୍ଟରେ ପ୍ରକାଶିତ ହୋଇଛି ଯେ, ୩୦ ପ୍ରତିଶତ ପୋଲିସ ଭିଡ଼ ହିଂସା ଠିକ୍ କରୁଛନ୍ତି । ଭିଡ଼ ହିଂସା ନିରାକରଣ ପାଇଁ ଭାରତର ମୁଖ୍ୟ ନ୍ୟାୟାଳୟ ୨୦୧୮ ମସିହାରେ ଯେଉଁ ନିର୍ଦ୍ଦେଶ ଦେଇଥିଲେ ତାକୁ କାର୍ଯ୍ୟକାରୀ କଲେ ସମ୍ପୂର୍ଣ୍ଣ ଭାବେ ଭିଡ଼ ହିଂସାକୁ ଦୂର କରି ନ ପାରିଲେ ବି କିଛିଟା ରୋକାଯାଇ ପାରିବ ବୋଲି ବକ୍ତବ୍ୟରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦେବରାଜ ପାଣିଗ୍ରାହୀ, ପ୍ରତାପ ଚନ୍ଦ୍ର ପ୍ରଧାନ, ହାକିମ୍ ଖାଁ, ଗାୟତ୍ରୀ ପାଣିଗ୍ରାହୀ, ଦେବଦର୍ଶନୀ, କିଶାନ୍ କୁମାର ସାହୁ, ସନ୍ତୋଷ କୁମାର ମିଶ୍ର, ଗଣପତି ବେହେରା, ଲୋକନାଥ ବେହେରା, ବୃନ୍ଦାବନ ଖଟେଇ ଭାଗ ନେଇଥିଲେ । ପରିଶେଷରେ ସଙ୍ଗଠନର ବରିଷ୍ଠ ସଦସ୍ୟ ଡ଼ି. ମୋହନରାଓ ଧନ୍ୟବାଦ୍ ଦେଇଥିଲେ।

# ଜିଲ୍ଲାରେ ଗୃହପାଳିତ ପ୍ରାଣୀଙ୍କୁ ମିଳିବ ଉନ୍ନତମାନର ପରୀକ୍ଷା ୧୧ ପ୍ରାଣୀ ଚିକିତ୍ସାଳୟରେ ହେବ ମେମାଟୋଲୋଜି ଆନାଲାଇଜର

ବ୍ରହ୍ମପୁର , ୨୪।୫(ନିପ୍ର):ଜିଲ୍ଲାରେ ଗୃହପାଳିତ ପଶୁ ପକ୍ଷୀଙ୍କ ଚିକିତ୍ସା ନିମନ୍ତେ ଆବଶ୍ୟକ ଚିକିତ୍ସା ସାମଗ୍ରୀ ନ ଥିବାରୁ ଅନେକ ପଶୁପକ୍ଷୀ ଅକାଳରେ ଜୀବନ ଯାଉଛି । ଏହାକୁ ଦୃଷ୍ଟିରେ ରଖି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଗଞ୍ଜାମ ଜିଲ୍ଲାର ମୋଟ ୧୧ଟି ପ୍ରାଣୀ ଚିକିତ୍ସାଳୟକୁ ପ୍ରଥମ ପର୍ଯ୍ୟାୟରେ ୧୧ଟି ଅତ୍ୟାଧୁନିକ ମେମାଟୋଲୋଜି ଆନ୍‌ଲାଇଜର ଟୁଲ୍ ପ୍ରଦାନ କରାଯାଇଥିବା ମୁଖ୍ୟ ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଡ଼ା. ଅଞ୍ଜନ ଦାଶ ସୂଚନା ଦେଇଛନ୍ତି । ରାଜ୍ୟର ପ୍ରଥମ ଜିଲ୍ଲା ଭାବେ ଗଞ୍ଜାମକୁ ପ୍ରଥମଥର ନିମନ୍ତେ ହେମାଟୋଲୋଜି ଆନାଲାଇଜର ପ୍ରଦାନ କରାଯାଇଛି । ଜିଲ୍ଲାର ଛତ୍ରପୁର ସ୍ଥିତ ଚିକିତ୍ସାଳୟ, ରଙ୍ଗେଇଲୁଣ୍ଡା, ଚିକିଟି, ଖଲ୍ଲିକୋଟ, ପୋଲସରା, ପୁରୁଷୋତ୍ତମପୁର, ଆସିକା, ଭଞ୍ଜନଗର, ବୁଗୁଡ଼ା, ଜଗନ୍ନାଥପ୍ରସାଦ ଓ ସୋରଡ଼ା ବ୍ଲକ୍‌ରେ ଥିବା ପଶୁ ଚିକିତ୍ସାଳୟରେ ସ୍ଥାପନ କରାଯାଇଛି । ଏହାଦ୍ୱାରା ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଆସୁଥିବା ପଶୁପକ୍ଷୀମାନଙ୍କ ରକ୍ତ ପରୀକ୍ଷା କରି ରୋଗ ନିରୂପଣ କରିବାରେ ସହାୟକ ହୋଇପାରିବ । ପ୍ରତି ଅସୁସ୍ଥ ଗୃହପାଳିତ ପଶୁପକ୍ଷୀଙ୍କ ପିଛା ମାତ୍ର ୫୦ଟଙ୍କା ଦେୟରେ ଉକ୍ତ ସମସ୍ତ ପ୍ରକାର ରକ୍ତ ପରୀକ୍ଷା ସହ ଉନ୍ନତମାନର ଚିକିତ୍ସା କରାଯିବ । ବର୍ତ୍ତମାନ ବ୍ରହ୍ମପୁରସ୍ଥିତ ସିଏଲ୍‌ଏଫ୍ ଲ୍ୟାବ୍‌ରେ ମେମାଟଲୋଜି ଆନାଲାଇଜର ରହିଛି । ସଠିକ୍ ଚିକିତ୍ସା ଓ ପରୀକ୍ଷା ଅଭାବରୁ ଗ୍ରାମାଞ୍ଚଳରେ ବହୁ ପ୍ରାଣୀଙ୍କ ଜୀବନ ଯାଉଥିବା ବେଳେ ଜିଲ୍ଲାର ବିଭିନ୍ନ ପ୍ରାଣୀ ଚିକିତ୍ସାଳୟକୁ ଅତ୍ୟାଧୁନିକ ମେମାଟଲୋଜି ଆନ୍‌ଲାଇଜର ପ୍ରଦାନ ଫଳରେ ଗୃହପାଳିତଙ୍କ ଉପଯୁକ୍ତ ଚିକିତ୍ସା ହୋଇପାରିବ ବୋଲି ଆଶା କରାଯାଉଛି ।

# ସନ୍ତୋଷୀ ମା' ମନ୍ଦିରର ବାର୍ଷିକୋତ୍ସବ

ବ୍ରହ୍ମପୁର, ୨୪।୫(ନିପ୍ର): ଡୁରା ଓଭରବ୍ରିଜ୍ ନିକଟରେ ଥିବା ସନ୍ତୋଷୀ ମାଁ ମନ୍ଦିରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ଦିନ ଜଳଯାତ୍ରା, ଅଙ୍କୁରାରୋପଣ ହୋଇଥିବା ବେଳେ କର୍ମ ଆରମ୍ଭ, ବ୍ରାହ୍ମଣବରଣ, ସୂର୍ଯ୍ୟ ପୂଜା, ମଣ୍ଡଳ ପୂଜା, ଅଗ୍ନୀ ସ୍ଥାପନ ସହ ସନ୍ତୋଷୀ ମାଁ ଙ୍କ ବ୍ରତ ପାଠ ହୋଇଥିଲା । କର୍ତ୍ତା ଭାବେ କାଳୁ ଚରଣ ରଣା ଓ ତାଙ୍କ ପତ୍ନୀ ମଧୁସ୍ମିତା ଏବଂ ପୁରୋହିତ କାମାକ୍ଷୀ ପ୍ରସାଦ ପାଢ଼ୀ, ଆଶିଷ କୁମାର ପାଢ଼ୀ, ପବିତ୍ର କୁମାର ପାଢ଼ୀ, ଦିବାକର ଶତପଥୀ ଉପସ୍ଥିତ ରହି ପୂଜାର୍ଚ୍ଚନାର ଦାୟିତ୍ୱ ତୁଲାଇଥିଲେ । ପୂଜା କମିଟିର ସଦସ୍ୟ ଓ ଭକ୍ତମାନେ ସହଯୋଗ କରିଥିଲେ ।

# ନୂତନ ପ୍ରଜାତିର ସ୍ନେକ୍ ଇଲ୍ ମାଛ ଚିହ୍ନଟ

ବ୍ରହ୍ମପୁର, ୨୪।୫(ନିପ୍ର): ଗୋପାଳପୁର ଜେଡଏସ୍‌ଆଇ ପକ୍ଷରୁ ଭାରତୀୟ ବଙ୍ଗୋପସାଗରରୁ ନୂତନ ସ୍ନେକ୍ ଇଲ୍ ପ୍ରଜାତିର ମାଛ ଚିହ୍ନଟ ହୋଇଛି । ୨୦୨୨ ଜୁଲାଇରେ ଏହି ମାଛକୁ ଭାରତୀୟ ପ୍ରାଣୀ ସର୍ବେକ୍ଷଣ କେନ୍ଦ୍ରର ରାଜେଶ କୁମାର ବେହେରା ଓ ସ୍ମୃତିରେଖା ଆଚାର୍ଯ୍ୟ ଆର୍ଯ୍ୟପଲ୍ଲୀ ମତ୍ସ୍ୟଜୀବୀଙ୍କ ନିକଟରୁ ପାଇଥିଲେ । ଗୋପାଳପୁର ଭାରତୀୟ ପ୍ରାଣୀ ସର୍ବେକ୍ଷଣ କେନ୍ଦ୍ରର ବୈଜ୍ଞାନିକ ଡ଼. ଅନୀଲ୍ ମହାପାତ୍ରଙ୍କ ମାର୍ଗଦର୍ଶନରେ ଲକ୍ଷ୍ନୌସ୍ଥିତ ନ୍ୟାସନାଲ୍ ବ୍ୟୁରୋ ଅଫ୍ ଫିସ୍ ଜେନଟେକ୍ ରିସୋର୍ସେସ୍, କେରଳ ୟୁନିଭରସିଟି ଅଫ୍ ଫିସରିଜ ଆଣ୍ଡ୍ ଓସିଏନ୍ ଷ୍ଟଡ଼ିଜ୍‌ର ଡ଼. ଟି.ଟି. ଅଜିତ୍ କୁମାର, ଇ. ଆର୍ ସଂଘମିତ୍ରା, ଏନ୍. କେସୁୟାନୀ, ଏ. କାଥିରଭେଲ୍ ପାଣ୍ଡିଆନ୍ ଓ କେ. ଚକ୍ରବର୍ତ୍ତୀଙ୍କ ମିଳିତ ଉଦ୍ୟମରେ ପରୀକ୍ଷା ନିରୀକ୍ଷା ସହ ଡ଼ିଏନ୍‌ଏ ପରୀକ୍ଷା କରାଯାଇଥିଲା । ଏହି ପ୍ରଜାତିର ସ୍ନେକ୍ ଇଲ୍ ମାଛ ୨୦୨୫ରେ କାକିନାଡ଼ା ଉପକୂଳବର୍ତ୍ତୀ ଅଞ୍ଚଳରୁ ବି ମିଳିଥିଲା । ଉଭୟ ମାଛ ସମ ପ୍ରଜାତିର



ବୋଲି ଜଣାପଡ଼ିଥିଲା । ଏହାର ଲମ୍ବ ୬ ଶହ ୬୫ ମିମି., ରଙ୍ଗ ଉପର ଭାଗ କଳା ଧୂସର ଓ ତଳ ଭାଗ ଫିକା ଧଳା । ମୁଣ୍ଡ ଗୋଜିଆ ଓ ଛୋଟ ହୋଇଥିବା ବେଳେ ଦେହ ପତଳା ଓ ଦାନ୍ତ ମୁନିଆ ଥିବା ସହ ମେରୁଦଣ୍ଡୀ ପ୍ରାଣୀ ହୋଇଥିବାରୁ ୧୯୭ ଖଣ୍ଡ ହାଡ଼ ରହିଥିବା ଗବେଷଣାରୁ ଜଣାପଡ଼ିଛି । ଏହି ମାଛ ବିଷାକ୍ତ ନୁହଁନ୍ତି । ପରୀକ୍ଷାନିରୀକ୍ଷା ତଥ୍ୟ ପ୍ରଦାନ ପରେ ଏହା ନୂତନ ପ୍ରଜାତିର ସ୍ନେକ୍ ଇଲ୍ ମାଛ ହୋଇଥିବାରୁ ଜୋନାଲ୍ ଅଫ୍ ଇଚଥାଏଓଲୋଜି ପତ୍ରିକାରେ ପ୍ରକାଶିତ ହୋଇଛି । ମାଛଟିକୁ ଗୋପାଳପୁର ଜେଟ୍ ଏସ୍‌ଅଇରେ ସଂରକ୍ଷଣ ରଖାଯାଇ ବିଭିନ୍ନ ପରୀକ୍ଷାନିରୀକ୍ଷା ଜାରି ରହିଥିବା ବୈଜ୍ଞାନିକ ଡ଼. ମହାପାତ୍ର କହିଛନ୍ତି ।

# ଏଟିଏମ କାଉଣ୍ଟରରେ ଅବ୍ୟବସ୍ଥାକୁ ନେଇ ଜନ ଅସନ୍ତୋଷ

ଖଣ୍ଡପଡ଼ା ୨୪।୫ (ନି.ପ୍ର) ଖଣ୍ଡପଡ଼ା ସହରର ରଥଗଡାଛକସ୍ଥିତ ଷ୍ଟେଟ ବ୍ୟାଙ୍କ ଶାଖାରେ ଥିବା ଏଟିଏମ କାଉଣ୍ଟର ଓ ମୁଖ୍ୟ ବଜାର ମଧ୍ୟରେ ଥିବା ୟୁକୋ ବ୍ୟାଙ୍କ ଶାଖା ଓ ସମ୍ମୁଖରେ ଥିବା ଷ୍ଟେଟ ବ୍ୟାଙ୍କର ୨ ୟ ଏଟିଏମ କାଉଣ୍ଟରରେ ବିଭିନ୍ନ ଅବ୍ୟବସ୍ଥାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଷ୍ଟେଟ ବ୍ୟାଙ୍କର ୨ ଟି ଯାକ ଏଟିଏମ କାଉଣ୍ଟରରେ ଲାଗିଥିବା ଏସି ଗୁଡିକ କେତେ ବେଳେ କାର୍ଯ୍ୟ କରୁଛି ତ ପୁଣି କେତେବେଳେ ଅଚଳ ଅବସ୍ଥାରେ ପଡି ରହୁଥିବା ଜଣାପଡିଛି। ସେହିପରି ଅଧିକାଂଶ ସମୟରେ ଏଟିଏମ ମେସିନ ଗୁଡିକରେ ଟଙ୍କା ରହୁନଥିବାରୁ ଜରୁରୀକାଳୀନ ପରିସ୍ଥିତିରେ ଟଙ୍କା ଉଠାଣ ନିମନ୍ତେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି।ଏ ସଂର୍ପକରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ୱେ ମଧ୍ୟ ସମସ୍ୟାର ସମାଧାନ ହେଉ ନଥିବା ବେଳେ ଖଣ୍ଡପଡ଼ା ଅଞ୍ଚଳର ଜନସାଧାରଣ ବିଭିନ୍ନ ସମୟରେ ଟଙ୍କା ଉଠାଣ ନିମନ୍ତେ ନିକଟସ୍ଥ ବାହାଡା ବଜାର ଓ ଖଳିସାହି ଗ୍ରାମସ୍ଥିତ ଏଟିଏମ କାଉଣ୍ଟର ଗୁଡିକ ଉପରେ ନିର୍ଭର କରୁଥିବା ଜଣାପଡିଛି।ପ୍ରକାଶଥାଉକି ଜରୁରିକାଳୀନ ପରିସ୍ଥିତିରେ ଟଙ୍କା ଉଠାଣ ଓ ଟଙ୍କା ଜମା କରିବା ନିମନ୍ତେ ଲାଗିଥିବା ମେସିନ ଓ ଏଟିଏମ ମେସିନ ଗୁଡିକ ଅଞ୍ଚଳବାସୀଙ୍କୁ ସେବା ଯୋଗାଇଦେବାରେ ବିଫଳ ହେଉଥିବାରୁ ଅଞ୍ଚଳବାସୀ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ବିଭିନ୍ନ ଅବ୍ୟବସ୍ଥା ମଧ୍ୟ ଦେଇ ଗତି କରୁଥିବା ଏଟିଏମ କାଉଣ୍ଟର ଗୁଡିକ ପ୍ରତି ସଂପୃକ୍ତ ବ୍ୟାଙ୍କ ଶାଖା ପରିଚାଳକ ଓ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ସମସ୍ୟାର ଆଶୁ ସମାଧାନ କରିବାକୁ ଖଣ୍ଡପଡ଼ା ଅଞ୍ଚଳବାସୀ ଦାବି କରିଛନ୍ତି ।

# ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଦହିପଣା ବଣ୍ଟନ

ବ୍ରହ୍ମପୁର, ୨୪।୫(ନିପ୍ର): ପ୍ରବଳ ଗ୍ରୀଷ୍ମ ପ୍ରବାହର ଆଶୁ ପ୍ରତିକାର ପାଇଁ ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ଗଞ୍ଜାମ ଜିଲ୍ଲା ଶାଖା ଆନୁକୂଲ୍ୟରେ ସଚେତନ କାର୍ଯ୍ୟକ୍ରମ ବ୍ରହ୍ମପୁର ମହାନଗର ନିଗମର ଟାଟାବେଞ୍ଚ ଛକରେ ଆୟୋଜନ ସଭାପତି ଧିରେନ୍ ମହାରଣାଙ୍କ ସଂଯୋଜନା ଆୟୋଜିତ ହୋଇଥିଲା । ଏଥିରେ ପ୍ରାୟ ୪ ହଜାରରୁ ଉର୍ଦ୍ଧ୍ୱ ପଥଚାରୀଙ୍କୁ ଥଣ୍ଡା ଘୋଳ ଦହି ବଣ୍ଟନ କରାଯିବା ସହ ସନ୍‌ଷ୍ଟ୍ରୋକ୍ ପ୍ରତିକାର ପାଇଁ ସଚେତନ ବାର୍ତ୍ତା ପ୍ରଚାର କରାଯାଇଥିଲା । ଏଥିରେ ସଭାପତି ଧିରେନ୍ ମହାରଣା, ରାଜ୍ୟ ଯୁଗ୍ମ ସମ୍ପାଦକ ପ୍ରମୋଦ ମହାରଣା, ଜିଲ୍ଲା ଉପଦେଷ୍ଟା ଶୁଭ୍ରାଂଶୁ ମହାରଣା, ସୁବାଷ ମହାରଣା, ଜିଲ୍ଲା କୋଷାଧ୍ୟକ୍ଷ ମହେଶ ଚନ୍ଦ୍ର ମହାରଣା, ଲକ୍ଷ୍ମୀ ନାରାୟଣ ମହାରଣା,




ବିଶ୍ୱଦେବ, ପ୍ରଶାନ୍ତ ମହାରଣା, ରବୀନ୍ଦ୍ର ମହାରଣା, ଶ୍ରଦ୍ଧା ଫାଉଣ୍ଡେସନ୍‌ର ପ୍ରଣବ ପଣ୍ଡା, ଶ୍ରଦ୍ଧାଞ୍ଜଳି ପାଢ଼ୀ, ନିବେଦିତା ମହାରଣା, ନାରୀ ନେତ୍ରୀ ମମତା ବିଷୋୟୀ, ଏନ୍. ଧନଞ୍ଜୟ ରାଓ, ବାଳକୃଷ୍ଣ ସାମନ୍ତରାୟ, ଭୀଷ୍ମଚାର୍ଯ୍ୟ ଚୌଧୁରୀ, ସୁରେଶ ତ୍ରିପାଠୀ, ବିନୋଦ ଚୌଧୁରୀ, ମହାନ୍ତି ଟି ଷ୍ଟାଲ୍, ରବୀନ୍ଦ୍ର ପଟ୍ଟନାୟକ ଏବଂ ଧିରେନ୍ ପଟ୍ଟନାୟକଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଓକିଲ, ବ୍ୟବସାୟୀ ସଦ୍ୟ ପ୍ରସ୍ତୁତ ହୋଇଥିବା ଘୋଳ ଦହି ଶହସ୍ରାଧିକ ଲୋକଙ୍କୁ ଦେବା ସହ ପ୍ରଚଣ୍ଡ ରୌଦ୍ରତାପର ବିପଦ ସମ୍ବନ୍ଧରେ ସଚେତନ ଉଦ୍ଦେଶ୍ୟରେ ପ୍ରଚାର କରିଥିଲେ । ଟାଟାବେଞ୍ଚ ଛକ ଅଞ୍ଚଳବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିବାରୁ ନିଖିଳ ଉତ୍କଳ ବିଶ୍ୱକର୍ମା ଗଞ୍ଜାମ ଜିଲ୍ଲା ସଭାପତି ଧିରେନ୍ ମହାରଣା ସମସ୍ତଙ୍କୁ ଧନ୍ୟବାଦ ଜଣାଇଛ

# ଦୁର୍ଘଟଣାସ୍ଥଳରେ ବ୍ରେକ୍‌ର ଲାଗିବ: ପରିବହନ ମନ୍ତ୍ରୀ

ବ୍ରହ୍ମପୁର, ୨୪।୫(ନିପ୍ର): ଲଡ଼କାପଲ୍ଲୀ ଛକରେ ଘଟିଥିବା ଏକ ମର୍ମନ୍ତୁଦ ଦୁର୍ଘଟଣା ଉପରେ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରତିକ୍ରିୟା ରଖିଛନ୍ତି । ଇଲାକାଟି ତିନିଛକିଆ ହୋଇଥିବା ସହ ଗଛ ଥିବା କାରଣରୁ ଦୁର୍ଘଟଣା ଘଟିଥିଲା । ଗଛ ପାଇଁ ଉଭୟ ଗାଡ଼ି ପରସ୍ପରକୁ ଦୃଶ୍ୟମାନ ହେଉନଥିଲେ । ଉକ୍ତ ଗଛକୁ କାଟି ଦିଆଯାଇଛି । ସେହିପରି ଉକ୍ତ ଇଲାକାରେ ଖୁବ୍‌ଶୀଘ୍ର ବ୍ରେକର ଲଗାଯିବ । ଏ ଦିଗରେ ପୂର୍ତ୍ତ ବିଭାଗ ସହ ଆଲୋଚନା ହେବ । ବସ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ୍ ହେବ ବୋଲି ଶ୍ରୀ ଜେନା କହିଛନ୍ତି ।

# ବିଶ୍ୱ କଇଁଛ ଦିବସ ପାଳିତ




ବ୍ରହ୍ମପୁର,୨୪।୫(ନିପ୍ର) : ଗଞ୍ଜାମ ବ୍ଲକ୍ ଅଧୀନ ପାଳିବନ୍ଧ ପଞ୍ଚାୟତ ପୁରୁଣାବନ୍ଧରେ ବିଶ୍ୱ କଇଁଛ ଦିବସ ପାଳିତ ହୋଇଯାଇଛି । ଏସିଏଫ୍ ଦିବ୍ୟଶଙ୍କର ବେହେରାଙ୍କ ପୌରୋହିତ୍ୟରେ ଚଳିତବର୍ଷର ଥିମ୍ ମୁଁ କଇଁଛକୁ ଭଲ ପାଏ ଉପରେ ଆଲୋଚନା ହୋଇଥିଲା । ଋଷିକୂଲ୍ୟା ମୁହାଣରେ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷାକୁ ନେଇ ସମସ୍ତଙ୍କୁ ସଚେତନ କରାଯାଇଥିଲା । ଡ଼. ସୁବ୍ରତ ବେବତା, ଡ଼. ଆଶିଷ କୁମାର ଦାଶ, ଇକୋ କ୍ଲବ୍ ଜିଲ୍ଲା ସଂଯୋଜକ ଡ଼. ଶଙ୍କର ନାରାୟଣ ବେଜ୍, ଡ଼. ସନ୍ଦୀପ୍ ମହାପାତ୍ର, ଋଷିକୂଲ୍ୟା କଇଁଛ ସୁରକ୍ଷା ସମିତି ସମ୍ପାଦକ ରବୀନ୍ଦ୍ରନାଥ ସାହୁ, ଫରେଷ୍ଟର ଡ଼ି. ପ୍ରଶାନ୍ତ କୁମାର ରାଓ, ଫରେଷ୍ଟଗାର୍ଡ଼ ତପନ ନନ୍ଦ ଓ ପୁରୁଣାବନ୍ଧ ଗ୍ରାମ୍ୟ ସଭାପତି ମାଗତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସ୍ଥାନୀୟ ସ୍ୱେଚ୍ଛାସେବୀ ଓ ବନ ବିଭାଗ କର୍ମଚାରୀ ଉପସ୍ଥିତଥିଲେ ।

# ହାଇକୋର୍ଟରୁ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କୁ ଆଶ୍ୱସ୍ତି ପାଇଁ ବିଜୟ ଉତ୍ସବ

ଜଳେଶ୍ୱର,୨୪/୫(ନିପ୍ର)–ହାଇକୋର୍ଟରୁ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କୁ ଆଶ୍ୱସ୍ତି ମିଳିଛି । ଦୀର୍ଘ ଦିନ ଧରି ଚାଲିଥିବା ଜଳେଶ୍ୱର ନିର୍ବାଚନୀ ମାମଲାକୁ ହାଇକୋର୍ଟ ଖାରଜ କରିଛନ୍ତି ଏହି ନିର୍ଦ୍ଦେଶ ଜଳେଶ୍ୱରରେ ମିଳିବା ପରେ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ନେତୃବୃନ୍ଦ ଓ କାଉନସିଲର ମାନେ ବାଣ ଫୁଟାଇ ଉତ୍ସବ ପାଳନ କରିଥିଲେ।ଜଳେଶ୍ୱର ବିଜେଡ଼ି ବ୍ଲକ ସଭାପତି ଦିଲ୍ଲୀପ କୁମାର ସାମଲଙ୍କ ଆବାହକତ୍ୱରେ ଡାକ ବଙ୍ଗଳାରେ ଆୟୋଜିତ ବିଜୟ ଉତ୍ସବରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କୁ ଦଳୀୟ ନେତୃବୃନ୍ଦ ଓ କର୍ମୀ ମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଶ୍ରୀ ପାତ୍ର ଯୋଗଦେଇ ସତ୍ୟ,ନ୍ୟାୟ ଓ ଗଣତନ୍ତ୍ରର ବିଜୟ ହୋଇଛି ବୋଲି ପ୍ରକାଶ କରିଥିଲେ।ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଶ୍ରୀ ପାତ୍ରଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରି ତାଙ୍କ ସମ୍ପର୍କରେ ଏକ ତଥ୍ୟ ପ୍ରକାଶ କରିଥିଲେ। ସାମୟିକ ଭାବରେ ସୂର୍ଯ୍ୟ ଉପରେ କଳା ମେଘ ଛାଇ ଯାଇଥିବା ବେଳେ ଏବେ ତାହା ଅପସରି ଯାଇ ପୂର୍ବବତ୍ ସେହି ସୂର୍ଯ୍ୟ ଆଲୋକ ବିକିରଣ କରିବ ବୋଲି ବିଧାୟକ ଶ୍ରୀ ଦାସ କହିଥିଲେ।ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପରିଷଦ ଉପସଭାପତି ଅନୁସୟା ପ୍ରଧାନ,ବ୍ଲକ ଅଧକ୍ଷ ମାନସ କୁମାର ଜେନା,ନଗରପାଳ ପ୍ରଦୀପ କୁମାର ପ୍ରଧାନ,ଲେଲିନ ପ୍ରଧାନ, ଜ୍ୟୋତିର୍ମୟାନନ୍ଦ ପାଲ, ଶିକ୍ଷକ ନେତା ମନୋରଞ୍ଜନ ଦାସ,ବ୍ଲକ ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ତଥା ସରପଞ୍ଚ ସୁବିନିତା ଦତ୍ତ,ସୁଗୋ ସରପଞ୍ଚ ଜୟନ୍ତୀ ପରିଡ଼ା,ସଞ୍ଜୟ ମହାନ୍ତି,ନାମ୍ପୋ ସମିତି ସଭ୍ୟା ସସ୍ମିତା ପରିଡ଼ା,ଭୋଗରାଇ ଜିଲ୍ଲା ପରିଷଦ ସଭ୍ୟ ଗିରିଶ ଚନ୍ଦ୍ର ଦତ୍ତ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।ସୂଚନା ଅନୁଯାୟୀ ଜଳେଶ୍ୱର ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ଶ୍ରୀ ପାତ୍ରଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ପରାଜିତ ବିଜେପି ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ଦାୟର କରିଥିବା ନିର୍ବାଚନୀ ମକଦ୍ଦମାର ଶୁଣାଣି ଗତ ଏପ୍ରିଲ ୧୫ରେ ଶେଷ ହୋଇଥିବା ବେଳେ ରାୟ ସଂରକ୍ଷିତ ଥିଲା । ଗତ ୨୨ ତାରିଖରେ ହାଇକୋର୍ଟ ରାୟ ପ୍ରକାଶ କରି ନିର୍ବାଚନୀ ଆବେଦନକୁ ଖାରଜ କରିଛନ୍ତି । ଜଷ୍ଟିସ୍? ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଶ୍ରୀ ପ୍ରଧାନଙ୍କ ଆବେଦନର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି । ଏହି ନିର୍ଦ୍ଦେଶ ସଂକ୍ରାନ୍ତରେ ନିର୍ବାଚନ କମିଶନ ଓ ଓଡ଼ିଶା ବିଧାନସଭାର ବାଚସ୍ପତିଙ୍କୁ ଅବଗତ କରିବାକୁ ହାଇକୋର୍ଟ କହିଛନ୍ତି ।

WE ARE HIRING !
Wanted **Content Writer(2 Nos)** for a leading Digital Platform. Applicants must have minimum 1/2 year experience in related field. interested candidates come directly to the office address with their CV at Office hour. **Contact No. 8093545300**

**ଗୋବରଖତ ବିକ୍ରି**
ଭୁବନେଶ୍ୱରସ୍ଥିତ ମଞ୍ଚେଶ୍ୱର ଅଞ୍ଚଳରେ ପାଖାପାଖି ଗୋଟିଏ ହାଇୱା(୭ ଟ୍ରାକ୍ଟର) ଗୋବର ଖତ ବିକ୍ରି ହେବ । ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରି କ୍ରୟ କରିପାରିବେ । ଯୋଗାଯୋଗ: ୭୦୭୭୭୩୩୮୪୨/୮୦୯୩୫୪୫୩୦୦ ।

**BBSR NH-16 ଜଟଣୀ ଗେଟ୍ ପାଖରେ B.D.A ଅଧୀନରେ ଆସୁଥିବା ଘରବାଡ଼ି Conversation ଉତ୍ତର ପୂର୍ବ Cornor Electricity 40ft Road ଥାଇ ପାଟେରି ସହ ମିଳୁଅଛି ।**

Phone No.06671-224074
e-mail: eerwkhariar@gmail.com
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KHARIAR**
**e-Procurement Notice**

**BID IDENTIFICATION NO:- RWKHR-01/2026-27 (Online)**

Bid documents consisting of Work, Estimated Cost, EMD, Cost of tender Paper, Class of Contractor,Govt.of websiteCompletion and the set of terms and conditions of contract and other necessary documents can be seen in Govt website i.e. www.tendersodisha.gov.in.
1. Name of the Work :- Roads Works
2. Total No of Works :- 6 nos.
3. Estimated Cost :- 61.68 to 94.12 lakhs
4. Period of Completion :- 5 (Five) to 6 (Six) Calender Months

| Procurement officer | Bid Identification No | Availability of Tender on line for bidding | | Last date & time of seeking tender clarification | Date & time of Opening of Technical Bid | Date & time of Opening of Financial Bid |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Executive Engineer R.W. Division, Khariar | RWKHR-01/26-27 (Online) | 28.05.2026 At 10.00 AM | 08.06.2026 Up to 5.00 PM | 08.06.2026 Up to 11.00 AM | 09.06.2026 at 11.00 AM | 17.06.2026 at 11.00 AM |

**Further detlls can be seen from the website www.tenders odisha.gov.in**
**Sd/-**
**Executive Engineer**
**Rural Works Division**
**Khariar**
**Caption No : 25001/239/2627**

# ପର୍ସରେ ରଖନ୍ତୁ ଶୁଭ ଜିନିଷ, ଧନ ଆସିବାର ଖୋଲିଯିବ ବାଟ



ବାସ୍ତୁ ଅନୁସାରେ ପର୍ସକୁ ସମୃଦ୍ଧିର ପ୍ରତୀକ ଭାବରେ ବିବେଚନା କରାଯାଏ। ଜ୍ୟୋତିଷମାନେ ବିଶ୍ୱାସ କରନ୍ତି ଯେ କିଛି ଜିନିଷ ଧନକୁ ଆକର୍ଷିତ କରେ। ଏହି ଶୁଭ ଜିନିଷଗୁଡ଼ିକୁ ଆପଣଙ୍କ ପର୍ସରେ ରଖିବା ଦ୍ୱାରା ମା ଲକ୍ଷ୍ମୀଙ୍କ ଆଶୀର୍ବାଦ ସହିତ ଆର୍ଥିକ ଅସୁବିଧା ଦୂର ହୋଇପାରିବ। ଆପଣଙ୍କ ପର୍ସରେ ରଖିବା ପାଇଁ ଶୁଭ ଜିନିଷଗୁଡ଼ିକ ବିଷୟରେ ଜାଣନ୍ତୁ ।

**ପିପଳି ପତ୍ର ରଖନ୍ତୁ :** ଧାର୍ମିକ ବିଶ୍ୱାସ ଅନୁସାରେ, ଭଗବାନ ବିଷ୍ଣୁ ପିପଳି ଗଛରେ ବାସ କରନ୍ତି । ତେଣୁ, ଆପଣଙ୍କ ପର୍ସରେ ପିପଳି ପତ୍ର ରଖିବା ଖୁବ୍ ଶୁଭ ବୋଲି ବିବେଚନା କରାଯାଏ । ଏକ ସତେଜ ପିପଳି ପତ୍ର ନିଅନ୍ତୁ ଏବଂ ଏହାକୁ ଗଙ୍ଗା ଜଳରେ ପବିତ୍ର କରନ୍ତୁ। କେସର କିମ୍ବା ଚନ୍ଦନ ସହିତ ଶ୍ରୀ ଲେଖନ୍ତୁ। ଏହା ପରେ ପତ୍ରକୁ ଶୁଖାଇ ଆପଣଙ୍କ ପର୍ସରେ ସୁରକ୍ଷିତ ଭାବରେ ରଖନ୍ତୁ । ଯାହା ଦ୍ୱାରା ଧନକୁ ଆଗମନ କରେ ଏବଂ ଆର୍ଥିକ ସ୍ଥିତିକୁ ସୁଦୃଢ କରେ ।

**କଉଡି ରଖନ୍ତୁ :** ଧଳା ଏବଂ ହଳଦିଆ କଉଡିକୁ ଶୁଭ ବୋଲି କୁହାଯାଏ । ଯାହା ସମୁଦ୍ର ମନ୍ଥନବେଳେ ଉତ୍ପନ୍ନ ହୋଇଥିଲା । ତେଣୁ କଉଡି ମା ଲକ୍ଷ୍ମୀଙ୍କର ଅତ୍ୟନ୍ତ ପ୍ରିୟ ହୋଇଥାଏ । ମା ଲକ୍ଷ୍ମୀଙ୍କ ପାଦରେ କଉଡି ଛୁଆଁଇ ଏହାକୁ ପର୍ସରେ ରଖିବା ଦ୍ବାରା ଆର୍ଥିକ କଷ୍ଟ ଏବଂ ନକାରାତ୍ମକ ଶକ୍ତି ଦୂର ହୋଇଥାଏ । ପର୍ସରେ ଲକ୍ଷ୍ମୀ ଓ ଗଣେଶ ଖୋଦିତ ରୂପା ମୁଦ୍ରା ମଧ୍ୟ ରଖିପାରିବେ । ଯାହା ଆପଣଙ୍କୁ ସମାନ ଫଳ ଦେବ ।

**ଅକ୍ଷତ ଏବଂ ଗୋମତି ଚକ୍ର :** ଅକ୍ଷତକୁ ସମୃଦ୍ଧିର ପ୍ରତୀକ ଭାବରେ ବିବେଚନା କରାଯାଏ। ଆପଣଙ୍କ ପର୍ସରେ ଲାଲ କପଡା କିମ୍ବା ଲାଲ କାଗଜରେ ୨୧ ଟି ଚାଉଳ ଦାନା ବାନ୍ଧି ରଖିଲେ ଧନ ପ୍ରାପ୍ତିରେ ସାହାଯ୍ୟ କରେ ବୋଲି ବିଶ୍ୱାସ କରାଯାଏ । ଗୋମତୀ ଚକ୍ରକୁ ଧନ ବୃଦ୍ଧି ଏବଂ ଋଣମୁକ୍ତି ପାଇଁ ଏକ ଶୁଭ ପ୍ରତୀକ ଭାବରେ ମଧ୍ୟ ବିବେଚନା କରାଯାଏ । ଗୋମତୀ ଚକ୍ର ସହିତ ଆପଣଙ୍କ ପର୍ସରେ ଏକ ଛୋଟ ଓମ୍, ସ୍ୱସ୍ତିକ ଫଟୋ ରଖିବା ଦ୍ବାରା ଆର୍ଥିକ ଲାଭ ମିଳିଥାଏ ।

ଏହା ବ୍ୟତୀତ ଫଟା ନୋଟ୍, ପୁରୁଣା ବିଲ୍, ଅଦରକାରୀ କାଗଜପତ୍ର ଏବଂ କ୍ରେଡିଟ୍ ସ୍ଲିପ୍ ପର୍ସରେ ରଖିବା ଉଚିତ୍ ନୁହେଁ । ଏପରି ଜିନିଷ ଆର୍ଥିକ ଅବ୍ୟବସ୍ଥା ଏବଂ ନକାରାତ୍ମକତାକୁ ବୃଦ୍ଧି କରେ।

# ୩୦ ଦିନରେ ୩୦ ହଜାର ବିବାହ ପ୍ରସ୍ତାବ, ଅଭିନେତା ନିଜେ କଲେ ଖୁଲାସା



ବଲିଉଡ଼ରେ ପ୍ରତିବର୍ଷ ଅନେକ ଷ୍ଟାର୍ ଏଣ୍ଟ୍ରି କରନ୍ତି, କିନ୍ତୁ କେତେଜଣ ତାଙ୍କର ପ୍ରଥମ ଫିଲ୍ମ ସହିତ ଇତିହାସ ରଚିଥାନ୍ତି । ଏମିତି ଏକ ସମୟ ୨୦୦୦ ମସିହାରେ ଆସିଥିଲା, ଯେତେବେଳେ ଜଣେ ନୂଆ ଅଭିନେତା ବଡ଼ ପରଦାରେ ପାଦ ଦେଇଥିଲେ । ତାଙ୍କର ଚମତ୍କାର ହସ, ନୃତ୍ୟ ଏବଂ ଉତ୍କୃଷ୍ଟ ଅଭିନୟ ସହିତ, ସେ ରାତାରାତି ଦେଶର ସବୁଠାରୁ ବଡ଼ ନ୍ୟାସନାଲ୍ କ୍ରଶ ହୋଇଗଲେ ।

ଆମେ ଏଠି ଯେଉଁ ଷ୍ଟାରଙ୍କ ବିଷୟରେ କହୁଛୁ ତାଙ୍କ ନାଁ ହେଉଛି– ହ୍ରିତିକ ରୋଶନ । ଯିଏ ୨୦୦୦ ମସିହାରେ କାହୋ ନା ପ୍ୟାର୍ ହେଁ ! ଫିଲ୍ମ ସହିତ ବଲିଉଡରେ ଡେବ୍ୟୁ କରିଥିଲେ । ଫିଲ୍ମଟି ରିଲିଜ୍ ହେବା ମାତ୍ରେ, ହ୍ରିତିକ୍ ତାଙ୍କର ଚମତ୍କାର ଅଭିନୟ, ଷ୍ଟାଇଲ୍ ଡ୍ୟାନ୍ସ ଏବଂ ଲୁକ୍ ପାଇଁ ବହୁତ ପପୁଲାର ହୋଇଗଲେ । ହ୍ରିତିକ୍ ନିଜେ ଦ କପିଲ ଶର୍ମା ଶୋ ରେ ପ୍ରକାଶ କରିଥିଲେ ଯେ ତାଙ୍କ ଡେବ୍ୟୁ ଫିଲ୍ମର ସଫଳତା ପରେ, ତାଙ୍କୁ ଝିଅଙ୍କଠାରୁ ପ୍ରାୟ ୩୦,୦୦୦ ବିବାହ ପ୍ରସ୍ତାବ ମିଳିଥିଲା ।

ଫିଲ୍ମରେ ହ୍ରିତିକଙ୍କ ଡବଲ୍ ରୋଲ୍, ତାଙ୍କର ଚମତ୍କାର ବ୍ୟକ୍ତିତ୍ୱ ଏବଂ ରୋମାଣ୍ଟିକ୍ ଷ୍ଟାଇଲ୍ ଝିଅମାନଙ୍କୁ ପାଗଳ କରିଥିଲା । ଏହି ବ୍ଲକବଷ୍ଟର ରୋମାଣ୍ଟିକ–ଡ୍ରାମା ଫିଲ୍ମଟି ହ୍ରିତିକଙ୍କ ପିତା ଏବଂ ପ୍ରସିଦ୍ଧ ନିର୍ଦ୍ଦେଶକ ରାକେଶ ରୋଶନଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିଲା । ଏହି ଫିଲ୍ମଟି କେବଳ ହ୍ରିତିକଙ୍କ ନୁହେଁ ବରଂ ଅଭିନେତ୍ରୀ ଅମୀଷା ପଟେଲଙ୍କ ବଲିଉଡ ଡେବ୍ୟୁ କରିଥିଲା ଏବଂ ଏହି ଯୋଡ଼ି ସୁପରହିଟ୍ ମଧ୍ୟ ହୋଇଥିଲା । କହୋ ନା ପ୍ୟାର ହେଁ ବକ୍ସ ଅଫିସରେ ୮୦ କୋଟିରୁ ଅଧିକ ରୋଜଗାର କରିଥିଲା ଏବଂ ସର୍ବାଧିକ ସଂଖ୍ୟକ ପୁରସ୍କାର ଜିତିବା ପରେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସରେ ରେକର୍ଡ ହୋଇଥିଲା ।

ଲକ୍ଷ ଲକ୍ଷ ଝିଅଙ୍କ ହୃଦୟ ଭାଙ୍ଗି, ହ୍ରିତିକ୍ ତାଙ୍କ ପିଲାଦିନର ବନ୍ଧୁ ସୁସାନ ଖାନଙ୍କୁ ୨୦ ଡିସେମ୍ବର ୨୦୦୦ରେ ବିବାହ କରିଥିଲେ, ଯାହାଙ୍କ ସହିତ ତାଙ୍କର ଦୁଇଟି ପୁଅ– ହ୍ରେହାନ ଏବଂ ହ୍ରିଧାନ ଅଛନ୍ତି । ୨୦୧୪ ମସିହାରେ ସୁସାନଙ୍କ ଠାରୁ ଛାଡପତ୍ର ପରେ ମଧ୍ୟ, ଦୁହେଁ ଭଲ ବନ୍ଧୁ ପରି ଏକାଠି ସେମାନଙ୍କ ପିଲାମାନଙ୍କୁ ପାଳନ ପୋଷଣ କରୁଛନ୍ତି। ବର୍ତ୍ତମାନ, ହ୍ରିତିକ୍ ଅଭିନେତ୍ରୀ ସବା ଆଜାଦଙ୍କ ସହ ସମ୍ପର୍କରେ ଅଛନ୍ତି, ତାଙ୍କର ବହୁ ଫେମସ୍ ଫିଲ୍ମ କ୍ରିଶ୍ ୪– ୨୦୨୭ ମସିହାରେ ରିଲିଜ୍ ହେବାକୁ ପ୍ରସ୍ତୁତ ହେଉଛି ।

# କାର୍ପାଲ ଟନେଲ



କାର୍ପାଲ୍ ଟନେଲ୍ ସିଣ୍ଡ୍ରମ୍ ଅତି ସାଧାରଣ। ବିଶେଷଜ୍ଞମାନେ ଆକଳନ କରନ୍ତି ଯେ, ଆମେରିକାରେ ପ୍ରତି ୧୦୦୦ ଲୋକଙ୍କ ମଧ୍ୟରୁ ପ୍ରାୟ ୩ ଜଣ ପ୍ରତିବର୍ଷ କାର୍ପାଲ୍ ଟନେଲ୍ ସିଣ୍ଡ୍ରୋମ୍‌ର ଶିକାର ହୋଇଥାନ୍ତି। ଏହା ସାଧାରଣତଃ ଶରୀରରେ ଧୀରେ ଧୀରେ ବିକଶିତ ହୁଏ। ଆପଣ ପ୍ରଥମେ କେବଳ ସାଧାରଣ ଲକ୍ଷଣ ଅନୁଭବ କରିପାରନ୍ତି, ଯାହା ସମୟ ଗଡ଼ିବା ସହ ଆହୁରି ଖରାପ ହୋଇପାରେ। ଯେତେବେଳେ ଆମ ହାତ କଚଟିରେ ଥିବା ସ୍ନାୟୁ ଉପରେ ଅତ୍ୟଧିକ ଚାପ ସୃଷ୍ଟିହୁଏ, ସେତେବେଳେ ଏହି ସମସ୍ୟା ଉପୁଜିଥାଏ। ଯଦି ଉପଯୁକ୍ତ ସମୟରେ ଏହାର ଚିକିତ୍ସା କରା ନଯାଏ, ତେବେ ଏହା ଖୁବ୍ ଗମ୍ଭୀର ସମସ୍ୟାର ପରିଣତ ହୁଏ। ଏହା ପ୍ରଥମେ କମ୍ ଯନ୍ତ୍ରଣାରୁ ଆରମ୍ଭ ହୋଇଥାଏ। ହେଲେ ପରେ ବଢ଼ିବାରେ ଲାଗେ। ବିଶେଷକରି ଯେଉଁମାନେ ଲଗାତାର ହାତ ଚାଳନା ସମ୍ପର୍କିତ କାର୍ଯ୍ୟ କରିଥାନ୍ତି, ସେମାନଙ୍କୁ ଏହା ହୋଇଥାଏ। ଯେପରିକି କାର୍ ଓ ବସ୍ ଚାଳକ, ଲେଖକ ଓ କମ୍ପ୍ୟୁଟର ପ୍ରଫେସନାଲ୍। ସେହିଭଳି ଗର୍ଭବତୀ, ଗୃହିଣୀ, ମଧୁମେହ ରୋଗୀ ଓ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କଠାରେ ମଧ୍ୟ ଏହି ସମସ୍ୟା ଦେଖାଯାଏ।

ଯଦି ରାତିରେ ଆପଣଙ୍କ ଆଙ୍ଗୁଠିରେ ଯନ୍ତ୍ରଣା ହେଉଛି, ଝିମ୍ ଝିମ୍ ହେଉଛି କିମ୍ବା ଆଙ୍ଗୁଠି କାମ କରିପାରୁ ନାହିଁ, ତେବେ ଏହା କାର୍ପେଲ୍ ଟନେଲ୍ ସିଣ୍ଡ୍ରୋମ୍‌ର ଲକ୍ଷଣ ହୋଇପାରେ। ବେଳେବେଳେ ହାତ ବହୁତ ଦୁର୍ବଳ ହୋଇ କୌଣସି ଜିନିଷ ଧରିବାରେ ସକ୍ଷମ ନ ହେଲା ଭଳି ଲାଗିଥାଏ। ସେହିପରି ରୁମାଟଏଡ୍ ଆର୍ଥ୍ରାଇଟିସ୍, ଗଣ୍ଠିବାତ, ହାଇପୋଥାଇରଏଡିଜମ୍, ମଧୁମେହ, ସ୍ଥୂଳକାୟତା ଓ ଆମାଇଲ୍‌ଏଡୋସିସ୍ ଭଳି ସ୍ୱାସ୍ଥ୍ୟ ସମସ୍ୟା ଥିଲେ କାର୍ପାଲ୍ ଟନେଲ୍ ସିଣ୍ଡ୍ରୋମ୍‌ର ବିପଦ ବଢ଼ିପାରେ। ଏହି ରୋଗକୁ ସବୁବେଳେ ଗୁରୁତ୍ବର ସହିତ ନେବା ଉଚିତ। ସମସ୍ୟା ସାଧାରଣ ହୋଇଥିଲେ କେତେକ ଔଷଧ ଓ ବ୍ୟାୟାମ ଦ୍ବାରା ଏହା ଭଲ ହୋଇଯାଏ। କେତେକ ଜାଗାରେ ରୋଗୀଙ୍କୁ ବୃତ୍ତି ମଧ୍ୟ ବଦଳାଇବାକୁ ପଡ଼ିଥାଏ। ସେହିଭଳି ଇଞ୍ଜେକ୍ସନ୍ ନେବାକୁ ହୁଏ। ଆଉ ଏକ ସମାଧାନ ହେଲା, ଅସ୍ତ୍ରୋପଚାର। କୌଣସି ଉପାୟରେ ରୋଗ ଭଲ ନହେଲେ ଉପଯୁକ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ।

# ପାରଦର ନଦୀ ଏବଂ ପିରାମିଡ଼କୁ ରହିଛି ଗୁପ୍ତ ପଥ, ୭ଟି ଦ୍ୱାର ଖୋଲିବାକୁ ଭୟ କରୁଛନ୍ତି ସରକାର

ବିଶ୍ୱ ମାନଚିତ୍ରରେ ଏପରି କିଛି ଦ୍ୱାର, ଭଣ୍ଡାର ଏବଂ ଭଣ୍ଡାର ଅଛି । ଯେଉଁଠି ବର୍ତ୍ତମାନ ସମୟର ବିଜ୍ଞାନ ଏବଂ ଆଡ଼ଭାନ୍ସ ଟେକ୍ନୋଲୋଜି ମଧ୍ୟ ହାର ମାନିଯାଉଛି । ଏହାର ରହସ୍ୟ ଜାଣିବା ଖୁବ୍ କଷ୍ଟକର । ମହାକାଶ ଏବଂ ସମୁଦ୍ରର ଗଭୀରତା ମାପିଥିବା ବିଜ୍ଞାନ ବିଶ୍ୱର ଏହି ସାତଟି ରହସ୍ୟମୟ ଦ୍ୱାର ଆଗରେ ଅସହାୟ ହୋଇ ଠିଆ ହୋଇଛି। ବଡ଼ ବଡ଼ ମହାଶକ୍ତି ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟା ମଧ୍ୟ ଇତିହାସର ଏହି ବନ୍ଦ ଭଣ୍ଡାରଗୁଡ଼ିକୁ ଖୋଲିବାକୁ କାହିଁକି ଭୟ କରନ୍ତି ତାହା ଜାଣନ୍ତୁ।

**୧.** ପଦ୍ମନାଭସ୍ୱାମୀ ମନ୍ଦିରର ଭୋଲ୍ଟ ବି – କେରଳର ତିରୁବନନ୍ତପୁରମରେ ଥିବା ଶ୍ରୀ ପଦ୍ମନାଭସ୍ୱାମୀ ମନ୍ଦିରର ଭଣ୍ଡାରଗୁଡ଼ିକ ୨୦୧୧ ମସିହା ଜୁନ୍, ଜୁଲାଇରେ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ପାଞ୍ଚଟି ଦ୍ୱାର ଖୋଲାଯିବା ପରେ ବିଶ୍ୱକୁ ଚକିତ କରିଦେଇଥିଲା । ଏହି ଦ୍ବାରର କୌଣସି ତାଲା ନାହିଁ । ବିଶ୍ୱାସ କରାଯାଏ ଯେ ଏହାକୁ ପ୍ରାଚୀନ ସିଦ୍ଧ ପୁରୁଷମାନେ ନାଗ ପାଶମ୍ କିମ୍ବା ନାଗ ବନ୍ଧମ୍ ମନ୍ତ୍ର ବ୍ୟବହାର କରି ବନ୍ଦ କରିଥିଲେ । ଗରୁଡ ପୁରାଣର ସଠିକ୍ ଉଚ୍ଚାରଣ ସାହାଯ୍ୟରେ ଏହାକୁ ଖୋଲାଯାଇପାରିବ । ଆଧୁନିକ ଉପକରଣ ସାହାଯ୍ୟରେ ଖୋଲାଯିବା ଦେଶ ପାଇଁ ଏକ ବିପର୍ଯ୍ୟୟ କିମ୍ବା ଏକ ବଡ଼ ବିପର୍ଯ୍ୟୟ ସହିତ ସମାନ ହେବ ।

**୨.** ଚିନ୍ ଶିନ୍ ହୁଆଙ୍ଗଙ୍କ ସମାଧି– ୧୯୭୪ ମସିହାରେ, ଚୀନର ସିଆନରେ ଏକ କୂଅ ଖୋଳିବା ସମୟରେ, କିଛି ଚାଷୀ ମାଟି ସୈନିକଙ୍କ ଏକ ବିଶାଳ ସେନାକୁ ପାଇଲେ, ଯାହା ଆଜି ''ଟେରାକୋଟା ଆର୍ମି'' ନାମରେ ଜଣାଶୁଣା। ଏହି ସେନା ଚୀନର ପ୍ରଥମ ସମ୍ରାଟ କିନ୍ ଜିନ୍ ହୁଆଙ୍ଗଙ୍କ ସମାଧିକୁ ସୁରକ୍ଷା ଦେବା ପାଇଁ ସୃଷ୍ଟି କରାଯାଇଥିଲା। ଚୀନ୍ ଐତିହାସିକ ସ ି ମ । କି ୟାନଙ୍କ ପ୍ରାଚୀନ ଦଲିଲ ଦାବି କରେ ଯେ ସମ୍ରାଟ ଅମରତ୍ୱରେ ଆକ୍ରାନ୍ତ ଥିଲେ ଏବଂ ପାରଦକୁ ଏକ ଯାଦୁକରୀ ପଦାର୍ଥ ବୋଲି ବିବେଚନା କରୁଥିଲେ।



**୩.** ଗିଜାର ମହାନ ପିରାମିଡ୍ – ଗିଜାର ମହାନ ପିରାମିଡ୍ ମଧ୍ୟରେ ରାଜା ଏବଂ ରାଣୀଙ୍କ ପ୍ରକୋଷ୍ଠ ଅଛି । ରାଣୀଙ୍କ ପ୍ରକୋଷ୍ଠରେ, ଦୁଇଟି ଅତ୍ୟନ୍ତ ସଂକୀର୍ଣ୍ଣ ସୁଡ଼ଙ୍ଗ ଅଛି । ଯାହା ବାହାରକୁ ଖୋଲୁନାହିଁ ବରଂ ପିରାମିଡ୍ କାନ୍ଥ ଭିତରେ କୌଣସି ସ୍ଥାନରେ ଶେଷ ହୋଇଛି । ୧୯୯୩ ଏ ବ ୦ ୨୦୦୨ ରେ, ବୈଜ୍ଞାନିକମାନେ ଏହି ସଂକୀର୍ଣ୍ଣ ସୁଡ଼ଙ୍ଗ ମଧ୍ୟକୁ ଛୋଟ ରୋବୋଟିକ୍ କ୍ୟାମେରା ପଠାଇଥିଲେ। ସୁଡ଼ଙ୍ଗର ଶେଷରେ, ରୋବୋଟଗୁଡ଼ିକୁ ଦୁଇଟି ତମ୍ବା ପିନ୍ ସହିତ ଏକ ଛୋଟ ପଥର ଦ୍ୱାର ଦ୍ୱାରା ଅବରୋଧ କରାଯାଇଥିଲା। ଯେତେବେଳେ ବୈଜ୍ଞାନିକମାନେ ଏକ ରୋବୋଟିକ୍ ଡ୍ରିଲ୍ ସାହାଯ୍ୟରେ ପଥରରେ ଏକ ଛୋଟ ଗାତ ଖୋଳି କ୍ୟାମେରା ଭର୍ତି କଲେ, ସେମାନେ କିଛି ଫୁଟ ଦୂରରେ ଆଉ ଏକ ପଥର ଦ୍ୱାର ଆବିଷ୍କାର କଲେ, ଯାହା ଆଜି ପର୍ଯ୍ୟନ୍ତ ଖୋଲା ନାହିଁ। ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା ।

**୪.** ତିଆହୁଆନାକୋଙ୍କ ସୂର୍ଯ୍ୟ ଦ୍ୱାର – ସମୁଦ୍ର ପତ୍ତନଠାରୁ ପ୍ରାୟ ୧୩,୦୦୦ ଫୁଟ ଉଚ୍ଚତାରେ ବୋଲିଭିଆର ଆଣ୍ଡିଜ୍ ପର୍ବତମାଳାରେ ଅବସ୍ଥିତ ପ୍ରାଚୀନ ସହର ତିଆହୁଆନାକୋ ରହସ୍ୟମୟ ହୋଇ ରହିଛି। ଏହି ସହର ମଧ୍ୟରେ ସୂର୍ଯ୍ୟର ପ୍ରବେଶ ପଥ ରହିଛି। ଏହା କୌଣସି ସାଧାରଣ ଦ୍ୱାର ନୁହେଁ, ବରଂ ଏକ ବିଶାଳ ଗ୍ରାନାଇଟ୍ ମୋନୋଲିଥରୁ ଖୋଦିତ ଏକ ୧୦ ଟନ୍ ଓଜନର । ଏହି ଦ୍ୱାର ଉପରେ ଏକ ଅଜଣା ଦେବତା ଛବି ଖୋଦିତ । ଯାହା ୪୮ ଟି ରହସ୍ୟମୟ ଆକୃତି ଦ୍ୱାରା ଘେରି ହୋଇ ରହିଛି ।

**୫.** ମିଶରର ମହାନ ସ୍ଫିଙ୍କସ୍ – ମହାନ ସ୍ଫିଙ୍କସ୍‌ଙ୍କ ବିଶାଳ ପ୍ରତିମୂର୍ତ୍ତି, ଯାହା ସିଂହର ଶରୀର ଏବଂ ମଣିଷର ମୁଣ୍ଡ ସହିତ ଗିଜାର ପିରାମିଡ୍‌ର ସିଧାସଳଖ ବିପରୀତ ଦିଗରେ ଅବସ୍ଥିତ, ଶତାବ୍ଦୀ ଧରି ମାନବ କୌତୁହଳର କେନ୍ଦ୍ରବିନ୍ଦୁ ହୋଇ ରହିଛି। କିନ୍ତୁ ଏହାର ସର୍ବବୃହତ ରହସ୍ୟ ଏହାର ପୃଷ୍ଠ ତଳେ ରହିଛି, ଏକ ଗୁପ୍ତ ପ୍ରକୋଷ୍ଠ ଯାହା ଏପର୍ଯ୍ୟନ୍ତ ଅପ୍ରକାଶିତ ।

**୬.** ଟିଓଟିହୁଆକାନ – ୨୦୦୩ ମସିହାରେ ପ୍ରତ୍ନତତ୍ତ୍ୱବିଦମାନେ ମେକ୍ସିକୋରେ ଫ୍ଲୁମଡ୍ ସର୍ପେଣ୍ଟ ପିରାମିଡ୍ ତଳେ ଏକ ଗୁପ୍ତ ସୁଡ଼ଙ୍ଗ ଆବିଷ୍କାର କରିଥିଲେ । ଯାହାକୁ ପ୍ରାୟ ୧୮୦୦ ବର୍ଷ ଧରି ସମ୍ପୂର୍ଣ୍ଣ ଭାବରେ ବନ୍ଦ କରାଯାଇଥିଲା । ପ୍ରାଚୀନ ବିଶ୍ୱାସ ଅନୁଯାୟୀ, ଏହି ସୁଡ଼ଙ୍ଗ ପାତାଳରେ ଖୋଲେ।

**୭.** ସ୍ୱାଲବାର୍ଡ ବିଶ୍ୱ ବିହନ ଭଣ୍ଡାର – ଏହି ଭଣ୍ଡାର କୌଣସି ପ୍ରାଚୀନ ରାଜାଙ୍କ ଦ୍ୱାରା ସୃଷ୍ଟି କରାଯାଇ ନଥିଲା, ବରଂ ଆଧୁନିକ ମଣିଷମାନେ ନିଜେ ସୃଷ୍ଟି କରିଥିଲେ। ସ୍ୱାଲବାର୍ଡ ଗ୍ଲୋବାଲ୍ ସିଡ୍ ଭଣ୍ଡାର ଆର୍କଟିକ୍ ମହାସାଗରର ଏକ ଦୂରବର୍ତ୍ତୀ ନରୱେଜିଆନ୍ ଦ୍ୱୀପରେ ବରଫ ଭିତରେ ୪୦୦ ଫୁଟ ଗଭୀରରେ ନିର୍ମିତ ହୋଇଥିଲା। ଏହାକୁ ବିଶ୍ୱର ସବୁଠାରୁ ସୁରକ୍ଷିତ ଭଣ୍ଡାର ଭାବରେ ବିବେଚନା କରାଯାଏ, ଯାହାକୁ ଡୁମ୍ସଡେ ଭଣ୍ଡାର ମଧ୍ୟ କୁହାଯାଏ।

# କିପରି କଟିବ ଆଜିର ଦିନ

୨୫ ମେ ୨୦୨୬

**ମେଷ:** ମାଲିମକଦ୍ଦମା, ରାଜନୀତି କ୍ଷେତ୍ରରେ ଶୁଭଫଳ ପାଇବେ। ନିଜ ପରିବାର ସମ୍ବନ୍ଧରେ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। କର୍ମକ୍ଷେତ୍ରରେ ବୁଝାମଣା ନେଇ ତିକ୍ତତା ଦୂରେଇବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ।

**ବୃଷ:** ସହକର୍ମୀଙ୍କ ସହାୟତାରେ ଅର୍ଥ ଲାଭ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ। ଘରର କେତେକ ବ୍ୟତିକ୍ରମ ବିଷୟକୁ ନେଇ ଚିନ୍ତିତ ରହିବେ। କମ୍ପାନୀ କାମରେ ମାଲିକ ସହ ଛୋଟ କଥାରୁ ମନୋମାଳିନ୍ୟର ସୂଚନା ରହିଛି।

**ମିଥୁନ:** ବାରମ୍ବାର ଅସଫଳତା ହେତୁ ନିଜ ଲୋକଙ୍କ ଉପରୁ ଭରସା ତୁଟି ଯାଇପାରେ। କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀଙ୍କ ସହମତିରେ କାମ କଲେ ଉପକୃତ ହେବେ। ଅନିୟମିତ ଆହାର ଯୋଗୁ ଅସୁସ୍ଥ ହୋଇପାରନ୍ତି।

**କର୍କଟ:** ସ୍ୱାର୍ଥ ସାଧନ ଦିଗରେ ଅନ୍ୟକୁ ନିୟୋଜିତ କରିପାରନ୍ତି। ବନ୍ଧୁମାନଙ୍କ ସାହାଯ୍ୟରେ ବାଣିଜ୍ୟ, ଶିଳ୍ପ ଓ ବ୍ୟବସାୟରେ ଦ୍ୱନ୍ଦ୍ୱର ଅବସାନ ଘଟିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବାର ଆଶଙ୍କା ରହିଛି।

**ସିଂହ:** ରାଜନୀତି, ସଭାସମିତି ଓ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। ବନ୍ଧୁଙ୍କ ପ୍ରଭାବରେ ଅଟକି ରହିଥିବା କାମଟିକୁ ଆରମ୍ଭ କରିବାକୁ ମନ ବଳାଇବେ। ଅସାବଧାନତା କାରଣରୁ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ।

**କନ୍ୟା:** ଯୋଜନା ଅନୁଯାୟୀ କାର୍ଯ୍ୟ ହାସଲରେ ଅସୁବିଧା ରହିବ ନାହିଁ। ସହକର୍ମୀଙ୍କ ପରାମର୍ଶକୁ ଗ୍ରହଣ କଲେ ଉପକୃତ ହେବେ। ନୂତନ ବ୍ୟବସାୟରେ ଆଶାଜନକ ଫଳ ପାଇବେ। ବନ୍ଧୁଙ୍କ କଥା ଓ କାମକୁ ପ୍ରାଧାନ୍ୟ ଦେଇ ଘର କାମକୁ ଅବହେଳା କରିବେ।

**ତୁଳା:** କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଆର୍ଥିକ ସ୍ଥିତି ପୂର୍ବପରି ରହିବା କାରଣରୁ ମନରେ ସରସତା ରହିବ ନାହିଁ। କାର୍ଯ୍ୟସାଧନ କ୍ଷେତ୍ରରେ ସମ୍ପର୍କୀୟଙ୍କଠାରୁ ସାହାଯ୍ୟ ପାଇ ଖୁସି ହୋଇପାରନ୍ତି।

**ବିଛା:** କିଣାବିକା କ୍ଷେତ୍ରରେ ସତର୍କତା ଅବଲମ୍ବନ ନକଲେ ଠକାମିରେ ପଡ଼ିଯାଇପାରନ୍ତି। ବୃଥା ସନ୍ଦେହଜନିତ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ସାହିତ୍ୟ, ଚଳଚ୍ଚିତ୍ର ଓ ରାଜନୀତିରେ ଚେଷ୍ଟା ସଫଳ ହେବେ।

**ଧନୁ:** କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପ୍ରଶାସନିକ ଆଲୋଚନା କ୍ଷେତ୍ରରେ ଅପରାହ୍ନ ସମୟରେ ଟେନସନ୍ କିଛି ମାତ୍ରାରେ କମିଯିବ। ପର ଉପରେ ନିର୍ଭର ହେବା ପାଇଁ ବାଧ ହେବାକୁ ପଡ଼ିପାରେ।

**ମକର:** କାମ ହାସଲରେ ବିଳମ୍ବ ମନକୁ ଭାରାକ୍ରାନ୍ତ କରିବ। ଭଲ ସମ୍ପର୍କ ନଥିବା ବ୍ୟକ୍ତିମାନଙ୍କ ଦ୍ୱାରା ମିଥ୍ୟା ଗୁଜବରେ ଆତଙ୍କିତ ହୋଇପାରନ୍ତି। ଆକସ୍ମିକ ଭାବରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**କୁମ୍ଭ:** ପ୍ରତ୍ୟେକ କାମ ବିଳମ୍ବରେ ସମ୍ପନ୍ନ ହେବ। କର୍ମକ୍ଷେତ୍ରରେ କିଛି କରିବା ସକାଶେ ଯାହା ଓ ଯେପରି ଭାବୁଛନ୍ତି ତାହା ଆରମ୍ଭ କରିବା ଭଲ ହେବ। ସାମ୍ବାଦିକତା, ପ୍ରଶାସନ, ବାଣିଜ୍ୟ କ୍ଷେତ୍ରରେ ଶୁଭଫଳ ପାଇବେ।

**ମୀନ:** ବହୁ ପୂର୍ବରୁ ଚେଷ୍ଟା କରୁଥିବା କାମରେ ସଫଳତା ପାଇପାରନ୍ତି। ବନ୍ଧୁଙ୍କ ସଙ୍ଗ ଲାଭରୁ ଧର୍ମକାର୍ଯ୍ୟ ପାଇଁ ପ୍ରେରଣା ମିଳିପାରେ। ଘର ଲୋକମାନଙ୍କ ଉପରେ ଅଯଥା ବିରକ୍ତି ପ୍ରକାଶ କଲେ କଳହକୁ ନିମନ୍ତ୍ରଣ କରିବା ପରି ହୋଇପାରେ।

### ଆଇପିଏଲ:ମୁମ୍ବାଇକୁ ହରାଇ ସୁଯୋଗ ସୃଷ୍ଟି କଲା ରାଜସ୍ଥାନ

# ପ୍ଲେ-ଅଫ୍ ଲାଇନ ଅପ୍ ଚୂଡାନ୍ତ, ୨୬ରେ ପ୍ରଥମ ମୁକାବିଲା




ମୁମ୍ବାଇ ,୨୪।୫(ଏଜେନ୍ସି): ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଲାଗ ପର୍ଯ୍ୟାୟ ମୁକାବିଲା ରବିବାର ଶେଷ ହେବା ପରେ ପ୍ଲେଅଫ ପର୍ଯ୍ୟାୟ ଲଢ଼େଇ ଚିତ୍ର ସ୍ପଷ୍ଟ ହୋଇଯାଇଛି।୨୦୦୮ ଆଇପିଏଲର ପ୍ରଥମ ସଂସ୍କରଣରେ ଚାମ୍ପିଅନ ରାଜସ୍ଥାନ ରୟାଲ୍ସ ୧୬ ଅଙ୍କ ସହିତ ପ୍ଲେଅଫରେ ପହଞ୍ଚିବାରେ ଚତୁର୍ଥ ଟିମ୍ ହୋଇଛି। ରାଜସ୍ଥାନ ରୟାଲ୍ସ ନିଜର ଶେଷ ଲିଗ ମ୍ୟାଚରେ ରବିବାର ମୁମ୍ବାଇ ଇଣ୍ଡିଆନ୍ସକୁ ୩୦ ରନରେ ପରାସ୍ତ କରିଛି। ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ରାଜସ୍ଥାନ ରୟାଲ୍ସ ୮ ୱିକେଟ ହରାଇ ୨୦୫ ରନ କରିଥିବା ବେଳେ ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୯ ୱିକେଟ୍ ହରାଇ ୧୭୫ ରନ୍ ସଂଗ୍ରହ କରିଥିଲା। ରାଜସ୍ଥାନର ଏହି ସଫଳତା ପ୍ଲେଅଫ ଖେଳିବା ସୁଯୋଗ ଆଣି ଦେଇଛି। ରାଜସ୍ଥାନର ଏହି ବିଜୟ ପଞ୍ଜାବ କିଙ୍ଗ୍ସ ଏବଂ କୋଲକାତା ନାଇଟ୍ ରାଇଡର୍ସକୁ ଟୁର୍ଣ୍ଣାମେଣ୍ଟରୁ ବାହାର କରବାରେ ସଫଳ ହୋଇଛି। ଏହା ସହିତ ଅବଶିଷ୍ଟ ଦଳ ଗୁଡିକର ଆଇପିଏଲ ଅଭିଯାନ ମଧ୍ୟ ଶେଷ ହୋଇଛି। ତେବେ ବିଗତ ବର୍ଷର ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପଏଣ୍ଟ ତାଲିକାରେ ପ୍ରଥମ, ଗୁଜରାଟ ଦ୍ୱିତୀୟ ଏବଂ ହାଇଦ୍ରାବାଦ ତୃତୀୟ ଏବଂ ରାଜସ୍ଥାନ ଚତୁର୍ଥ ସ୍ଥାନ ହାସଲ କରିଛି।

### ପ୍ଲେଅଫ୍ ମୁକାବିଲା

କ୍ୱାଲିଫାୟର–୧: ବେଙ୍ଗାଲୁର ବନାମ ଗୁଜରାଟ: ମେ ୨୬
ଏଲିମିନେଟର: ହାଇଦ୍ରାବାଦ ବନାମ ରାଜସ୍ଥାନ: ମେ ୨୭
କ୍ୱାଲିଫାୟର–୧ର ବିଜେତା ସିଧାସଳଖ ଫାଇନାଲକୁ ପହଞ୍ଚିବ
କ୍ୱାଲିଫାୟର–୧ର ପରାଜିତ ଦଳ କ୍ୱାଲିଫାୟର–୨ର ଏଲିମିନେଟର ବିଜେତା ସହ ମେ ୨୯ରେ ମୁକାବିଲା କ୍ୱାଲିଫାୟର–୨ର ବିଜେତା ଫାଇନାଲରେ କ୍ୱାଲିଫାୟର–୧ ବିଜେତାଙ୍କୁ ମେ ୩୧ରେ ଭେଟିବ

## ସମିରନ ସୁକୁମାର ନାୟକ ସ୍ମାରକୀ ଚେସ: ସଞ୍ଜିବନ ଚାମ୍ପିଅନ




ଭୁବନେଶ୍ୱର,୨୪।୫(ନି.ପ୍ର): ଓଡିଶା ଷ୍ଟେଟ ଚେସ ଆସୋସିଏସନ ଆନୁକୂଲ୍ୟରେ ଚଳିତ ମେ ୨୪ ତାରଖ ଦିନ କେଶୁରା ସ୍ଥିତ୍ ରୟାଲ ପବ୍ଲିକ ସ୍କୁଲ ଠାରେ ଦ୍ୱିତୀୟ ସମିରନ ସୁକୁମାର ନାୟକ ସ୍ମାରକୀ ଚେସ ଚାମ୍ପିଅନଶିପ ଅନୁଷ୍ଠିତ ହୋଇ ଯାଇଛି। ଦୀପ୍ତିରଞ୍ଜନ ନାୟକ, ପ୍ରୋଜେକ୍ଟ ହେଡ୍ ,ଟିସିଏସ,ଭୁବନେଶ୍ୱର ଏହି ଚାମ୍ପିଅନଶିପକୁ ଉଦଘାଟନ କରିଥିବା ବେଳେ ପୁରସ୍କାର ବିତରଣୀ ଉତ୍ସବରେ କେଶୁରା ରୟାଲ ପବ୍ଲିକ ସ୍କୁଲର ଭିସ ପ୍ରିନ୍ସିପାଲ ପ୍ରଜ୍ଞା ପରମିତା ସାହୁ, ସ୍ୱର୍ଗତ ସମିରନ ସୁକୁମାର ନାୟକଙ୍କ ମାତା ମଧୁସ୍ମିତା ନାୟକ, ଓଡିଶା ଷ୍ଟେଟ ଚେସ ଆସୋସିଏସନର ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ ଓ ସ୍ୱର୍ଗତ ସମିରନ ସୁକୁମାର ନାୟକଙ୍କ ଭଉଣୀ ଦୀପିକା ଦୀପନୱିତା ନାୟକ ପ୍ରମୁଖ ଯୋଗ ଦେଇଥିଲେ।

ଫାଇନାଲ ପଞ୍ଚମ ରାଉଣ୍ଡ ସମାପ୍ତ ସୁଦ୍ଧା ଯାଜପୁରର ସଞ୍ଜିବନ ନାୟକ ସର୍ବାଧିକ ୫.୦ ପଏଣ୍ଟ ହାସଲ କରି ଚାମ୍ପିଅନ ହୋଇଛନ୍ତି। କନ୍ଧମାଳର ଲୋରେନ୍ସ ପ୍ରଧାନ, ଭୁବନେଶ୍ୱରର ଅଞ୍ଜଳୀ ମିଶ୍ର ଓ ନଟବର ଦାସ ଏବଂ ପୁରୀର ମହେଶ ପ୍ରସାଦ ସେଠୀ ପ୍ରତ୍ୟେକ ୪.୦ ପଏଣ୍ଟ ଲେଖାଏଁ ପାଇ ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ପାଇଛନ୍ତି। ସେହିପରି ଭୁବନେଶ୍ୱରର ସ୍ୱସ୍ତିକ ତ୍ରିପାଠୀ ଓ ମନିଶ ରଞ୍ଜନ ଦାସ ପ୍ରତ୍ୟେକ ୪.୦ ପଏଣ୍ଟ ଲେଖାଏଁ ହାସଲ କରି ଷଷ୍ଠ ଓ ସପ୍ତମ ଏବଂ ବାଲେଶ୍ୱରର ସୁଭେନ୍ଦୁ କୁମାର ପାତ୍ର ୩.୦ ପଏଣ୍ଟ ସହିତ ଅଷ୍ଟମ ସ୍ଥାନ ଅକ୍ତିଆର କରିଛନ୍ତି।

ଏଜ ଗ୍ରୁପରେ ୭ ବର୍ଷରୁ କମ ବର୍ଗରେ ଶ୍ରେୟାଂଶ ରଥ ପ୍ରଥମ, ୯ ବର୍ଷରୁ କମ ବର୍ଗରେ ଅନନ୍ୟା ଅନ୍ୱେଶା ମିଶ୍ର ପ୍ରଥମ,ଆଦ୍ୟାଶ୍ରୀ ନାୟକ ଦ୍ୱିତୀୟ, ୧୧ ବର୍ଷରୁ କମ ବର୍ଗରେ ଯୁବାନ ଶେକର ନାୟକ ପ୍ରଥମ,ଅଦଭିକ ମହାନ୍ତି ଦ୍ୱିତୀୟ,୧୩ ବର୍ଷରୁ କମ ବର୍ଗରେ ଅରିଶ ନନ୍ଦ ଗୋସ୍ୱାମୀ ପ୍ରଥମ ,ଓମ ଶତପଥି ଦ୍ୱିତୀୟ ଏବଂ ବାଳିକା ବର୍ଗରେ ଦିବ୍ୟା ଦାସ ପ୍ରଥମ ଓ ସ୍ଥିତପ୍ରଜ୍ଞା ପଟ୍ଟନାୟକ ଦ୍ୱିତୀୟ ସ୍ଥାନ ପାଇଛନ୍ତି। ଏହା ସହିତ ପ୍ରିୟଦର୍ଶନ ରାୟ,ଅତିଶ ନନ୍ଦଗୋସ୍ୱାମୀ, ଆୟୁଷ୍ମାନ ବେହେରା, ଦିବ୍ୟାଂଶ ନାୟକ, ସନ୍ଦିପ ବେହେରା,ବେଦଦ୍ୟୁତି ପାଣିଗ୍ରାହୀ ,ସତ୍ୟ ମାଧବ ସତପଥି ଏବଂ ମୟଙ୍କ ବରାଳଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରା ଯାଇଛି।

## ମାଇକେଲ କିଣ୍ଡୋ ସ୍ମାରକୀ ମହିଳା ହକି ଚାମ୍ପିଅନଶିପ ଲିଗ୍ ପର୍ଯ୍ୟାୟ ଶେଷ

**୨୬ରେ ସେମିଫାଇନାଲ**

ଭୁବନେଶ୍ୱର,୨୪।୫(ନି.ପ୍ର): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ହକି ଆସୋସି,ସନ ଅପ ସହାର ସହଯୋଗରେ ଭୁବନେଶ୍ୱର ହକି କ୍ଲବ ଟ୍ରଷ୍ଟ ଆନୁକୂଲ୍ୟରେ ଚାଲିଥିବା ଦ୍ୱିତୀୟ ମାଇକେଲ କିଣ୍ଡୋ ସ୍ମାରକୀ ଚାମ୍ପିଅନଶିପ ଟ୍ରଫି –ଅଲ ଇଣ୍ଡିଆ ମହିଳା ହକି ଚାମ୍ପିଅନଶିପର ଲିଗ ପର୍ଯ୍ୟାୟ ମୁକାବିଲା ରବିବାର ଶେଷ ହୋଇଛି। ଆସନ୍ତା ୨୬ ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ସେମିଫାଇନାଲରେ ସାଉଥ ଇଷ୍ଟର୍ଣ୍ଣ ରେଲୱେ ସହିତ ସିଆଇଏସଏଫ ଏବଂ ଦ୍ୱିତୀୟ ସେମିଫାଇନାଲରେ ସୁନ୍ଦରଗଡ ସ୍ପୋର୍ଟ୍ସ ହଷ୍ଟେଲ ଓ ସାଇ କୋଲକାତା ପରସ୍ପରକୁ ଭେଟିବେ।



ମାଇକେଲ କିଣ୍ଡୋ ହକି ଚାମ୍ପିଅନ୍ସିପ୍‌ର ତୃତୀୟ ଦିନ ମ୍ୟାଚ ଅବସରରେରେ ଯୋଗ ଦେଇଥିବା ପ୍ରମୁଖ ଅତିଥିଗଣ।

## ଅପାତକାଳୀନ ସେବା ପାଇଁ ୧୦ ଅଟୋ ଆମ୍ବୁଲାନ୍ସ




ଭୁବନେଶ୍ୱର,୨୪।୫ (ନି.ପ୍ର): ପଳାଶୁଣୀ ସ୍ଥିତ ମା' ଭବାନୀ ରିସର୍ଟଠାରେ ପୂର୍ବତନ ଏମ୍.ପି ଡ଼ ଅମର ପଟ୍ଟନାୟକଙ୍କ ଦ୍ୱାରା ଏକ ନିଃଶୁଳ୍କ ଅଟୋ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଛି। ଏଥିରେ ରାଜ୍ୟର ବିଭିନ୍ନ ଅନୁଷ୍ଠାନ ଓ ସଂଗଠନକୁ ଏହି ଆମ୍ବୁଲାନ୍ସ ସେବା ପ୍ରଦାନ କରିବା ପାଇଁ ନିଃଶୁଳ୍କ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଅଛି। ଏହା ପୂର୍ବତନ ଏମ.ପି ରାଜ୍ୟସଭା ଡ଼ ଅମର ପଟ୍ଟନାୟକଙ୍କ ବ୍ୟକ୍ତିଗତ ପାଣ୍ଠିର ସଦୁପଯୋଗ, ଯାହାକି ଅସହାୟ ଏବଂ ନିରୀହ ଜନତାଙ୍କ ସେବା ପାଇଁ ଉତ୍ସର୍ଗୀକୃତ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ସହଯୋଗର ହାତ ବଢ଼ାଇଥିଲେ ରୋଟାରୀ ଜିଲ୍ଲା ୩୨୬୨ର ବିଭିନ୍ନ କ୍ଲବର ସଦସ୍ୟ ତଥା ପ୍ରାକ୍ତନ ପ୍ରାନ୍ତପାଳ ରୋଟାରିୟାନ ଜୟଶ୍ରୀ ମହାନ୍ତି, ରୋଟାରିୟାନ ଯଜ୍ଞାଶିଷ ମହାପାତ୍ର, ଏବଂ ଅନ୍ୟାନ କର୍ମକର୍ତ୍ତା ବୃନ୍ଦ। ଏହି ଅଟୋ ଆମ୍ବୁଲାନ୍ସ ସେବା ଯୋଗାଇବାର ମୁଖ୍ୟ ଉଦେଶ୍ୟ ହେଉଛି ଯେ ଯେଉଁ ଜାଗାକୁ ୧୦୮ ଯିବାପାଇଁ ଅସମର୍ଥ, ସେଠାକୁ ଅଟୋ ଆମ୍ବୁଲାନ୍ସ ସହଜରେ ପହଞ୍ଚି ସାଧାରଣ ଲୋକଙ୍କୁ ସେବା ଯୋଗାଇ ପାରିବ।

### କଣ୍ଟିଲୋ ରାମଲୀଳା ଦିତୀୟ ରାତ୍ର

## ଧନୁଭଗ୍ନ ଓ ସୀତା ସ୍ୱୟଂବର

କଣ୍ଟିଲୋ,୨୪।୫(ନି.ପ୍ର): କଣ୍ଟିଲୋ ମାଧବ ଚୌଧୁରୀ ପାଟଣା ପ୍ରଭୁ ଶ୍ରୀ ରଘୁନାଥ ଜିଉ ରାମଲୀଳା ନାଟ୍ୟ ସମିତି ଆନୁକୁଲ୍ୟରେ ଗତକାଲି ଶନିବାର ଦିତୀୟ ରାତ୍ରରେ ରାମ ନାଟକ ଧନୁଭଗ୍ନ ଓ ସୀତା ସ୍ୱୟଂମ୍ବର ଅନୁଷ୍ଠାନର ଅଭିଜ୍ଞ କଳାକାରମାନଙ୍କ ଦ୍ୱାରା ପ୍ରଦର୍ଶନ ହୋଇ ଯାଇଛି। ଶ୍ରୀରାମ, ଲକ୍ଷ୍ମଣ ଓ ସୀତା ଭୂମିକାରେ ଦୀପକ୍, ଅନୁ ଓ ଓମ୍ ଅଭିନୟ କରିଥିଲାବେଳେ, ବିଶ୍ୱାମିତ୍ର ଭାବେ ବିରଞ୍ଚି, ଜନକ ଭାବେ ବିଶ୍ୱନାଥ, ଧୀବର ଭାବେ ଆଶିଷ ଅଭିନୟ କରୁଥିଲେ। ଧନୁଭଗ୍ନ ପାଇଁ ଅଭିନୟ କରିଥିବା ରାଜା ଗଣ ଯଥା – ସୋମକେଶୀ, କର୍ଣାଟେଶ, ପିଙ୍ଗେଶ, କ୍ଲାସିରେସ, ମଗଧେଶ, ଗାନ୍ଧାରେସ ଓ କୌନଜ ରାଜାମାନେ ହେଲେ ଯଥାକ୍ରମେ ଶିଶିର, ପ୍ରଭାତ,କଳାକାହ୍ନୁ, ମିଥୁନ, ରାଜା, କୁନା ଓ ବିଧାନଛଏହା ବ୍ୟତୀତ ସତ୍ୟାନନ୍ଦ, ସୁମନ୍ତ ଓ ମହୁମାୟା ଭାବେ ଯଥାକ୍ରମେ ସରୋଜ, କୁଳମଣି ଓ ଶୁଭମ୍ ଅଭିନୟ କରିଥିଲାବେଳେ, ଦୁଇବାଳା ଭାବେ ପୂପନ୍, ଦୀପକ୍, ଚିଣ୍ଟୁ, ରାହୁଲ, ଆଶୀର୍ବାଦ, ଶୁଭମ୍, ଶ୍ରୀକାନ୍ତ ଓ ରୁଦ୍ର ଅଭିନୟ କରିଥିଲେ। ରବିବାର ତୃତୀୟ ରାତ୍ରରେ ରାମ ପର୍ଶୁରାମ ଭେଟ ନାଟକ ପ୍ରଦର୍ଶନ ହେବ ବୋଲି ଅନୁଷ୍ଠାନର କର୍ମକର୍ତ୍ତା ସୂଚନା ଦେଇଛନ୍ତି।

## ଯୁକ୍ତ ଦୁଇ ପରୀକ୍ଷାରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ରାହାମା, ୨୪।୫ (ନି.ପ୍ର): ରାହାମା କଲେଜ ଛକରେ ଥିବା ଆଇ.ଟି.ସି.ଟି ସାଇନ୍ସ ପଏଣ୍ଟ କୋଚିଙ୍ଗ ଅନୁଷ୍ଠାନର ସମସ୍ତ ଛାତ୍ର ଛାତ୍ରୀ ଚଳିତ ବର୍ଷ ବାର୍ଷିକ ୨ ବିଜ୍ଞାନ ଓ କଳା ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରି ଅନୁଷ୍ଠାନର ଓ ଏହି ଅଞ୍ଚଳର ଗୌରବ ବଢାଇଛନ୍ତି। ମାଟ୍ରିକ ପରୀକ୍ଷାରେ ଅଳ୍ପ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାର୍ଥୀମାନେ ମଧ ଏହି ଅନୁଷ୍ଠାନର ଉନ୍ନତ ମାନର ଶିକ୍ଷାଦାନ ପଦ୍ଧତି ଓ ସର୍ବୋପରି ଏହାର ପ୍ରତିଷ୍ଠାତା ରାକେଶ କୁମାର ବାରିକଙ୍କ ନିଷ୍ଠାପର ଉଦ୍ୟମ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଯୋଗୁ ୨ ବିଜ୍ଞାନ ଓ କଳା ପରୀକ୍ଷାରେ ଏଭଳି ସଫଳତା ହାସଲ କରିବା ସମ୍ଭବ ହୋଇ ପାରିଛି। ଏବର୍ଷ ଏହି ଅନୁଷ୍ଠାନରୁ ସମୁଦାୟ ୪୨ ଜଣ ବିଜ୍ଞାନ ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ସର୍ବୋଚ୍ଚ ମାର୍କ ରଖି ପ୍ରଥମ ଶ୍ରେଣୀରେ ୩୨ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୨ କଳା ପରୀକ୍ଷାରେ ୨୮ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଅନୁଷ୍ଠାନର ସୁନାମ ଅତୁଟ ରଖିଛନ୍ତି। ବିଜ୍ଞାନରେ ଚିନ୍ମୟୀ ବାରିକ, ସ୍ୱପ୍ନା ତରାଇ, ରାହୁଲ୍ ସ୍ୱାଇଁ ଏବଂ କଳାରେ ରାଜଶ୍ରୀ ବେହେରା, ସୋନାଲି ପ୍ରଧାନ, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ସର୍ବାଧିକ ମାର୍କ ରଖିଛନ୍ତି।

ପ୍ରତିବର୍ଷଭଳି ଏବର୍ଷ ମଧ ଅନୁଷ୍ଠାନରେ କୃତୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା। ଉତ୍ସବରେ ଛାତ୍ର ଛାତ୍ରୀଙ୍କ ସମେତ ଅନୁଷ୍ଠାନର ସବୁ ଅଧ୍ୟାପକ, ଅଧ୍ୟାପିକାମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତଙ୍କୁ ଉପଢୌକନ, ଫୁଲତୋଡା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଷ୍ଠାତା ରାକେଶ କୁମାର ବାରିକ୍ ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପକ ଡକ୍ଟର କ୍ଷୀରୋଦ କୁମାର ଓଝା, ପ୍ରଦ୍ୟୁମ୍ନ କିଶୋର ମିଶ୍ର, ସନ୍ତୋଷ ଖୁଣ୍ଟିଆ, ଲାବଣ୍ୟ ସାହୁ , ଜଗନ୍ନାଥ ସେଠୀ ପ୍ରମୁଖ ନିଜ ଉଦବୋଧନ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଦୃଢ଼ ନିଷ୍ଠା ଓ କଠିନ ପରିଶ୍ରମ ସହ ଆଗକୁ ଅଧ୍ୟୟନ ଜାରି ରଖିବାକୁ କହିଥିଲେ।

## ବରିଷ୍ଠ ଓକିଲଙ୍କ ପରଲୋକ

ବଲାଙ୍ଗୀର, ୨୪।୫ (ନି.ପ୍ର): ବାଲାଙ୍ଗୀରରେ କାର୍ଯ୍ୟରତ ଆଇନଜୀବୀ ତଥା ସେଣ୍ଟ୍ରାଲ ନୋଟାରୀ ଗୋବିନ୍ଦ ବେହେରାଙ୍କ ୬୦ବର୍ଷ ବୟସରେ ହୃଦଘାତରେ ପରଲୋକ ହୋଇ ଯାଇଛି। ଗତକାଲି ରାତିରେ ନିଜ ହସ୍ପିଟାଲ ରୋଡ଼ ସ୍ଥିତ ବାସଭବନରେ ହଠାତ୍ ଶ୍ରୀ ବେହେରା ଅସୁସ୍ଥ ହୋଇଯିବାରୁ ତାଙ୍କୁ ତୁରନ୍ତ ପ୍ରାଇଭେଟ୍ ମେଡିକାଲରେ ଭର୍ତି କରାଯାଇଥିଲା। ଡାକ୍ତରଙ୍କ ପ୍ରଚେଷ୍ଟା ସତ୍ତ୍ୱେ ରାତି ସାଢ଼େ ୧୧ଟା ସମୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ଶଯ୍ୟାରେ ତାଙ୍କର ପୁଅ ଓ ବିଧବା



ପତ୍ନୀ ଉପସ୍ଥିତ ଥିବାବେଳେ ବାଙ୍ଗାଲୋରରେ ରହୁଥିବା ଝିଅ ଆସିଲା ପରେ ଅନ୍ତେଷ୍ଟି କ୍ରିୟା ଅନୁଷ୍ଠିତ ହୋଇଥିଲା। ଗୋବିନ୍ଦ ବେହେରା ଜଣେ ଆମାୟିକ ଓ ଭଦ୍ର ମଣିଷ ଭାବରେ ପରିଚିତ ଥିଲେ। ୧୯୯୪ ମସିହା ଏପ୍ରିଲ ୮ତାରିଖରେ ବଲାଙ୍ଗୀର ଜିଲ୍ଲା ବାର୍‌ରେ ଜଣେ ଓକିଲ ଭାବରେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। ତତ୍କାଳୀନ ବରିଷ୍ଠ ଆଇନଜୀବୀ ଶୁଭ୍ରାଂଶୁ ଶେଖର ମିଶ୍ରଙ୍କ ଜୁନିୟର ଭାବରେ ନିଜର ଓକିଲାତି ପେଶା ଆରମ୍ଭ କରି ପରବର୍ତ୍ତୀ ସମୟରେ ଶ୍ରୀ ବେହେରା ସେଣ୍ଟ୍ରାଲ ନୋଟାରୀ ଭାବରେ ସଫଳତାର ସହ କାର୍ଯ୍ୟ କରିଥିଲେ। ଜିଲ୍ଲା ଓକିଲ ସଂଘର ଯୁଗ୍ମ ସମ୍ପାଦକ ଭାବରେ ଦୁଇ ଦୁଇ ଥର ଦାୟିତ୍ୱ ସମ୍ଭାଳି ଥିବା ଶ୍ରୀ ବେହେରା ଜିଲ୍ଲା ବାରିକ ସମାଜର ଜଣେ ସକ୍ରିୟ ସଭ୍ୟ ଭାବରେ ନିଜର ସାଙ୍ଗଠନିକ ଦକ୍ଷତା ପ୍ରତିପାଦନ କରିଥିଲେ। ଶ୍ରୀ ବେହେରାଙ୍କ ଅକାଳ ବିୟୋଗରେ ସହରରେ ଶୋକର ଛାୟା ଖେଳି ଯାଇଛି। ବଲାଙ୍ଗୀର ସିଭିଲ କୋର୍ଟ ପରିସରରେ ବଲାଙ୍ଗୀର ଜିଲ୍ଲା ଓକିଲ ସଂଘ ତରଫରୁ ଏହି ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

## ପେଟ ପାଟଣା ଆଗରେ ହାର ମାନିଛି ତାତି

ଅସ୍ତରଙ୍ଗ, ୨୪।୫ (ନି.ପ୍ର): କମାର ଶାଳର ନିଆଁ ସହିତ ଖେଳୁଥିବା ବ୍ୟକ୍ତି ଜଣେ ଜଣେ ସୁଦକ୍ଷ କାରିଗର। ନିଆଁର ଝାସକୁ ସହିଯାଇ ଦେହର ଝାଳକୁ ନିଜ ପିନ୍ଧାବସ୍ତ୍ରରେ ପୋଛି ଏମାନେ ଜଣେ କାରିଗର। ଏମାନେ ପ୍ରତିଦିନ ଗରମ ଲୁହାକୁ ଭିନ୍ନ ଏକ ରୂପ ଦିଅନ୍ତି। ଏଠି ହାତୁଡିରେ ପାହାର ପଡିଲେ ସେଠି ଘରେ ଚୁଲି ଜଳେ। ଏଠି ନିଆଁ ସହ ସମୟ ବିତାଇଲେ



ସେଠି ପରିବାର ଚଳେ। ପ୍ରଚଣ୍ଡ ଖରା, ଶୂନଶାନ ରାସ୍ତାଘାଟ ଭିତରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ସାପ୍ତାହିକ ହାଟ ମଧ୍ୟରେ କମାର ଶାଳ। ଯେଉଁଠି ବାହାର ଗରମକୁ ଖାତିରି ନ କରି ପରିବାର ପାଇଁ ପାହାର ପଡୁଥିଲା ଲୁହା ଉପରେ। ନିଜର ବର୍ଷ ବର୍ଷର ବୃତ୍ତି ଆଗରେ ସବୁ କଷ୍ଟକୁ ସ୍ୱୀକାର କରିଛନ୍ତି କମାର। ଜ୍ୱଳନ୍ତ ଅଙ୍ଗାର ନିଆଁରେ ଗରମ ଲୁହାକୁ ହାତୁଡିରେ ପିଟି ତିଆରି କରୁଛନ୍ତି କୋଦାଳ, ଦାଆ, କୋଡ଼ି ସହ ଅନ୍ୟାନ୍ୟ ଲୁହା ସାମଗ୍ରୀ। କାରଣ ଗ୍ରାହକଙ୍କୁ ଜବାବ ଦେଇଛନ୍ତି ଠିକ ସମୟରେ ଜିନିଷ ଦେବେ। ପୂର୍ବ ପୁରୁଷରୁ ପରମ୍ପରା କ୍ରମେ କମାର ଶାଳ ବୃତ୍ତି କରି ଆସୁଛନ୍ତି ଅସ୍ତରଙ୍ଗ ଅଞ୍ଚଳର କାରିଗର। ଏମାନେ କୁହନ୍ତି ବୃତ୍ତି ଆମ ପୋଷେ କୁଟୁମ୍ବ। ଚଳିତ ବର୍ଷ ରୋଦ୍ରତାପ କମାର ଶାଳର କଷ୍ଟକୁ ଦ୍ୱିଗୁଣିତ କରିଛି। ସରକାରୀ ସ୍ତରରେ ସହାୟତା ମିଳିଲେ କମାର ଶାଳରେ ଜୀବିକା ନିର୍ବାହ କରୁଥିବା କାରିଗରଙ୍କ କଷ୍ଟ କିଛି ମାତ୍ରାରେ ଲାଘବ ହୁଅନ୍ତା।

## ଜୁନ ୨୦ରେ ରୁମକୁ ଝୁମାନା କଳା ପରିଷଦର ବାର୍ଷିକ ଉତ୍ସବ




କଟକ, ୨୪।୫ (ନି.ପ୍ର): ରାଜ୍ୟର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ରୁମକୁଝୁମାନା କଳା ପରିଷଦର ୫ମ ବାର୍ଷିକ ଉତ୍ସବ ଆସନ୍ତା ଜୁନ ୨୦ ରେ ଭୁବନେଶ୍ୱର ସ୍ଥିତ ରବିନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ ବୋଲି ଆଜି ପରିଷଦର ପ୍ରତିଷ୍ଠାତା ତଥା ସଂଯୋଜିକା ସ୍ମୃତି ପଟ୍ଟନାୟକ ବାଖରାବାଦ ସ୍ଥିତ ଗାନ୍ଧୀ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଛାତ୍ରଛାତ୍ରୀ ଓ ମହିଳାମାନେ ଅଂଶଗ୍ରହଣ କରି ସୁଗୃହିଣୀ, ସମ୍ବଲପୁରୀ, ଓଡ଼ିଶୀ, ରାମ୍ପସୋ, ମର୍ଦ୍ଦଳ ନୃତ୍ୟ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପରିବେଷଣ କରିବେ। ଏହି ଅବସରରେ ଏକାମ୍ର ପ୍ରତିଭା ସମ୍ମାନ ପ୍ରଦାନ କରାଯିବା ସହିତ ପ୍ରତିଯୋଗୀମାନଙ୍କୁ ଟ୍ରଫି, ସାର୍ଟିଫିକେଟ ଓ ଗୃହିଣୀମାନଙ୍କୁ ଶାଢ଼ୀ, ଶଙ୍ଖା, ସିନ୍ଦୂର ପୁରସ୍କୃତ କରାଯିବ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ପ୍ରତିଷ୍ଠାତା ଶ୍ରୀମତୀ ପଟ୍ଟନାୟକ କହିଥିଲେ । ଆସନ୍ତା ଜୁନ ୧୦ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ପାଇଁ ରେଜିଷ୍ଟ୍ରେସନ ଚାଲିବ ବୋଲି ଆୟୋଜକଙ୍କ ତରଫରୁ ସୂଚନା ଦିଆଯାଇଛି । ଏହି ସମ୍ମିଳନୀରେ ପରିଷଦର ସଭାପତି ସ୍ୱୟଂ ସାର୍ଥକ ସାମନ୍ତରାୟ, ସଂପାଦକ ଦତ୍ତାତ୍ରୟ ପଟ୍ଟନାୟକ, ସଂଯୁକ୍ତା ପଣ୍ଡା, ସୁଶ୍ରିତା ରଥ, ଅରୁନ୍ଧତୀ ମିଶ୍ର, ଆଇନଜୀବି ପ୍ରକାଶ ଚନ୍ଦ୍ର ଦାସ, ମନିଷ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଧାୟିକା ସୋଫିଆଙ୍କ ଜନସଂପର୍କ ପଦଯାତ୍ରା



କଟକ, ୨୪।୫ (ନି.ପ୍ର): କଟକ ନଗର ଅନ୍ତର୍ଗତ ୧୦ ନଂ ୱାର୍ଡ଼ରେ ଜନ ସଂପର୍କ ପଦଯାତ୍ରାକୁ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଶନିବାର ଶେଷ କରିଛନ୍ତି । ରାମଗଡ଼ ଛକରୁ ଏହି ପଦଯାତ୍ରା ବାହାରି ମାନସିଂପାଟଣା ଦେଇ ମସ୍ତରାମ ନାଥଦେଇ ଶେଖ ବଜାର ଦେଇ ଚଣ୍ଡୀଛକ ବାଟେ କେଉଁଝର କଲୋନୀ ଦେଇ କନିକା ଛକଠାରେ ସମାପ୍ତ ହୋଇଥିଲା । ଏହି ପଦଯାତ୍ରାରେ ଅଂଚଳର ଲୋକଙ୍କ ଘରକୁ ଘର ଯାଇ ସମସ୍ୟା ବୁଝିବା ସହିତ କୁନି କୁନି ପିଲାମାନଙ୍କୁ ଚକଲେଟ ବାଂଟିଥିଲେ ଏବଂ ବିଭିନ୍ନ ପୂଜା କମିଟିର ସଭାପତି ଓ ସଂପାଦକମାନେ ବିଧାୟିକାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ପଦଯାତ୍ରା ସମୟରେ ବିଧାୟିକା ୱାର୍ଡ଼ବାସୀଙ୍କ ସହ ସେମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ଲଗାତାର ଡ୍ରେନ ସଫା ହେଉନି, ବରିଷ୍ଠ ନାଗରିକଙ୍କର ଭତ୍ତା, ଆବାସ ଯୋଜନାରେ ଘର, ପାନୀୟଜଳ ଓ ବାରମ୍ବାର ବିଦ୍ୟୁତ କାଟ ଭଳି ବିଭିନ୍ନ ସମସ୍ୟା ବିଷୟରେ କହିଥିଲେ । ତୁରନ୍ତ ଏହି ଦିଗରେ ପଦକ୍ଷେପ ଗ୍ରହଣ କରିଯିବ ବୋଲି ବିଧାୟିକା କହିଛନ୍ତି । ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ଏଥିରେ ସାମିଲ ହୋଇ ସ୍ଥାନୀୟ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ବିକ୍ରମ ସାମଲ, ନୂତନ ଦାସ, ଆସିଫ ଖାନ, ଅଫସନା ବେଗମ, ପୂର୍ଣ୍ଣିମା ବେହେରା, ରାଜଶ୍ରୀ ପାତ୍ର, ଅଙ୍ଗୁରୀ ବେଗମ, ସଂଜୟ ଦାସ, ଜଫର ଖ୍ୱା, ବସନ୍ତ ନାୟକ, ଯୁଗଳ ସାମଲ ମଧ୍ୟରେ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ଅବସରରେ ପଦଯାତ୍ରା କମିଟିର ଅଧକ୍ଷ ବିରେନ୍ଦ୍ର ଦାସ, ସେକ ଲିଆକତ ଉଦ୍ଦୀନ ଅହମ୍ମଦ, ଚନ୍ଦନଦାସ, ମୀର ମୁଜାଫର ଅଲ୍ଲୀ, ସୁରଜିତ ଦାସ, ସନ୍ତୋଷ ପାତ୍ର, ସେକ ଆବିଦ, ସେକ ଇମତିୟାଜ, ଶୋନୁ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ ।

## ଜାତୀୟ ନିରାପତ୍ତା ଆଇନ ଅଧୀନରେ ୪ ଅଟକ

କଟକ, ୨୪।୫ (ନି.ପ୍ର): ଚଳିତବର୍ଷ ମର୍ତ୍ତମାନ ସୁଦ୍ଧା କଟକରେ ଜାତୀୟ ନିରାପତ୍ତା ଆଇନ ଅଧୀନରେ ୪ ଜଣକୁ ଅଟକ ରଖାଯାଇଛି । ପୂର୍ବରୁ ୨୪.୧.୨୦୨୫ ରେ ମାଣିଆବନ୍ଧ ଥାନା ଅଧିନସ୍ଥ ଶ୍ରୀକାନ୍ତ ଜେନା ଏବଂ ୧୮.୨.୨୦୨୬ରେ ତିଗିରିଆ ଥାନା ଅଧିନସ୍ଥ ସକିଲ ଖାନଙ୍କୁ ଜାତୀୟ ନିରାପତ୍ତା ଆଇନ ଅଧୀନରେ ଅଟକ ରଖାଯାଇଥିବାବେଳେ ୨୩.୫.୨୦୨୬ ରେ କଟକ ଜିଲ୍ଲା ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ଝାଡ଼େଶ୍ୱରପୁର ଗ୍ରାମର (ବାପି) ଜ୍ୟୋତି ସମ୍ରାଟ ପ୍ରହରାଜ ଏବଂ (ଜେପି) ଜ୍ୟୋତି ପ୍ରକାଶ ପହରାଜଙ୍କୁ ଜାତୀୟ ନିରାପତ୍ତା ଆଇନ ଅଧୀନରେ ବୁକ କରାଯାଇଛି । ଏହି ଦୁଇ ଦୁର୍ଦ୍ଦାନ୍ତ ଅପରାଧି ଆକ୍ରମଣ, ଦଙ୍ଗା, ଅପରାଧିକ ଧମକ, ସରକାରୀ କର୍ମଚାରୀଙ୍କ ଉପରେ ଆକ୍ରମଣ, ଡକାୟତି ହତ୍ୟା ପ୍ରୟାସ, ହତ୍ୟା ଏବଂ ଅସ୍ତ୍ରଶସ୍ତ୍ର ଆଇନ ମାମଲା ସମତେ ବହୁ ଅପରାଧିକ ମାମଲାରେ ଜଡ଼ିତ । ଥାନା କେସ ନଂ ୧୦୦ ଅନୁଯାୟୀ ଗତ ତା ୩୦.୫.୨୦୨୫ ରଖରେ ଧାରା ୧୯୬/ ୧୧୫(୨)/୧୦୯(୧)୩୫୧/(୩)/ ୩(୫), ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଅତ୍ୟାଚାର ନିବାରଣ ଲାଗି ହୋଇ ତାଙ୍କୁ ଜେଲ ବନ୍ଦୀ କରାଯାଇଥିଲା ଏବଂ କୋର୍ଟ ଚାଲାଣ କରାଯାଇଥିଲା । ସଂଗଠିତ ଅପରାଧ ବିଶେଷକରି ଲଘୁ ଖଣିଜ ପଦାର୍ଥ ଚୋରି ସହିତ ଜଡ଼ିତ ସମାଜ ବିରୋଧୀମାନଙ୍କୁ ଏନଏସଏ ଅଧୀନରେ ବୁକ କରିବା ପାଇଁ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ଦ୍ୱାରା ଯାଞ୍ଚ କରାଯାଉଛି ।

### ବେଆଇନ ଗୁଟ୍‌ଖା କାରବାର

## ଧାର୍ଯ୍ୟଠାରୁ ଅଧିକ ମୂଲ୍ୟରେ ବିକ୍ରି

ଅସ୍ତରଙ୍ଗ, ୨୪।୫ (ନି.ପ୍ର): ସରକାର ଗୁଟଖା ଓ ଭାଙ୍ଗ ପାଉଚକୁ ବେଆଇନି ଦର୍ଶାଇ ନିଷେଧ କରିଛନ୍ତି। ହେଲେ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଂଚଳର ବଜାର ହେଉ କି



ଗ୍ରାମାଞ୍ଚଳରେ ଅବାଧରେ ଏହି ବେଆଇନି କାରବାର ଚାଲିଛି। ସେହିପରି ଗଂଜେଇ ସିଗାରେଟ ବ୍ୟାପକ କଳା ବଜାର ହେଉଛି। ଉଭୟ ଗୁଟଖା ଓ ସିଗାରେଟ ଧାର୍ଯ୍ୟଠାରୁ ଅଧିକ ମୂଲ୍ୟରେ ବିକ୍ରି କରୁଛନ୍ତି। କେତେକ ସିଗାରେଟ ପ୍ୟାକେଟ ର ପ୍ରିଣ୍ଟ ମୂଲ୍ୟ ୧୭୦ରହିଥିବା ବେଳେ ରିଟେଲର ଦୋକାନୀଙ୍କ ଠାରୁ ୨୧୦ଟଙ୍କା ନେଉଛନ୍ତି। ଅନ୍ୟ ଏକ ସିଗାରେଟ ମୂଲ୍ୟ ୭୦ଟଙ୍କା କିନ୍ତୁ ୮୦ଟଙ୍କାରେ ବିକ୍ରି କରି କଳା ବଜାର କରାଯାଉଛି। ଅସ୍ତରଙ୍ଗ ଓ କାକଟପୁର ଅଧିକାଂଶ ପାନ ଦୋକାନ, ଚା ଦୋକାନ ଓ ଅନ୍ୟ ଦୋକାନରେ ଚୋରାରେ ଏହା ମିଳୁଛି। ଫଳରେ ଏହାର ସୁଯୋଗ ନେଇ ଲକ୍ଷାଧିକ ଟଙ୍କାର ବେଆଇନି ବ୍ୟବସାୟ ହେଉଛି। ଅସ୍ତରଙ୍ଗ ଓ କାକଟପୁରରେ ଏହି ମୁଷ୍ଟିମେୟ କଳା ବଜାର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ କାୟା ବିସ୍ତାର କରି ପ୍ରଚୁର ଟଙ୍କା ଲାଭ ନେଉଛନ୍ତି। ଏମାନେ ଟିକସ ଫାଙ୍କିବା ସହ ଗ୍ରାହକଙ୍କୁ ଅଧିକ ମୂଲ୍ୟ ନେଇ ଲୁଟ କରୁଛନ୍ତି। ଏହି କଳା ବଜାର ପଛରେ ବ୍ୟବସାୟୀ କିଏ ସେ ନେଇ ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ହେଉଛି। ଶୀଘ୍ର ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି।


**AFFIDAVIT**

By virtue of an affidavit SL.No. 2277 Dt.19.05.2026 sworn before the Executive Magistrate, Niali, I, Dhaneswar Bhoi, 48 yrs. S/o- Sura Bhoi, Vill- Pubakhanda (Totasahi), Po/ Ps- Niali, Dist- Cuttack, Odisha declare that correct name of my daughter is Kajal Bhoi and Date of Birth- 31.03.2009. But in her Aadhar card no. 9535 8551 6465 her name and D.O.B are wrongly mentioned as Kajol Bhoi and D.O.B as 15.02.2007. Hence, this affidavit is required to be produced before the concerned Aadhar authority for correction of my daughter's name as Kajal Bhoi and D.O.B as 31.03.2009 instead of Kajol Bhoi and D.O.B 15.02.2007.

Dhaneswar Bhoi
Deponent

**AFFIDAVIT**

By virtue of an affidavit SL.No. 2236 Dt.20.05.2026 sworn before the Executive Magistrate, Anandapur, I, Prahallad Pahi, 41 yrs. S/o- Duryodhan Pahi, Vill- Machhalo (ward no.3), Po- Machhalo, Ps- Ramchandrapur, Dist- Keonjhar, Odisha declare that the actual name of my daughter is Priyanka Priyadarsini Pahi. But in her Aadhar card no. 9029 2646 6806 her name is wrongly mentioned as Oriya Nina Priyadarshini Pahi. Hence, this affidavit is required to be produced before the concerned Aadhar authority for correction of my daughter's name as Priyanka Priyadarsini Pahi.

Prahallad Pahi
Deponent

## ପରିବାରର ୮ ଜଣଙ୍କ ଜଳସମାଧି

**ବେଙ୍ଗାଲୁରୁ,୨୪।୫(ଏଜେନ୍ସି):** କର୍ଣ୍ଣାଟକର ଉତ୍ତର କନଡ଼ ଜିଲାରେ ରବିବାର ଥାଟେ ହକ୍କାଲୁ ନଦୀରେ ବୁଡ଼ିଯାଇ ଏକ ପରିବାରର ୮ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ୭ ଜଣ ମହିଳା ଅନ୍ତର୍ଭୁକ୍ତ। ସୂଚନା ଅନୁଯାୟୀ, ସ୍ଥାନୀୟ ଶିରାଲୁ ଗାଁର ମହିଳା ଓ ପୁରୁଷଙ୍କ ସମେତ ୧୪ ଜଣ ଭେଙ୍କଟପୁରସ୍ଥିତ ଥାଟେ ହକ୍କାଲୁ ନଦୀକୁ ଶାମୁକା ସଂଗ୍ରହ ପାଇଁ ଯାଇଥିଲେ। ଶାମୁକା ସଂଗ୍ରହ କରୁଥିବା ବେଳେ ଅଚାନକ ପ୍ରଖର ସୁଅ ଆସିବାରୁ ପ୍ରାୟ ୧୨ ଜଣ ଭାସି ଯାଇଥିଲେ। ୪ଜଣଙ୍କୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହି ଅଘଟଣ ଜଣାପଡ଼ିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଦୁର୍ଘଟଣା ସୂଚନା ମିଳିବାମାତ୍ରେ ସ୍ଥାନୀୟ ପୋଲିସ ଓ ଉଦ୍ଧାରକାରୀ ଦଳ ପହଞ୍ଚି ତୁରନ୍ତ ଉଦ୍ଧାର ଅଭିଯାନ ଆରମ୍ଭ କରିଥିଲେ। ଅଧିକାରୀଙ୍କ ଆଶଙ୍କା, ଭାସିଯାଇଥିବା ଲୋକଙ୍କ ସଂଖ୍ୟା ଅଧିକ ହୋଇପାରେ। ସ୍ଥାନୀୟ ବୁଡ଼ାଳୀ ଓ ବିପର୍ଯ୍ୟୟ ପ୍ରଶମନ ଟିମ୍ ଉଦ୍ଧାର ଅଭିଯାନରେ ନିୟୋଜିତ ହୋଇଥିଲେ। ସୂଚନାଯୋଗ୍ୟ, ଶିରାଲୁ ଓ ଅନ୍ୟ ଗାଁର ଲୋକେ ଖରାଦିନେ ହକ୍କାଲୁ ନଦୀରୁ ଶାମୁକା ଆଦି ସଂଗ୍ରହ କରିଥାନ୍ତି।



## ଲେବାନନବାସୀଙ୍କୁ ସତର୍କ କଲା ଇସ୍ରାଏଲ

**ତେଲଆଭିଭ,୨୪।୫(ଏଜେନ୍ସି):** ଅସ୍ତ୍ରବିରତି ସତ୍ତ୍ୱେ ଲେବାନନ ଉପରେ ଇସ୍ରାଏଲ ଆକ୍ରମଣ ଜୋରଦାର ହୋଇଛି। ଗତ ଶୁକ୍ରବାର ଦିନ କିଛି ଉଦ୍ଧାରକାରୀ ସମେତ ପ୍ରାୟ ୧୦ ଜଣ ପ୍ରାଣ ହରାଇଥିଲେ। ଏବେ ଲେବାନନ୍‌ରେ ଥିବା ହିଜବୁଲ୍ଲା ଆଡ୍ଡା ଆଖଡ଼ାଗୁଡ଼ିକୁ ଟାର୍ଗେଟ କରିବା ପାଇଁ ଇସ୍ରାଏଲ ସେନା ଯୋଜନା କରିଛି। ଏହାପୂର୍ବରୁ ରବିବାର ସତର୍କ ସୂଚନା ଜାରି କରି ଦକ୍ଷିଣ ଏବଂ ପୂର୍ବ ଲେବାନନ୍‌ର ସ୍ଥିତ ୧୨ ଗାଁର ଲୋକଙ୍କୁ ଅନ୍ୟୂନ ୧ କିମି ଦୂର ଖୋଲା ସ୍ଥାନକୁ ପଳାଇବା ପାଁ ପରାମର୍ଶ ଦେଇଛି।

ସେନାର ଆରବୀ ଭାଷା ପ୍ରବକ୍ତା କର୍ଣ୍ଣେଲ ଅଭିଚାୟ ଅଦ୍ରାୟୀ ଏକ୍ସ ରେ ଏକ ପୋଷ୍ଟ କରି ଗ୍ରାମଗୁଡ଼ିକର ନାମ ଉଲ୍ଲେଖ କରିବା ସହ କହିଛନ୍ତି, ଆପଣଙ୍କ ସୁରକ୍ଷା ପାଇଁ ତୁରନ୍ତ ଉଲ୍ଲେଖିତ ଅଞ୍ଚଳରୁ ଅତିକମରେ ୧,୦୦୦ ମିଟର ଦୂରକୁ ଚାଲିଯିବାକୁ ଅନୁରୋଧ କରୁଛୁ। ହିଜବୁଲ୍ଲା ସଙ୍ଗଠନ ଅସ୍ତ୍ରବିରତି ଚୁକ୍ତି ଉଲ୍ଲଂଘନ କରୁଥିବାରୁ ଇସ୍ରାଏଲ ତା' ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେଉଛି ବୋଲି ସେନା ପ୍ରବକ୍ତା ପ୍ରକାଶ କରିଛନ୍ତି। ଦକ୍ଷିଣ ଲେବାନନ୍‌ର ନାବାତିଏ, ଜିବ୍‌କିନ୍ ଆଦି ଅଞ୍ଚଳରେ ଇସ୍ରାଏଲ ପକ୍ଷରୁ ବୋମା ମାଡ଼ ଓ ବିମାନ ଆକ୍ରମଣ ଜାରି ରହିଛି। ଶୁକ୍ରବାର ଦିନ ଆକ୍ରମଣରେ ୬ ଉଦ୍ଧାରକାରୀ ଦଳ ଏବଂ ଜଣେ ନାବାଳିକା ସମେତ ଅତିକମରେ ୧୦ ଜଣ ପ୍ରାଣ ହରାଇଥିଲେ। ଲେବାନନ୍ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଯୁଦ୍ଧରେ ଏପର୍ଯ୍ୟନ୍ତ ୩,୦୨୦ ଜଣ ପ୍ରାଣ ହରାଇଛନ୍ତି। ଏପ୍ରିଲ ୧୭ରେ ଆମେରିକାର ମଧ୍ୟସ୍ଥତାରେ ଏକ ଅସ୍ତ୍ରବିରତି ହୋଇଥିଲା। କିନ୍ତୁ ଇସ୍ରାଏଲ ଓ ହିଜବୁଲ୍ଲା ପରସ୍ପର ବିରୋଧରେ ପ୍ରତିଦିନ ଏହି ଚୁକ୍ତି ଭଙ୍ଗ କରୁଥିବା ଅଭିଯୋଗ ଆଣୁଛନ୍ତି। ଫଳରେ ଆକ୍ରମଣ ଥମିବାର ନାଁ ନେଉନାହିଁ। ଯୁଦ୍ଧ କାରଣରୁ ଲେବାନନ୍‌ର ପ୍ରାୟ ୧.୨ ମିଲିୟନ (୧୨ ଲକ୍ଷରୁ ଅଧିକ) ଲୋକ ଶରଣାର୍ଥୀ ପାଲଟିଛନ୍ତି। ଦକ୍ଷିଣ ଲେବାନନ୍‌ର ଅନେକ ପୋଲ ଓ ରାସ୍ତାଘାଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ସେଠାରେ ଫସି ରହିଥିବା ଲୋକଙ୍କ ପାଖରେ ମାନବୀୟ ସହାୟତା ପହଞ୍ଚିବା କଷ୍ଟକର ହୋଇପଡ଼ିଛି।



## ଗାଇକୁ ଜାତୀୟ ପଶୁ ଘୋଷଣା ଦାବି
## ମୁସଲିମ୍ ସଂଗଠନଗୁଡ଼ିର ସମର୍ଥନ

**ନୂଆଦିଲ୍ଲୀ,୨୪।୫(ଏଜେନ୍ସି):** ଜମିୟତ ଉଲେମା-ଏ-ହିନ୍ଦ (ଅରସଦ ମଦାନୀ ଗୋଷ୍ଠୀ)ର ସଭାପତି ମୌଲାନା ଅରସଦ ମଦାନୀ ଗାଇକୁ ଭାରତର ଜାତୀୟ ପଶୁ ଭାବେ ଘୋଷଣା କରିବା ପାଇଁ ଦାବି କରିଛନ୍ତି । ଇଦ୍-ଉଲ୍-ଅଜହା (ବକ୍ରିଦ୍) ପୂର୍ବରୁ ଉତ୍ତର ପ୍ରଦେଶର ଅନେକ ମୁସଲିମ୍ ସଂଗଠନ ମୌଲାନା ଅରସଦ ମଦାନୀଙ୍କ ଦାବିକୁ ସମର୍ଥନ କରିଛନ୍ତି। ସଂଗଠନଗୁଡ଼ିକ କହିଛନ୍ତି, ଏଭଳି ପଦକ୍ଷେପ ଦ୍ୱାରା ଗୋ-ହତ୍ୟାକୁ ନେଇ ହେଉଥିବା ରାଜନୈତିକ ଶୋଷଣ, ଭୀଡ଼ ହିଂସା ଆଦିକୁ ରୋକାଯାଇପାରିବ। କେତେକ ସଂଗଠନ ଏହି ପ୍ରସଙ୍ଗରେ ମୁସଲମାନ ସମୁଦାୟ ମଧ୍ୟରେ ଏକ ବ୍ୟାପକ ସହମତି ପ୍ରକାଶ କରିବାକୁ ଚେଷ୍ଟା କରୁଥିବାବେଳେ ଅନ୍ୟମାନେ ଏ ନେଇ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ଯୋଜନା କରୁଛନ୍ତି। ଏହି ଦାବି ବିଶେଷ କରି ଉତ୍ତର ପ୍ରଦେଶରେ



ଗୁରୁତ୍ୱପୂର୍ଣ୍ଣ ଯାହା ଭାରତର ସବୁଠାରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ରାଜ୍ୟ ଏବଂ ଏଠାରେ ବହୁ ସଂଖ୍ୟାରେ ମୁସଲମାନ ଭାଇଭଉଣୀ ବସବାସ କରନ୍ତି।

ଏଠାରେ ପାରମ୍ପରିକ ଭାବେ ଏଭଳି ଦାବି ହିନ୍ଦୁ ସଂଗଠନଗୁଡ଼ିକ ପକ୍ଷରୁ ଆସିଥାଏ। ୨୦୨୭ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ଏହା ଶେଷ ବକ୍ରିଦ। ଏହି ସମୟରେ ମୁସଲମାନ ସମୁଦାୟରୁ ଆସିଥିବା ଏହି ଦାବିର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ଅଲ୍ ଇଣ୍ଡିଆ ମୁସଲିମ୍ ଜମାତର ଜାତୀୟ ସଭାପତି ମୌଲାନା ଶାହାବୁଦ୍ଦିନ ରଜଭୀ ଗାଇକୁ ଜାତୀୟ ପଶୁ ଭାବେ ଘୋଷଣା କରିବା ପାଇଁ ମଦାନୀଙ୍କ ଦାବିକୁ ସମ୍ପୂର୍ଣ୍ଣ ସମର୍ଥନ କରିଛନ୍ତି। ପିଟିଆଇ ସହ କଥାବାର୍ତ୍ତା ବେଳେ ରଜଭୀ କହିଛନ୍ତି, ଏ ବିଷୟରେ ବିଭିନ୍ନ ମୁସଲମାନ ସଂଗଠନ ମଧ୍ୟରେ ସହମତି ସୃଷ୍ଟି କରିବା ତାଙ୍କର ଉଦ୍ଦେଶ୍ୟ ହେବ। ଏଥିପାଇଁ ଶୀଘ୍ର ଦିଲ୍ଲୀରେ ପ୍ରମୁଖ ମୁସଲମାନ ସଂଗଠନ ପ୍ରତିନିଧିମାନଙ୍କର ଏକ ବୈଠକ ଡକାଯିବ। ସେଠାରେ ମିଳିତ ସ୍ମାରକପତ୍ର ପ୍ରସ୍ତୁତ କରାଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଦେଶର ଶୀର୍ଷ ନେତୃତ୍ୱଙ୍କୁ ପ୍ରଦାନ କରାଯିବ। ରଜଭୀ ଦାବି କରିଛନ୍ତି ଯେ ସରକାର ଏହି ଦାବିକୁ ତୁରନ୍ତ ପୂରଣ କରିବା ଉଚିତ।

# ପିଏମ୍‌ଓରେ ତୈଳ ସଞ୍ଚୟ ପ୍ରୟାସ: ମନ୍ତ୍ରଣାଳୟ ପ୍ରସ୍ତାବ ଲୋଡ଼ାଗଲା

**ନୂଆଦିଲ୍ଲୀ, ୨୪।୫ (ଏଜେନ୍ସି):** ମଧ୍ୟପ୍ରାଚ୍ୟ ଯୁଦ୍ଧ ଦେଶର ଆମଦାନି ବିଲ୍‌କୁ ଅସହ୍ୟ ସ୍ତରରେ ପହଞ୍ଚାଇବା ପରେ କେନ୍ଦ୍ର ସରକାର ବେଶ୍ ଚିନ୍ତିତ ହୋଇପଡ଼ିଛନ୍ତି। କିଭଳି ତେଲ ଓ ବିଦେଶୀ ମୁଦ୍ରା ସଞ୍ଚୟ ହୋଇପାରିବ ତାହାର ବାଟ ଦେଖାଇବା ଲାଗି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ତରଫରୁ ଚାରିଟି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟକୁ କୁହାଯାଇଛି। ତେଲ ସଞ୍ଚୟ ସମ୍ପର୍କିତ ପ୍ରସ୍ତାବ ପଠାଇବାକୁ ସଡ଼କ ପରିବହନ ଓ ରାଜପଥ, ଶକ୍ତି, ଭାରି ଶିଳ୍ପ ଏବଂ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟକୁ ପିଏମ୍‌ଓ କହିଛି। ଯେଉଁ ସବୁ ଉପାୟରେ ତେଲ ଓ ବିଦେଶୀ ମୁଦ୍ରା ସଞ୍ଚୟ ହୋଇପାରିବ ତାହା ଜଣାଇବାକୁ ଏହି ମନ୍ତ୍ରଣାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଯେତେ ଶୀଘ୍ର ଏହି କାମ ହେବ ତାହା ଦେଶ ପାଇଁ ସେତେ ଭଲ ହେବ ବୋଲି କୁହାଯାଇଛି। ଇଲେକ୍ଟ୍ରିକ ଯାନ (ଇଭି)ର ଗ୍ରହଣୀୟତା ବଢ଼ାଇବା ଓ ଫ୍ଲେକ୍ସ-ଫୁଏଲ୍ ଗାଡ଼ିଗୁଡ଼ିକର ଦାମ୍ କମ୍ କରିବା ପ୍ରସ୍ତାବ ଉପରେ ବିଚାର କରାଯାଉଛି।



ଫ୍ଲେକ୍ସ ଫୁଏଲ୍ ଗାଡ଼ିରେ ଏବେ ଆକାର ଅନୁଯାୟୀ ୧୮ରୁ ୪୦ ପ୍ରତିଶତ ଜିଏସ୍‌ଟି ଆଦାୟ କରାଯାଉଛି। ସେହି ହାରକୁ ୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବା ଉପରେ ବିଚାରବିମର୍ଶ ଚାଲିଛି। ଏହା ବ୍ୟତୀତ କମ୍ ଦାମ୍ ବିଶିଷ୍ଟ ତଥା ଅଧିକ ମାଇଲେଜ୍ ଦେଉଥିବା ଛୋଟ ଗାଡ଼ି କିଭଳି ଅଧିକ ବିକ୍ରି ହୋଇପାରିବ, ସେବିଷୟରେ ମଧ୍ୟ ଚିନ୍ତା କରାଯାଉଛି। ଏହି ପ୍ରସ୍ତାବଗୁଡ଼ିକ ବିଷୟରେ ଜିଏସ୍‌ଟି ପରିଷଦର ଆସନ୍ତ ବୈଠକରେ ଆଲୋଚନା କରାଯିବ।

ସରକାର ଛୋଟ କାର୍, ହାଇବ୍ରିଡ୍ କାର, ଇଲେକ୍ଟ୍ରିକକାର୍ ଓ ଫ୍ଲେକ୍ସ ଫୁଏଲ୍ ଇଞ୍ଜିନ ଥିବା କାର୍ ଆଦି ସବୁ ପ୍ରକାର ଅଧିକ ମାଇଲେଜ୍ ଓ କମ୍ ତେଲ ଖର୍ଚ୍ଚ ହେଉଥିବା ଗାଡ଼ିର ଗ୍ରହଣୀୟତା ବଢ଼ାଇବାକୁ ଚାହୁଁଛନ୍ତି। ଗାଡ଼ିରେ ତେଲ କମ୍ ଖର୍ଚ୍ଚ ହେଲେ ଆମଦାନି ମଧ୍ୟ କମ୍ ହୋଇପାରିବ ବୋଲି ସରକାର ଭାବୁଛନ୍ତି। ନିକଟରେ ସଡ଼କ ପରିବହନ ମନ୍ତ୍ରୀ ନିତୀନ ଗଡ଼କରୀ କହିଥିଲେ ଯେ ମାରୁତି ସୁଜୁକି ଏକ ୧୦୦ ପ୍ରତିଶତ ଇଥାନଲ୍‌ରେ ଚାଲୁଥିବା ଗାଡ଼ିକୁ ଆସନ୍ତା ଜୁନ୍ ୫ରେ ବିଶ୍ୱ ପରିବେଶ ଦିବସ ଅବସରରେ ଉନ୍ମୋଚନ କରିବ। ଭାରତରେ ଟୟୋଟା, ଟାଟା ମୋଟର୍ସ, ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା ଓ ସୁଜୁକି ଭଳି ୧୨ଟି କମ୍ପାନି ଫ୍ଲେକ୍ସ ଫୁଏଲ୍ ଗାଡ଼ି ଉନ୍ମୋଚନ କରିଥିବା ସେ ସୂଚନା ଦେଇଥିଲେ।

## ୧୨ ଦିନ ପରେ ଦ୍ୱିଷା ଶର୍ମାଙ୍କ ଶେଷକୃତ୍ୟ



**ଭୋପାଳ,୨୩।୫(ଏଜେନ୍ସି):** ମୃତ୍ୟୁର ୧୨ ଦିନ ପରେ ମଡେଲ ତଥା ଅଭିନେତ୍ରୀ ଦ୍ୱିଶା ଶର୍ମାଙ୍କର ଶେଷକୃତ୍ୟ ରବିବାର ଅପରାହ୍ଣ ୫ଟା ପରେ ଭୋପାଳର ଭଦଭଦା ବିଶ୍ରାମାଘାଟରେ ସମ୍ପନ୍ନ ହୋଇଛି। ଦିଲ୍ଲୀ ଏମ୍ସର ସ୍ୱତନ୍ତ୍ର ଡାକ୍ତରୀ ଦଳ ଦ୍ୱିତୀୟ ଥର ଦ୍ୱିଶାଙ୍କ ଶବ ବ୍ୟବଚ୍ଛେଦ କରିଥିଲେ। ଏହା ପରେ ମୃତଦେହ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିଲା।

ଯେଉଁ ଝିଅ ଅନେକ ସ୍ୱପ୍ନ ନେଇ ଜୀବନର ଏକ ନୂତନ ଅଧ୍ୟାୟ ଆରମ୍ଭ କରିଥିଲା ସିଏ ବହୁତ ଶୀଘ୍ର ଛାଡ଼ି ଚାଲିଗଲା। ଏଣିକି ନ୍ୟାୟ ଅପେକ୍ଷାରେ ପ୍ରତି ମୁହୂର୍ତ୍ତ ବିତିବ ବୋଲି ଦ୍ୱିଶାଙ୍କ ପିତା ନବନିଧି ଶର୍ମା କହିଛନ୍ତି। ନୋଏଡାର ୩୩ ବର୍ଷୀୟା ଦ୍ୱିଶାଙ୍କର ମୃତଦେହ ମେ ୧୨ ତାରିଖରେ ଭୋପାଳର କଟାରା ହିଲ୍ସ ଅଞ୍ଚଳରେ ଥିବା ତାଙ୍କ ଶାଶୂଘରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କ ପରିବାର ଲୋକେ ଶାଶୂଘର ଲୋକଙ୍କ ବିରୋଧରେ ଯୌତୁକ ନିର୍ଯାତନା ଏବଂ ଆତ୍ମହତ୍ୟା ପାଇଁ ପ୍ରରୋଚିତ କରିବା ଭଳି, ଅଭିଯୋଗ ଆଣିଛନ୍ତି। ଅପରପକ୍ଷରେ ଦ୍ୱିଶା ନିଶା ସେବନରେ ଅଭ୍ୟସ୍ତ ଥିଲେ ବୋଲି ଶାଶୂଘର ପକ୍ଷରୁ ପାଲଟା ଅଭିଯୋଗ ହୋଇଛି। ଯୌତୁକ ନିର୍ଯାତନା ଅଭିଯୋଗରେ ପୋଲିସ ଦ୍ୱିଶାଙ୍କ ସ୍ୱାମୀ ଆଡ୍‌ଭୋକେଟ ସମର୍ଥ ସିଂ ଏବଂ ତାଙ୍କ ଶାଶୂ ତଥା ପୂର୍ବତନ ଜିଲ୍ଲା ଜଜ୍ ଗିରିବାଲା ସିଂଙ୍କ ବିରୋଧରେ ଏକ ଏଫ୍‌ଆଇଆର୍ ରୁଜୁ କରିଛି। ୧୦ ଦିନ ଧରି ଫରାର୍ ରହିବା ପରେ ଶୁକ୍ରବାର ଦିନ ଜବଲପୁରରୁ ସମର୍ଥ ସିଂଙ୍କୁ ଗିରଫ କରାଯାଇଥିଲା। ଶନିବାର ଭୋପାଳର ଏକ ଅଦାଲତ ତାଙ୍କୁ ସାତ ଦିନିଆ ପୋଲିସ ରିମାଣ୍ଡରେ ପଠାଇଛନ୍ତି। ସୋମବାର ସୁପ୍ରିମକୋର୍ଟରେ ଏହି ମାମଲାର ଶୁଣାଣି ହେବ।

## ଗୁଜରାଟରେ ୩,୫୦୦ କିଗ୍ରା ରଙ୍ଗଦିଆ ପାନମଧୁରୀ ଜବତ

**ଅହମଦାବାଦ, ୨୪।୫ (ଏଜେନ୍ସି):** ଭାରତରେ ଖାଦ୍ୟ ଅପମିଶ୍ରଣର ଆଉ ଏକ ଚିନ୍ତାଜନକ ମାମଲାରେ ଗୁଜୁରାଟ ଖାଦ୍ୟ ସୁରକ୍ଷା ବିଭାଗର ଅଧିକାରୀମାନେ ଉଂଝାରେ ୩,୫୦୦ କିଲୋଗ୍ରାମରୁ ଅଧିକ ରଙ୍ଗଦିଆ ପାନମଧୁରୀ ଜବତ କରିଛନ୍ତି। ଗଣପତି କ୍ଲିନିଂ ଫ୍ୟାକ୍ଟ୍ରିରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା, ଯେଉଁଠାରେ ବଜାରରେ ବିକ୍ରି ହେବା ପୂର୍ବରୁ ଉତ୍ପାଦକୁ ସତେଜ ଓ ଅଧିକ ଆକର୍ଷଣୀୟ ଦେଖାଯିବା ପାଇଁ ପାନମଧୁରୀରେ ଏକ ଖାଇବା ଅନୁପଯୋଗୀ ସବୁଜ ରାସାୟନିକ ରଙ୍ଗ ଗୋଳାଯାଉଥିବା ଦେଖିବାକୁ ମିଳିଥିଲା। ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌ଏଆଇ) ଶୁକ୍ରବାର ଇନଷ୍ଟାଗ୍ରାମରେ ଏକ ପୋଷ୍ଟରେ ଏହି ଅପରେସନର ବିବରଣୀ ସେୟାର କରିଛି। ଅଧିକାରୀଙ୍କ କହିବା ଅନୁସାରେ, ଏହି କାରଖାନା ବୈଧ ଏଫ୍‌ଏସ୍‌ଏସ୍‌ଏଆଇ ଲାଇସେନ୍ସ ବିନା ଚାଲୁଥିଲା, ଯାହା ଦେଶର ସମସ୍ତ ଖାଦ୍ୟ ବ୍ୟବସାୟ ପାଇଁ ବାଧ୍ୟତାମୂଳକ। ଚଢ଼ାଉ ସମୟରେ ଅଧିକାରୀମାନେ ପ୍ରାୟ ୧୪୦ କିଲୋଗ୍ରାମ ସବୁଜ ରାସାୟନିକ ରଙ୍ଗ ଜବତ କରିଥିବା ଜଣାଯାଇଛି।



ଗ୍ରାହକଙ୍କ ସୁରକ୍ଷା ସହିତ ସାଲିସ କରୁଥିବା ବ୍ୟବସାୟୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖାଦ୍ୟ ନିୟାମକ କହିଛନ୍ତି। ଏହି ଘଟଣା ପୁଣି ଥରେ ଦେଶର ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିବା ଅପମିଶ୍ରିତ ଖାଦ୍ୟ ପଦାର୍ଥକୁ ନେଇ ଚିନ୍ତା ବଢାଇଛି।

## ବାଂଲାଦେଶୀ ଓ ରୋହିଙ୍ଗ୍ୟାଙ୍କୁ ଦେଶାନ୍ତର ପାଇଁ ହୋଲ୍‌ଡିଂ ସେଣ୍ଟର

**କୋଲକତା, ୨୪।୫ (ଏଜେନ୍ସି):** ପଶ୍ଚିମବଙ୍ଗ ସରକାର ରାଜ୍ୟରେ ଅବୈଧ ଭାବେ ରହୁଥିବା ବିଦେଶୀ ନାଗରିକଙ୍କ ପାଇଁ ବହୁତ ବଡ଼ ପଦକ୍ଷେପ ନେଇଛନ୍ତି । ରାଜ୍ୟ ସରକାର ଅବୈଧ ବାଂଲାଦେଶୀ ଏବଂ



ରୋହିଙ୍ଗ୍ୟା ନାଗରିକଙ୍କୁ ସେମାନଙ୍କ ଦେଶକୁ ପଠାଇବା ପାଇଁ ସ୍ୱତନ୍ତ୍ର ଭାବେ ହୋଲ୍ଡିଂ ସେଣ୍ଟର ନିର୍ମାଣ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି ।

ଶୁଭେନ୍ଦୁ ସରକାରଏହି ସମ୍ବନ୍ଧରେ ପଶ୍ଚିମବଙ୍ଗର ସମସ୍ତ ଜିଲ୍ଲାଅଧିକାରୀଙ୍କୁ ଲିଖିତ ଭାବେ ନିର୍ଦ୍ଦେଶ ଏବଂ ଗାଇଡଲାଇନ୍ସ ଜାରି କରିଛନ୍ତି। ସରକାର ସମସ୍ତ ଜିଲ୍ଲାଧିକାରୀଙ୍କୁ ନିଜ ନିଜ ଅଞ୍ଚଳରରେ ହୋଲ୍ଡିଂ ସେଣ୍ଟର ନିର୍ମାଣ କରିବାକୁ ଉଚିତ୍ ସ୍ଥାନ ବାଛି ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ କହିଛନ୍ତି ।

ପ୍ରଶାସନର ଫୋକସ ସୀମାବର୍ତ୍ତୀ ଜିଲ୍ଲା ଏବଂ ସେମାନଙ୍କ ଅଞ୍ଚଳରେ ରହିଛି । ଯେଉଁଠି ଅବୈଧ ପ୍ରବାସୀ ଲୁଚିଥିବା ଆଶଙ୍କା କରାଯାଉଛି, ସେହି ସ୍ଥାନରେ ଅଧିକ ଫୋକସ ରହିବା ପାଇଁ କୁହାଯାଇଛି।

ଏସବୁ ହୋଲ୍ଡିଂ ସେଣ୍ଟର ଲକ୍ଷ୍ୟ ହେଉଛି, ଅବୈଧ ଭାବେ ରହୁଥିବା ଲୋକଙ୍କ ଉପରେ କଡ଼ା ନଜର ରଖିବା । ରାଜ୍ୟର ଅଲଗା ଅଲଗା ସ୍ଥାନରୁ ଧରାଯାଇଥିବା ଅବୈଧ ବାଂଲାଦେଶୀ ଏବଂ ରୋହିଙ୍ଗ୍ୟାଙ୍କୁ ସିଧାସଳଖ ଜେଲରେ ରଖିବା ପରିବର୍ତ୍ତେ ଏସବୁ ସେଣ୍ଟରକୁ ଟ୍ରାନ୍ସଫର କରାଯିବ । ଯେପର୍ଯ୍ୟନ୍ତ ଧରାଯାଇଥିବା ବିଦେଶୀ ନାଗରିକଙ୍କ ପରିଚୟ ସ୍ପଷ୍ଟ ହୋଇନାହିଁ, ସେଯାଏଁ ଆଇନଗତ ଭାବେ ସେମାନଙ୍କ ମୂଳ ଦେଶକୁ ପଠାଇବାର ପ୍ରକ୍ରିୟା ସଂପୂର୍ଣ୍ଣ ହେବ ନାହିଁ । ସେମାନଙ୍କୁ ହୋଲ୍ଡିଂ ସେଣ୍ଟରରେ ରଖାଯିବ ।

### ପୁନର୍ମୂଲ୍ୟାଙ୍କନ ପ୍ରକ୍ରିୟାରେ ତ୍ରୁଟି ଓ ଦେୟ ସମସ୍ୟା
## ସିବିଏସ୍‌ଇ ରିପୋର୍ଟ ମାଗିଲେ ଧର୍ମେନ୍ଦ୍ର ପ୍ରଧାନ

**ନୂଆଦିଲ୍ଲୀ, ୨୪।୫ (ଏଜେନ୍ସି):** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସିବିଏସ୍‌ଇକୁ ପୁନର୍ମୂଲ୍ୟାୟନ ପ୍ରକ୍ରିୟା ସମୟରେ ବୈଷୟିକ ଓ ଦେୟ ସମ୍ବନ୍ଧୀୟ ସମସ୍ୟା ବିଷୟରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଦ୍ୱାରା ଉତ୍ଥାପିତ ଅଭିଯୋଗକୁ ଗମ୍ଭୀରତାର ସହ ବିଚାର କରି ଶିକ୍ଷାମନ୍ତ୍ରୀ ଡାଉନଟାଇମ୍, ପେମେଣ୍ଟ ଗେଟୱେ ତ୍ରୁଟି ଓ ପରିଚାଳନାଗତ ତ୍ରୁଟି ଉପରେ ବିସ୍ତୃତ ରିପୋର୍ଟ ମାଗିଛନ୍ତି। ଏହା ପୂର୍ବରୁ ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍ (ସିବିଏସ୍‌ଇ) ଏକ ବିବୃତିରେ କହିଛି ଯେ ଚଳିତ ବର୍ଷ ଅନ୍-ସ୍କ୍ରିନ୍ ମାର୍କିଂ (ଓଏସ୍‌ଏମ୍) ସିଷ୍ଟମ୍ ଅଧୀନରେ ୯୮.୬ ଲକ୍ଷରୁ ଅଧିକ ଉତ୍ତର ଖାତା ମୂଲ୍ୟାୟନ କରାଯାଇଛି ଏବଂ ଛାତ୍ରମାନଙ୍କୁ ସେମାନଙ୍କର ଉତ୍ତର ପୁସ୍ତିକାର ସ୍କାନ୍ କପି ପାଇବାର ସୁଯୋଗ ଦିଆଯାଇଛି। ଏଥି ସହିତ ବୋର୍ଡ କିଛି ଛାତ୍ରଙ୍କଠାରୁ ସର୍ବାଧିକ ଚାହିଦା ସମୟରେ ପୋର୍ଟାଲରେ ପ୍ରବେଶ କରିବାରେ ଅସୁବିଧା, ଦେୟ ନିଶ୍ଚିତକରଣରେ ବିଳମ୍ବ ଆଦି ସମସ୍ୟା ନେଇ ଅଭିଯୋଗ ପାଇଥିଲା। ସିବିଏସ୍‌ଇ କହିଛି ଯେ ଏହା ସମସ୍ତ ପ୍ରସଙ୍ଗ ଉପରେ ନିରନ୍ତର ନଜର ରଖିଛି ଆବଶ୍ୟକ ପଦକ୍ଷେପ ନେଉଛି।



ଅଭିଭାବକ ଓ ଛାତ୍ରମାନେ ଯଦି ଏପରି ସମସ୍ୟାର ସମ୍ମୁଖୀନ ହୁଅନ୍ତି ତେବେ ବ୍ୟସ୍ତ ନ ହେବାକୁ ଅନୁରୋଧ କରାଯାଇଛି। ବୋର୍ଡ କହିଛି ଯେ, ପୋର୍ଟାଲରେ ଅତ୍ୟଧିକ ଟ୍ରାଫିକ୍ ହେତୁ ପିକ୍ ପିରିୟଡରେ କିଛି ଯାନ୍ତ୍ରିକ ବ୍ୟାଘାତ ଦେଖାଦେଇଛି। ସିବିଏସ୍‌ଇ ଆହୁରି କହିଛି ଯେ ଆବେଦନ କରିବାର ଶେଷ ତାରିଖ ମେ ୨୪ ପର୍ଯ୍ୟନ୍ତ ଗୋଟିଏ ଦିନ ବୃଦ୍ଧି କରାଯାଇଛି ଏବଂ ଶେଷ ସ୍କାନ୍ ହୋଇଥିବା କପି ପଠାଇବା ପରେ ପୁନର୍ମୂଲ୍ୟାଙ୍କନ ଅନୁରୋଧ ଗ୍ରହଣ ପାଇଁ ପୋର୍ଟାଲ୍ ଦୁଇ ଦିନ ପର୍ଯ୍ୟନ୍ତ ଉପଲବ୍ଧ ରହିବ। ସିବିଏସଇ ମଧ୍ୟ ଚଳିତ ବର୍ଷ ଶୁଳ୍କ ଢାଞ୍ଚାରେ ସଂଶୋଧନ କରିଛି। ଛାତ୍ରମାନେ ବର୍ତ୍ତମାନ ୭୦୦ ଟଙ୍କା ପରିବର୍ତ୍ତେ ୧୦୦ ଟଙ୍କା ଦେଇ ଉତ୍ତର ଖାତାର ସ୍କାନ କପି ପାଇପାରିବେ।

### ଭାରତ-ବାଂଲାଦେଶ ସୀମାରେ ପ୍ରବଳ ଉତ୍ତେଜନା
## ତାରବାଡ଼ ନିର୍ମାଣକୁ ବିରୋଧ କଲା ବିଜିବି

**କୁଚବିହାର/ମେଖଲିଗଞ୍ଜ, ୨୪।୫ (ଏଜେନ୍ସି):** ପାକିସ୍ତାନର ଅନୁପ୍ରେରଣାରେ ଭାରତ ବିରୋଧରେ ସୀମାପାର ଆତଙ୍କବାଦ ଏବଂ ଉତ୍ତେଜନା ବୃଦ୍ଧି କରିବା ପରେ ଏବେ ବାଂଲାଦେଶ ମଧ୍ୟ ସେହି ସମାନ ପଥ ଅନୁସରଣ କରି ଭାରତ ସହିତ ବିବାଦ ବଢ଼ାଇବାକୁ ଚେଷ୍ଟା କରୁଛି। ଗତ ମେ' ୨୨ ତାରିଖରେ ପଶ୍ଚିମବଙ୍ଗର ସୁଭେନ୍ଦୁ ସରକାର ସୀମାରେ କାଣ୍ଟାବାଡ଼ ନିର୍ମାଣ ପ୍ରକ୍ରିୟା ଆରମ୍ଭ କରିବା ନେଇ ନିଷ୍ପତ୍ତି ନେବାର ମାତ୍ର ୨୪ ଘଣ୍ଟା ମଧ୍ୟରେ ବାଂଲାଦେଶ ଏହାକୁ ତୀବ୍ର ବିରୋଧ କରିବା ଆରମ୍ଭ କରିଛି। ପଶ୍ଚିମବଙ୍ଗର ଅତି ସମ୍ବେଦନଶୀଳ ମେଖଲିଗଞ୍ଜ ସୀମାରେ ବିଏସଏଫ୍ ପକ୍ଷରୁ ବାଡ଼ ନିର୍ମାଣ ପାଇଁ ଜମି ମାପ ଚାଲିଥିବା ସମୟରେ ବାଂଲାଦେଶ ବର୍ଡର ଗାର୍ଡ (ବିଜିବି) ର ସୈନିକମାନେ ସେଠାରେ ପହଞ୍ଚି ଭାରତୀୟ ସୀମାରୁ ନିର୍ମାଣ ଦଳକୁ ହଟାଇବାକୁ ଏବଂ କାର୍ଯ୍ୟ ବନ୍ଦ କରିବାକୁ ଚେଷ୍ଟା କରିଥିଲେ।



ଏହି ଘଟଣାର ଏକ ଭିଡିଓ ସୋସିଆଲ ମିଡିଆରେ ବ୍ୟାପକ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଦୁଇ ଦେଶର ସୀମାରକ୍ଷୀଙ୍କ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ଦେଖି ସ୍ଥାନୀୟ ଲୋକଙ୍କର ପ୍ରବଳ ଭିଡ଼ ଜମିଥିବା ଦେଖିବାକୁ ମିଳିଛି। ପରିସ୍ଥିତି ଅଣାୟତ୍ତ ହେବା ଦେଖି ବିଏସଏଫର ବୀର ଯବାନମାନେ ତୁରନ୍ତ ନିଜର ରାଇଫଲ୍ ଧରି ଦୃଢ଼ତାର ସହ ଠିଆ ହୋଇଥିଲେ। ବିଏସଏଫ୍ ର ଏହି ଆକ୍ରମଣାତ୍ମକ ଏବଂ ଦୃଢ଼ ମନୋଭାବ ଦେଖି ବାଂଲାଦେଶୀ ସୈନିକମାନେ ପଛକୁ ହଟିବାକୁ ବାଧ୍ୟ ହୋଇଥିଲେ ଓ ଭାରତୀୟ ସେନା ସଫଳତାର ସହ ମାପ କାର୍ଯ୍ୟ ଶେଷ କରିଥିଲା। ମେଖଲିଗଞ୍ଜ ସୀମାରେ ବାଂଲାଦେଶ ପକ୍ଷରୁ ଲଗାତାର ଭାରତ ବିରୋଧୀ କାର୍ଯ୍ୟକଳାପ ଚାଲିଆସୁଛି, ଯେଉଁଠାରେ ଗତ ଏପ୍ରିଲ ୨୦୨୬ ରେ ଜଣେ ଭାରତୀୟ ଚାଷୀଙ୍କୁ ଅପହରଣ କରାଯାଇଥିଲା ଏବଂ ପୂର୍ବରୁ ଗୋରୁ ଚୋରା ଚାଲାଣକାରୀଙ୍କୁ ଅଟକାଇବା ବେଳେ ଭାରତୀୟ ସୈନ୍ୟଙ୍କ ଉପରକୁ ପଥରମାଡ଼ ମଧ୍ୟ ହୋଇଥିଲା। ସ୍ଥାନୀୟ ଭାରତୀୟ ନାଗରିକମାନେ ଅନୁପ୍ରବେଶ ରୋକିବା ପାଇଁ ସୀମାରେ ବାଡ଼ ନିର୍ମାଣକୁ ସମ୍ପୂର୍ଣ୍ଣ ସମର୍ଥନ କରୁଥିବାରୁ ବାଂଲାଦେଶର ଏହି କାର୍ଯ୍ୟ ସେମାନଙ୍କ ମଧ୍ୟରେ ପ୍ରବଳ ଆକ୍ରୋଶ ସୃଷ୍ଟି କରିଛି।

ପ୍ରକୃତରେ, ଭାରତୀୟ ଅଞ୍ଚଳରେ ନିର୍ମାଣ ହେଉଥିବା ଏହି ବାଡ଼କୁ ନେଇ ବାଂଲାଦେଶୀ ସୀମାରକ୍ଷୀମାନେ ଏତେ ଚିନ୍ତିତ ହେବାର ଏକ ଅନ୍ଧକାର ଦିଗ ରହିଛି। ଅଭିଯୋଗ ଅନୁଯାୟୀ, ଏହି ସୀମା ଦେଇ ଡ୍ରଗ୍ସ ଏବଂ ବ୍ୟାପକ ପଶୁ ଚୋରା ଚାଲାଣ ହୋଇଥାଏ, ଯେଉଁଥିପାଇଁ ଚୋରାଚାଲାଣକାରୀମାନେ ସୀମା ପାର ହେବାକୁ ପ୍ରତି ପଶୁ ପିଛା ୫୦୦ ଟଙ୍କା ଲେଖାଏଁ ଲାଞ୍ଚ ବାଂଲାଦେଶୀ ସୈନିକମାନଙ୍କୁ ଦେଇଥାନ୍ତି। ଆଗକୁ ପବିତ୍ର ବକ୍ରୀଦ୍ ଉତ୍ସବ ଆସୁଥିବାରୁ ଏହି ବେଆଇନ କାରବାର ଓ ଲାଞ୍ଚ ମାଧ୍ୟମରେ ହେଉଥିବା କୋଟି କୋଟି ଟଙ୍କାର ରୋଜଗାର ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ଭୟରେ 'ବିଜିବି' ସୀମାରେ ଉତ୍ତେଜନା ସୃଷ୍ଟି କରୁଛି।

## କୀଭ୍ ଉପରେ ରୁଷର ଭୟଙ୍କର ଆକ୍ରମଣ

**କିଭ୍/ମସ୍କୋ, ୨୪।୫ (ଏଜେନ୍ସି):** ରବିବାର ରୁଷ ସେନା ପକ୍ଷରୁ ୟୁକ୍ରେନର ରାଜଧାନୀ କିଭ୍ ଉପରେ ରାତିସାରା ଅତ୍ୟାଧୁନିକ କ୍ଷେପଣାସ୍ତ୍ର ଓ ଆତ୍ମଘାତୀ ଡ୍ରୋନ ଦ୍ୱାରା ଏକ ବଡ଼ ଧରଣର ଆକ୍ରମଣ କରାଯାଇଛି, ଯାହା ସାରା ସହରରେ ବ୍ୟାପକ ଧ୍ୱଂସଲୀଳା ସୃଷ୍ଟି କରିଛି। କିଭ୍ ମେୟର ଭିଟାଲି କ୍ଲିଟ୍ସକୋଙ୍କ ସୂଚନା ଅନୁଯାୟୀ, ଏହି ଆକ୍ରମଣରେ ଅତିକମରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ୧୫ ବର୍ଷର ବାଳକ ସମେତ ୨୧ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ରୁଷର ଏହି ମିସାଇଲ୍ ମାଡ଼ ଯୋଗୁଁ ସହରର ଅନେକ ଆବାସିକ କୋଠା, ଛାତ୍ର ହଷ୍ଟେଲ, କାର୍ ସେବା କେନ୍ଦ୍ର ଓ ଏକ ବଡ଼ ସପିଂ ମଲ୍ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି ଏବଂ ବିଭିନ୍ନ ସ୍ଥାନରେ ଲାଗିଥିବା ନିଆଁକୁ ଆୟତ୍ତ କରିବା ପାଇଁ ଜରୁରୀକାଳୀନ ଦଳ ପକ୍ଷରୁ ରାତିସାରା ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା।



ୟୁକ୍ରେନ ପକ୍ଷରୁ କରାଯାଇଥିବା ଡ୍ରୋନ ଆକ୍ରମଣର ପ୍ରତିଶୋଧ ନେବାକୁ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ନିର୍ଦ୍ଦେଶ ଦେବା ପରେ ଏହି ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ରୁଷର ସରକାରୀ ସଂସ୍ଥା ଟାସ୍ ଦାବି କରିଥିଲା ଯେ, ଶୁକ୍ରବାର ଦିନ ୟୁକ୍ରେନ ସେନା ରୁଷ-ଅଧିକୃତ ଲୁହାନସ୍କ ଅଞ୍ଚଳର ଷ୍ଟାରୋବିଲସ୍କରେ ଥିବା ଏକ କଲେଜ ହଷ୍ଟେଲ ଉପରେ ଆକ୍ରମଣ କରି ୧୮ ଜଣ ନିରୀହ ପିଲାଙ୍କ ଜୀବନ ନେଇଛି। ୟୁକ୍ରେନ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଛି। ଆକ୍ରମଣ ପୂର୍ବରୁ ଆମେରିକା ଓ ୟୁରୋପୀୟ ଗୁପ୍ତଚର ସଂସ୍ଥାର ସୂଚନା ଆଧାରରେ ୟୁକ୍ରେନ ବାୟୁସେନା ଓ କିଭର ସାମରିକ ପ୍ରଶାସକ ତୈମୁର ତକାଚେଙ୍କୋ ନାଗରିକମାନଙ୍କୁ ଆଶ୍ରୟସ୍ଥଳକୁ ଯିବା ପାଇଁ ହାଇ ଆଲର୍ଟ ଜାରି କରିଥିଲେ। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସକି ଏହି ଆକ୍ରମଣ ପରେ କ୍ଷୋଭ ପ୍ରକାଶ କରି ଯୁଦ୍ଧକୁ ଆହୁରି ବଢ଼ିବାରୁ ରୋକିବା ପାଇଁ ମସ୍କୋ ଉପରେ ଆନ୍ତର୍ଜାତୀୟ ଚାପ ପକାଇବାକୁ ବିଶ୍ୱ ସମୁଦାୟକୁ ଆହ୍ୱାନ ଦେଇଛନ୍ତି।

### କକ୍ରୋଚ୍ ଜନତା ପାର୍ଟିକୁ ନେଇ ରାଜନୀତି
## ପାକିସ୍ତାନୀ ସଂଯୋଗ ଅଭିଯୋଗକୁ ଖଣ୍ଡନ କଲେ ଅଭିଜିତ

**ନୂଆଦିଲ୍ଲୀ, ୨୪।୫ (ଏଜେନ୍ସି):** ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଲୋକପ୍ରିୟତା ହାସଲ କରୁଥିବା କକ୍ରୋଚ୍ ଜନତା ପାର୍ଟି (ସିଜେପି) ର ଫଲୋଅର୍ସଙ୍କୁ ନେଇ ଭାରତୀୟ ଜନତା ପାର୍ଟି (ବିଜେପି) ଏବଂ ସଙ୍ଗଠନର ପ୍ରତିଷ୍ଠାତା ଅଭିଜିତ ଦୀପକେଙ୍କ ମଧ୍ୟରେ ଏକ ବଡ଼ ରାଜନୈତିକ ବିବାଦ ମୁଣ୍ଡ ଟେକିଛି। ବିଜେପି ନେତାମାନଙ୍କ ପକ୍ଷରୁ କରାଯାଇଥିବା ଦାବିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି ଅଭିଜିତ। ପ୍ରଥମେ ଏକ ବ୍ୟଙ୍ଗାତ୍ମକ କିମ୍ବା ମଜାଦାର ଶୈଳୀରେ ଆରମ୍ଭ ହୋଇଥିବା ଏହି ପେଜଟି ଅତି କମ୍ ସମୟ ମଧ୍ୟରେ ଦେଶର ବେରୋଜଗାରୀ, ଶିକ୍ଷା ନୀତି ଏବଂ ପ୍ରଦୂଷଣ ଭଳି ଗମ୍ଭୀର ସାମାଜିକ ପ୍ରସଙ୍ଗ ସରକାରଙ୍କ ସମ୍ମୁଖରେ ଉଠାଇ ଏକ ବଡ଼ ଡିଜିଟାଲ୍ ସେନ୍ସେସନ ପାଲଟିଛି।




ଏହି ବିବାଦ ମଧ୍ୟରେ ଅଭିଜିତ ନିଜ ଆକାଉଣ୍ଟର ଅଡିଏନ୍ସ ଆନାଲିଟିକ୍ସର ଏକ ସ୍କ୍ରିନସଟ୍ ଏବଂ ସ୍କ୍ରିନ ରେକର୍ଡିଂ 'ଏକ୍ସ' ରେ ସେୟାର କରି ପ୍ରମାଣ କରିଛନ୍ତି ଯେ ତାଙ୍କ ପେଜର ୯୪ ପ୍ରତିଶତରୁ ଅଧିକ ଫଲୋଅର୍ସ କେବଳ ଭାରତରୁ ଅଟନ୍ତି। ଏହାସହ ବୋଷ୍ଟନ ବିଶ୍ୱବିଦ୍ୟାଳୟରୁ ସ୍ନାତକ ହାସଲ କରିଥିବା ଅଭିଜିତ କେନ୍ଦ୍ରମନ୍ତ୍ରୀ କିରେନ୍ ରିଜିଜୁଙ୍କୁ ସିଧାସଳଖ ପ୍ରଶ୍ନ କରିଛନ୍ତି ଯେ, ସେ କେଉଁ ଆଧାରରେ ପ୍ରତିବାଦ କରୁଥିବା ଭାରତୀୟ ଯୁବପିଢ଼ିଙ୍କୁ ପାକିସ୍ତାନୀ ବୋଲି କହୁଛନ୍ତି

ଏହା ପୂର୍ବରୁ କେନ୍ଦ୍ରମନ୍ତ୍ରୀ କିରେନ୍ ରିଜିଜୁ ସୋସିଆଲ ମିଡିଆରେ ଏକ ବିବାଦୀୟ ପୋଷ୍ଟ କରି ଲେଖିଥିଲେ ଯେ, ଯେଉଁମାନେ ପାକିସ୍ତାନ ଗ୍ୟାଙ୍ଗର ସାହାଯ୍ୟରେ ନିଜର ଫଲୋଅର୍ସ ବଢ଼ାଉଛନ୍ତି, ସେମାନଙ୍କ ଉପରେ ଦୟା ଆସେ। ଏହାପରେ ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର ଦାବି କରିଥିଲେ ଯେ କକ୍ରୋଚ୍ ଜନତା ପାର୍ଟି ର ପ୍ରାୟ ୪୯ ପ୍ରତିଶତ ଫଲୋଅର୍ସ ପାକିସ୍ତାନରୁ ଅଟନ୍ତି ଏବଂ ମାତ୍ର ୯ ପ୍ରତିଶତ ଭାରତରୁ ଅଛନ୍ତି। କେରଳ ବିଜେପି ସଭାପତି ମଧ୍ୟ ଅଭିଯୋଗ ଆଣିଛନ୍ତି ଯେ, ଏହା ଭାରତକୁ ଅସ୍ଥିର କରିବା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କ ସରକାରଙ୍କୁ ଟାର୍ଗେଟ କରିବା ପାଇଁ ସୀମା ପାର୍ଶ୍ୱରୁ ପରିଚାଳିତ ଏକ କ୍ଲାସିକ ଇନଫ୍ଲୁଏନ୍ସ ଅପରେସନର ଅଂଶବିଶେଷ।

## ମୀନାକ୍ଷି ମଦନ ରାୟ ପାଟନା ହାଇକୋର୍ଟର
## ପ୍ରଥମ ମହିଳା ମୁଖ୍ୟ ବିଚାରପତି

**ପାଟନା, ୨୪।୫ (ଏଜେନ୍ସି):** ପାଟନା ହାଇକୋର୍ଟକୁ ନୂଆ ମୁଖ୍ୟ ବିଚାରପତି ମିଳିବାକୁ ଯାଉଛି। ସୁପ୍ରିମକୋର୍ଟ କଲେଜିୟମ୍ ସିକ୍କିମ ହାଇକୋର୍ଟର ବିଚାରପତି ଜଷ୍ଟିସ ମୀନାକ୍ଷି ମଦନ ରାୟଙ୍କୁ ଏହି ପଦରେ ନିଯୁକ୍ତି କରିବାକୁ ସୁପାରିସ କରିଛନ୍ତି। ବର୍ତ୍ତମାନର



ମୁଖ୍ୟ ବିଚାରପତି ଜୁନ୍ ୪ ତାରିଖରେ ଅବସର ନେବେ। ଏହାପୂର୍ବରୁ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ମେ ୨୨ ତାରିଖରେ କଲେଜିୟମ୍‌ର ବୈଠକ ଅନୁଷ୍ଠିତ ହୋଇଥିଲା। ଜଷ୍ଟିସ ମୀନାକ୍ଷି ଏମ୍ ରାୟ ସିକ୍କିମ ନ୍ୟାୟିକ ଇତିହାସରେ ପ୍ରଥମ ମହିଳା ବିଚାରପତି। ଦିଲ୍ଲୀରେ ଆଇନ ପଢ଼ିବାଠାରୁ ଆରମ୍ଭ କରି ସିକ୍କିମରେ ସବୁଠୁ ବଡ଼ ମହିଳା ବିଚାରପତି ଓ ବର୍ତ୍ତମାନ ପାଟନା ହାଇକୋର୍ଟରେ ମୁଖ୍ୟ ବିଚାରପତି ହେବା ପର୍ଯ୍ୟନ୍ତ ତାଙ୍କ ଯାତ୍ରା ଯୁବ ମହିଳା ଓକିଲଙ୍କ ପାଇଁ ପ୍ରେରଣା ଦାୟକ। ଜଷ୍ଟିସ ମୀନାକ୍ଷି ମଦନ ରାୟ ୧୨ ଜୁଲାଇ ୧୯୬୪ରେ ସିକ୍କିମରେ ଗ୍ୟାଙ୍ଗଟକ୍‌ରେ ଜନ୍ମଗ୍ରହଣ କରିଥିଲେ।

INS MEMBER

Printed & Published by BHABYA ASHRIT PANDA on behalf of Gayatri Industries, published from SB-15, Grand Bazaar, Phulanakhara, Dist-Cuttack-754001
Printed at Gayatri Industries, TS 3/193, Mancheswar Ind. Estate, Bhubaneswar-751010.
Phone: 0674- 2582532, News Desk: Mob & Whatsapp: 7789920532, Circulation: 7789930532, e-mail: pratidin.daily@gmail.com

ସମ୍ପାଦକ- ସୁରେଶ ପରିଡ଼ା
Editor - Suresh Parida